


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-283 SATURDAY 11 APRIL 2026 PAGE-12 ₹ 7.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୨୮୩ ଶନିବାର ୧୧ ଏପ୍ରିଲ୍ ୨୦୨୬ ପୃଷ୍ଠା-୧୨ ଟ.୭.୦୦

## ବନତାରାରେ ଆରମ୍ଭ ହେଲା ବିଶ୍ୱର ପ୍ରଥମ

# ବନ୍ୟପ୍ରାଣୀ ଓ ପ୍ରାଣୀ ଚିକିତ୍ସା ବିଜ୍ଞାନ ବିଶ୍ୱବିଦ୍ୟାଳୟ









ଜାମନଗର (ଗୁଜରାଟ): ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ସ୍ଥାପିତ ଗ୍ଲୋବାଲ୍ ୱାଇଲ୍ଡଲାଇଫ କନଜର୍ଭସନ୍ ସଂଗଠନ "ବନତାରା" ପକ୍ଷରୁ ଗୁଜରାଟରେ ସ୍ଥାପନ ହୋଇଛି "ବନତାରା ବିଶ୍ୱବିଦ୍ୟାଳ । ବନ୍ୟପ୍ରାଣୀ ସଂରକ୍ଷଣ ଓ ପ୍ରାଣୀ ଚିକିତ୍ସା ବିଜ୍ଞାନ ନିମନ୍ତେ ଏହା ବିଶ୍ୱର ପ୍ରଥମ ଏକୀକୃତ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ହେବ । ବନତାରା ୟୁନିଭର୍ସିଟିର ଭିତ୍ତି ପ୍ରାଣୀ କଲ୍ୟାଣ, ବୈଜ୍ଞାନିକ ପ୍ରଗତି ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଆଧାରିତ । ପଶୁ ଚିକିତ୍ସା, ସଂରକ୍ଷଣ ଏବଂ ୱାଇଲ୍ଡଲାଇଫ ଯତ୍ନ କ୍ଷେତ୍ରରେ ଭବିଷ୍ୟତ ନେତୃତ୍ୱ ସୃଷ୍ଟି ଏହି ସଂସ୍ଥାନର ଲକ୍ଷ୍ୟ । ଭାରତର ପ୍ରାଚୀନ ଜ୍ଞାନ ପରମ୍ପରାକୁ ଆଧାର କରି ଲକ୍ଷ୍ୟ ଆଧାରିତ ଓ ଭବିଷ୍ୟତମୁଖୀ ଶିକ୍ଷା ମଡେଲ୍ ତିଆରି କରିବା ଏହାର ଲକ୍ଷ୍ୟ ବୋଲି କୁହାଯାଇଛି । ଏସମ୍ପର୍କରେ ଶ୍ରୀ ଅନନ୍ତ ଅମ୍ବାନୀ କହିଛନ୍ତି ଯେ " ଆମେମାନେ ଓ ଆମର ସଂସ୍ଥାଗୁଡ଼ିକ କିପରି କରୁଣା, ଜ୍ଞାନ ଏବଂ କୌଶଳ ସହିତ ପ୍ରାଣୀମାନଙ୍କ ସେବା ପାଇଁ ପ୍ରସ୍ତୁତ କରୁଛୁ , ସଂରକ୍ଷଣର ଭବିଷ୍ୟତ ତାହା ଉପରେ ନିର୍ଭର କରିବ । ବନତାରା ୟୁନିଭର୍ସିଟି ସ୍ଥାପନ ଧାରଣା ମୋର ବ୍ୟକ୍ତିଗତ ଅନୁଭବରୁ ପ୍ରେରିତ । ଯେତେବେଳେ ମୁଁ ସଙ୍କଟଗ୍ରସ୍ତ ପଶୁମାନଙ୍କୁ ନିକଟରୁ ଦେଖିଥିଲି, ସେମାନଙ୍କ ପାଇଁ ଉତ୍ତମ ସେବା ଓ ଯତ୍ନର ଆବଶ୍ୟକତା ଥିବା ଅନୁଭବ କରିଥିଲି । ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟର ଆତ୍ମା ଏବଂ 'ଆ ନୋ ଭଦ୍ରାଃ କ୍ରତବୋ ଯନ୍ତୁ ବିଶ୍ୱତଃ' -ଅର୍ଥାତ ସମସ୍ତ ଦିଗରୁ ଶ୍ରେଷ୍ଠ ଚିନ୍ତା ଆମ ପାଖକୁ ଆସୁ - ଏହି ଆଦର୍ଶରୁ ପ୍ରେରିତ ହୋଇ ଏହି ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ ଜୀବନର ସୁରକ୍ଷା ପାଇଁ ନିବେଶିତ ଏକ ନୂତନ ପିଢ଼ିକୁ ପ୍ରସ୍ତୁତ କରିବ ।" ଏହି ଧାରଣାକୁ ପ୍ରତୀକାତ୍ମକ ଭାବରେ ପ୍ରକାଶ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସ୍ଥଳର ନକ୍ସା ବା ଡ଼ିଜାଇନ୍‌ରେ ଦୁଇଟି ବିଜୋଲିଆ ବଲୁଆ ପଥରରେ ସମ୍ମିଳିତ କରାଯାଇଛି, ଯାହା ବର୍ତ୍ତମାନ ବିହାରସ୍ଥିତ ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟର ସଂରଚନା ସହ ସମ୍ବନ୍ଧିତ ବୋଲି ଗ୍ରହଣ କରାଯାଇଥାଏ । ଏହା ଭାରତର ଅବିରତ ଜ୍ଞାନ ପରମ୍ପରାର ପ୍ରତୀକ ବୋଲି ମନେ କରାଯାଏ ।ହିନ୍ଦୁ ପରମ୍ପରାନୁସାରେ ଆୟୋଜିତ ଶିଳାନ୍ୟାସ ଅବସରରେ ଶିକ୍ଷା, ବିଜ୍ଞାନ, ସଂରକ୍ଷଣ ଏବଂ

### ଭାରତକୁ ବନ୍ୟପ୍ରାଣୀ ଓ ପ୍ରାଣୀ ଚିକିତ୍ସା ବିଜ୍ଞାନରେ ବୈଶ୍ୱିକ କେନ୍ଦ୍ର ଭାବରେ ସ୍ଥାପନ କରିବା ଏହି ସଂସ୍ଥାନର ଲକ୍ଷ୍ୟ



ସାର୍ବଜନିକ ଜୀବନର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହାର ଏକ ମୁଖ୍ୟ ଆକର୍ଷଣ ଥିଲା ମାଟି, ପାଣି ଏବଂ ପଥରକୁ ବିଧିବିଧାନରେ ସ୍ଥାପନ କରିବାର ରୀତି । ଯାହା ଭାରତର ବିବିଧ ପ୍ରାକୃତିକ ପରିବେଶକୁ ପ୍ରତିବିମ୍ବିତ କରିଥାଏ ।ବନତାରା ୟୁନିଭର୍ସିଟି ଏକ ଏକୀକୃତ ଶିକ୍ଷା ପ୍ରଣାଳୀରେ ବିଭିନ୍ନ ବିଷୟକୁ ଏକତ୍ର କରିବ । ଯାହା ପ୍ରାୟୋଗିକ ସଂରକ୍ଷଣ ଅନୁଭବ ଉପରେ ଆଧାରିତ ହେବ । କରୁଣା, ବିଜ୍ଞାନ ଏବଂ ସଂରକ୍ଷଣର ସମନ୍ୱୟ ମାଧ୍ୟମରେ ଏହା ଏମିତି ବୃତ୍ତିଧାରୀ ସୃଷ୍ଟିହେବେ, ଯେଉଁମାନେ ବନ୍ୟପ୍ରାଣୀ ସମସ୍ୟାର ସମାଧାନ କରିପାରିବେ । ଏହି ବିଶ୍ୱବିଦ୍ୟାଳୟରେ ଅଣ୍ଡରଗ୍ରାଜୁଏଟ୍, ପୋଷ୍ଟଗ୍ରାଜୁଏଟ୍, ଫେଲୋଶିପ୍ ଓ ବିଶେଷ ପାଠ୍ୟକ୍ରମ ରହିବ । ଏଥିରେ ୱାଇଲ୍ଡଲାଇଫ ମେଡିସିନ୍, ସର୍ଜରୀ, ପୋଷଣ, ବିହେଭିଅରାଲ୍ ସାଇନ୍ସ, ଜେନେଟିକ୍ସ, ଏପିଡେମିଓଲୋଜି, କନଜର୍ଭସନ୍ ପଲିସୀ ଇତ୍ୟାଦି ଶିକ୍ଷା ଦିଆଯିବ । ଅନୁରୂପ ଭାବରେ ସାମାଜିକ ଓ ଆର୍ଥିକ ଭାବେ ପଛୁଆ ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟ ବିଶ୍ୱବିଦ୍ୟାଳୟ ଛାତ୍ରବୃତ୍ତି ପ୍ରଦାନ କରିବ ।ଏହି ବିଶ୍ୱବିଦ୍ୟାଳୟ ଆଧୁନିକ ଏକାଡେମିକ୍ ଏବଂ କ୍ଲିନିକାଲ୍ ଇନଫ୍ରାଷ୍ଟ୍ରକ୍‌ଚର୍, ଆନ୍ତର୍ଜାତୀୟ ସହଯୋଗ ଏବଂ ରେସିଡେନ୍ସିଆଲ୍ କ୍ୟାମ୍ପସ୍‌ର ସମର୍ଥନ ମିଳିବ । ଏହା ପ୍ରାୟୋଗିକ ଗବେଷଣା ଉପରେ ଭିତ୍ତି କରି ପଶୁ କଲ୍ୟାଣ ଏବଂ ସଂରକ୍ଷଣକୁ ଶକ୍ତିଶାଳୀ କରିବ । ଏହି ସଂରକ୍ଷଣର ଭବିଷ୍ୟତ କେବଳ ଜଙ୍ଗଲରେ ନୁହେଁ; ଶ୍ରେଣୀଗୃହ, ପରୀକ୍ଷାଗାର ଓ ମାନବ ଚେତନାରେ ମଧ୍ୟ ନିର୍ଦ୍ଧାରିତ ହେବ । ବନତାରା ବିଶ୍ୱବିଦ୍ୟାଳୟ ଏହି କ୍ଷେତ୍ରରେ ନୂତନ ଦିଗ ଦେବ । ଶିଳାନ୍ୟାସ ଅବସରରେ 'ବନତାରା ୟୁନିଭର୍ସିଟି ଫାଉଣ୍ଡିଙ୍ଗ ଫେଲୋସ୍' ଓ 'ଏଭ୍ରି ଲାଇଫ୍ ମ୍ୟାଟର୍ସ' ଛାତ୍ରବୃତ୍ତି ପ୍ରକଳ୍ପର ଘୋଷଣା ମଧ୍ୟ କରାଯାଇଥିଲା । ବନତାରା ବିଶ୍ୱବିଦ୍ୟାଳୟ କେବଳ ଏକ ଶିକ୍ଷା ସଂସ୍ଥାନ ନୁହେଁ; ବନ୍ୟଜୀବନ କେବଳ ଆଦରଣୀୟ ନୁହେଁ, ଏଥିପାଇଁ ଜ୍ଞାନ, ଶକ୍ତିଶାଳୀ ପ୍ରଣାଳୀ ଓ ପ୍ରଶିକ୍ଷିତ ହାତର ଆବଶ୍ୟକତା କରେ ଏହା ହିଁ ବନତାରା ବିଶ୍ୱବିଦ୍ୟାଳୟର ଦୃଷ୍ଟିକୋଣ ।



TANISHQ
TATA ଉତ୍ପାଦନ

ଏବେ ଖଣ୍ଡଗିରି, ଭୁବନେଶ୍ୱରରେ

ଆସନ୍ତୁ ଏବଂ ଆମର ଗୋଲ୍ଡ ଏବଂ ଡାଇମଣ୍ଡ ଜ୍ୱେଲରୀ, ସଲିଟାୟର୍ସ ଏବଂ ରଙ୍ଗୀନ୍ ଷ୍ଟୋନ୍‌ର ଉତ୍କୃଷ୍ଟ ରେଞ୍ଜ୍‌ର ଆନନ୍ଦ ନିଅନ୍ତୁ, କାରଣ ଆମେ ତନିସ୍କ ପାଇଁ ଏକ ନୂତନ ଅଧ୍ୟାୟ ଲେଖୁଛୁ ।

20% ପର୍ଯ୍ୟନ୍ତ ଛାଡ଼*
ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଓ ଡାଇମଣ୍ଡ ମୂଲ୍ୟ ଉପରେ

ପ୍ରତି ଗ୍ରାମ ₹201* ଯାଏଁ ଛାଡ଼
ଗୋଲ୍ଡ ଜ୍ୱେଲରୀ କିଣାରେ

ଫେଷ୍ଟିଭାଲ୍ ଅଫ୍ ଏକ୍ସଚେଞ୍ଜ୍
ସ୍ମାର୍ଟ ପସନ୍ଦ କରନ୍ତୁ
ପାଆନ୍ତୁ 100%* ବିନିମୟ ମୂଲ୍ୟ

ଏହି ଅଫର୍ 10 ଅପ୍ରେଲ୍ ରୁ 20 ଅପ୍ରେଲ୍ 2026 ପର୍ଯ୍ୟନ୍ତ ବୈଧ

*ଗୋଲ୍ଡ ରେଟ୍ ପ୍ରୋଟେକଶନ୍ – ଅଗ୍ରୀମ ବୁକ୍ କରନ୍ତୁ ଏବଂ ବର୍ଦ୍ଧିତ ଗୋଲ୍ଡ ରେଟ୍ ବିପକ୍ଷରେ ସୁରକ୍ଷିତ ରୁହନ୍ତୁ ।

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply, For T&C visit our website.

ଶୋରୁମ୍: ଆଇଗିନିଆ ସ୍କୋୟାର୍, ଏନ୍‌ଏଚ୍ 16, ରୀତା ଟିଭିଏସ୍ ବିପରୀତ, ଶ୍ରୀକେନ୍ଦ୍ର ବିହାର, ଖଣ୍ଡଗିରି, ଭୁବନେଶ୍ୱର - 751019

# ଗଞ୍ଜେଇ କାରବାରରେ ୨ ଗିରଫ

ଉମରକୋଟ,୧୦।୪(ସମିସ): ଗଞ୍ଜେଇ କାରବାରରେ ଉମରକୋଟ ଅବକାରୀ ବିଭାଗ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଉମରକୋଟ ବ୍ଲକ ଶିଂସାରୀ ଗ୍ରାମର ଯୁଧିଷ୍ଠିର ପାଇକ (୨୧) ଓ ଝରିଗାଁ ବ୍ଲକ ଧୋଡରା ନିକଟବର୍ତ୍ତୀ ତେନ୍ତୁଳି ଗାଁ ଗ୍ରାମର ଖଗପତି ଭତରା (୨୬)। ଦୁଇ ଅଭିଯୁକ୍ତଙ୍କ ଠାରୁ ଦୁଇ ଦୁଇ କିଲୋ ଲେଖାଏଁ ମୋଟ ଚାରି କିଲୋ ୧୭୫ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ସୂଚନା ଅନୁସାରେ କୌଣସି ସୂତ୍ରରୁ ଖବର ପାଇ ଉମରକୋଟ ଅବକାରୀ ଅଧିକାରୀ ରଞ୍ଜୁଲତା ବାରିକ ଧୋଡରା ପଟେ ଯାଉଥିଲେ। ଏହି ସମୟରେ ଖଗପତି ଏକ ବ୍ୟାଗରେ ଗଞ୍ଜେଇ ଧରି ଯାଉଥିଲା। ଅବକାରୀ ଅଧିକାରିଙ୍କୁ ସନ୍ଦେହ ହେବାରୁ ଖଗପତିକୁ ଅଟକାଇ ବ୍ୟାଗ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ବ୍ୟାଗରୁ ଦୁଇ କିଲୋ ୧୭୫ ଗ୍ରାମ୍ ଗଞ୍ଜେଇ ମିଳିଥିଲା। ସେହିପରି ଶିଂସାରୀ ପଟେ ଯାଉଥିବା ସମୟରେ ଯୁଧିଷ୍ଠିର ଅବକାରୀ ବିଭାଗ ଗାଡିକୁ ଦେଖି ଗଞ୍ଜେଇ ବ୍ୟାଗ ଛାଡି ଦୌଡି ପଳାଇଥିଲେ। ସନ୍ଦେହ ହେବାରୁ ଅବକାରୀ ବିଭାଗର କର୍ମଚାରୀ ଦୌଡି ଯାଇ ଯୁଧିଷ୍ଠିରକୁ କାବୁ କରିଥିଲେ। ଯୁଧିଷ୍ଠିରଙ୍କ ଠାରୁ ମଧ୍ୟ ୨ କିଲୋ ଗଞ୍ଜେଇ ଜବତ କରିଥିଲେ। ଗଞ୍ଜେଇ କାରବାରରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଚଢ଼ଉରେ ଅବକାରୀ ଅଧିକାରୀ ରଞ୍ଜୁଲତା ବାରିକ ଙ୍କ ସହ ସବ୍ ଇନ୍ସପେକ୍ଟର ସୁଶୀଲ କୁମାର ଭୋଇ, କନେଷ୍ଟବଳ ମନୋଜ ପ୍ରଧାନ, ସୁବାଷ ଗୌଡ ପ୍ରମୁଖ ସାମିଲ ଥିଲେ।



# ଗୁପ୍ତେଶ୍ୱର ବାଇପାସ୍ ରାସ୍ତା ମରଣଯନ୍ତା

ବୈପାରୀଗୁଡ଼ା,୧୦।୪(ସମିସ): ବିପଦକୁ ଡାକୁଛି ରାସ୍ତା ମଝିରେ ଥିବା ଘାଇ। କାରଣ ଏଠାରେ ଗାଡ଼ି ଚାଳକଙ୍କୁ ସତର୍କ କରିବା ପାଇଁ ଘାଇ ପାଖରେ କୌଣସି ଚିହ୍ନ ବା ଫଳକ ନାହିଁ। ଏଭଳି ଘଟଣା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ହ ଳଦୀକୁଣ୍ଡ ପଞ୍ଚାୟତର ଗୁପ୍ତେଶ୍ୱର ବାଇପାସ ରୋଡ଼ ତଥା କାନ୍ଦିଲିବେଡା - ଘୋଡ଼ାଘାଟ ରାସ୍ତା ମଝିରେ ଠେସୋପାକନା ଛକରେ ଦେଖିବାକୁ ମିଳିଛି। ଗୁପ୍ତେଶ୍ୱର ବାଇପାସ ରାସ୍ତାରେ ଘାଇ ଏକ ପ୍ରକାର ବିପଜ୍ଜନକ ସ୍ଥିତି ସୃଷ୍ଟି ହୋଇଛି। ଯାହା ସଡ଼କ ଦୁର୍ଘଟଣା ହେବା ଆଶଙ୍କା ରହିଛି। ବିଶେଷ କରି ଏହି ରାସ୍ତା ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠର



ବାଇପାସ ରାସ୍ତା। ଏଣୁ ନୀତି ଏହି ରାସ୍ତାରେ ଯାନବାହାନ ଗହଳି ରହୁଛି। ହଳଦୀକୁଣ୍ଡର ଘୋଡ଼ାଘାଟ, ଶିରିବେଡା, ତାଳୁର ଭଳି ଅନେକ ଗାଁ ଲୋକେ ଏହି ରାସ୍ତା ଦେଇ ଯାତାୟାତ ହେଉଥିବା ବେଳେ ଏଥିରେ ବାଧାପ୍ରାପ୍ତ ହେଉଛି। ବାହାନ ଚାଳକଙ୍କ ପାଇଁ ବଡ଼ ବିପଦ ସୃଷ୍ଟି କରିଛି। କାରଣ ଘାଇ ସୃଷ୍ଟି ହୋଇ ଦଶ ମାସ ବିତିଲା। କିନ୍ତୁ ଏ ପର୍ଯ୍ୟନ୍ତ ଏଠାରେ ସତର୍କତାମୂଳକ ଚିହ୍ନ ଲଗାଇ ପାରିଲାନାହିଁ। ରାସ୍ତା ପାର୍ଶ୍ୱରେ ସୃଷ୍ଟି ହୋଇଥିବା ଘାଇ ମରାମତି ଏ ପର୍ଯ୍ୟନ୍ତ ହୋଇନ ଥିବା ବେଳେ କେବଳ ରାସ୍ତା କଡ଼ରେ ଡ୍ରେନ କରାଯାଉଛି। ଗତ ବର୍ଷ ଜୁଲାଇ ମାସରେ ଭୀଷଣ ବର୍ଷାରେ ଗୁପ୍ତେଶ୍ୱର ବାଇପାସ ରୋଡ଼ରେ ଏଭଳି ଘାଇ ସୃଷ୍ଟି ହୋଇଥିବା ବେଳେ ଏନେଇ ସ୍ଥାନୀୟ ସମିତି ସଭ୍ୟ ବିଭୀଷଣ ହନ୍ତାଳ ବହୁବାର ଆରଡି ବିଭାଗୀ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିଲେ।। ଜିଲ୍ଲାପାଳଙ୍କ ଜନ ଶୁଣାଣିରେ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ମିଳୁନାହିଁ ବୋଲି ସମିତି ସଭ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ବର୍ଷା ପୂର୍ବରୁ ଠେସୋପାକନା ଛକ ରାସ୍ତା

➤ ୧୦ ମାସ ହେଲା ଘାଇ ମରାମତି ହେଉନି

➤ ସତର୍କ ସୂଚନା ଫଳକ ଲଗାଉନି ପ୍ରଶାସନ

ମରାମତି ନ ହେଲେ ଗୁପ୍ତେଶ୍ୱର ବାଇପାସ ରାସ୍ତାର ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ଏଭଳି ହେଲେ, ଅଗାମୀ ଦିନରେ ଶ୍ରାବଣରେ ଗୁପ୍ତେଶ୍ୱର ପୀଠରେ ବୋଲବମ ଭକ୍ତ ହନ୍ତସନ୍ତ ହେବେ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇ ପଡିଛି ବୋଲି ସାଧାରଣ ଦାବି ହୋଇଛି।

# ଜଳୁଛି ଜଙ୍ଗଲ, ବନ ବିଭାଗ ନିରବ.



ପାପଡାହାଣ୍ଡି, ୧୦।୪(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ପୋଣ୍ଡିକୋଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଧାମନା ପଦର ଜଙ୍ଗଲଠାରେ ନିଆଁ ଜଳୁଥିବା ଦେଖିବାକୁ ମିଳିଛି। ଦିନ ୨ ଟା ସମୟରେ ହୁତୁହୁତୁ ହୋଇ ନିଆଁ ଲାଗି ଜଙ୍ଗଲ ନଷ୍ଟ ହେଉଥିଲା। କିନ୍ତୁ ବନ ବିଭାଗର କୌଣସି କର୍ମଚାରୀ କିମ୍ବା ଅଧିକରୀଙ୍କ ଦେଖା ମିଳିନଥିଲା। ସରକାର ଜଙ୍ଗଲ ସୁରକ୍ଷା ଓ ନୂତନ ବନି କରଣ ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଜଙ୍ଗଲରେ ନିଆଁ ଜଳୁଥିଲେ ମଧ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିବାର ଦେଖା ମିଳୁନାହିଁ। ନିଆଁ ଜଳିବା ଯୋଗୁଁ ଜଙ୍ଗଲର ମୂଲ୍ୟବାନ ଔଷଧିୟ ଗଛ ନଷ୍ଟ ହେଉଥିବା ବେଳେ ବନ୍ୟ ଜନ୍ତୁ ସହରମୁହାଁ ହେଉଛନ୍ତି। ନିଆଁ ଲାଗିବା ଦ୍ୱାରା ପରିବେଶ ଦୂଷିତ ହେବା ସହ ଅସହ୍ୟ ଗରମ ଅନୁଭବ ହେଉଛି। ଏଣୁ ବନବିଭାଗ ନିଜ ଦାୟିତ ନେବା ସହ ଜଙ୍ଗଲ ଓ ପରିବେଶକୁ ସୁରକ୍ଷା କରି ନିଜ ଦାୟିତ୍ୱ ସମ୍ପନ୍ନ ଉପରେ ଧ୍ୟାନ ଦେବା ଦେବାକୁ ଦାବି ହେଉଛି। ବନ କର୍ମଚାରୀ ହରେକୃଷ୍ଣ ନାହାକକୁ ନିଆଁ ଲାଗିବା ସମୟରେ ଫୋନ ଯୋଗାଯୋଗ କରାଯିବା ବେଳେ ସେ ଫୋନ୍ ଉଠାଇ ନଥିବା ଅଭିଯୋଗ ହୋଇଛି।

# ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ

ରାୟଗଡ଼ା/କଲ୍ୟାଣସିଂହପୁର,୧୦।୪(ସମିସ): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓଡିଶା ଦିବସ ଏପ୍ରିଲ ୧ ଠାରୁ ମହାବିଷୁବ ସଙ୍କ୍ରାନ୍ତି ଏପ୍ରିଲ ୧୪ ପର୍ଯ୍ୟନ୍ତ ସମୟକୁ "ଓଡିଆ ପକ୍ଷ ୨୦୨୬" ଭାବେ ପାଳନ କରାଯାଇଛି। ଏହି ଅବସରରେ ଆଜି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଭାଗିତାରେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ କାର୍ଯ୍ୟାଳୟର ସଦ୍‌ଭାବନା ଗୃହ ଠାରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ମୁଖ୍ୟତଃ ପାରମ୍ପରିକ ଲୋକକଳାର ପ୍ରଚାର ପ୍ରସାର ସହ ଏହାର ପୁନରୁଦ୍ଧାର ଓ ସଂରକ୍ଷଣ କରିବା ଏବଂ ଏହା ସହ ଲୋକକଳା କଳାକାରଙ୍କ ଆର୍ଥିକ ଅଭିବୃଦ୍ଧି କରି ସ୍ୱାବଲମ୍ବୀ କରିବା ବୋଲି କୁହାଯାଇଛି। ଏହି କ୍ରମରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ମୁତାବକ ବ୍ଲକ ପ୍ରଶାସନର ସହଯୋଗରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ମହା ଆଡ଼ମ୍ବରରେ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲ୍ୟାଣସିଂହପୁର ଗୋଷ୍ଠି ଉନ୍ନୟନ ଅଧିକାରୀ ତଥା ବ୍ଲକ୍ କଳା ସଂସ୍କୃତି ସଂଘର ସଭାପତି ମନିଷା ଦାସ, ସମ୍ମାନିତ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବଙ୍ଗାରି, ସେକ୍ସନ ଅଫିସର୍ ବବିତା ପଣ୍ଡା, ବିପିସି ରାଜୀବ ପାଢ଼ୀ, ସାମାଜିକ ସୁରକ୍ଷା ଅଧିକାରୀ ତଥା ବ୍ଲକ କଳା ସଂସ୍କୃତି ସଂଘ ସମ୍ପାଦକ ବିଶ୍ୱଜିତ୍ ସିଂ ସାମନ୍ତ, ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ସନ୍ତୋଷ କୁମାର ବଛା ମଞ୍ଚାସିନ ରହିଥିଲେ। ଏହି କାର୍ଯ୍ୟକ୍ରମରେ କଲ୍ୟାଣସିଂହପୁର ବ୍ଲକର ବିଭିନ୍ନ ପଞ୍ଚାୟତ ଯଥା ବୁଢ଼ାଗୁଡ଼ା ଗ୍ରାମ ପଞ୍ଚାୟତର ବରିଷ୍ଠ ଲୋକକଳା କଳାକାର ସୁକା କାଦ୍ରାକା, ମହେଶ୍ୱର ଗାଁଣ୍ଟା, ପୂଜାରୀଗୁଡ଼ା



ପଞ୍ଚାୟତର ସୁରେଶ ବିଡ଼ିକା, ଧାମୁଣିପଙ୍ଗା ପଞ୍ଚାୟତର ଡିଉ କାଦ୍ରାକା, ନିଲାସିଂହ କାଦ୍ରାକା, ପାରସାଲି ପଞ୍ଚାୟତର ବିଶ୍ୱନାଥ ମାଣ୍ଡିକା, ସେରିଗୁମା ପଞ୍ଚାୟତର ରମେଶ ଦଳପତି, ଇନ୍ଦ୍ରଜିତ ସାହୁ, ରୁକ୍ମଣୀ କୁଲିସିକା, ଦାନାମଣି କୁଲିସିକା, ସୁନାଖଣ୍ଡି ପଞ୍ଚାୟତର ସଞ୍ଜୟ କୁଲିସିକା, କରପା ପଞ୍ଚାୟତର ନରେନ୍ଦ୍ର ଗଣ୍ଡିଆ, ନାରାୟଣପୁର ପଞ୍ଚାୟତର ତିଆକା ନିଡି, ସାବିତ୍ରୀ ତିଆକାଙ୍କୁ ଉପସ୍ଥିତ ଅତିଥି ମାନେ ସମ୍ବର୍ଦ୍ଧିତ କରିଥଲେ। ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ୍ କର୍ମଚାରୀ ବିଶେଷ ସହଯୋଗ କରିଥିଲେ।

# ବିଶ୍ୱ ହୋମିଓପ୍ୟାଥିକ ଦିବସ

ଡାବୁଗାଁ, ୧୦।୪(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅଧୀନ ବଡଗୁମୁଡା ଗ୍ରାମରେ ଥିବା ସରକାରୀ ହୋମିଓପ୍ୟାଥିକ ଚିକିତ୍ସାଳୟ ଠାରେ ବିଶ୍ୱ ହୋମିଓପ୍ୟାଥିକ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଚିକିତ୍ସାଧିକାରୀ ଡା. ସୁଜ୍ଞାନୀ ମଞ୍ଜରୀ ଦେବୀ ପ୍ରଥମେ ହୋମିଓପ୍ୟାଥିକ ଜନକ ଡା. ସାମୁଏଲ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏଥିରେ ଉପସ୍ଥିତ ଜନସାଧାରଣଙ୍କୁ ନିରାପଦ ଓ ସାମଗ୍ରୀକ ଚିକିତ୍ସା ପଦ୍ଧତି ଉପରେ ଅବଗତ କରଯାଇଥିଲା। ଏଥିରେ ମହିଳା, ବୃଦ୍ଧା, ବୃଦ୍ଧ ଓ ଶିଶୁଙ୍କୁ ନେଇ ମୋଟ ୫୦ ଜଣ ରୋଗୀଙ୍କୁ ଚିକିତ୍ସା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ ଚିକିତ୍ସାଳୟର କର୍ମଚାରୀ ଓ ଆଶା କର୍ମୀ ମାନେ ସହଯୋଗ କରିଥିଲେ।

# ଶିରିବେଡ଼ା ପିଏମ୍‌ଶ୍ରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବୈପାରିଗୁଡ଼ା,୧୦।୪(ସମିସ): ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଶିରିବେଡା ପିଏମଶ୍ରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲାଲକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୁପୁ ଭତରା ଯୋଗ ଦେଇ ପିଏମଶ୍ରୀ ଯୋଜନାରେ ବୈପାରିଗୁଡା ବ୍ଲକର ଶିରିବେଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଗ୍ରହଣ କରିଥିବାରୁ ଶୁଭେଚ୍ଛା ଜଣାଇଥିଲେ। ଶିକ୍ଷାନୁଷ୍ଠାନରେ ଶିକ୍ଷକ ଏବଂ ଛତ୍ର ଛାତ୍ରୀଙ୍କ ସମ୍ପର୍କ କିପରି ରହିବା ଦରକାର ଏବଂ ଅଭିଭାବକଙ୍କ କର୍ତ୍ତବ୍ୟ କଣ ରହିଛି ସେ ନେଇ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ସହ ମିଶି ଦୁରୁଆ ବାଜାର ତାଳେ ତାଳେ ନାଚି ପିଲାଙ୍କୁ ଉତ୍ସହିତ କରିଥିଲେ କୋଟପାଡ଼ ବିଧାୟକ ରୁପୁ ଭତ୍ରା। ଏଥିରେ ମୁଖ୍ୟବକ୍ତା ଭାବେ ନରେନ୍ଦ୍ର କାନ୍ଦଲିଆ ଯୋଗଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, ସରପଞ୍ଚ ପଦ୍ମା ଦୁରୁଆ, ସମିତି ସଭ୍ୟ ବିଭୀଷଣ ହନ୍ତାଳ, ବୈପାରିଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକାନ୍ତ କାର୍ଡାମି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୁରୁ ଦୁରୁଆ, କୋଟପାଡ଼ ବିଧାୟକ ପ୍ରତିନିଧି ସିଏଚ ପ୍ରଭାକର ରାଓ, ସିଆରସିସି ଗୌରାଙ୍ଗ ରାଉତ, ମାଲୁଶାନ୍ତକ୍ଷ ପିଏମଶ୍ରୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀଧାର୍ଥ ମହାପାତ୍ର,ଦଣ୍ଡାବାଡ଼ି ସମତି ସଭ୍ୟ ମାଧବ ଖରା ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର କୃତି ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇଥିଲା। ସ୍କୁଲର ସହକାରୀ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

# ଶିକ୍ଷକ ଭବନର ଭିତ୍ତିପ୍ରସ୍ତର ସ୍ଥାପନ

କୋଷାଗୁମୁଡ଼ା,୧୦।୪(ସମିସ): ଆଜି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ମାଝୀଗୁଡାର ଓଡିଶା ଆଦର୍ଶ ବିଦ୍ୟାଳୟ ନିକଟରେ ଶିକ୍ଷକ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଭବନ ନିର୍ମାଣ ହେଲେ ବ୍ଲକର ୨୬ ପଞ୍ଚାୟତର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ କାମରେ ଆସିବ। ପୂର୍ବରୁ ଏହି ଅନୁଷ୍ଠାନ ନିର୍ମାଣ ସକାଶେ ସ୍ଥାନୀୟ ଶିକ୍ଷକ ଶିକ୍ଷୟିତ୍ରୀ ସରକାରଙ୍କୁ ଦାବି କରିଆସୁଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ ଅଧକ୍ଷ, ଉପଧକ୍ଷ, ସାଂସଦ ପ୍ରତିନିଧି, ସମିତିସଭ୍ୟଙ୍କ ସହ ସ୍ଥାନୀୟ ଶିକ୍ଷକ ସଂଘର ସଭାପତି, ସମ୍ପାଦକ, ସିଆରସିସି ପ୍ରମୁଖ ଉପସ୍ଥିତ ରହି ସୂଚାରୁ ରୁପେ କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି।

୪ ବାମପନ୍ଥୀ ଦଳ ରାଜ୍ୟ ନେତୃବୃନ୍ଦଙ୍କ ସିଜିମାଳି ଗସ୍ତ

# ପୁଲିସ ଦମନଲୀଳାକୁ ତୀବ୍ର ବିରୋଧ

ରାୟଗଡ଼ା,୧୦।୪(ସମିସ): ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ କଣ୍ଟାମାଳ ଗାଁରେ ଆଦିବାସୀଙ୍କ ଉପରେ ଚାଲିଥିବା ପୁଲିସ ଦମନଲୀଳା ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ଆଜି ୪ଟି ବାମପନ୍ଥୀ ଦଳର ମିଳିତ ନେତୃତ୍ୱ ସମ୍ପୃକ୍ତ ଅଞ୍ଚଳକୁ ଗସ୍ତ କରିଛନ୍ତି। ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ,ସ ିପିଆଇ(ଏମ୍‌ଏଲ) ଲିବରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏବଂ ଅଲ୍ ଇଣ୍ଡିଆ



ଫରୱାର୍ଡ ବ୍ଲକ ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ସମେତ ସିପିଆଇ ରାଜ୍ୟ ସହ-ସମ୍ପାଦକ ଜୟନ୍ତ ଦାସ, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଦାମୋଦର ବେହେରା, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବଦ୍ରି ନାରାୟଣ ଦାଶ, ଆଦିବାସୀ ନେତା ଚାମ୍ପୁରୁ ସୋରେନ, ସିପିଆଇ (ଏମ୍‌ଏଲ୍) ଲିବରେସନ ରାଜ୍ୟ ନେତା ମହେନ୍ଦ୍ର ପରିଡା ଓ ଅଶୋକ ପ୍ରଧାନ, ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଏହି ମିଳିତ ପ୍ରତିନିଧି ଦଳରେ ସାମିଲ ଥିଲେ। ଏହି ଗସ୍ତ ସମୟରେ ସେମାନେ ସ୍ଥାନୀୟ ସୁଙ୍ଗେର ଗ୍ରାମ ପଞ୍ଚାୟତର କଣ୍ଟାମାଳ ଗ୍ରାମରେ ଆଦିବାସୀ ଲୋକଙ୍କୁ ସାକ୍ଷାତ କରିଛନ୍ତି। ବାମପନ୍ଥୀ ଦଳଗୁଡ଼ିକ ପକ୍ଷରୁ କୁହାଯାଇଛି ଯେ ଗ୍ରାମ ସଭାର ସମ୍ମତି ବିନା ସମ୍ବିଧାନର ପଞ୍ଚମ ସୂଚୀ ଅଞ୍ଚଳରେ ଖଣି ଓ ରାସ୍ତା ପ୍ରକଳ୍ପ ଆରମ୍ଭ କରାଯିବା ପେସା ଆଇନ-୧୯୯୬ ଓ ଜଙ୍ଗଲ ଅଧିକାର ଆଇନ- ୨୦୦୬ର ସ୍ପଷ୍ଟ ଉଲ୍ଲଙ୍ଘନ। ତେଣୁ ତୁରନ୍ତ ନିଷେଧାଦେଶ ପ୍ରତ୍ୟାହାର କରିବା, ଗ୍ରାମସଭା ସମ୍ମତି ବିନା ଖଣି ଓ ରାସ୍ତା କାମ ବନ୍ଦ କରିବା, ଅତିରିକ୍ତ ପୋଲିସ୍ ବଳ ହଟାଇ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିବା, କଣ୍ଟାମାଳ ଘଟଣାର ନିରପେକ୍ଷ ଏବଂ ଉଚ୍ଚ ସ୍ତରୀୟ ତଦନ୍ତ କରି ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରିବା ଏବଂ "ପେସା" ଓ ଜଙ୍ଗଲ ଆଇନ କଡାକଡି ଭାବରେ ଲାଗୁ କରିବାକୁ ସେମାନେ ଦୃଢ଼ ଭାବେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଏକ ସ୍ମାରକ ପତ୍ର ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ପ୍ରଦାନ କରାଯାଇଛି ଓ ରାଜ୍ୟପାଳଙ୍କୁ ମଧ୍ୟ ଏ ସଂକ୍ରାନ୍ତରେ ଦାବି କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ

ରାୟଗଡ଼ା,୧୦।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି "ଲୋକକଳା ପାଇଁ ଦିନଟିଏ" ପାଳନ ଭିତ୍ତିରେ ଜିଲ୍ଲାସ୍ତରୀୟ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ସ୍ଥାନୀୟ ସଂସ୍କୃତି ଭବନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ ସହରାଞ୍ଚଳର କଳା ସଂସ୍କୃତି ସଂଘର ଉପସଭାପତି ଓ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କର ମୁଖ୍ୟ ଓ ସହ କଳାକାରମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ,ମୁଖ୍ୟ ଅତିଥି,ନଗର କଳା ସଂସ୍କୃତି ସଂଘର ଉପସଭାପତି ଜେ. ସୁକାନ୍ତ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିବା ସହିତ ବରିଷ୍ଠ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। ମହା ଆଡମ୍ବରରେ ପାଳନ କରାଯିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ଦିନ ଜିଲ୍ଲାର ବିଭିନ୍ନ ବ୍ଲକରେ ଏହି ଦିବସଟି ପାଳିତ ହୋଇଥିଲା। ତତ୍‌ସହିତ ଲୋକକଳା କଳାକାର ଏବଂ ବରିଷ୍ଠ ଗୁରୁ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହା ଦ୍ୱାରା ଲୋକକଳା ଅଧିକରୁ




ଅଧିକ ମାତ୍ରାରେ ଯୁବ ପିଢ଼ିଙ୍କ ଦ୍ୱାରା ଆଦୃତ ହୋଇ ପାରିବ ବୋଲି ଅତିଥି ମାନେ କହିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନୃତ୍ୟ ଗୁରୁ ତ୍ରିଲୋଚନ ସାହୁ,ଶିବା ଭାସ୍କର,ପିଙ୍କି ରଥ, ଦେବୀ ପ୍ରସାଦ, ଉଷା ଦେବୀ, ଗୁପ୍ତ ଶିଖା, ଏନ ବିବେକାନନ୍ଦ, ମାନସୀ ମେଲାକା ଓ ଅନ୍ୟ କଳାକାର ମାନେ ଲୋକକଳା ସମ୍ବନ୍ଧରେ ନିଜ ନିଜର ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ସଂଗୀତଜ୍ଞ ପ୍ରଶାନ୍ତ କୁମାର ନାୟକ ସଂଯୋଜନା କରିଥିଲେ।

# ଏଲ୍‌ପିଜି ପାଇଁ କ୍ଷୁଦ୍ର ବ୍ୟବସାୟୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କୋରାପୁଟ,୧୦।୪(ସମିସ): ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ରନ୍ଧନ ଗ୍ୟାସ ସମସ୍ୟା ଉପୁଜି ଥିବା ବେଳେ ଛୋଟ ହୋଟେଲ ବ୍ୟବସାୟୀ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଫଳରେ ଅନେକ ଛୋଟ ବ୍ୟବସାୟୀ ଯେଉଁମାନେ ଜଳଖିଆ ଦୋକାନ, ଫାଷ୍ଟ ଫୁଡ୍ ଭଳି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ ସେମାନେ ଗ୍ୟାସ ସଙ୍କଟ ଯୋଗୁଁ ଜୀବିକା ହରାଇ ବସିଥିବା ସ୍ଥିତି ଉପୁଜିଛି। ଏହି ପରିପ୍ରେକ୍ଷୀରେ ବୋରିଗୁମ୍ମା ସହରର ୫୦ରୁ ଅଧିକ କ୍ଷୁଦ୍ର ବ୍ୟବସାୟୀ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ଜିଲ୍ଲା ଯୁବବିଜେଡି ସଭାପତି ତଥା କୋରାପୁଟ ପୌରଅଧକ୍ଷ ଲଲାଟ ରଂଜନ ସେଠୀ, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ମିଶ୍ରଙ୍କ ନେତୃତ୍ୱରେ ଶନିବାର ଅପରାହ୍ନରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସାକ୍ଷାତ କରି ଦୋକାନୀ ମାନଙ୍କୁ ଏଲପିଜି ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଏକ ମାସ ହେଲା ଗ୍ୟାସ ସମସ୍ୟା ଯୋଗୁଁ ବ୍ୟବସାୟ ବନ୍ଦ ରହିଛି। ରୋଜଗାର ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଏପରିକି ପିଲାମାନଙ୍କ ପାଠ ପଢ଼ା ଖର୍ଚ୍ଚ ତୁଲାଇବା ସେମାନଙ୍କ ପାଇଁ କଷ୍ଟକର ହୋଇ ପଡ଼ିଛି ବୋଲି ଦୋକାନୀ ମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ତିନିଦିନ ମଧ୍ୟରେ ଗ୍ୟାସ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।



# ଦିବ୍ୟାଙ୍ଗ ହୋଇ ବି ହାର୍ ମାନି ନି ଜଗନ୍ନାଥ

ଉମରକୋଟ,୧୦।୪ (ସମିସ): ପ୍ରଶାସନିକ ଅଧିକାରୀ ମାନଙ୍କୁ ଗୁହାରି କରି କରି ସେ ଧନ ହାନି ହେବା ପରେ ବି ହାର ମାନିନାହାନ୍ତି ଭିନ୍ନକ୍ଷମ ଜଗନ୍ନାଥ ସାନ୍ତା। ସେ କିଛି ଦିନ ନାଟକରେ କାର୍ଯ୍ୟ କରିଥିଲେ, ବର୍ତ୍ତମାନ କୁଲି ମଜୁରୀ କରି ପରିବାର ଚଳାଉଛନ୍ତି ସେ। ସରକାରଙ୍କ ତରଫରୁ ସମସ୍ତ ଦିବ୍ୟାଙ୍ଗ ମାନଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଥିବା ବେଳେ ଜଗନ୍ନାଥକୁ ମିଳିନି ଘର ଖଣ୍ଡିଏ। ମାଟିକାନ୍ଥ ଘରେ ଦୟନୀୟ ଅବସ୍ଥାରେ ରହୁଛନ୍ତି ସେ। ସରକାରୀ ସହାୟତା କହିଲେ ଭିନ୍ନକ୍ଷମ ଭତ୍ତା ୧୨ ଶହ ଟଙ୍କା। ୧୦ କିଲୋ ଚାଉଳ ମିଳୁଥିଲା ତାହା ମଧ ବନ୍ଦ କରି ଦେଲା ପ୍ରଶାସନ। ଏତିକି ଟଙ୍କାରେ ପରିବାର ଚଳିବା କଷ୍ଟକର। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ହୀରାପୁର ପଞ୍ଚାୟତ ଡଙ୍ଗରିଗୁଡା ଗ୍ରାମ ଜଗନ୍ନାଥ ସାନ୍ତା ଜନ୍ମରୁ ଦିବ୍ୟାଙ୍ଗ। ତାଙ୍କର ଦୁଇ ହାତ ନାହିଁ, କିନ୍ତୁ ସେ ନିଜ ଗୋଡ଼ ସାହାଯ୍ୟ ରେ ଖାଇବା, ପାଣି



ପିଇବା, କପଡା ପିନ୍ଧିବା, ଲେଖିବା, ଇତ୍ୟାଦି ନିତ୍ୟକର୍ମ କରି ପାରନ୍ତ। ଦୁଇ ହାତ ନ ଥାଇ ସେ ବିଭିନ୍ନ ନାଟକରେ ପ୍ରଭୁ ଜଗନ୍ନାଥଙ୍କ ଅଭିନୟ କରୁଥିବା ଦେଖିବାକୁ ମିଳିଛି। ଏହା ଗନ୍ନାଥଙ୍କୁ ସେହି ଗ୍ରାମର ଯୁବ ସାନ୍ତା ନାମକ ଯୁବତୀ ଦୁଇ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ଉଭୟଙ୍କର ଦୁଇ ମାସର କନ୍ୟା ସନ୍ତାନ ଅଛି। ଆଧାର କାର୍ଡ ନ ଥିବାରୁ ସେ ସରକାରୀ ସହାୟତାରୁ ବଞ୍ଚିତ ଅଟନ୍ତି। ୧୦ କିଲୋ ଚାଉଳ ମଧ୍ୟ ବନ୍ଦ ହୋଇଯାଇଛି। ଏବିଷୟରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେରଙ୍କୁ କହିବାରୁ ସେ ଜଗନ୍ନାଥଙ୍କୁ ଆଧାର କାର୍ଡ ଓ ସମସ୍ତ ସରକାରୀ ସହାୟତା ଖୁବ ଶୀଘ୍ର ଦେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଶାସନ ନିକଟରେ ଅନେକ ଥର ଘର ଖଣ୍ଡିଏ ପାଇଁ ଗୁହାରି କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ମିଳି ନ ଥିବା କହିଛନ୍ତି ଜଗନ୍ନାଥ। ଜଗନ୍ନାଥଙ୍କୁ ସରକାର ତରଫରୁ ଗୋଟିଏ ପ୍ରଧାନମନ୍ତ୍ରୀ ଆବାସ ଗୃହ, ରାସନ କାର୍ଡ ଓ ଭିନ୍ନକ୍ଷମ ଭତ୍ତା ୩୫୦୦ ଟଙ୍କା ମିଳିଲେ ସେ ଉପକୃତ ହୋଇଥାନ୍ତେ ବୋଲି କହିଛନ୍ତି।

# ସରକାରୀ ମହିଳା ମହାବିଦ୍ୟାଳୟର ରକ୍ତଦାନ ଶିବିର

ଜୟପୁର, ୧୦।୪(ସମିସ) : ରାଜ୍ୟରେ ଓଡ଼ିଆ ପକ୍ଷ ଦିବସ ଅବସରରେ ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟଠାରେ ଯୁବ ରେଡକ୍ରସ ଏବଂ ରେଡ୍ ରିବନ କ୍ଲବ ପକ୍ଷରୁ ଆଜି ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ପୂର୍ବାହ୍ନରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ସ୍ଥାନୀୟ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ ଉପ ନିର୍ଦ୍ଦେଶକ ଡ. ମହେନ୍ଦ୍ର କୁମାର ଭୋଇ ଉଦଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସୁନାଙ୍କ ଉପସ୍ଥିତିରେ ଏହି ଶିବିରରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ଜିଲ୍ଲା ଚିକିତ୍ସାଳୟ ରକ୍ତ ଭଣ୍ଡାରର କର୍ମଚାରୀ ମାନେ ଉପସ୍ଥିତ ରହି ସର୍ବମୋଟ ୩୮ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଏହି ଅବସରରେ ଯୁବ ରେଡକ୍ରସ ପରାମର୍ଶଦାତା ଅର୍ଥନୀତି ବିଭାଗର ମୁଖ୍ୟ ଡ. ଉପାନନ୍ଦ ପାଣି ଏହି ଶିବିର ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।



# କଟକ ସିଟି





## କଟକରେ କଡ଼ାକଡ଼ି ହେବ ଅଗ୍ନି ନିରାପତ୍ତା ଆଇନ

# ହଷ୍ଟେଲ ଓ ହସ୍ପିଟାଲକୁ ମିଳିଲା ୧ ମାସର ମହଲତ

**କଟକ, ୧୦।୪(ସମିସ)**

ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଏବଂ ନିକଟରେ ଏସ୍‌ସିବି ମେଡିକାଲରେ ଘଟିଥିବା ଅଗ୍ନିକାଣ୍ଡକୁ ଦୃଷ୍ଟିରେ ରଖି କଟକ ଅଗ୍ନିଶମ ବିଭାଗ ଏବେ ତତ୍ପର ହୋଇଉଠିଛି। ସହରର ସମସ୍ତ ସରକାରୀ ଓ ବେସରକାରୀ ହଷ୍ଟେଲ, ମେସ୍ ଏବଂ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ 'ଫାୟାର ସେଫ୍ଟି ରୁଲ୍-୨୦୧୭'କୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଯେଉଁ ଅନୁଷ୍ଠାନଗୁଡ଼ିକ ଏ ପର୍ଯ୍ୟନ୍ତ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ହାସଲ କରିନାହାନ୍ତି, ସେମାନଙ୍କୁ ଆସନ୍ତା ଏକ ମାସ ମଧ୍ୟରେ ଆବେଦନ କରିବାକୁ ଚେତାବନୀ ଦିଆଯାଇଛି।

ବକ୍ସିବଜାର ଦମକଳ କେନ୍ଦ୍ରର ସୂଚନା ଅନୁଯାୟୀ, ସହରର ଅଧିକାଂଶ ଘରୋଇ ହଷ୍ଟେଲ ଓ ମେସ୍ ମାଲିକମାନେ ୨୦୧୭ ମସିହାରୁ ପ୍ରଚଳିତ ଅଗ୍ନି ନିରାପତ୍ତା ନିୟମକୁ



ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ନିୟମ ଅନୁଯାୟୀ, ୧୨ ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ କୋଠା କିମ୍ବା ୫୦୦ ବର୍ଗ ମିଟର ପରିମିତ ସ୍ଥାନରେ ଚାଲୁଥିବା ହଷ୍ଟେଲଗୁଡ଼ିକ ପାଇଁ ଫାୟାର ସେଫ୍ଟି ସାର୍ଟିଫିକେଟ୍ ବାଧ୍ୟତାମୂଳକ। ମାତ୍ର ବାସ୍ତବରେ ଅନେକ ସ୍ଥାନରେ ସ୍ମୋକ୍ ଆଲାରାମ, ସ୍ପ୍ରିଙ୍କଲର୍ କିମ୍ବା ଅଗ୍ନି ନିର୍ବାପକ

- ▶ ଫାୟାର ସେଫ୍ଟି ସାର୍ଟିଫିକେଟ୍ ନ ଥିଲେ ହେବ କଠୋର କାର୍ଯ୍ୟାନୁଷ୍ଠାନ
- ▶ ସହରର ୬୦ ପ୍ରତିଶତ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

ଯନ୍ତ୍ର ଭଳି ସର୍ବନିମ୍ନ ବ୍ୟବସ୍ଥା ମଧ୍ୟ ନାହିଁ। ଅଗ୍ନିଶମ ବିଭାଗର ପରିସଂଖ୍ୟାନ ଅନୁଯାୟୀ, କଟକ ମହାନଗର ଓ ଆଖପାଖ ଅଞ୍ଚଳରେ ପ୍ରାୟ ୪୦୦ଟି ଘରୋଇ ହସ୍ପିଟାଲ ଏବଂ ୩୮୦ଟି ପାଥୋଲୋଜି ଲ୍ୟାବ୍ କାର୍ଯ୍ୟକ୍ଷମ ରହିଛି। ଚିନ୍ତାଜନକ ବିଷୟ ହେଉଛି, ଏହି ମେଡିକାଲ୍ ସଂସ୍ଥାଗୁଡ଼ିକ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତଙ୍କ ପାଖରେ ଆବଶ୍ୟକୀୟ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଏସ୍‌ସିବି ଘଟଣା ପରେ ଏବେ ଏହି ସମସ୍ତ ସଂସ୍ଥାର କାଗଜପତ୍ର କଡ଼ାକଡ଼ି ଯାଞ୍ଚ କରାଯିବ। ଆସନ୍ତା ଏକ ମାସ ମଧ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ସ୍ଥାନୀୟ ଦମକଳ କେନ୍ଦ୍ରରେ ପଞ୍ଜିକୃତ କରି ସାର୍ଟିଫିକେଟ୍ ହାସଲ କରିବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଏହା ପାଳନ ନ ହେଲେ ସମ୍ପୃକ୍ତ ଅନୁଷ୍ଠାନ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫାୟାର ଅଫିସର ସୂଚନା ଦେଇଛନ୍ତି।

# ସେପ୍ଟେମ୍ବର ସୁଦ୍ଧା ସରିବ ଶିଶୁ ଭବନ ଡ୍ରେନେଜ୍ ପ୍ରକଳ୍ପ

**କଟକ, ୧୦।୪(ସମିସ):** କଟକସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁ ଭବନରେ ଡ୍ରେନେଜ୍ ବ୍ୟବସ୍ଥା ଓ ରୋଗୀଙ୍କ ପରିବହନ ସୁବିଧାକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ତେବେ ଶିଶୁ ଭବନର ଡ୍ରେନ୍ ଉପରୁ ଜବରଦଖଲ ଉଚ୍ଛେଦକୁ ନେଇ ବିବଦମାନ ସ୍ଥିତି ଉପୁଜିଥିବା ବେଳେ ଏହାର ଅନୁଧ୍ୟାନ ପାଇଁ ସ୍ୱତନ୍ତ୍ର ଦଳ




ପରିଦର୍ଶନ କରିବେ। ଶିଶୁ ଭବନର ମୁଖ୍ୟ ଡ୍ରେନ୍ ଉପରୁ ଜବରଦଖଲ ହଟାଯାଇଥିବା ନେଇ ପୂର୍ବରୁ ସରକାରଙ୍କ ତରଫରୁ ଏକ ଅନୁପାଳନ ରିପୋର୍ଟ ଦାଖଲ କରାଯାଇଥିଲା। ଏହି ରିପୋର୍ଟ ଅନୁଯାୟୀ, ଗତ ମାର୍ଚ୍ଚ ୧୮ ଓ ୨୪ ତାରିଖରେ ଜବରଦଖଲ ଉଚ୍ଛେଦ କରାଯାଇଛି ବୋଲି କୁହାଯାଇଥିଲା। ମାମଲାର ଆମିକସ କ୍ୟୁରୀ ବରିଷ୍ଠ ଆଇନଜୀବୀ ବିଜୟ କୁମାର ଦାଶଙ୍କ ତରଫରୁ ଏଭଳି ତଥ୍ୟକୁ ଖଣ୍ଡନ କରାଯାଇଥିଲା। ଏଥିସହ ଜବରଦଖଲ ରହିଥିବାର କିଛି ଫଟୋଚିତ୍ର ପ୍ରଦାନ କରିଥିଲେ। ପ୍ରଶାସନର ଏହି ରିପୋର୍ଟର ସତ୍ୟତା ପରଖିବା ପାଇଁ ହାଇକୋର୍ଟର ଡେପୁଟି ରେଜିଷ୍ଟ୍ରାର (ପ୍ରୋଟୋକଲ) ଏବଂ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାରଙ୍କୁ ଘଟଣାସ୍ଥଳ ପରିଦର୍ଶନ କରି ଏକ ମୁଦା ଲଫାପାରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୬ ତାରିଖରେ ହେବ। ସିଏମସି ଦ୍ୱାରା ଶିଶୁ ଭବନ ମଧ୍ୟରେ ନୂତନ ଆଭ୍ୟନ୍ତରୀଣ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି, ଯାହା ସେପ୍ଟେମ୍ବର ୨୦୨୬ ସୁଦ୍ଧା ଶେଷ ହେବ। ଏହି କାର୍ଯ୍ୟ ପାଇଁ ବାଧକ

- ■ ଜବରଦଖଲ ଉଚ୍ଛେଦ ସ୍ଥିତି ଅନୁଧ୍ୟାନ ପାଇଁ ଯିବେ ସ୍ୱତନ୍ତ୍ର ଟିମ୍
- ■ ମେ ୧୫ ସୁଦ୍ଧା ଆସିବ ବ୍ୟାଟେରି ଚାଳିତ ଗାଡ଼ି

ସାଜିଥିବା କେତେକ ପୁରୁଣା ଶୌଚାଳୟକୁ ଭାଙ୍ଗି ଦିଆଯିବ। କାର୍ଯ୍ୟ ଶେଷ ହେବା ପରେ ହସ୍ପିଟାଲର ପାଣି ମୁଖ୍ୟ ମ୍ୟୁନିସିପାଲିଟି ଡ୍ରେନକୁ ସୁବିଧାରେ ନିଷ୍କାସିତ ହୋଇପାରିବ ବୋଲି କୁହାଯାଇଛି। ସେହିଭଳି ଶିଶୁ ଭବନ ପରିସର ମଧ୍ୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଯାତାୟାତ ପାଇଁ ନାଲକୋ ପକ୍ଷରୁ ୨୬ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଏହି ଅର୍ଥରେ ୨ଟି ବ୍ୟାଟେରୀ ଚାଳିତ ଆମ୍ବୁଲାନ୍ସ ଏବଂ ୬-ସିଟର୍ ବିଶିଷ୍ଟ ଇ-ଗଲ୍ କାର୍ଟ କିଣାଯିବ। ଏଥିପାଇଁ ଏପ୍ରିଲ ୧୩ ତାରିଖରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ଆସନ୍ତା ମେ ୧୫ ତାରିଖ ସୁଦ୍ଧା ଏହି ଗାଡ଼ିଗୁଡ଼ିକ ଉପଲବ୍ଧ ହେବ ବୋଲି କୁହାଯାଇଛି।

# ଭିନ୍ନକ୍ଷମଙ୍କୁ ହୁଇଲ୍ ଚେୟାର ପ୍ରଦାନ କଲେ ବିଧାୟିକା

**କଟକ, ୧୦।୪(ସମିସ):** କଟକ ସହରର ଗରିବ ଓ ଅସହାୟ ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ମୋକିମ୍ ଫାଉଣ୍ଡେସନ୍ ପକ୍ଷରୁ ଚାଲିଥିବା ଜନହିତକର କାର୍ଯ୍ୟକ୍ରମ ଅଧୀନରେ ଆଜି ଜଣେ ଭିନ୍ନକ୍ଷମଙ୍କୁ ନିଶୁଳ୍କ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି। ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍ଦୋଷ ଗଙ୍ଗାମନ୍ଦିର ଅଞ୍ଚଳର ବିରଞ୍ଚି ନାରାୟଣ ସାହୁଙ୍କୁ ଏହି ହୁଇଲ୍ ଚେୟାର ପ୍ରଦାନ କରିବା ସହ ତାଙ୍କର ସୁସ୍ଥ ଜୀବନ



କାମନା କରିଥିଲେ। ଏହି ଅବସରରେ ସମାଜସେବୀ ତଥା ଆମ୍ବେଦକର ସ୍ମୃତି ପରିଷଦର ସଭାପତି ସୁକାନ୍ତ ସେଠୀ ଯୋଗଦେଇ ବିଧାୟିକାଙ୍କ ଏହି ମାନବୀୟ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ୍‌ଙ୍କୁ ସାଧୁବାଦ ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ମୋକିମ୍ ଫାଉଣ୍ଡେସନ୍ ଦୀର୍ଘ ଦିନ ଧରି ସହରର ବିଭିନ୍ନ ଅଞ୍ଚଳରେ ଏହିଭଳି ସେବା କାର୍ଯ୍ୟ ଜାରି ରଖିଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ବଶିଷ୍ଠ ପଟ୍ଟନାୟକ, କଟକ ନଗର ରଜକ ସମିତିର ସାଧାରଣ ସମ୍ପାଦକ ମଥୁରା ସେଠୀ, ଜଗନ୍ନାଥ ସେଠୀ, ଅଶୋକ ସେଠୀ ଏବଂ ବିଷ୍ଣୁ ଚରଣ ସ୍ୱାଇଁଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ନନ୍ଦନକାନନ ଆସିଲା ଉଦ୍ଧାର ହାଡ଼ଗିଳା

**ବାରଙ୍ଗ, ୧୦।୪(ସମିସ):** ବାଲେଶ୍ୱର ବନଖଣ୍ଡ ଅଧୀନସ୍ଥ ନୀଳଗିରି ରେଞ୍ଜରୁ ଉଦ୍ଧାର ହୋଇଥିବା ଏକ ବିଲୁପ୍ତପ୍ରାୟ ହାଡ଼ଗିଳା ପକ୍ଷୀକୁ ଶୁକ୍ରବାର ଚିକିତ୍ସା ନିମନ୍ତେ ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ଅଣାଯାଇଛି। କୌଣସି କାରଣରୁ ପକ୍ଷୀଟି ଅସୁସ୍ଥ ହୋଇ ପଡ଼ିଥିବା ବେଳେ ବନ କର୍ମଚାରୀମାନେ ତାକୁ ଉଦ୍ଧାର କରି ଏକ ସ୍ୱତନ୍ତ୍ର ଜନ୍ତା ସାହାଯ୍ୟରେ ନନ୍ଦନକାନନରେ ପହଞ୍ଚାଇଛନ୍ତି। ବନ ବିଭାଗର ସୂଚନା ଅନୁଯାୟୀ, ହାଡ଼ଗିଳା ଏକ ବିଲୁପ୍ତପ୍ରାୟ ପ୍ରଜାତି ହୋଇଥିବାରୁ ଏମାନଙ୍କ ସୁରକ୍ଷା ଓ ବଂଶ ବୃଦ୍ଧି ପାଇଁ ସରକାରୀସ୍ତରରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଅସୁସ୍ଥ ପକ୍ଷୀଟି ନନ୍ଦନକାନନରେ ପହଞ୍ଚିବା ପରେ ପ୍ରାଣୀ ଚିକିତ୍ସକମାନେ ତୁରନ୍ତ ତାହାର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ବର୍ତ୍ତମାନ ପକ୍ଷୀଟିକୁ ସ୍ୱତନ୍ତ୍ର ନଜରବନ୍ଦୀରେ ରଖାଯାଇ ଚିକିତ୍ସା କରାଯାଉଥିବା ବେଳେ ତାର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ନନ୍ଦନକାନନ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ପକ୍ଷୀଟି ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ତାକୁ କ୍ୱାରେଣ୍ଟାଇନ୍‌ରେ ରଖାଯିବ। ପରେ ତାକୁ ପ୍ରାଣୀଉଦ୍ୟାନର ପକ୍ଷୀଶାଳାରେ ଛଡ଼ାଯିବ ନା ପୁନର୍ବାର ପ୍ରାକୃତିକ ପରିବେଶରେ ମୁକ୍ତ କରାଯିବ, ସେ ନେଇ ନିଷ୍ପତ୍ତି ନିଆଯିବ।

# 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ



**କଟକ, ୧୦।୪(ସମିସ):** ଓଡ଼ିଆ ପକ୍ଷ ପାଳନର ଦଶମ ଦିବସ ଅବସରରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅତ୍ୟନ୍ତ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକ କଳାକାରମାନେ ସେମାନଙ୍କର ପାରମ୍ପରିକ କଳା ପ୍ରଦର୍ଶନ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହାନ୍ତ ଏବଂ ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଲୋକକଳା ଆମ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏହା ଆମ ଐତିହ୍ୟକୁ ବଞ୍ଚାଇ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହିଭଳି ପ୍ରୟାସ ଦ୍ୱାରା ଲୁପ୍ତପ୍ରାୟ ଲୋକକଳାର ପୁନରୁଦ୍ଧାର ହେବା ସହ ନୂତନ ପିଢ଼ି ଏହା ସମ୍ପର୍କରେ ସଚେତନ ହୋଇପାରିବେ। ଜିଲ୍ଲାସ୍ତରୀୟ ଉତ୍ସବ ବ୍ୟତୀତ କଟକର ବିଭିନ୍ନ ବ୍ଲକ ମୁଖ୍ୟାଳୟରେ ମଧ୍ୟ ଏହି କାର୍ଯ୍ୟକ୍ରମ ପାଳନ କରାଯାଇ ସ୍ଥାନୀୟ କଳାକାରଙ୍କୁ ସମ୍ମାନିତ କରାଯାଇଛି। ପ୍ରଶାସନର ଏହି ପଦକ୍ଷେପ କଳାକାରଙ୍କୁ ଆର୍ଥିକ ଓ ମାନସିକସ୍ତରରେ ଉତ୍ସାହିତ କରିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସହର ଉତ୍ସବମୁଖର ହୋଇଥିବା ବେଳେ ଓଡ଼ିଆ ଅସ୍ମିତାର ପ୍ରଚାର ଓ ପ୍ରସାର ପାଇଁ ଏହା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# ବରିଷ୍ଠ ବିଜେଡି ନେତା ଗୋବିନ୍ଦ ରଣାଙ୍କ ପରଲୋକ

**କଟକ, ୧୦।୪(ସମିସ):** କଟକ ମହାନଗର ବିଜୁ ଜନତା ଦଳର ପୂର୍ବତନ ଉପସଭାପତି ତଥା ବରିଷ୍ଠ ନେତା ଗୋବିନ୍ଦ ରଣା (ଗୋମ)ଙ୍କର ଆକସ୍ମିକ ବିୟୋଗ ଘଟିଛି। ତାଙ୍କ ପରଲୋକରେ କଟକ ଜିଲ୍ଲା ବିଜୁ



ଜନତା ଦଳ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ସ୍ୱର୍ଗତ ରଣା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜଣେ ଏକାନ୍ତ ଅନୁଗତ ଥିଲେ। ସେ ସହରର ଛାତ୍ର ରାଜନୀତିରୁ ନିଜର ରାଜନୈତିକ ଯାତ୍ରା ଆରମ୍ଭ କରି ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଦୁଃଖୀର ଦରଦୀ ବନ୍ଧୁ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ବିୟୋଗରେ ଦଳ ଜଣେ ଦକ୍ଷ ତଥା ଦୃଢ଼ ସଂଗଠକଙ୍କୁ ହରାଇଲା ବୋଲି ବରିଷ୍ଠ ନେତୃବୃନ୍ଦ ମତ ବ୍ୟକ୍ତ କରିଛନ୍ତି। ଆଜି ସକାଳେ ତିନିକୋଣିଆ ବଗିଚାସ୍ଥିତ ତାଙ୍କ ବାସଭବନରେ ଶେଷ ଦର୍ଶନ ପାଇଁ ବହୁ ନେତା ଓ କର୍ମୀଙ୍କ ଭିଡ଼ ଜମିଥିଲା। କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ, ବରିଷ୍ଠ ନେତା ମହମ୍ମଦ ସକିଲ, ପ୍ରଦୀପ

**କଟକ ଜିଲ୍ଲା ବିଜେଡିର ଶୋକ**

ଖୁଣ୍ଟିଆ, ପ୍ରକାଶ ସିଂହ, ପ୍ରଫୁଲ୍ଲ ବେହେରା, ସୟଦ ଏକ୍ରାମ ହୁସେନ, ତାପସ ମହାନ୍ତି, ଦୁର୍ଗା ଚରଣ ସାହୁ ଏବଂ ଲାଲା ପ୍ରତାପ ରାୟ ପ୍ରମୁଖ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହିତ ଚିରଞ୍ଜୀୟ ସାହୁ, ଚନ୍ଦନ ଜେନା, ସ୍ୱଦେଶ ଦାସ, ଦେବେନ୍ଦ୍ର କାହାଳି, ଯୁଧିଷ୍ଠିର ବିଶ୍ୱାଳ ଓ ସେକ୍ ରିୟାଜୁଲ୍ଲାଙ୍କ ସମେତ ଅନେକ ନେତୃମଣ୍ଡଳୀ ଉପସ୍ଥିତ ରହି ସ୍ୱର୍ଗତ ରଣାଙ୍କ ସ୍ମୃତିଚାରଣ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ପ୍ଲାଏ ଗୋଦାମରୁ ଚୋରି ଉଦ୍ୟମ

**କଟକ, ୧୦।୪(ସମିସ):** ସହରର ଫ୍ରେଣ୍ଡସ କଲୋନୀସ୍ଥିତ ଏକ ପ୍ଲାଏଉଡ୍ ଗୋଦାମରୁ ଚୋରି ଉଦ୍ୟମ ହୋଇଥିବା ନେଇ ପୁରୀଘାଟ ଥାନାରେ ଅଭିଯୋଗ ହୋଇଛି। ଗୋଦାମ ମାଲିକ ଶ୍ୱେତ କୁମାର ଜେନାଙ୍କ ସୂଚନା ଅନୁଯାୟୀ, ଗୁରୁବାର ରାତିରେ ସେ ଗୋଦାମ ବନ୍ଦ କରି ଘରକୁ ଯାଇଥିବା ବେଳେ ଶୁକ୍ରବାର ସକାଳେ ଚୋରି ଉଦ୍ୟମ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଜଣେ କର୍ମଚାରୀ ଗୋଦାମ ଖୋଲିବାକୁ ଯାଇ ଦେଖିଲେ ଯେ, ସଟରରେ ପୂର୍ବରୁ ଲାଗିଥିବା ତାଲା ଭଙ୍ଗା ଯାଇ ସେଠାରେ ଏକ ନୂଆ ତାଲା ଝୁଲୁଛି। ଘଟଣାସ୍ଥଳରେ ଭଙ୍ଗାଯାଇଥିବା ପୁରୁଣା ତାଲାର ଅଂଶବିଶେଷ ପଡ଼ିଥିବା ଦେଖି କର୍ମଚାରୀ ଜଣକ ମାଲିକଙ୍କୁ ଖବର ଦେଇଥିଲେ। ଗୋଦାମ ଭିତରେ ପ୍ରାୟ ୫ ଲକ୍ଷ ଟଙ୍କାର ସାମଗ୍ରୀ ସହିତ ନଗଦ ୫୦ ହଜାର ଟଙ୍କା ରହିଥିଲା। ଦୁର୍ବୃତ୍ତମାନେ ଚୋରି ଉଦ୍ଦେଶ୍ୟରେ ପୁରୁଣା ତାଲା ଭାଙ୍ଗିଥିବା ଏବଂ ପରେ ପରିଚୟ ଲୁଚାଇବା ପାଇଁ ବା ଅନ୍ୟ କୌଣସି କାରଣରୁ ନୂଆ ତାଲା ପକାଇଥିବା ସନ୍ଦେହ କରାଯାଉଛି। ଶ୍ୱେତ କୁମାର ଜେନା ଏ ନେଇ ପୁରୀଘାଟ ଥାନାର

**ତାଲା ଭାଙ୍ଗି ନୂଆ ତାଲା ପକାଇଲେ ଦୁର୍ବୃତ୍ତ**

ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ଉପସ୍ଥିତିରେ ନୂଆ ତାଲା ଭାଙ୍ଗି ଗୋଦାମ ଭିତରେ ଥିବା ସାମଗ୍ରୀର ଯାଞ୍ଚ କରିବା ପାଇଁ ସେ ଲିଖିତ ଭାବେ ଅନୁରୋଧ କରିଛନ୍ତି। ପୁଲିସ ଏହି ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଅଞ୍ଚଳରେ ଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ପାଇଁ ଉଦ୍ୟମ ଜାରି ରହିଛି।

# କଟକ ରେଳ ଷ୍ଟେସନରୁ ଦୁଇ ନାବାଳକ ଉଦ୍ଧାର

**କଟକ, ୧୦।୪(ସମିସ):** କଟକ ରେଳ ଷ୍ଟେସନ ପରିସରରୁ ଆଜି ଦୁଇ ଜଣ ନାବାଳକଙ୍କୁ ରେଳ ସୁରକ୍ଷା ବଳ (ଆରପିଏଫ) ଉଦ୍ଧାର କରିଛି। ଉଭୟ ନାବାଳକଙ୍କୁ ସୁରକ୍ଷିତ ଭାବେ ଚାଇଲ୍ଡ ଲାଇନ୍ ଜିମା ଦିଆଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଶୁକ୍ରବାର ଭୋର ପ୍ରାୟ ୪ଟା ସମୟରେ ଆରପିଏଫ୍ କର୍ମଚାରୀମାନେ ଷ୍ଟେସନରେ ପାଟ୍ରୋଲିଂ କରୁଥିବା ବେଳେ ପ୍ଲାଟଫର୍ମରେ ଦୁଇ ଜଣ ନାବାଳକ ଏକାକୀ ବୁଲାବୁଲି କରୁଥିବା ଦେଖିବାକୁ ପାଇଥିଲେ। ସନ୍ଦେହ ହେବାରୁ ପୁଲିସ ସେମାନଙ୍କୁ ପଚରାଉଚରା କରିଥିଲା, ମାତ୍ର ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସେମାନେ ବିନା ଅଭିଭାବକରେ ଟ୍ରେନ ଯୋଗେ କଟକ

**ଚାଇଲ୍ଡ ଲାଇନ୍ ଜିମା ଦେଲା ଆରପିଏଫ୍**

ଆସିଥିବା ଜଣାପଡ଼ିବା ପରେ ସେମାନଙ୍କୁ ଆରପିଏଫ୍ ପୋଷ୍ଟକୁ ଅଣାଯାଇ ଖାଦ୍ୟ ଓ ପାନୀୟ ଯୋଗାଇ ଦିଆଯାଇଥିଲା। ଅଧିକ ପଚରାଉଚରା ପରେ ଜଣାପଡ଼ିଛି ଯେ, ଉଭୟ ନାବାଳକଙ୍କ ଘର ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ନୂଆ ଗାଁ ଅଞ୍ଚଳରେ। ୧୩ ଓ ୧୪ ବର୍ଷ ବୟସ୍କ ଏହି ଦୁଇ ନାବାଳକ କାହାକୁ କିଛି ନ ଜଣାଇ କେବଳ ବୁଲାବୁଲି କରିବା ଉଦ୍ଦେଶ୍ୟରେ ଗୁରୁବାର ରାତିରେ ଟ୍ରେନରେ ଚାଲିଆସିଥିଲେ। ଆରପିଏଫ୍ ପକ୍ଷରୁ ଏ ନେଇ ସେମାନଙ୍କ ପରିବାର ବର୍ଗଙ୍କୁ ସୂଚନା ଦିଆଯିବା ସହ ଚାଇଲ୍ଡ ଲାଇନ୍ ସଦସ୍ୟଙ୍କୁ ଅବଗତ କରାଯାଇଥିଲା। ପରେ ଚାଇଲ୍ଡ ଲାଇନ୍ ସଦସ୍ୟମାନେ ଷ୍ଟେସନରେ ପହଞ୍ଚି ନାବାଳକ ଦ୍ୱୟଙ୍କୁ ନିଜ ହେପାଜତକୁ ନେଇଥିବା ସୂଚନା ମିଳିଛି।

## ଡ. ସତ୍ୟ ରାୟ ପାଇବେ 'ଅଭୟ ସାମନ୍ତରାୟ ସ୍ମାରକୀ ସମ୍ମାନ'

**କଟକ, ୧୦।୪(ସମିସ):** ବରିଷ୍ଠ ସାମ୍ବାଦିକ ତଥା ସାମାଜିକ କର୍ମକର୍ତ୍ତା ଡ. ସତ୍ୟ ରାୟ ପ୍ରଥମ 'ଅଭୟ ସାମନ୍ତରାୟ ସ୍ମାରକୀ ସମ୍ମାନ' ପାଇବାକୁ ମନୋନୀତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସାମ୍ବାଦିକତାର ବିକାଶ ସାଙ୍ଗକୁ ବିଭିନ୍ନ ସାମାଜିକ କାର୍ଯ୍ୟ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଛି ବୋଲି ସ୍ମୃତି କମିଟି ସଭାପତି ଡା. ରବି ରଞ୍ଜନ ସାହୁ ପ୍ରକାଶ କରିଛନ୍ତି। ଆସନ୍ତା ୧୧ ଅପ୍ରେଲ ସନ୍ଧ୍ୟାରେ ଶତାବ୍ଦୀ ଭବନଠାରେ ହେବାକୁ ଯାଉଥିବା ସ୍ୱର୍ଗତ ସାମନ୍ତରାୟଙ୍କ ସ୍ମୃତି ସଭାରେ ଡ. ରାୟଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ।



# ସାରଳା ସାହିତ୍ୟ ସଂସଦର ବସନ୍ତ ଉତ୍ସବ

**କଟକ, ୧୦।୪(ସମିସ)**

କଟକର ପ୍ରତିଷ୍ଠିତ ସାରସ୍ୱତ ପୀଠ ସାରଳା ଭବନ ପରିସରରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ବସନ୍ତ ଉତ୍ସବ ଓ ସାରସ୍ୱତ ସମ୍ବର୍ଦ୍ଧନା ସମାରୋହ ଅତ୍ୟନ୍ତ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଡଃ ମଦନମୋହନ ଦାସ ଏହି ଉତ୍ସବକୁ ଉଦଘାଟନ କରି ଭାରତୀୟ କାବ୍ୟ କବିତାରେ ବସନ୍ତ ବର୍ଣ୍ଣନାର ମନୋମୁଗ୍ଧକର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ସଂସଦର ପ୍ରତିଷ୍ଠାତା ତଥା ସଭାପତି ଡକ୍ଟର ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଖ୍ୟାତ ସାହିତ୍ୟିକ ଓ ପ୍ରଶାସକ ଦେବଦାସ ଛୋଟରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବସନ୍ତ ଋତୁର ଆଗମନ ମଣିଷ ମନରେ ସଦା ଆନନ୍ଦ ଭରିଦିଏ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ସାହିତ୍ୟିକ ଡ. ବାସୁଦେବ ସୁନାନୀ ଏବଂ ମୁଖ୍ୟବକ୍ତା ଭାବେ ଡ. ସତ୍ୟନାରାୟଣ ପଣ୍ଡା ଯୋଗଦେଇ ସାହିତ୍ୟରେ ବସନ୍ତ ଋତୁର ପ୍ରେରଣା ଓ ଯୁଗେ ଯୁଗେ ଏହାର ପ୍ରଭାବ ଉପରେ ନିଜର ସାରଗର୍ଭକ ମତ ରଖିଥିଲେ। ଏହି ଅବସରରେ ସାହିତ୍ୟ ଓ କଳାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ



**ସାରସ୍ୱତ ସମ୍ମାନରେ ସମ୍ମାନିତ ହେଲେ ୭ ସାହିତ୍ୟିକ**

ଅବଦାନ ପାଇଁ ୭ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସଂସଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ କଥାକାର ଭାଗିରଥି ଦାସଙ୍କୁ 'କଥା ଗୌରବ ସମ୍ମାନ', ଶିଳ୍ପୀ ରବିନାରାୟଣ ରଥଙ୍କୁ 'ଶିଳ୍ପୀ ଗୌରବ ସମ୍ମାନ', କବି ସୁରେଶ କୁମାର ନାୟକ ଓ ଭିକାରୀ ଧଳଙ୍କୁ 'ସାରଳା କବିତା ସମ୍ମାନ', ଲେଖିକା ରଶ୍ମି ମିଶ୍ରଙ୍କୁ 'ସାରଳା କଥା ସମ୍ମାନ', କଥାକାର କିଶୋର କୁମାର ରାଉତଙ୍କୁ 'ସାରଳା କାହାଣୀ ସମ୍ମାନ' ଏବଂ ପ୍ରାବନ୍ଧିକ ଡଃ ଜ୍ୟୋତି ରଞ୍ଜନ ସାମଲଙ୍କୁ 'ସାରଳା ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା। ସଭାପତି ଡ. ସ୍ୱାଇଁ ନିଜ ଅଭିଭାଷଣରେ ଓଡ଼ିଆ ସାହିତ୍ୟ ଠାରୁ ଆରମ୍ଭ କରି ବିଶ୍ୱ ସାହିତ୍ୟ ପର୍ଯ୍ୟନ୍ତ ବସନ୍ତର ବର୍ଣ୍ଣନା କିଭଳି ବ୍ୟାପ୍ତ, ସେ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଅନ୍ୟାନ୍ୟ ପର୍ଯ୍ୟାୟରେ ସଂସଦର ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ଉଦବୋଧନ ଦେଇଥିବା ବେଳେ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ପ୍ରିୟତମା ସାହୁ, ଗୋପା ଦାସ, ଛବିରାଣୀ ପତି ଓ କ୍ରାନ୍ତିବାଳା ନାୟକ ସମ୍ମାନିତ ବ୍ୟକ୍ତିତ୍ୱଙ୍କ ଉଦ୍ଦେଶ୍ୟରେ ମାନପତ୍ର ପାଠ କରିଥିଲେ। ଅଧ୍ୟାପକ କ୍ଷୀରୋଦ ସାହୁ, ବ୍ରଜକିଶୋର ବେଉରା ଓ ପୂର୍ଣ୍ଣ ପଟ୍ଟନାୟକ ସମଗ୍ର ଉତ୍ସବକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଏହି ସାରସ୍ୱତ ସମାରୋହରେ ସହରର ବହୁ ସାହିତ୍ୟପ୍ରେମୀ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ବସନ୍ତର ଏହି କାବ୍ୟିକ ଆସରକୁ ଉପଭୋଗ କରିଥିଲେ।

## କୋଇଲୋ ଗ୍ରାମରେ ବାଦୀପାଲା ଉଦ୍‌ଯାପିତ

**କାଳିଆପାଣି, ୧୦।୪(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ବନ୍ଧଗାଁ ପଞ୍ଚାୟତର କୋଇଲୋ ଗ୍ରାମରେ ୬୩ତମ ବାଦିପାଲା ଅନୁଷ୍ଠିତ ହୋଇଯାଇଛି। ଆଜି ତୃତୀୟ ତଥା ଅନ୍ତିମ ଦିନରେ ସଫଳତାର ସହ ଶେଷ ହୋଇଯାଇଛି। ତିନି ଦିନ ଧରି ଚାଲିଥିବା ଏହି ପାରମ୍ପରିକ ସାହିତ୍ୟ-ସାଂସ୍କୃତିକ ଉତ୍ସବ ଗ୍ରାମବାସୀଙ୍କ ମଧ୍ୟରେ ବିଶେଷ ଆକର୍ଷଣ ସୃଷ୍ଟି କରିଥିଲା। ଅନୁଷ୍ଠାନର ସଭାପତି ଗୋବର୍ଦ୍ଧନ ପ୍ରଧାନ (ସୁକିନ୍ଦା ବ୍ଲକ ଶିକ୍ଷା ଅଧିକାରୀ) ଓ ସମ୍ପାଦକ ଦିଗାମ୍ବର ମହନ୍ତ (ବାନରଦି ବ୍ଲକର ଏବିଡିଓ)ଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ଏହାସହ ଯୁବ ପାଲା ଗାୟକ ଜଗନ୍ନାଥ ମହାନ୍ତଙ୍କ ସକ୍ରିୟ ଭୂମିକା ଉଲ୍ଲେଖନୀୟ ରହିଥିଲା। ଅନ୍ତିମ ଦିନରେ ପ୍ରସିଦ୍ଧ ପାଲା ଗାୟକ ବାଉରୀବନ୍ଧୁ ସାହୁ (ନିମାପଡ଼ା, ପୁରୀ) ଓ ହୃଦାନନ୍ଦ ବେହେରା (ବାରଙ୍ଗ, କଟକ)ଙ୍କ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ପୁଷ୍ପମାଳ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଗୁରୁ ହାଡ଼ିବନ୍ଧୁ ମହାନ୍ତ, ରୋହିତ ମହାନ୍ତ, ପୂର୍ବତନ ସରପଞ୍ଚ ଖଗେଶ୍ୱର ମହାନ୍ତ, ହୃଷୀକେଶ ପ୍ରଧାନ, ଯୁବ କମିଟି ସଭାପତି ଦିଲ୍ଲୀପ ମହାନ୍ତ ଓ ଅନ୍ୟାନ୍ୟ ଯୁବ ନେତୃବୃନ୍ଦ ସହଯୋଗ କରିଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନୂତନ ଦେୟ କ୍ୟାବିନ୍ ଉଦ୍‌ଘାଟିତ

**ଯାଜପୁର, ୧୦।୪(ସମିସ)**



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ରୋଗୀଙ୍କ ସୁବିଧା ପାଇଁ ନବନିର୍ମିତ ଦେୟ କ୍ୟାବିନ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଯାଜପୁର ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା କାର୍ଯ୍ୟକ୍ରମରେ ଯୋଗ ଦେଇ ଏହାକୁ ଲୋକାର୍ପିତ କରିଛନ୍ତି। ଯାଜପୁର ସହର ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି। ତେଣୁ ରୋଗୀଙ୍କ ଡାକ୍ତରୀ ସେବା ଓ ରୋଗୀଙ୍କ ସୁବିଧା ପାଇଁ ଏଠାରେ ୭ଟି ସିଙ୍ଗଲ କ୍ୟାବିନ ଏବଂ ୩ଟି ଟୁଇନ୍ ଫାସିଲିଟି ପେ-କ୍ୟାବିନ ବା ଦେୟ କ୍ୟାବିନ ବ୍ୟବସ୍ଥା ଆରମ୍ଭ ହୋଇଛି। ପ୍ରତ୍ୟେକ କ୍ୟାବିନ ପିଛା ୧୫୦୦ ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଛି। ପ୍ରତ୍ୟେକ କ୍ୟାବିନ କକ୍ଷରେ ୨ଟି ଶଯ୍ୟା ସହ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା, ଟେଲିଭିଜନ, ଫ୍ୟାନ, ଆଲୋକ ବ୍ୟବସ୍ଥା ସହ ଶୌଚାଳୟ ଆଦି ସୁବିଧା ରହିଛି। ଏହାସହ ପେସେଣ୍ଟ କଲିଂ ସିଷ୍ଟମ ମଧ୍ୟ ସ୍ଥାପନ କରାଯାଇଛି। କ୍ୟାବିନ ପରିସରରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ କର୍ମଚାରୀ ନିୟୋଜିତ ହେବେ। ଉଦ୍‌ଘାଟନ ପରେ ସାଂସଦ କହିଥିଲେ ଯେ ପୂର୍ବରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦେୟ କ୍ୟାବିନ ଉପଲବ୍ଧ ନଥିବା ଯୋଗୁଁ ଅନେକ ଅଭିଯୋଗ ଆସୁଥିଲା। ବର୍ତ୍ତମାନ ନୂତନ କ୍ୟାବିନ ଲୋକାର୍ପିତ ହେବା ପରେ ଏହି ସମସ୍ୟା ଦୂର ହେବ। ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ଉତ୍ତମ ମାନର ସେବା ପାଇପାରିବେ ବୋଲି ସାଂସଦ କହିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର କହିଥିଲେ ଯେ ବିଶେଷ କରି ଆଇସିୟୁରୁ ବାହାରୁଥିବା ରୋଗୀ ଏବଂ ସ୍ୱତନ୍ତ୍ର ଡାକ୍ତରୀ ସେବା ଆବଶ୍ୟକ କରୁଥିବା ରୋଗୀଙ୍କ ପାଇଁ କ୍ୟାବିନର ଡିମାଣ୍ଡ ଥିଲା। ତାହା ଏବେ ପୂରଣ ହେବ। ରୋଗୀଙ୍କ ବୃଦ୍ଧି ସହ ଆଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ପାଇଁ ବ୍ୟବସ୍ଥା କରାଯିବ। ଏହାସହ ଡିସେମ୍ବର ସୁଦ୍ଧା ଜିଲ୍ଲାରେ ଡାଏଲିସିସ ଶଯ୍ୟା ବୃଦ୍ଧି ପାଇଁ ମଧ୍ୟ ଯୋଜନା ରହିଛି ବୋଲି ଜିଲ୍ଲାପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ବିଜୟ କୁମାର ମିଶ୍ର, ମହାରାଜା ଯଯାତି କେଶରୀ ମେଡିକାଲ କଲେଜର ଅଧିକ୍ଷକ ଶ୍ରୀମତୀ ମନୋରମା ସ୍ୱାଇଁ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମା' ଖଣ୍ଡୁରାଇ ବନ ସୁରକ୍ଷା ଗୃହ କାର୍ଯ୍ୟ ନିମ୍ନମାନର



**କାଳିଆପାଣି, ୧୦।୪(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ କଂସ ପଞ୍ଚାୟତର ପାହାଡ଼ ଘେରା ଟିକରପଡ଼ା ଗ୍ରାମରେ ନିର୍ମାଣ ହେଉଥିବା ମା' ଖଣ୍ଡୁରାଇ ବନ ସୁରକ୍ଷା ଗୃହକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରାୟ ୮ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ନିର୍ମାଣ କାମର ଗୁଣମାନ ଅତ୍ୟନ୍ତ ନିମ୍ନମାନର ଥିବା ଅଭିଯୋଗ ଉଠିଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ଗୃହ ନିର୍ମାଣରେ ବ୍ୟବହୃତ ସାମଗ୍ରୀ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ସିମେଣ୍ଟ ଓ ବାଲିର ମିଶ୍ରଣ ଠିକ୍ ଭାବେ କରାଯାଉନଥିବାରୁ ଗୃହର ସ୍ଥାୟୀତ୍ୱ ଉପରେ ଗୁରୁତର ପ୍ରଶ୍ନ ଉଠୁଛି। ଗ୍ରାମବାସୀମାନେ ଏହାକୁ ଦେଖି ଚିନ୍ତିତ ହୋଇପଡ଼ିଛନ୍ତି। ଅଭିଯୋଗ ଅନୁଯାୟୀ, ବିଭାଗୀୟ ଅଧିକାରୀମାନେ ସ୍ଥଳ ପରିଦର୍ଶନ କରିବାକୁ ଆସୁନାହାନ୍ତି, ଯାହାର ଫଳରେ ଠିକାଦାର ମନମୁଖୀ ଭାବେ କାମ କରୁଛନ୍ତି। ନିୟମିତ ତଦାରଖ ଓ ନିରୀକ୍ଷଣର ଅଭାବ ଥିବାରୁ କାର୍ଯ୍ୟରେ ଅନିୟମିତତା ବଢ଼ିବାକୁ ଲାଗିଛି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ସେମାନେ ଏହାକୁ ସରକାରୀ ଅର୍ଥର ଅପବ୍ୟୟ ବୋଲି ମଧ୍ୟ ମନେ କରୁଛନ୍ତି। ଏହା ସମ୍ପର୍କରେ ସୁକିନ୍ଦା ବ୍ଲକର ବିଡିଓଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିବା ବେଳେ ଗ୍ରାମବାସୀ ଶୀଘ୍ର ତଦାରଖ କରି ଯଥୋଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଯଦି ସମୟ ମଧ୍ୟରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯିବ ନାହିଁ, ତେବେ ଏହି ବିଷୟକୁ ଜିଲ୍ଲାପାଳଙ୍କ ନଜରକୁ ଆଣିବା ସହିତ ଉଚ୍ଚସ୍ତରରେ ଅଭିଯୋଗ କରିବେ ବୋଲି ସେମାନେ ସଚେତନ କରିଛନ୍ତି।

## ବାଲିଆ ଡିଗ୍ରୀ କଲେଜରେ ରକ୍ତଦାନ ଶିବିର

**ବରୀ, ୧୦।୪(ସମିସ):** ବରୀ ବ୍ଲକ ଅନ୍ତର୍ଗତ ବାଲିଆ ସ୍ଥିତ ଅଭିମନ୍ୟୁ ସାମନ୍ତସିଂହାର ମହାବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଯୁବ ରେଡକ୍ରସ୍, ଜାତୀୟସେବା ଯୋଜନା, ରୋଭର ଓ ରେଞ୍ଜର ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଦାସ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ପକ୍ଷ କାର୍ଯ୍ୟକ୍ରମର ସଂଯୋଜିକା ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ସୁଧାଂଶୁବାଳା ସ୍ୱାଇଁ ଶିବିରକୁ ସଞ୍ଚାଳନ କରିଥିଲେ। ଏଥିରେ ଓଡ଼ିଶା ରକ୍ତକେନ୍ଦ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର ପକ୍ଷରୁ ଡାକ୍ତର ସବିର ହୁସେନ, ପାର୍ଥସାରଥୀ ପୁହାଣ, ଏଲ୍‌ଟି ଶିବା ସାହୁ, ଡିଏମ୍ ହୃଷୀକେଶ ଜେନା, ନବିନ ଚନ୍ଦ୍ର ଜେନା ଓ ବାଲିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ପରେଶ କୁମାର ମଲିକ ଯୋଗଦେଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଠାରୁ ୩୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ମହାବିଦ୍ୟାଳୟର ଅଧ୍ୟାପିକା ଅନାମିକା ମିଶ୍ର, ସୁଶ୍ରୀ ସଙ୍ଗୀତା ସାମଲ, ନମିତା ସାମଲ, ମଧୁସ୍ମିତା ରାଉତ, ପ୍ରିତି ପଦ୍ମା ନାୟକ, ପୂଜା ପ୍ରିୟଦର୍ଶିନୀ ସାମଲ, ଅଧ୍ୟାପକ ଦାମୋଦର ସାହୁ, ବରଦା ପ୍ରସନ୍ନ ସାହୁ, ହିମାଂଶୁ ଶେଖର ପ୍ରଧାନ, ଅଭିଜିତ ଶତପଥୀ, ପ୍ରବିର ରାୟ, ସୁଶିଲ ଦାସ ଓ ମହାବିଦ୍ୟାଳୟ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଯାଜପୁର ଜିଲ୍ଲାମୁଖ୍ୟ ଚିକିତ୍ସାଳୟର ବ୍ଲଡ଼ ବ୍ୟାଙ୍କର ତତ୍ତ୍ୱାବଧାନରେ ରକ୍ତ ସଂଗୃହିତ ହୋଇଥିଲା।

## ଜାତୀୟ ରାଜପଥ ସମ୍ପ୍ରସାରଣ ଶେଷ କରିବାକୁ ଦାବି



**କବାଟବନ୍ଧ, ୧୦।୪(ସମିସ):** ଚଣ୍ଡିଖୋଲ ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ସମେତ ବିଭିନ୍ନ ସମସ୍ୟାକୁ ନେଇ ଯାଜପୁର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଚେତନ ନାଗରିକ ମଞ୍ଚର ଆବାହକ ସରୋଜକାନ୍ତ ବେହେରା ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାରେ ରହିଥିବା ଜାତୀୟ ରାଜପଥର ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଏହି ଦାବିପତ୍ରରେ ଦର୍ଶାଯାଇଛି। ଏହା ଭିତରେ ୯ଟି ମୁଖ୍ୟ ସମସ୍ୟାକୁ ଅବିଳମ୍ବେ ପୂରଣ କରିବା ପାଇଁ ମଞ୍ଚ ପକ୍ଷରୁ ଆବାହକ ଶ୍ରୀ ବେହେରା ଅନୁରୋଧ କରିଛନ୍ତି। ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଦୀର୍ଘ ବର୍ଷ ହେଲା ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଥିଲେ ମଧ୍ୟ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହେଉନାହିଁ। ମଞ୍ଚ ପକ୍ଷରୁ ବାରମ୍ବାର ଦାବିପତ୍ର ପରେ ମଧ୍ୟ ଏହାର ଆଶାନୁରୂପ ଅଗ୍ରଗତି ହେଉ ନ ଥିବାରୁ ସ୍ଥାନୀୟ ଜନସାଧାରଣ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ବ୍ୟବସାୟୀ ସମେତ ସବୁ ବର୍ଗର ଲୋକଙ୍କୁ ପ୍ରଭାବିତ କରୁଛି। ଦୈନିକ ଗମନାଗମନରେ ବାଧା ସୃଷ୍ଟି କରିବା ସହିତ ଧୂଳି ପ୍ରଦୂଷଣରେ ଲୋକମାନେ ଅସ୍ତବ୍ୟସ୍ତ ହେଉଛନ୍ତି। ଅନେକ ସ୍ଥାନରେ ନିର୍ମାଣ ଜନିତ ତ୍ରୁଟି ଯୋଗୁଁ ଚିରସ୍ଥାୟୀ ଦୁର୍ଘଟଣାର ସମ୍ଭାବନା ସ୍ପଷ୍ଟ ଦେଖାଯାଉଛି। ଏହା ଭିତରେ ପୁରୁଣା ବ୍ରାହ୍ମଣୀ ବ୍ରିଜର ଦୁରାବସ୍ଥା ମଧ୍ୟ ଦେଖା ଦଇଛି। ଗତ ବର୍ଷ ଏହା ଉପରେ ପିଚୁ ମରାମତି ହୋଇଥିଲେ ମଧ୍ୟ ହଜାର ହଜାର ସଂଖ୍ୟାରେ ଭାରୀଯାନ ଚଳାଚଳ ଯୋଗୁଁ ଏହାର ପୂର୍ବାବସ୍ଥା ଦେଖାଦେଇଛି। ପ୍ରାୟ ୬ ମାସ ପୂର୍ବରୁ ଅଲୋକୀକରଣ ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। କେବଳ ସନ୍ଧ୍ୟା ସମୟରେ ଏହି ଲାଇଟ୍ ଜଳାଇ ରାତି ୧୧ଟାରେ ବନ୍ଦ କରି ଦିଆ ଯାଉଛି। ଯାହା ପାଇଁ ବିଳମ୍ବିତ ରାତିରେ ଅନେକ ଦୁର୍ଘଟଣା ଏହି ବ୍ରିଜ ଉପରେ ଘଟୁଛି। ଯାତ୍ରୀଙ୍କ ଠାରୁ ଆରମ୍ଭ କରି ବୁଲା ଗାଇ, ଗୋରୁ, କୁକୁର ଆଦି ପଶୁ ଜନ୍ତୁ ମଧ୍ୟ ଅନ୍ଧାରରେ ଦୁର୍ଘଟଣାର କାରଣ ହେଉଛନ୍ତି। ଏହା ସହିତ ଆବାହକ ଶ୍ରୀ ବେହେରା କଳିଙ୍ଗନଗର ମାନପୁର ବ୍ରିଜ ସମ୍ବନ୍ଧରେ ମଧ୍ୟ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଅମ୍ବର କୁମାର କର ଶିଳ୍ପ ନଗରୀ କଳିଙ୍ଗନଗରକୁ ସଂଯୋଗ କରୁଥିବା ଚଣ୍ଡିଖୋଲ ଡୁବୁରୀ ଜାତୀୟ ରାଜପଥ ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ଏହାର ସମ୍ପ୍ରସାରଣ ଏବଂ ଆଧୁନିକରଣ ଉପରେ ସ୍ୱତନ୍ତ୍ର ଭାବେ ଜିଲ୍ଲା ପ୍ରସାଶନ ଧ୍ୟାନ ରଖିଛି ବୋଲି ପ୍ରକାଶ କରିବା ସହିତ ଜାତୀୟ ରାଜପଥ ଅଧିକାରୀଙ୍କ ସହିତ ଯଥାଶୀଘ୍ର ସମୀକ୍ଷା କରିବାକୁ ମତ ପ୍ରକାଶ କରିଛନ୍ତି।

ଏହା ସହିତ ଆଗାମୀ ୩ ମାସ ଭିତରେ ବହୁ ପ୍ରତୀକ୍ଷିତ ଦ୍ୱିତୀୟ ମାନପୁର ସେତୁ କାର୍ଯ୍ୟ କ୍ରିୟାଶୀଳ ହେବା ସହିତ ପ୍ରଥମ ସେତୁର ଆଲୋକୀକରଣ ହେବା ନେଇ ମଧ୍ୟ ଶ୍ରୀଯୁକ୍ତ କର ପ୍ରକାଶ କରିଥିଲେ। ଏହା ସହିତ କଳିଙ୍ଗନଗର କମନ କରିଡର୍ ସମ୍ପ୍ରସାରଣ ଯଥାଶୀଘ୍ର ଆରମ୍ଭ ହେବ ବୋଲି ଜିଲ୍ଲାପାଳ ଶ୍ରୀ କର କହିଛନ୍ତି। ସଚେତନ ନାଗରିକ ମଞ୍ଚ ପକ୍ଷରୁ ଉପଦେଷ୍ଟା ପଙ୍କଜ ଚରଣ ମଲ୍ଲ ଜିଲ୍ଲାପାଳ ନିଶ୍ଚିତ ଏହି ରାଜପଥ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି।

## କୁହିକାରେ ବିଜେଡିର କର୍ମୀ ସମ୍ମିଳନୀ




**ସୁକିନ୍ଦା, ୧୦।୪(ସମିସ):** କର୍ମୀଙ୍କ ଏକତା ହେଉଛି ଦଳର ସବୁଠୁ ବଡ଼ ଶକ୍ତି ଓ ସେମାନେ ଦଳର ବଡ଼ ସମ୍ପତ୍ତି ବୋଲି ଏକ କର୍ମୀ ସମ୍ମିଳନୀରେ ମତ ପ୍ରକାଶ କରିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ। ସୁକିନ୍ଦା ବ୍ଲକ ଅନ୍ତର୍ଗତ କୁହିକା ପଞ୍ଚାୟତରେ ଅନୁଷ୍ଠିତ ବିଜେଡି କର୍ମୀ ବୈଠକରେ ଯୋଗ ଦେଇ ଶ୍ରୀ ଘଡ଼ାଇ ଏଭଳି ମତ ରଖିଛନ୍ତି। ବିଜୁ ଜନତା ଦଳର ମୂଳ ଭିତ୍ତିକୁ ଅଧିକ ଶକ୍ତିଶାଳୀ କରିବା ସହିତ ଦଳୀୟ ସଂଗଠନକୁ କ୍ରିୟାଶୀଳ କରି ସୁଦୃଢ଼ କରିବା ପାଇଁ ସେ ଉପସ୍ଥିତ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କର୍ମୀ ସମ୍ମିଳନୀରେ ସୁକିନ୍ଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ବ୍ଲକ ବିଜେଡି ସଭାପତି ବିବେକାନନ୍ଦ ବୋଷ, ଏସ୍‌ଆର୍‌ସିକେ ଏମ୍‌ଏସର ସମ୍ପାଦକ ଭରତ ମହାନ୍ତ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତଙ୍କ ସମେତ ଅନେକ ନେତୃ ସ୍ଥାନୀୟ ବ୍ୟକ୍ତି ଓ କର୍ମୀ ଯୋଗ ଦେଇଥିଲେ।

## ଯୋଗ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ବାବା ଗିରଫ

**ସୁକିନ୍ଦା, ୧୦।୪(ସମିସ):** ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ ଯୋଗ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ସୁକିନ୍ଦା ପୁଲିସ ବୈକୁଣ୍ଠ ସାହୁ ନାମକ ଜଣେ ଆତ୍ମ ଘୋଷିତ ବାବାକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ପୂର୍ବରୁ ସେହି ମହିଳାଙ୍କ କିଛି ଆପତ୍ତିଜନକ ଫଟୋ ଭାଇରାଲ କରିବା ଅଭିଯୋଗରେ ପୁଲିସ ଖୋର୍ଦ୍ଧା ଅଞ୍ଚଳର ସୁରେନ୍ଦ୍ର କୁମାର ସୁବୁଦ୍ଧିକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଯୋଗ ଶିକ୍ଷୟିତ୍ରୀଙ୍କ ଫଟୋ ସୁରେନ୍ଦ୍ର ଭାଇରାଲ କରିବା ନେଇ ଗତ ୨୨ ତାରିଖରେ ସୁକିନ୍ଦା ଥାନାରେ ଅଭିଯୋଗ ହୋଇଥିଲା। ଥାନା ଅଧିକାରୀ ରମାକାନ୍ତ ମୁଦୁଲି ଘଟଣାର ତଦନ୍ତ କରିବା ସହ ଏକ ମାମଲା ରୁଜୁ କରି ଏହି ଘୃଣ୍ୟ କାର୍ଯ୍ୟରେ ସମ୍ପୃକ୍ତ ସୁରେନ୍ଦ୍ରକୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବଲାଙ୍ଗିରି ପାଟଣାଗଡ଼ ବାସିନ୍ଦା ବୈକୁଣ୍ଠ ସାହୁ ଫେରାର ହୋଇଯାଇଥିଲା। ସୁକିନ୍ଦା ଥାନା ଅଧିକାରୀ ରମାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ପବିତ୍ର କୁମାର ବେହେରା ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗୁଜୁରାଟରେ ପହଞ୍ଚି ସେଠାରେ ଆତ୍ମଗୋପନ କରିଥିବା ଅଭିଯୁକ୍ତ ବୈକୁଣ୍ଠ ବାବାର ମୋବାଇଲ ଟ୍ରାକ୍ କରି ତାକୁ ଗିରଫ କରି ସୁକିନ୍ଦା ଆଣିବାରେ ସଫଳ ହୋଇଥିଲେ। ଗୁରୁବାର ବୈକୁଣ୍ଠର ଡାକ୍ତରୀ ମାଇନା କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ଆବେଦନ ଖାରଜ ହୋଇଯିବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ମୋବାଇଲ ଲୁଟେରା ଗିରଫ

**କୁଦଳ/ବାଲିଚନ୍ଦ୍ରପୁର, ୧୦।୪(ସମିସ):** ଚଣ୍ଡିଖୋଲ-ପାରାଦୀପ ଏନ୍‌ଏଚ୍ ୫୩ ସମ୍ପ୍ରସାରଣ ହୋଇ ୮ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ହୋଇଛି। ଏହି ରାସ୍ତା ନିର୍ମାଣ ପର ଠାରୁ ଚଣ୍ଡିଖୋଲରୁ ଦୁହୁରିଆ ମଧ୍ୟରେ ପ୍ରାୟ ନିୟମିତ ଭାବେ ମୋବାଇଲ ଲୁଟେରାମାନେ ପଥଚାରୀଙ୍କ ଠାରୁ ମୋବାଇଲ ଲୁଟ କରି ଦ୍ରୁତଗତିରେ ପଳାଇଯାଉଛନ୍ତି। ଏ ନେଇ ବିଭିନ୍ନ ଥାନାରେ ଅଭିଯୋଗ ମଧ୍ୟ ହୋଇଛି। ଗତ ୭ ତାରିଖ ଡେରାବିଶ ଥାନା କୁସୁନପୁର ଅଞ୍ଚଳର ଲିପିକା ପ୍ରିୟଦର୍ଶିନୀ ମହାନ୍ତି ତାଙ୍କର ମୋବାଇଲ ରାସ୍ତାରେ ଚୋରି ହୋଇଯିବା ନେଇ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ ଗତ ସେ ବଡ଼ଚଣା ସ୍କୁଲକୁ ଏକ ଟ୍ରେନିଂ ପାଇଁ ଯାଇ ଫେରୁଥିବା ବେଳେ ଦିବା ୧୧ଟା ସମୟରେ ଏନଏଚ ୫୩ର କଟିକଟା ପୋଲ ନିକଟରେ ଦୁଇ ଜଣ ଅଜଣା ଦୁର୍ବୃତ୍ତ ପଲସର ବାଇକ୍ ଦ୍ରୁତଗତିରେ ଆସି ତାଙ୍କୁ ଅଟକାଇ ତାଙ୍କର ମୋବାଇଲ ଲୁଟିନେଇ ଚମ୍ପଟ ମାରିଥିଲେ। ଏ ନେଇ ପୁଲିସ କେଶ ନଂ ୧୩୧/୨୬ରେ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରିରଖିଥିଲା। ଯାଜପୁର ଟେକ୍ନିକାଲ ଟିମ୍ ଓ ବାଲିଚନ୍ଦ୍ରପୁର ଥାନା ମିଳିତ ଚଢ଼ଉରେ ଚୋରି ମୋବାଇଲ ଗ୍ରହଣ କରିଥିବା ବଡ଼ଚଣା ଥାନା ଶାନ୍ତିପୁର ଅଞ୍ଚଳର ବିଶ୍ୱରଞ୍ଜନ ସାମଲ (୨୧) ଓ ଜେନାପୁର ଥାନା ବରମୁଣ୍ଡାଳି ଗ୍ରାମର ବବୁଲ ଦଳେଇ (୨୧)କୁ ଗିରଫ କରି ତାଙ୍କ ନିକଟରୁ ଚୋରି ହୋଇଥିବା ମୋବାଇଲ ଜବତ କରିଥିଲେ। ବଡ଼ଚଣା ଥାନା ଧାନମଣ୍ଡଳ, ଧର୍ମଶାଳା ଥାନା ପିପିଲିଡିଅ ଅଞ୍ଚଳର ଦୁଇ ଜଣ ନାବାଳକ ମୋବାଇଲ ଲୁଟେରାଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ବିଭିନ୍ନ କମ୍ପାନୀର ୧୬ଟି ଆଣ୍ଡ୍ରଏଡ଼ ମୋବାଇଲ, ଏକ ପଲସର ବାଇକ୍ ପୁଲିସ ଜବତ କରିଥିଲେ। ପୁଲିସ ସେମାନଙ୍କୁ ଆଜି କୋର୍ଟଚାଲାଣ କରିଥିବା ଥାନାଧିକାରୀ ଦିଲ୍ଲିପ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ମାସୁମ ଅଭିଯାନରେ ୪ ଶିଶୁଶ୍ରମିକ ଉଦ୍ଧାର

**ଦାନଗଦି, ୧୦।୪(ସମିସ) :** ଦାନଗଦୀ ବ୍ଲକ ଅନ୍ତର୍ଗତ ଦାନଗଦୀ ବଜାରରୁ ଆଜି ଚାରିଜଣ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସିଭିଲ ସୋସାଇଟ ଫୋରମ ପକ୍ଷରୁ ଆରମ୍ଭ ହୋଇଥିବା 'ମାସୁମ ଅଭିଯାନ'ରେ ଶିଶୁଶ୍ରମିକ ବନ୍ଦ ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି। ଫୋରମର ଆବାହକ ତଥା ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଦାନଗଦୀ ବଜାରରେ ନିଯୋଜିତ ହୋଇଥିବା ଶିଶୁଶ୍ରମିକ ଘଟଣାକୁ ଚାଇଲ୍ଡ ହେଲପ ଲାଇନରେ ଅଭିଯୋଗ କରିଥିଲେ। ଏହାପରେ ଚାଇଲ୍ଡ ହେଲପ ଲାଇନ ଜିଲ୍ଲା ସଂଯୋଜକ ବରେନ୍ଦ୍ର କୃଷ୍ଣ ଦାସ ନେତୃତ୍ୱରେ ଏକ ଥଣ୍ଡା ପାନୀୟ ଦୋକାନ, ଗୁପଚୁପ ଠେଲା, ଗ୍ୟାରେଜ ଓ ଏକ ରାସନ ଦୋକାନରୁ ମୋଟ ଚାରୋଟି ଶିଶୁଶ୍ରମିକ ଉଦ୍ଧାର କରିଥିଲେ। ସେଥିମଧ୍ୟରୁ ସମସ୍ତଙ୍କ ବୟସ ୧୪ ବର୍ଷରୁ କମ୍ ଥିବା ପ୍ରାଥମିକ ସୂତ୍ରରୁ ଜଣାପଡ଼ିଛି। ଆଜିର କାର୍ଯ୍ୟକ୍ରମର ସିଭିଲ ସୋସାଇଟ ଫୋରମର ଆବାହକ ମଣ୍ଟୁ ଦାସ, ବିଜୟ ଦାସ, ଚାଇଲ୍ଡ ହେଲପ ଲାଇନ ସୁପରଭାଇଜର ବର୍ଷା ରାଣୀ ପଣ୍ଡା ଓ ଦାନଗଦୀ ଫାଣ୍ଡି ଥାନାର ପୋଲିସ ଅଧିକାରୀ ସାମିଲ ଥିଲେ। ସୂଚନା ଥାଉକି ପାଞ୍ଚଦିନ ପୂର୍ବରୁ ଚାରିଜଣ ଶିଶୁଶ୍ରମିକଙ୍କୁ ମଧ୍ୟ ଦାନଗଦିରୁ ଉଦ୍ଧାର କରାଯାଇଥିଲା। ଏହି ମାସୁମ ଅଭିଯାନ ଅପ୍ରେଲ ମାସ ୮ ତାରିଖରୁ ଆରମ୍ଭ ହୋଇ ଜୁନ ୧୨ ଯାଏଁ ଚାଲୁରହିବ। ଏହି ସମୟରେ ସୁକିନ୍ଦା, ଦାନଗଦୀ, କୋରେଇ, ରସୁଲପୁର ଓ ଯାଜପୁର ବ୍ଲକରେ ଶିଶୁଶ୍ରମିକ ଚିହ୍ନଟ, ଉଦ୍ଧାର ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଏହାକୁ ସଫଳ କରିବା ପାଇଁ ଉଦ୍ୟମ ଜାରିରହିବ।

## 'ଆସ ବହିଟିଏ କିଣିବା' ଆଲୋଚନାଚକ୍ର

**ବଡଚଣା, ୧୦।୪(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟ ସାଂସ୍କୃତିକ ପରିଷଦ ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ କାର୍ଯ୍ୟକ୍ରମ 'ଆସ ବହିଟିଏ କିଣିବା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ବରାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ମୁଦୁଲି ଯୋଗଦେଇ ଆଜିର ଇଣ୍ଟରନେଟ୍ ଯୁଗରେ ଆଜିବି ପୁସ୍ତକ ପଠନର ଗୁରୁତ୍ୱ ରହିଛି। ପୁସ୍ତକ ଜ୍ଞାନର ଭଣ୍ଡାର, ପୁସ୍ତକ ହେଉଛି ପାଠକ ମାନଙ୍କର ପ୍ରକୃତ ବନ୍ଧୁ। ପୁସ୍ତକର ବିକଳ୍ପ ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଭକ୍ତ ଚରଣ ସାହୁ ଯୋଗଦେଇ ମାଆ, ମାଟି, ମାତୃଭୂମିକୁ ଆଦର କରିବା ସହିତ ଦୁନିଆର ଚଳନ୍ତି ଦେବତା ବାପା ମାଆଙ୍କୁ ସମ୍ମାନ କଲେ ଜୀବନରେ ଭଲ ମଣିଷ ହେବ। ଏବେ ଅର୍ଥ ସର୍ବସ୍ୱ ଜୀବନରେ ଭଲ ମଣିଷର ଅଭାବ ରହିଛି। ପିଲାମାନେ ଏକାଗ୍ରତା ନିର୍ଭୀକତା ଓ କର୍ତ୍ତବ୍ୟ ନିଷ୍ଠ ହେଲେ ସଫଳତା ପାଇ ପାରିବେ ବୋଲି କହିବା ସହିତ ବଡ଼ ମଣିଷ ନ ହୋଇ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସତ୍ୟପ୍ରକାଶ ନାୟକ ଯୋଗଦେଇ ପୁସ୍ତକ ପଠନର ଉପାଦେୟତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ କବିତା ପାଠ, ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅଧ୍ୟାପକ ଡକ୍ଟର ଦୀପକ୍ କୁମାର ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଓଡ଼ିଆ ପକ୍ଷରେ ଲୋକକଳା ଓ କଳାକାରଙ୍କୁ ସମ୍ମାନ



**ଯାଜପୁର, ୧୦।୪(ସମିସ):** ଆଜି ଯାଜପୁର ଜିଲ୍ଲାର ପ୍ରତିଟି ବ୍ଲକରେ ଓଡ଼ିଆ ପକ୍ଷରେ 'ଲୋକକଳା ପାଇଁ ଦିନଟିଏ' ଶୀର୍ଷକରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଓଡ଼ିଶାର ପାରମ୍ପରିକ ଲୋକକଳାକୁ ଉତ୍ସର୍ଗ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଳାକାର, ପ୍ରତିଭାବାନ ସ୍ଥାନୀୟ ଲୋକକଳାକାର ଏବଂ ସମସ୍ତ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତିମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଛି। ଗ୍ରାମାଞ୍ଚଳର ଲୁପ୍ତପ୍ରାୟ ଲୋକକଳାକୁ ପୁନର୍ଜୀବିତ କରିବା ଏବଂ କଳାକାରମାନଙ୍କୁ ଏକ ଉପଯୁକ୍ତ ମଞ୍ଚ ପ୍ରଦାନ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଭବ୍ୟ ଉତ୍ସବ ପାଳନ କରି ସମସ୍ତ ବ୍ଲକ ପ୍ରଶାସନ ପକ୍ଷରୁ ଏହି ଦିନଟିକୁ ସମ୍ପୂର୍ଣ୍ଣ ଭାବେ ଦେଶୀୟ ଲୋକକଳା ଓ ସଂସ୍କୃତି ପ୍ରତି ଉତ୍ସର୍ଗ କରାଯାଇଥିଲା। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ସ୍ୱୀକୃତିପ୍ରାପ୍ତ କଳାକାର ମାନେ ମଧ୍ୟ ଯୋଗ ଦେଇଥିଲେ। ବିଶେଷ କରି ଧର୍ମଶାଳା, ବଡ଼ଚଣା, ଦଶରଥପୁର, କୋରେଇ ଏବଂ ଯାଜପୁର ଭଳି ବ୍ଲକର ଶତାଧିକ କଳାପ୍ରେମୀ ଏହି ଉତ୍ସବରେ ସାମିଲ ହୋଇ ଓଡ଼ିଆ ଭାଷା ଓ ସାହିତ୍ୟର ଗରିମା ବୃଦ୍ଧି କରିଥିଲେ। ଯାଜପୁରର କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏହା ଏକ ପ୍ରଶଂସନୀୟ ପଦକ୍ଷେପ ଭାବେ ବିବେଚିତ ହେଉଛି।

### ତେଜୁଛି ଜୟଚଣ୍ଡୀ ହାଇସ୍କୁଲ କର୍ମଚାରୀଙ୍କ ବିବାଦ

## ଏସ୍‌ଏମ୍‌ଡିସି କମିଟିର ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୁନ

**ମଙ୍ଗଳପୁର, ୧୦।୪(ସମିସ)**

ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ଜୟଚଣ୍ଡୀ ହାଇସ୍କୁଲରେ ପ୍ରାୟ ୩ ମାସ ପୂର୍ବେ ବିଦ୍ୟାଳୟର କିରାଣି ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଶୋକ କୁମାର ବେହେରାଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କାଣ୍ଡିଙ୍କ ସମ୍ମୁଖରେ ପାଟିତୁଣ୍ଡ ହେବା ସହ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲାଫ ଏହି ଘଟଣାକୁ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କାଣ୍ଡି ବିଦ୍ୟାଳୟର ଏସ୍‌ଏମ୍‌ଡିସି କମିଟି ମିଟିଂ ଡକାଇ ବିଦ୍ୟାଳୟ ପରିସରରେ ଆଲୋଚନା କରିଥିଲେ। କମିଟିର ଆଲୋଚନା ଅନୁଯାଇ ଘଟଣା ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ କମିଟି ପକ୍ଷରୁ ଲିଖିତ ଭାବେ ଜଣାଇବା ସହ ଉକ୍ତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏସ୍‌ଏମଡିସି କମିଟି ପକ୍ଷରୁ ଜଣାଯାଇଥିଲା। ସେହିପରି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କାଣ୍ଡି ଦୀର୍ଘଦିନ ଧରି ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ସମୟରେ ବିଦ୍ୟାଳୟ ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅର୍ଥକୁ ସଠିକ ଭାବେ ଖର୍ଚ୍ଚ କରାନଯାଇ ଉକ୍ତ ଅର୍ଥକୁ ବେଆଇନ ଭାବେ ଖର୍ଚ୍ଚ କରାଯିବା ସହ ବହୁ ଅର୍ଥ ହରିଲୁଟ କରାଯାଇ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିବା ସହ ବିଦ୍ୟାଳୟକୁ ଆସିଥିବା ଅର୍ଥ କେଉଁ ଯୋଜନାରେ ଖର୍ଚ୍ଚ କରାଯାଇଛି ହିସାବ ମାଗିଥିଲେ। ଏହି ଘଟଣା ସମ୍ପର୍କରେ ବୁଝିବା ପାଇଁ ଦୁବକଣ ଗ୍ରାମର ଜଣେ ଗ୍ରାମବାସୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କାଣ୍ଡିଙ୍କୁ ପଚାରିବା ସମୟରେ ପ୍ରଧାନ ଶିକ୍ଷକ ଓ ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ସହ ପାଟିତୁଣ୍ଡ ହୋଇଥିଲା। ଯାହାକୁ ନେଇ ପ୍ରଧାନ ଶିକ୍ଷକ ମଙ୍ଗଳପୁର ଥାନାରେ ଏତଲା ଦେବା ପରେ ଯୁବକ ଜଣକ କୋର୍ଟଚାଲାଣ ହୋଇଥିଲେ। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କାଣ୍ଡି ବିଦ୍ୟାଳୟର ଏସ୍‌ଏମଡିସି କମିଟି ସହ କୌଣସି ଆଲୋଚନା ନକରି ନିଜକୁ ଏହି ବିଦ୍ୟାଳୟରେ ଅସୁରକ୍ଷିତ ମଣୁଛନ୍ତି ବୋଲି ଲିଖିତ ଭାବେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କାଣ୍ଡିଙ୍କ ଠାରୁ ଲିଖିତ ଭାବେ ଅଭିଯୋଗ ପାଇବା ପରେ ତାଙ୍କୁ ଦୁବକଣ ଜୟଚଣ୍ଡୀ ହାଇସ୍କୁଲରୁ ବାଘୁଆଶୁଣୀ ହାଇସ୍କୁଲକୁ ୬ ଦିନିଆ ଡେପୁଟେସନ କରିଦେଇଥିବା ବେଳେ କିପରି ବେନିୟମ ଭାବେ ଜଣେ ପ୍ରଧାନଶିକ୍ଷକଙ୍କୁ ୬ ଦିନିଆ ଡେପୁଟେସନରେ ଅନ୍ୟ ବିଦ୍ୟାଳୟକୁ ବଦଳି କଲେ ଏହାକୁ ନେଇ ଏବେ ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ବସ୍ତୁ ସାଜିଛି। ସେହିପରି ପ୍ରଥମେ କିରାଣି ଓ ପିଅନଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା (ଏସ୍‌ଏମ୍‌ଡିସି) କମିଟି ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣା ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଉକ୍ତ ଘଟଣା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ବେଳେ ସମାନ ବିଦ୍ୟାଳୟର ଜଣେ ପ୍ରଧାନ ଶିକ୍ଷକ ଏସ୍‌ଏମଡିସି କମିଟି ଅଜଣାତରେ କରିଥିବା ଅଭିଯୋଗ ଉପରେ ଶିକ୍ଷା ବିଭାଗ ପକ୍ଷରୁ ଏତେ ତରବରିଆ ଭାବେ କୌଣସି ଆଲୋଚନା ନକରି ପ୍ରଧାନ ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟକୁ ଡେପୁଟେସନ କରିବା ପଛରେ କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବେଲପାହାଡ଼ ପୌର କାଉନସିଲ ବୈଠକରେ ଗଣ୍ଡଗୋଳ

# ପାଣ୍ଠି ବିନିଯୋଗକୁ ନେଇ ଅଧ୍ୟକ୍ଷ-ଉପାଧ୍ୟକ୍ଷ ସମର୍ଥକ ମୁହାଁମୁହିଁ

**ଝାରସୁଗୁଡା, ୧୦।୪(ସମିସ)**



ଝାରସୁଗୁଡା ଜିଲ୍ଲା ବେଲପାହାଡ ପୌରପରିଷଦରେ ଶୁକ୍ରବାର କାଉନସିଲ ବୈଠକ ଚାଲିଥିବା ସମୟରେ ଗଣ୍ଡଗୋଳ ହୋଇଛି। ବେଲପାହାଡ଼ ପୌର ପରିଷଦର ନଗରପାଳ ତଥା ଅଧ୍ୟକ୍ଷ ଓ ଉପନଗରପାଳ ତଥା ଉପାଧ୍ୟକ୍ଷଙ୍କ ସମର୍ଥକ କାଉନସିଲରଙ୍କ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ୱାର୍ଡରେ ପୌରପରିଷଦକୁ ଆସୁଥିବା ପାଣ୍ଠି ବିନିଯୋଗ କରାଯାଉଥିବା ଅଭିଯୋଗକୁ ନେଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥଲା। ଉଭୟପକ୍ଷର କାଉନସିଲରଙ୍କ ମଧ୍ୟରେ ବୈଠକରେ ପାଟିତୁଣ୍ଡ ସହ ପରସ୍ପରକୁ ପାଣି ବୋତଲ ଫିଙ୍ଗିଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ନେଇ ବେଲପାହାଡ ନଗରପାଳ ନିମାଇଁ ଚରଣ ପଣ୍ଡା ଓ ତାଙ୍କ ସମର୍ଥିତ ୮ ଜଣ କାଉନସିଲର ଝାରସୁଗୁଡା ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅନୁରୂପ ଭାବରେ ଉପନଗରପାଳ ରୀନା ସୁନାଙ୍କ ସହ ତାଙ୍କ ସମର୍ଥିତ ୧୦ ଜଣ କାଉନସିଲରମାନେ ମଧ୍ୟ ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ପୌରପରିଷଦକୁ ଆସିଥିବା ପାଣ୍ଠି ଏବଂ ଏହାର ବିନିଯୋଗକୁ ନେଇ ପ୍ରଶ୍ନ କରିବା ପରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ଉପନଗରପାଳ ରୀନା ସୁନା ଅଭିଯୋଗ କରିଛନ୍ତି। ବେଲପାହାଡ ପୌରପରିଷଦରେ କିଛି ନିର୍ଦ୍ଦିଷ୍ଟ ୱାର୍ଡରେ ବେଲପାହାଡ଼ ପୌର ପରିଷଦକୁ ଆସୁଥିବା ଅର୍ଥ ବିନିଯୋଗ କରାଯାଇ କାର୍ଯ୍ୟ କରାଯାଉଥିବା ବେଳେ ଅନ୍ୟ ୱାର୍ଡମାନଙ୍କୁ ଜାଣିଶୁଣି ଅବହେଳା କରାଯାଉଥିବା ନେଇ ଉପନଗରପାଳ ରୀନା ସୁନା ଓ ତାଙ୍କ ସାମର୍ଥିତ କାଉନସିଲରଗଣ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ନଗରପାଳ ଏବଂ ତାଙ୍କ ସମର୍ଥିତ କାଉନସିଲରଗଣ ଖଣ୍ଡନ କରିଛନ୍ତି। ବେଲପାହାଡ ପୌରପରିଷଦରେ ହୋଇଥିବା ବିଭିନ୍ନ କାର୍ଯ୍ୟର ବକେୟା ପ୍ରାପ୍ୟ ଠିକାଦାରମାନଙ୍କୁ ପ୍ରଦାନ କରିବାପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ କାଉନସିଲ ବୈଠକରେ ଆଲୋଚନା ଆରମ୍ଭ କରିବାପରେ ଉପନଗରପାଳ ଏବଂ ତାଙ୍କ କାଉନସିଲରମାନେ ପାଟିତୁଣ୍ଡ କରିଥିବା ନେଇ ବେଲପାହାଡ଼ ନଗରପାଳ ଓ ତାଙ୍କ ସମର୍ଥକ କାଉନସିଲରମାନେ ଅଭିଯୋଗ କରିଛନ୍ତି। ଏହାସହ ବେଲପାହାଡ ପୌରପରିଷଦର ସମସ୍ତ ୱାର୍ଡରେ ଉନ୍ନତିମୂଳକ କାର୍ଯ୍ୟ କରାଯାଉଛି ଏବଂ

- ପରସ୍ପର ଉପରକୁ ଫିଙ୍ଗିଲେ ପାଣି ବୋତଲ
- ଉଭୟ ପକ୍ଷ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ସମସ୍ତଙ୍କୁ ସେମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କୋରମ ନିଷ୍ପତ୍ତି ନେଇଥିବା ବେଲପାହାଡ ନଗରପାଳ ସୂଚନା ଦେଇଛନ୍ତି। ବେଲପାହାଡ଼ ପୌର ପରିଷଦର ନିର୍ବାଚିତ ପ୍ରତିନିଧିଙ୍କ କାଉନସିଲ ବୈଠକରେ ଏପରି ଘଟଣା ଅନେକ ଜନସାଧାରଣଙ୍କୁ ବ୍ୟଥିତ କରିଛି। ଜନପ୍ରତିନିଧି ତଥା କାଉନସିଲରମାନଙ୍କୁ ପୌରପରିଷଦର ଉନ୍ନତି ପାଇଁ ନିର୍ବାଚିତ କରାଯାଉଥିବା ବେଳେ କାଉନସିଲ ବୈଠକରେ ଏପରି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଖୋଲିଲା ଜେରିଆଟିକ୍ ୱାର୍ଡ



**ଝାରସୁଗୁଡା, ୧୦।୪(ସମିସ):** ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନଙ୍କୁ ସ୍ୱତନ୍ତ୍ର ଭାବେ ଚିକିତ୍ସା ଯୋଗାଇ ଦେବା ପାଇଁ ଶୁକ୍ରବାର ଏକ ଜେରିଆଟିକ୍ ୱାର୍ଡର ଉଦ୍‌ଘାଟନ କରାଯାଇଛି। ଏହି ଜେରିଆଟ୍ରିକ ୱାର୍ଡ ଉଦଘାଟନ ସମାରୋହରେ ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ ଡା. ମହେଶ ମୋହନ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏମଓ ଏମଏସ ଡାକ୍ତର ଶଶି ଶେଖର ସେଠ, ହସ୍ପିଟାଲ ମ୍ୟାନେଜର ଆତିଶ କୁମାର ସ୍ୱାଇଁ, ଡିପିଏମ ଦୀପକ କୁମାର ମହାନ୍ତି, ସିନିୟର୍ ମେଡିକାଲ ଅଫିସର ଡାକ୍ତର ପି.ସି. ଦଳେଇ, ମେଡିକାଲ ସ୍ପେସିଆଲିଷ୍ଟ ଡାକ୍ତର ବି. ଡି. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜେରିଆଟ୍ରିକ ୱାର୍ଡରେ ୬୫ ବର୍ଷ ରୁ ଊର୍ଦ୍ଧ୍ୱ ବୟସ୍କ ବୃଦ୍ଧବୃଦ୍ଧା ରୋଗୀଙ୍କୁ ରଖାଯାଇ ତାଙ୍କର ସ୍ୱତନ୍ତ୍ର ଚିକିତ୍ସା କରାଯିବ। ୱାର୍ଡରେ ରୋଗୀମାନଙ୍କ ପାଇଁ ଇମ୍ପା ପ୍ରେସ ମସାଜ ମେସିନ, ୱାକିଂ ଷ୍ଟିକ, ଆରାମ ଷ୍ଟାଣ୍ଡ, ସ୍ପେସିଆଲ ଷ୍ଟ୍ରେଚର ଓ ହ୍ୱିଲ ଚେୟାର ଆଦିର ବ୍ୟବସ୍ଥା କରାଯାଇଛି।

## ଗୋସେବକ ସମ୍ମାନିତ



**ଝାରସୁଗୁଡା, ୧୦।୪(ସମିସ):** ଝାରସୁଗୁଡା ଜିଲ୍ଲାର ମରାକୁଟା ଗ୍ରାମରେ ଥିବା ଶିବ ମନ୍ଦିରଠାରେ ବିଜେପି ନେତା ମହେନ୍ଦ୍ର ଗୁରୁଙ୍କ ନେତୃତ୍ୱରେ ଗୋସେବକମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡା ଗ୍ରାମୀଣ ମଣ୍ଡଳ ପ୍ରତିନିଧି ଗଙ୍ଗାଧର କଣ୍ଟା ଯୋଗ ଦେଇଥିଲେ। ମରାକୁଟା ଗ୍ରାମପଞ୍ଚାୟତରେ ଯେଉଁ ଗାଇ, ଗୋରୁଙ୍କ ଦୁର୍ଘଟଣା ହୁଏ ଅଥବା ସେମାନେ ଅସୁବିଧାର ସମ୍ମୁଖୀନ ହୁଅନ୍ତି ଏହି ପଞ୍ଚାୟତରେ ଥିବା ବଜରଙ୍ଗ ଦଳର ଯୁବକମାନେ ସେଠାରେ ପହଞ୍ଚି ସେମାନଙ୍କର ସେବା କରନ୍ତି। ଏଭଳି ସେବା ମନଭାବ ପାଇଁ ଆଜି ଗୋସେବକ ଅମର କୁମାର ସାହୁ, ଗୋଲବଦନ କାଲୋ, ପ୍ରଦୀପ ଅଗ୍ରୱାଲ, ବିଜେପି ଯୁବ ନେତା ରୋଶନ ଗୁରୁ, ବଜରଙ୍ଗ ଦଳର ସଭାପତି ଚୂଡ଼ାମଣି ରୋହିଦାସ, ସମ୍ପାଦକ ମହନ୍ତ ବାଗଙ୍କ ସମେତ ସମସ୍ତ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଅନୁମୋଦନ କମିଟି ବୈଠକ

# ୪ ଗ୍ରାମର ୩୯ ପ୍ରକଳ୍ପ ପାଇଁ ୧.୬୦ କୋଟି ଅନୁମୋଦନ



**ଦେବଗଡ଼, ୧୦।୪(ସମିସ):** ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ନୂତନ ଭାବେ ସାମିଲ ହୋଇଥିବା ଦେବଗଡ଼ ଜିଲ୍ଲାର ୪ ଗୋଟି ଗ୍ରାମର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟଖସଡ଼ା ଅନୁମୋଦନ ପାଇଁ ଜିଲ୍ଲାସ୍ତରୀୟ ଅନୁମୋଦନ କମିଟି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣଙ୍କ ଆବାହକତ୍ୱ ଓ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଯୋଜନାରେ ବାରକୋଟ ବ୍ଲକର ଅକ୍ଷରଶୀଳା, ରାଇତାବାହାଲ ଓ ରିଆମାଳ ବ୍ଲକର ସୁନାରୀପଡ଼ା ଓ ଧରମପୁର ଗ୍ରାମକୁ ନୂତନ ଭାବେ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରତି ଗ୍ରାମ ପାଇଁ ୪୦ଲକ୍ଷ ଲେଖାଏ ଟଙ୍କା ଖର୍ଚ୍ଚ କରାଯାଇ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ପରିଣତ କରାଯିବ। ସର୍ବମୋଟ ୩୯ ଗୋଟି ପ୍ରକଳ୍ପ ପାଇଁ ୧ କୋଟି ୬୦ ଲକ୍ଷ ଟଙ୍କାର ଆକଳନ ଅନୁମୋଦନ କରାଯାଇଛି। ଏହି ବୈଠକରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଧନୁର୍ଜୟ ମହନ୍ତ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ କୁମାର ପଣ୍ଡା, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହା, ବ୍ଲକର ସମସ୍ତ ସହକାରୀ ନିର୍ବାହୀଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସମସ୍ତ ସରପଞ୍ଚ, ଦୁଇ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବିଭାଗର କର୍ମଚାରୀ କଲ୍ୟାଣ କିଶୋର କର, ବ୍ୟୋମକେଶ ଶତପଥି ଏଥିରେ ସହାୟତା କରିଥିଲେ।

## ବେଲପାହାଡ ପୌର ପରିଷଦରେ ଇଓଡବ୍ଲ୍ୟୁର ତଦନ୍ତ

**ଝାରସୁଗୁଡା, ୧୦।୪(ସମିସ):** ଝାରସୁଗୁଡା ଜିଲ୍ଲା ବେଲପାହାଡ ପୌରପରିଷଦରେ ହୋଇଥିବା ଆର୍ଥିକ ହେରଫେରର ତଦନ୍ତ ପାଇଁ ବେଲପାହାଡ ପୌରପରିଷଦ ପହଞ୍ଚିଛି ଅର୍ଥନୈତିକ ଅପରାଧ ଶାଖାର (ଇଓଡ଼ବ୍ଲ୍ୟୁ)ର ୨ ଜଣିଆ ଟିମ। ଇନ୍ସପେକ୍ଟର ହେମନ୍ତ କୁମାର ମାଝୀ ଏବଂ ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟର ସୁରଥ କୁମାର ଦିଗଲ ଏହି ତଦନ୍ତ ଦାୟିତ୍ୱରେ ଆସିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ହୋଇଥିବା କୋଟି କୋଟି ଟଙ୍କା ହେରଫେରର ତଦନ୍ତ ପୁଣିଥରେ ଆରମ୍ଭ କରିଛି ଇଓଡ଼ବ୍ଲ୍ୟୁ ଟିମ। ବେଲପାହାଡ ପୌରପରିଷଦରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦେଖିବାସହ କାଗଜପାତ୍ର ଯାଞ୍ଚ କରିଛି ଟିମ୍। ଏହି ଦୁର୍ନୀତି ମାମଲାରେ ବେଲପାହାଡ଼ ପୌରପରିଷଦ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ, ଆକାଉଣ୍ଟାଣ୍ଟ ବିଭୁତି ସାହୁ, ପୂର୍ବରୁ ଗିରଫ ହୋଇଛନ୍ତି। ୨୦୨୫ ଅଗଷ୍ଟ ମାସରେ ଏହି ଦୁର୍ନୀତିକୁ ନେଇ ୧୫ ଦିନିଆ ସ୍ୱତନ୍ତ୍ର ଅଡିଟ ମଧ୍ୟ କରାଯାଇଥିଲା।

## ‘ଘର ହିଁ ବିଦ୍ୟାଳୟ’ କାର୍ଯ୍ୟକ୍ରମ

**ଦେବଗଡ଼, ୧୦।୪(ସମିସ):** ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଆଜି ଦ୍ୱିତୀୟ ପର୍ଯ୍ୟାୟ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ଶିକ୍ଷା ବିକାଶ ସମିତି ପଶ୍ଚିମ ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ଲୋକନାଥ ମିଶ୍ର ଉପସ୍ଥିତ ଥିବା ବେଳେ ବିଦ୍ୟାଳୟର ଶିଶୁ ବାଟିକା ପ୍ରମୁଖ ମାନସୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୀତା ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମଟି ନୂତନ ୫୦ ଜଣ ଅଭିଭାବକ ଅଭିଭାବିକାଙ୍କ ଦ୍ୱାରା ପ୍ରାୟୋଗିକ ହୋଇଥିଲା। ପରିଶେଷରେ ଗୀତା ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

# ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ



**ଦେବଗଡ଼, ୧୦।୪(ସମିସ):** ଜିଲ୍ଲା କ୍ରୀଡା ସଂଘ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ମୁଖ୍ୟମନ୍ତ୍ରୀ ଟ୍ରଫି ଅନ୍ତଃ କ୍ଲବ୍ ଓ ଅନ୍ତଃ ଜିଲ୍ଲା ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍‌ର ଦ୍ୱିତୀୟ ସଂସ୍କରଣ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ୧୦ ଦିନ ବ୍ୟାପି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବୟସର ବାଳକ ଏବଂ ବାଳିକା ମଧ୍ୟରେ ଫୁଟବଲ୍, ଖୋଖୋ, ଭଲିବଲ୍ ଓ କବାଡି ଖେଳ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ହେମନ୍ତ ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ଜିଲ୍ଲା କ୍ରୀଡ଼ା ସଂସଦ ଉପସଭାପତି ସତ୍ୟନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଫୁଟବଲ୍ ମ୍ୟାଚ୍ ନେତାଜୀ କ୍ଲବ୍ ସୁଗୁଡା ବନାମ ମହାଲକ୍ଷ୍ମୀ କ୍ଲବ୍ କୁରଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ଟି ଅମୀମାଂଶିତ ରହିଥିବା ବେଳେ ଦ୍ୱିତୀୟ ମ୍ୟାଚ ମନୋରମା କ୍ଲବ ଦେବଗଡ଼ ବନାମ ମା’ ମଙ୍ଗଳା କ୍ଲବ୍ ତିଲେଇବଣି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ମନୋରମା କ୍ଲବ ୨-୧ ଗୋଲରେ ମହାଲକ୍ଷ୍ମୀ କ୍ଲବ୍‌କୁ ପରାସ୍ତ କରି ବିଜୟ ହୋଇଥିଲା। ଖେଳଗୁଡିକୁ ସୌରଭ କୁମାର ନାୟକ, ମୁକୁନ୍ଦ ବେହେରା, ଆଲୋକ କୁମାର ବେହେରା, ଚିନ୍ମୟ ସାହୁ, ପ୍ରଜିତ କିସାନ ପରିଚାଳନା କରିଥିବା ବେଳେ ପ୍ରଜିତ କୁମାର ବେହେରା ମ୍ୟାଚ୍ କମିଶନର କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ସହକାରୀ ଜିଲ୍ଲାପାଳ ଈଶ୍ୱର ଗୁରୁ, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ, କ୍ରୀଡ଼ାବିତ୍ ସତ୍ୟନାରାୟଣ ପାଣି, ପ୍ରଭାତ ପ୍ରଧାନ ଓ ମୋ ଭାରତ ଅନୁଷ୍ଠାନର ପ୍ରଦୀପ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

### ଝାରସୁଗୁଡ଼ା ଏଫ୍‌ସି ବିଜୟୀ

**ଝାରସୁଗୁଡ଼ା:** ଝାରସୁଗୁଡା ସହରସ୍ଥ ଓଏସଏପି ମିନି ଷ୍ଟାଡିୟମ ପରିସରରେ ଶୁକ୍ରବାର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ କପ୍ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଯାଇଛି। ଏହି ଉଦ୍‌ଘାଟନୀ ମ୍ୟାଚ୍‌ଟି ୧୪ ବର୍ଷରୁ କମ୍ ବାଳିକା ବର୍ଗରେ କିର୍ମିରା ଏଫ୍‌ସି ବନାମ ଝାରସୁଗୁଡ଼ା ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କ୍ରୀଡା ସଂଘର ଉପ-ସଭାପତି ତଥା ୨ୟ ବାଟାଲିୟନର କମାଣ୍ଡାଣ୍ଟ ପ୍ରସାଦ ତାମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଭାପତି ତାପସ ରାୟ ଚୌଧୁରୀ ଏବଂ ସାଧାରଣ ସମ୍ପାଦକ ବିଜୟ ବେହେରା ଉପସ୍ଥିତ ଥିଲେ। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଝାରସୁଗୁଡ଼ା ଏଫ୍‌ସି ଚମତ୍କାର ପ୍ରଦର୍ଶନ କରି କିର୍ମିରା ଏଫ୍‌ସିକୁ ୨-୦ ଗୋଲ୍‌ରେ ପରାସ୍ତ କରି ବିଜୟ ସହ ଟୁର୍ଣ୍ଣାମେଣ୍ଟ ଅଭିଯାନ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁଶ୍ରୀ ପ୍ରତିଭା ମହାପାତ୍ର, କୈଳାସ ନାୟକ, ବିଜୟ ବକ୍ସି, ପ୍ରଜ୍ୱଳ ପଟେଲ, ସୁଶାନ୍ତ ମାଲି ଏବଂ ପ୍ରଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ୍‌କୁ ଅମିତ କୁମାର ବାଗ, ଶରତ ଚନ୍ଦ୍ର କିଷାନ, ସଞ୍ଜୟ କିଷାନ ଏବଂ ଶୀତଳ ଗୁରୁଙ୍ଗ ପରିଚାଳନା କରିଥିବା ବେଳେ କେ. ଜଗନ୍ନାଥ ରାଓ ମ୍ୟାଚ୍ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଜିଲ୍ଲାର କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି।

## ଅବକାରୀ ଚଢ଼ଉ; ୧୪ ଗିରଫ, ପିକ୍‌ଅପ୍ ଜବତ

ଝାରସୁଗୁଡା, ୧୦।୪(ସମିସ): ଝାରସୁଗୁଡ଼ା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଗତ ଅପ୍ରେଲ ୮ ଓ ୯ ତାରିଖରେ ଚଢ଼ଉ କରାଯାଇ ୧୪ ଗୋଟି ମାମଲାରେ ୧୪ ଜଣ ଅଭିଯୁକ୍ତକୁ ଗିରଫ କରାଯାଇଥିବା ଝାରସୁଗୁଡା ଜିଲ୍ଲା ଅବକାରୀ ଅଧିକ୍ଷକ ଶୁକ୍ରବାର ସୂଚନା ଦେଇଛନ୍ତି। ଏହି ଅବକାରୀ ଚଢ଼ଉରେ ବେଲପାହାଡ, କୋଲାବିରା, ଲଇକେରା, ଝାରସୁଗୁଡା ରେଞ୍ଜ ଓ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା, ଝାରସୁଗୁଡା ତରଫରୁ ୧୦ ଗୋଟି ଜାଗାରେ ଯଥା ପିକୋଲ, କୁଡାଲୋଇ, କେନ୍ଦୁଟିକ୍ରା, ମଧୁପୁର, ସାହସପୁର, ବେହେରାମାଲ, ଓଏମପି, ସାରସମାଲ, କୁଟୁରାଚୁଆଁ ଓ ସରବେର୍ଣ୍ଣା ଆଦି ଗ୍ରାମ ଅଞ୍ଚଳରେ ଅବକାରୀ ଚଢ଼ଉ କରାଯାଇ ସମୁଦାୟ ୫୧ ଲିଟର ଦେଶୀ ମଦ, ୪୦.୮ ଲିଟର ବାହାର ଭାଟି ମଦ ଓ ୧୦.୬୦ ଲିଟର ହାଣ୍ଡିଆ ଜବତ କରାଯାଇଥିବା ନେଇ ସୂଚନା ଦିଆଯାଇଛି। ଏଥିରେ ସମ୍ପୃକ୍ତ ପିକୋଲ ଗ୍ରାମର ଟିକେଶ୍ୱର ମାଝୀ, କୁଡାଲୋଇ ଗ୍ରାମର ସନରତି ହାତୀପଟ୍ଟା, କେନ୍ଦୁଟିକ୍ରା ଗ୍ରାମର ମଳିଆ ମୁଣ୍ଡା ଓ ଧନୀ ମୁଣ୍ଡା, ମଧୁପୁର ଗ୍ରାମର ପବିତ୍ର ବେହେରା, ସାହସପୁର ଗ୍ରାମର ସୀତାରାମ ସନ୍ୟାସୀ, ବେହେରାମାଲ ଗ୍ରାମର ଗନ୍ଧର୍ବ କିସାନ, ଓଏମପି ଅଞ୍ଚଳର ଏଲବିନ ଥାପା ଓ ରଞ୍ଜିତା ରାୟ, ସାରସମାଲ ଗ୍ରାମର ସୁରୁମୁଣ୍ଡା ଓ ଲାଲ ମୁଣ୍ଡା, କୁଟୁରାଚୁଆଁ ଗ୍ରାମର ସୁନିତା ଖଡ଼ିଆ ଓ ସରବେର୍ଣ୍ଣା ଗ୍ରାମର ଲକ୍ଷ୍ମୀ ଓରାମ ଆଦି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହା ବ୍ୟତୀତ ଗଞ୍ଜୁଡ଼ିହି ଗ୍ରାମରେ ଚଢ଼ଉ କରାଯାଇ ପିକ୍‌ଅପ୍ ଭ୍ୟାନ୍ ସହିତ ୨, ୪୪୦ କେଜି ମହୁଲ ଫୁଲ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ହୃଷିକେଶ ସୋହେଲା, ହୃଷିକେଶ ନାଏକ ଓ କ୍ରୀଷ୍ଣା ମୁଣ୍ଡା ପ୍ରମୁଖ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ କମିଶନର ଏବଂ ଝାରସୁଗୁଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଏହି ଅବକାରୀ ଚଢ଼ଉ କରାଯାଇଥିବା ବେଳେ ଆଗାମୀ ଦିନରେ ଆହୁରି ବ୍ୟାପକ କରିବାକୁ ଜିଲ୍ଲା ଅବକାରୀ ଅଧିକ୍ଷକ ସୂଚନା ଦେଇଛନ୍ତି।

## ଡିଏଭିରେ ଅଗ୍ନି ନିରାପତ୍ତା ମକଡ୍ରିଲ

**ଝାରସୁଗୁଡ଼ା, ୧୦।୪(ସମିସ):** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ୮୩ତମ ଜାତୀୟ ଅଗ୍ନି ସେବା ସପ୍ତାହ ପାଳନ ଅବସରରେ ଅଗ୍ନି ନିରାପତ୍ତା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଡିଏଭି ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବିପର୍ଯ୍ୟୟ ମୁକାବିଲାଜନିତ ମକଡ୍ରିଲରେ ଝାରସୁଗୁଡ଼ା ବେଦାନ୍ତ ଅଗ୍ନିଶମ ସେବା ପକ୍ଷରୁ ଅଗ୍ନି ତଥା ସୁରକ୍ଷା ବିଭାଗ ଅଧିକାରୀମାନେ ଡିଏଭି ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ କର୍ମୀମାନଙ୍କୁ ସାମାନ୍ୟରୁ ଗୁରୁତର ଧରଣର ସମସ୍ତ ପ୍ରକାର ଅଗ୍ନିକାଣ୍ଡକୁ ଆୟତ୍ତ କରିବା, ପାଣି ଫେଣ ଓ ଗ୍ୟାସ ଦ୍ୱାରା ଅଗ୍ନି ନିର୍ବାପନ କୌଶଳ, ଅଗ୍ନି ନିର୍ବାପକ ଯନ୍ତ୍ରର ସରଳ ବ୍ୟବହାର ପ୍ରଣାଳୀ, ଆଶୁ ଚିକିତ୍ସା ବ୍ୟବସ୍ଥା, ଆତ୍ମସୁରକ୍ଷା ଓ ସଚେତନତା ସମ୍ବନ୍ଧରେ ପରୀକ୍ଷାମୂଳକ ତାଲିମ ପ୍ରଦାନ କରିଥିଲେ। ବେଦାନ୍ତ ଅଗ୍ନିଶମ ସେବା ସଦସ୍ୟ ତଥା ଫାୟାର ଡେପୁଟି ଇନଚାର୍ଜ କେ.ଆର. ଆଶିଷ, ଫାୟାର ଇନଚାର୍ଜ ପାରସ ମୀନା, ମୟଙ୍କ କାପାର୍କର, ମେଘା ପ୍ରବୀଶ, ଫାୟାର ଅଫିସର ଏସ୍‌କେ. ସାହୁ, ସତ୍ୟ ମିଶ୍ର, ଫାୟାର ଇଞ୍ଜିନିୟର ଅଂଶୁମାନ ପତିଦାର, ଡିସିପିଓ ବବଲୁ କୁମାର ସା ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଟିମ୍ ସଦସ୍ୟ ମକଡ୍ରିଲରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଗ୍ନି ନିର୍ବାପନ ସମ୍ବନ୍ଧୀୟ ନିୟମାବଳୀ, ଆପାତକାଳୀନ ପରିସ୍ଥିତିର ମୁକାବିଲା ଓ ଜରୁରୀକାଳୀନ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ବିଦ୍ୟାଳୟର ବିପର୍ଯ୍ୟୟ ପରିଚାଳନା ସମିତି ବିଭାଗୀୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଦୁଇ ହଜାର ଛାତ୍ରଛାତ୍ରୀ ମକଡ୍ରିଲରେ ସାମିଲ ହୋଇଥିଲେ।

# ସ୍ୱତନ୍ତ୍ର ହ୍ୱାଟ୍ସଆପ୍ ଚାଟ୍‌ବଟ୍ ‘ସହଜ’ ଲୋକାର୍ପିତ

**ଝାରସୁଗୁଡ଼ା, ୧୦।୪(ସମିସ)**






ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଜନସେବା କ୍ଷେତ୍ରରେ ଏକ ଐତିହାସିକ ଅଧ୍ୟାୟ ଯୋଡ଼ିଛି। ସାଧାରଣ ଜନତାଙ୍କ ସମସ୍ୟାର ସରଳ ଓ ଶୀଘ୍ର ସମାଧାନ ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରଚେଷ୍ଟା ଓ ପରିକଳ୍ପନାରେ ସ୍ୱତନ୍ତ୍ର ହ୍ୱାଟ୍ସଆପ୍ ଚାଟ୍‌ବଟ୍ ‘ସହଜ’-ସ୍ୱିଫ୍ଟ ଆକ୍ସେସ ଏବଂ ସହାୟତା ବ୍ୟବସ୍ଥା ଲୋକାର୍ପିତ ହୋଇଯାଇଛି। ଏହାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ସମ୍ବଲପୁର ରାଜସ୍ୱ ବିଭାଗୀୟ କମିଶନର ସଂଗ୍ରାମ କେଶରୀ ମହାପାତ୍ର, ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ, ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ‘ସହଜ’ ଚାଟ୍‌ବଟ୍ ସାଧାରଣ ଲୋକଙ୍କୁ ସଶକ୍ତ କରିବ। ଏହା ଦ୍ୱାରା ପ୍ରଶାସନିକ ବ୍ୟବସ୍ଥା ଅଧିକ ଉତ୍ତରଦାୟୀ ହେବ ଏବଂ ଗରିବ ଲୋକଟିକୁ ନିଜ ସମସ୍ୟା ପାଇଁ ଆଉ ସରକାରୀ ଦପ୍ତରକୁ ବାରମ୍ବାର ଦୌଡ଼ିବାକୁ ପଡ଼ିବ ନାହିଁ। ଜନସାଧାରଣଙ୍କ ସ୍ୱର ଯେତେବେଳେ ପ୍ରଶାସନ ନିକଟରେ ଶୀଘ୍ର ପହଞ୍ଚେ, ସେତେବେଳେ ଗଣତନ୍ତ୍ର ଅଧିକ ମଜବୁତ ହୁଏ। ‘ସହଜ’ ମାଧ୍ୟମରେ ଲୋକେ ଏବେ ସିଧାସଳଖ ଜିଲ୍ଲା ପ୍ରଶାସନ ସହ ଯୋଡ଼ି ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ‘ସହଜ’ର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଏହି ‘ସହଜ’ ଚାଟ୍‌ବଟ୍ ଜନସାଧାରଣ ଏବଂ ପ୍ରଶାସନ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବ। ବିଶେଷ କରି ଦୁର୍ଗମ ଅଞ୍ଚଳର ଲୋକମାନେ ଯେଭଳି ସରକାରୀ ସେବା ପାଇଁ ହଇରାଣ ନହୁଅନ୍ତି, ସେଥିପାଇଁ ଏହାକୁ ଅତି ସରଳ ଭାବେ ପ୍ରସ୍ତୁତ କରାଯାଇଛି। ରାଜସ୍ୱ ବିଭାଗୀୟ କମିଶନର ଶ୍ରୀ ମହାପାତ୍ର ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ଏହି ଅଭିନବ ମଡେଲ୍ ସମଗ୍ର ରାଜ୍ୟ ପାଇଁ ଏକ ଅନୁକରଣୀୟ ଉଦାହରଣ ସାଜିବ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାର ଜଣେ ସାଧାରଣ ବାସିନ୍ଦା ଶତ୍ରୁଘ୍ନ ପାତ୍ରଙ୍କ ଦ୍ୱାରା ପ୍ରଥମେ ଏହି ଚାଟ୍‌ବଟ୍‌ରେ ଅଭିଯୋଗ ପଞ୍ଜିକରଣ କରି ଶୁଭାରମ୍ଭ କରାଯାଇଥିଲା। ଏଥିରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ। ‘ସହଜ’ ଏକ ପ୍ରଯୁକ୍ତିଭିତ୍ତିକ ସେବା। ଯେଉଁଠାରେ ଜିଲ୍ଲାର ଯେକୌଣସି ବ୍ୟକ୍ତି କୌଣସି ଅତିରିକ୍ତ ଆପ୍ ଡାଉନଲୋଡ୍ ନକରି କେବଳ ୱାର୍ଟସ୍‌ଅପ୍ ମାଧ୍ୟମରେ ନିଜର ଅଭିଯୋଗ ପଞ୍ଜିକୃତ କରିପାରିବେ। ଏହା ଦ୍ୱାରା ଅଭିଯୋଗର ସ୍ଥିତି ଜାଣିବା ଏବଂ ସମାଧାନ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ତ୍ୱରାନ୍ୱିତ ହୋଇପାରିବ। ବର୍ତ୍ତମାନ ଜିଲ୍ଲାର ଯେକୌଣସି ନାଗରିକ ନିଜ ମୋବାଇଲ୍‌ରେ ୮୯୯୯୪୭୦୮୨୪ ନମ୍ବରକୁ ସେଭ୍ କରି ସିଧାସଳଖ ୱାର୍ଟସ୍‌ଅପ୍ ମାଧ୍ୟମରେ ନିଜର ସମସ୍ୟା ଜଣାଇପାରିବେ। ଏହି ‘ସହଜ’ ସେବା ୨୪ ଘଣ୍ଟା ଉପଲବ୍ଧ ରହୁଥିବାରୁ ଜନସାଧାରଣ ଯେକୌଣସି ସମୟରେ ନିଜର ଅଭିଯୋଗ ପଞ୍ଜିକୃତ କରିପାରିବେ ବୋଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚାଯାଇଛି।

**ଘରେ ବସି ହ୍ୱାଟ୍ସଆପ୍‌ରେ ଅଭିଯୋଗ ଜଣାଇପାରିବେ ଜିଲ୍ଲାବାସୀ**

## ଆଜିଠୁ ଛଉ ପଡ଼ିଆରେ ଚୈତ୍ର ପର୍ବ

# ସାଂସ୍କୃତିକ ଶୋଭାଯାତ୍ରାରେ ସାମିଲ ହେବେ ୧୧ ଲୋକନୃତ୍ୟ ଦଳ

ବାରିପଦା, ୧୦।୪(ସମିସ)



ମୟୂରଭଞ୍ଜ ଜିଲ୍ଲାର ଗ୍ରାମାଞ୍ଚଳ ସହିତ ବାରିପଦାରେ ବାଜିଲାଣି ଛଉ ବାଦ୍ୟ। କମ୍ପିଲାଣି ଆଖଡ଼ା। ପୂର୍ବଭଳି ଶନିବାର ୧୧ ତାରିଖରୁ ମୟୂରଭଞ୍ଜ ଛଉ ପ୍ରତିଷ୍ଠାନର ଚୈତ୍ର ପର୍ବ-୨୬ ଅନୁଷ୍ଠିତ ହେବ। ଗତଥର ଭଳି ଚୈତ୍ର ପର୍ବକୁ ନୂଆରୂପ ଦେବାକୁ ଯାଇ ଜିଲ୍ଲା ପ୍ରଶାସନ ଏଥର ୩ଦିନ ପରିବର୍ତ୍ତେ ୫ଦିନ ବ୍ୟାପୀ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି। ଏହି ପର୍ବର ସାଂସ୍କୃତିକ ଶୋଭାଯାତ୍ରାରେ ୧୧ଟି ଲୋକନୃତ୍ୟ ଦଳ ସାମିଲ ହେବାକୁ ଥିବାବେଳେ ଓରମାସ ପକ୍ଷରୁ ସମାନ୍ତରାଳ ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ। ଏଥିସହ ରାଜସ୍ଥାନ, ହାଇଦରାବାଦ ଓ ମହାରାଷ୍ଟ୍ର ପାରମ୍ପରିକ ନୃତ୍ୟ ପ୍ରଦର୍ଶିତ ହେବ।

ଜିଲ୍ଲା ସଂସ୍କୃତି ବିଭାଗ ସହଯୋଗରେ ମୟୂରଭଞ୍ଜ ଛଉ ପ୍ରତିଷ୍ଠାନ ପକ୍ଷରୁ ବାରିପଦାର ଐତିହାସିକ ଛଉ ପଡ଼ିଆରେ ପ୍ରତିବର୍ଷ ଏହି ପର୍ବ ତିନିଦିନ ପାଳନ ହୋଇଥାଏ। ଉତ୍ତର ଓ ଦକ୍ଷିଣସାହି ସମେତ ଗ୍ରାମାଞ୍ଚଳ ଛଉ ଦଳ ଅଂଶଗ୍ରହଣ କରିଥା'ନ୍ତି। ଯାତ୍ରା ଘଟ ଓ ନିଶା ଘଟକୁ ନେଇ ଆସୁଥିବା ପାଟଭକ୍ତାମାନେ ଚୈତ୍ରିପର୍ବରେ ସମ୍ବର୍ଦ୍ଧିତ କରାଯିବା ସହିତ ଶ୍ରେଷ୍ଠ ଦଳ ଓ କଳାକାରଙ୍କୁ ସମ୍ବର୍ଦ୍ଧନା କରାଯାଇଥାଏ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ସୂଚନା ଅନୁଯାୟୀ ବିଶ୍ୱ ପ୍ରସିଦ୍ଧ ମୟୂରଭଞ୍ଜ ଛଉ ନୃତ୍ୟର ଚୈତ୍ରପର୍ବ-୨୬ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଛଉ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ୫ଦିନିଆ କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ କରାଯିବ। ଏହାକୁ ନେଇ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ଥିବା ଛଉ ପ୍ରତିଷ୍ଠାନ ଚଳଚଞ୍ଚଳ ହୋଇ ଉଠିଛି। ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ କଳାକାର ଆଖଡ଼ାରେ ଅଭ୍ୟାସ ଜାରି ରଖିଥିବାବେଳେ ଗାଁଗଣ୍ଡାରେ ଛଉ ବାଦ୍ୟ କମ୍ପିବାରେ ଲାଗିଛି। ପୂର୍ବ ଭଳି କାର୍ଯ୍ୟକ୍ରମ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ଉଦଳା ଉପଖଣ୍ଡକୁ ବାଦ ଦେଲେ ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡସ୍ତରୀୟ ପ୍ରତିଯୋଗିତାର ଶ୍ରେଷ୍ଠ ୫ଟି ଗ୍ରାମାଞ୍ଚଳ ଛଉ ଦଳ ଜିଲ୍ଲାସ୍ତରୀୟ ଛଉ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେମାନେ ୧୧ ତାରିଖରେ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ଥିବାବେଳେ ଅପରାହ୍ନରେ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଏକ ବିଶାଳ ସାଂସ୍କୃତିକ ଶୋଭଯାତ୍ରା ବାହାରି ଛଉ ପଡ଼ିଆରେ ପହଞ୍ଚିବ। ରାଜ୍ୟର ୧୧ଟି ଲୋକନୃତ୍ୟ ଦଳ ଏଥିରେ ସାମିଲ ହେବେ। ଏହି ସନ୍ଧ୍ୟାରେ ରାଜସ୍ଥାନର ମଟକି ନୃତ୍ୟ ବିଶେଷ ଆକର୍ଷଣ ରହିବ। ୧୨ ଓ ୧୩ ତାରିଖରେ ଉତ୍ତର ଓ ଦକ୍ଷିଣ ସାହି ଛଉ ନୃତ୍ୟ ଦଳ ପ୍ରତିଯୋଗିତାରେ ଭାଗ ନେବେ। ତତସହିତ ୧୩ ତାରିଖରେ ମହାରାଷ୍ଟ୍ରର କଥକ ଲାଭଣୀ ନୃତ୍ୟଦଳ କଳାକାର ନୃତ୍ୟ ପ୍ରଦର୍ଶନ କରିବେ। ୧୪ ଓ ୧୫ ତାରିଖରେ କଥକ ଓ କଳାହାଣ୍ଡିର କଟପ୍ପା ଦଳର କଳାକାରଙ୍କ ସମେତ ରାଜ୍ୟ ବାହାର ରାଜସ୍ଥାନ ଓ ହାଇଦ୍ରାବାଦ ପାରମ୍ପରିକ ନୃତ୍ୟ ଦଳ ପ୍ରଥମ ଥର ପାଇଁ ଏହି ପର୍ବରେ ପରିବେଷଣ କରିବେ। ୫ ଦିନିଆ ଏହି କାର୍ଯ୍ୟକ୍ରମ ଆଡମ୍ବର ସହକାରେ ପାଳିତ ହେବାକୁ ଥିବାବେଳେ ଦର୍ଶକଙ୍କ ଆମୋଦ ପ୍ରମୋଦ ପାଇଁ କଲେଜ ପଡ଼ିଆରେ ପଲ୍ଲିଶ୍ରୀ ମେଳା ବସିବାକୁ ସ୍ଥିର ହୋଇଛି। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ଅନେକ ଉଠା ଦୋକାନୀ ସେମାନଙ୍କର ପସରା ମେଲାଇବେ। ଚୈତ୍ର ପର୍ବକୁ ଜାତୀୟ ମାନ୍ୟତା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଉଦ୍ୟମ କରୁଛି ବୋଲି ଜିଲ୍ଲାପାଳ ଶ୍ରୀ ସଏ କହିଛନ୍ତି। ଏ ନେଇ ଛଉ କଳାକାର ଓ ଦର୍ଶକଙ୍କ ମନରେ ଖୁସିର ଲହରି ଖେଳିଯାଇଛି।

- ବାଜିଲାଣି ଛଉ ବାଦ୍ୟ, କମ୍ପୁଛି ଆଖଡ଼ା
- ରାଜସ୍ଥାନ, ହାଇଦରାବାଦ ଓ ମହାରାଷ୍ଟ୍ର ପାରମ୍ପରିକ ନୃତ୍ୟ ପ୍ରଦର୍ଶିତ ହେବ
- ଓରମାସ୍ ପକ୍ଷରୁ ସମାନ୍ତରାଳ ପଲ୍ଲୀଶ୍ରୀ ମେଳା

## 'ନୂତନ ଶିକ୍ଷା ନୀତି ଓ ଦକ୍ଷତା ବିକାଶ' ଶୀର୍ଷକ ଆଲୋଚନାଚକ୍ର



**ବାରିପଦା, ୧୦।୪(ସମିସ):** ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଶିକ୍ଷା ବିଭାଗ ଦ୍ୱାରା 'ନୂତନ ଶିକ୍ଷା ନୀତି ଓ ଦକ୍ଷତା ବିକାଶ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଶିକ୍ଷାନୁରାଗୀ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗ ମୁଖ୍ୟ ସୁଜାତା ପାଲ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବୋର୍ଡ ଅଫ ଷ୍ଟଡିଜ ସଦସ୍ୟ ଓ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ ପୁଷ୍ପରାଣୀ ପାତ୍ର ଯୋଗଦେଇ ନୂତନ ଶିକ୍ଷା ନୀତିର ଲକ୍ଷ୍ୟ ଓ ତାହାର ପ୍ରୟୋଗିୟତା ଉପରେ ଗଭୀର ଆଲୋକପାତ କରିଥିଲେ। ସେ କହିଥିଲେ, ନୂତନ ଶିକ୍ଷା ନୀତି ଛାତ୍ରଛାତ୍ରୀଙ୍କ ମନୋଭାବ, ସୃଜନଶୀଳତା ଓ ଦକ୍ଷତାକୁ ଉନ୍ନତ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ରାଇରଙ୍ଗପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ସୁନୀଲ କୁମାର ଜେନା ଦକ୍ଷତା ବିକାଶର ଆବଶ୍ୟକତା ଓ ତାହାର ଆଧୁନିକ ଶିକ୍ଷାରେ ଭୂମିକା ବିଷୟରେ ବ୍ୟାପକ ଭାବେ ଅଲୋଚନା କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ, ଚାକିରିମୁଖୀ ଶିକ୍ଷା ଓ ପ୍ରାୟୋଗିକ ଦକ୍ଷତା ଉନ୍ନୟନ ଆଜିର ଯୁଗରେ ଅତ୍ୟନ୍ତ ଆବଶ୍ୟକ। ଏ ଅବସରରେ ଅଧ୍ୟାପିକା ସସ୍ମିତା ସି ନିଜର ସନ୍ଦର୍ଭ ଉପସ୍ଥାପନ କରିଥିବାବେଳେ ଶିକ୍ଷା ନୀତି ସହ ଦକ୍ଷତା ଆଧାରିତ ଶିକ୍ଷାର ସମ୍ବନ୍ଧ ଉପରେ ଗଭୀର ବିଶ୍ଳେଷଣ କରିଥିଲେ। ଅଧ୍ୟାପିକା ସସ୍ମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଡିଏସ୍ ଡିଗ୍ରୀ କଲେଜ ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର




**ଉଦଳା, ୧୦।୪(ସମିସ):** ଉଦଳା ବ୍ଲକ କୁଣ୍ଡାବାଇସ୍ଥ ଆରଡିଏସ୍ ଡିଗ୍ରୀ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ 'ସେମିକଣ୍ଡକ୍ଟର ଆଣ୍ଡ ଇଲେକ୍ଟ୍ରୋନିକ୍ସ ମାଟେରିଆଲସ୍' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ତଥା ବିଷୟ ବିଶାରଦ ଭାବେ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ଅଶ୍ୱିନୀ ରଞ୍ଜନ ମିଶ୍ର ଯୋଗଦେଇ ଆଲୋଚନାର ବିଷୟବସ୍ତୁର ଆବଶ୍ୟକତାଠାରୁ ଆରମ୍ଭ କରି ତା'ର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ସୁଧାଂଶୁ ଶେଖର ଦାସମଙ୍ଗରାଜ ଯୋଗ ଦେଇଥିବାବେଳେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ସସ୍ମିତା ସାହୁ ଆଲୋଚ୍ୟ ବିଷୟବସ୍ତୁ ଉପରେ ବିଷୟରେ ଆଲୋକପାତ କରିଥିବାବେଳେ ବିଭାଗୀୟ ଅଧ୍ୟାପକ ଜ୍ୟୋତିପ୍ରକାଶ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗର ଡେମୋନଷ୍ଟ୍ରେଟର ବିଜୟ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ବିଭାଗର ଜୁବଲି ଯୁବିତା ନାଏକ, ଲଳିତ ଭଞ୍ଜବାବୁ, ଶୁଭଲକ୍ଷ୍ମୀ ସିଂ, ହେମାମାଳିନୀ ସିଂ, ସତ୍ୟପ୍ରକାଶ ବେହେରା, ବିଶ୍ୱଜିତ୍ ଦାଶ ପ୍ରମୁଖ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ।

## ବାରିପଦା ଡିଗ୍ରୀ କଲେଜରେ ରକ୍ତଦାନ ଶିବିର



**ବାରିପଦା, ୧୦।୪(ସମିସ):** ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରବୋଧ କୁମାର ଦେ ଓ ବାରିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ କୁମାର ଷଡ଼ଙ୍ଗୀ ଶିବିରକୁ ଉଦଘାଟନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ସହାୟତାରେ ମହାବିଦ୍ୟାଳୟର ଗଣିତ ଅଧ୍ୟାପକ ସୁଜିତ ଚନ୍ଦ୍ର ନାୟକ, ମହାବିଦ୍ୟାଳୟର ପୂର୍ବତନ ଛାତ୍ର ଶୁଭେନ୍ଦୁ କୁମାର ବେଜ ଓ ଛାତ୍ରଛାତ୍ରୀଙ୍କଠାରୁ ୬୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଉକ୍ତ ଶିବିରକୁ ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ କୁମାର ବେହେରା, ଜ୍ୟୋସ୍ନାରାଣୀ ଦତ୍ତ, ଯୁବ ରେଡକ୍ରସର ସଞ୍ଜୀବ କୁମାର ପରିଚାଳନା କରିଥିବାବେଳେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସହାୟତା କରିଥିଲେ।

## ମହୁଲଡିହା ଥାନା ପକ୍ଷରୁ ଗାଡ଼ି ଯାଞ୍ଚ

**ମହୁଲଡିହା, ୧୦।୪(ସମିସ):** ମହୁଲଡିହା ଥାନା ପୁଲିସ ପକ୍ଷରୁ ଗତକାଲି ସନ୍ଧ୍ୟାରେ ଠାକୁରମୁଣ୍ଡା-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ଚିଆଁବେଡା ଛକରେ ଗାଡ଼ି ଯାଞ୍ଚ ହୋଇଥିଲା। ଏ ସମୟରେ ମଦପିଇ ବାଇକ ଚଳାଉଥିବା ୩ଟି ସ୍କୁଟି ଓ ୨ଟି ବାଇକର ଚାଳକ ନିଶାରେ ଟୁଙ୍ଗା ଫୁଙ୍କି ପାରିନଥିଲେ। ଫଳରେ ୩ଟି ସ୍କୁଟି ଓ ୨ଟି ବାଇକ୍‌କୁ ଜବତ କରାଯାଇ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ତୁଷାର ନାୟକ ସୂଚନା ଦେଇଛନ୍ତି।

## ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସିଟିସ୍କାନ ସେଣ୍ଟରକୁ ଚେୟାର ପ୍ରଦାନ



**ବାରିପଦା, ୧୦।୪(ସମିସ):** ବାରିପଦା ପିଆରଏମ ମେଡିକାଲର ସିଟିସ୍କାନ କେନ୍ଦ୍ରକୁ ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାସ୍ତବ ପରିବାର ପକ୍ଷରୁ ୨ଟି ଚେୟାର ପ୍ରଦାନ କରାଯାଇଛି। ବାସ୍ତବ ପରିବାରର ବରିଷ୍ଠ ସଦସ୍ୟ ନନ୍ଦଲାଲ ମିଶ୍ରଙ୍କ ଜ୍ୟେଷ୍ଠପୁତ୍ର ସ୍ୱର୍ଗତ ସୁନନ୍ଦନ ମିଶ୍ରଙ୍କ ସ୍ମୃତିରେ ଏହି ଦାନ କରାଯାଇଛି। ଏ ନେଇ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହସ୍ପିଟାଲର ଅଧୀକ୍ଷକ ଡାକ୍ତର ଶଶୀକାନ୍ତ ସେଠୀ ଯୋଗଦେଇ ଏଭଳି ଜନହିତକର କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସୁବାସ ନାୟକ, ଡାକ୍ତରଖାନା ପରିଚାଳକ ଡାକ୍ତର ଶ୍ରୀରାମ ମହାନ୍ତି, ସମାଜସେବୀ ଅମର ସେଠୀଙ୍କ ଉପସ୍ଥିତିରେ ଅନୁଷ୍ଠାନର କର୍ମକର୍ତ୍ତା ଚେୟାରଗୁଡ଼ିକୁ ଡାକ୍ତରଖାନାକୁ ପ୍ରଦାନ କରିଥିଲେ। ବାସ୍ତବ ପରିବାରର ସଭାପତି ଶାନ୍ତନୁ ପାଢ଼ୀ, ସମ୍ପାଦକ ଅରୁଣ ପାତ୍ର, ଉପସଭାପତି ଜୟନ୍ତ ସେନାପତି, ସହସମ୍ପାଦକ ଚକ୍ରଧର ମହାପାତ୍ର, ପ୍ରଦୀପ ପାଣିଗ୍ରାହୀ, ପ୍ରଦୀପ କିଶୋର ମହାନ୍ତି, ତପନ ପଟ୍ଟନାୟକ, ମାନସ ରଞ୍ଜନ ଦାଶ, ସର୍ବତୋସ ଦାସ, ବିନୋଦ ସାହୁ, ଅମର ଶାହା, ଅଶ୍ୱିନୀ ବ୍ରହ୍ମା, ଚିତ୍ତରଞ୍ଜନ ସାହୁ, ବଳରାମ ଭଦ୍ର, ସଞ୍ଜୀବ ପଟ୍ଟନାୟକ, ମନୋରଞ୍ଜନ ପଟ୍ଟନାୟକ, କାମିନୀ ମାଳାକାର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିସ୍ୱାର୍ଥ ପକ୍ଷରୁ ଦୃଷ୍ଟିବାଧିତ ବିଦ୍ୟାଳୟରେ ବିଛଣା, ଚାଦର ବଣ୍ଟନ



**ବାରିପଦା, ୧୦।୪(ସମିସ):** ବାରିପଦା ନିସ୍ୱାର୍ଥ ସେବା ଅନୁଷ୍ଠାନ ଆନୁକୂଲ୍ୟରେ ଲକ୍ଷ୍ମୀପୋଷିସ୍ଥ ଦୃଷ୍ଟିବାଧିତ ଓ ମୁକବଧିର ଆବାସିକ ବିଦ୍ୟାଳୟର ୭୦ ଜଣ ଛାତ୍ରଛାତ୍ରୀଙ୍କୁ ବିଛଣା, ଚାଦର ଓ ଶୁଷ୍କ ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ପରେ ମୁକବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦାସ, ଦୃଷ୍ଟିବାଧିତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦନ ଦାସ, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ତ୍ରିପାଠୀ, ନିସ୍ୱାର୍ଥ ସେବା ଅନୁଷ୍ଠାନର ପରିଚାଳକ ଦେବାଶିଷ କୁମାର ଦାସ, ସନ୍ଦୀପ କୁମାର ଚାନ୍ଦ ଓ ପ୍ରଣବ କିଶୋର ମହାପାତ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ, ନିସ୍ୱାର୍ଥ ଅନୁଷ୍ଠାନର ଜଗନ୍ନାଥ ମିଶ୍ର, ମଳୟ କୁମାର ଦ୍ୱାରି, ଅନନ୍ତ କୃଷ୍ଣ ବେହେରା, ହରିଶ ଚନ୍ଦ୍ର ଦ୍ୱାରୀ, ପ୍ରଭାସ ଚନ୍ଦ୍ର ବେହେରା, ତିମିର କୁମାର ଘୋଷ ଓ ସୁଦୀପ୍ତ ବସୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଉଦଳା ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ଉଦଳା, ୧୦।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଉଦଳା ଏନଏସି କ୍ଲଷ୍ଟରର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ବିନ୍ଧାଣିଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। କାଉନସିଲର ଉର୍ମିଳା ନାୟକଙ୍କ ସମେତ ବହୁ ଅଭିଭାବକ ଯୋଗ ଦେଇଥିଲେ। ନୂଆକରି ପ୍ରବେଶ କରିଥିବା ପିଲାଙ୍କୁ ଫୁଲଚନ୍ଦନ ଦିଆଯାଇ ସ୍ୱାଗତ କରି ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହୋଇଥିଲା। ଶିକ୍ଷା ସଚେତନ ରଥକୁ ସିଆରସିସି ଗୌରକିଶୋର ବିନ୍ଧାଣି, ଶିକ୍ଷକ ସତ୍ୟେନ୍ଦୁ ଜେନା, ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଜାତା ପଣ୍ଡା, କବିତା ନାୟକ, ଆଦ୍ୟାଶା ଦାସ, ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ସ୍ୱାଗତ କରିଥିଲେ।




## ନାଗପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଗୋପବନ୍ଧୁନଗର/ଉଦଳା, ୧୦।୪(ସମିସ):** ଉଦଳା ଏନ୍‌ଏସି ଅନ୍ତର୍ଗତ ୱାର୍ଡ଼ନଂ ୨ସ୍ଥ ନାଗପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପୁଷ୍ପଲତା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ତଥା ସର୍ବପୁରାତନ ଛାତ୍ରୀ ଶ୍ରୀମତୀ ସଂଯୁକ୍ତା ଏଚ୍ଛପଥୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୌରକିଶୋର ବିନ୍ଧାଣୀ ସଭାପତିତ୍ୱ କରିଥିଲେ। ନଗରପାଳ ପ୍ରମିଳା ପଣ୍ଡା ଓ ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ କୁମାର ମିଶ୍ର ମୁଖ୍ୟବକ୍ତା ଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଆମ ଦେଶର ଶିକ୍ଷା ଓ ଦର୍ଶନ କିପରି ସମଗ୍ର ବିଶ୍ୱବାସୀଙ୍କୁ ନୂଆ ଏକ ଦୁନିଆର ଆଲୋକ ଦେଖାଉଛି ଓ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ ଗଠନ ପାଇଁ ଶୃଙ୍ଖଳା ଏକାନ୍ତ ଆବଶ୍ୟକ ବୋଲି ମତ ରଖିଥିଲେ। ଅନ୍ୟମାନଙ୍କ ୨ ଓ ୩ ନମ୍ବର ୱାର୍ଡ କାଉନସିଲର ଶରତ ଚନ୍ଦ୍ର ଦାସ ଓ ବିଶ୍ୱରଞ୍ଜନ ମୋଦି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ବାରିକ, ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନତୀ ମଞ୍ଜରୀ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ଶତପଥୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ମତଗଜ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ୧୯୭୨ରେ ସ୍ଥାପିତ ହୋଇଥିବା ନାଗପାଳ ବିଦ୍ୟାଳୟ କିପରି ଆଜି ୫୪ ବର୍ଷରେ ପଦାର୍ପଣ କରି ଉଚ୍ଚପ୍ରାଥମିକ ବିଦ୍ୟାଳୟର ରୂପ ନେଇଛି ଏହାର ବିସ୍ତୃତ ଭାବେ କହିଥିଲେ। ସହକାରୀ ଶିକ୍ଷୟିତ୍ରୀ ପଦ୍ମଜା ରାଉତ, ଭାରତୀ ବେହେରା, ସଂଯୁକ୍ତା ନାଏକ, ସ୍ନେହଲତା ମହଲା ଓ କ୍ରୀଡ଼ା ଶିକ୍ଷୟିତ୍ରୀ ପ୍ରିୟଙ୍କା ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର




**ରାଇରଙ୍ଗପୁର, ୧୦।୪(ସମିସ):** ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ସଭାଗୃହରେ ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ନ୍ୟୁଟ୍ରିସନାଲ ବେନିଫିଟ୍ସ ଅଫ୍ ମିଲେଟ ଇନ ଡେଲି ଡାଏଟ୍ ଶୀର୍ଷକ ଏକ ସେମିନାର ଆୟୋଜିତ ହୋଇଯାଇଛି। ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ଅଧ୍ୟାପିକା ତିଲୋତ୍ତମା ଷଡ଼ଙ୍ଗୀଙ୍କ ଜଗନ୍ନାଥ ବନ୍ଦନା ମଧ୍ୟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅଧ୍ୟକ୍ଷ ରବି ଶଙ୍କର ଶତପଥୀ ସଭାପତିତ୍ୱ କରିବା ସହିତ ମାଣ୍ଡିଆର ପୌଷ୍ଟିକ ଗୁଣ ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ଗୃହ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ଶୁଭଦର୍ଶିନୀ ମିଶ୍ର ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ ସହିତ କାର୍ଯ୍ୟକ୍ରମ ସଂଯୋଜନା କରି ମାଣ୍ଡିଆର ଦୈନନ୍ଦିନ ବ୍ୟବହାର ଉପରେ ତଥ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ମୁଖ୍ୟଅତିଥି ପୂର୍ବତନ ଅଧ୍ୟକ୍ଷ ଡ ପ୍ରଦୀପ କୁମାର ମିଶ୍ର, ମାଣ୍ଡିଆ ଶସ୍ୟ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ବ୍ୟବହାର ଉପରେ ତଥ୍ୟଭିତ୍ତିକ ଉପସ୍ଥାପନ କରିଥିଲେ। ରିସୋର୍ସ ପର୍ସନ ବରିଷ୍ଠ ଅଧ୍ୟାପିକା ରାଜଶ୍ରୀ ଦାଶ ମାଣ୍ଡିଆର ପୌଷ୍ଟିକ ଉପଯୋଗ ଉପରେ ଆୟୋଜିତ ଆଲୋଚନାଚକ୍ରର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ କହିଥିଲେ। ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ପଟ୍ଟନାୟକ, ମାଣ୍ଡିଆ ବିଭିନ୍ନ ଉପଯୋଗିତା ଉପରେ ଆଲୋଚନା କରିବା ପରେ ବ୍ୟାଙ୍କ, ସାମ୍ବାଦିକତା ଓ ଆଇନସେବା ଆଦିକୁ ବୃତ୍ତି ଭାବେ ଗ୍ରହଣ କରିବା ସମ୍ପର୍କରେ ଛାତ୍ରୀମାନଙ୍କୁ କ୍ୟାରିୟର କାଉନସେଲିଂ କରିଥିଲେ। ଛାତ୍ରୀ ବର୍ଷା ହେହେରା, ମୀନା ମୁଣ୍ଡା, ପୁନମ ହେମ୍ବ୍ରମ, ବାଳେମଣି ହାଁସଦା ଓ ସନ୍ତୋଷିଣୀ ଗିରି ସେମିନାର ଶୀର୍ଷକ ଉପରେ ସନ୍ଦର୍ଭ ପାଠ କରିଥିଲେ। ଏ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତି ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ତିଲୋତ୍ତମା ଷଡ଼ଙ୍ଗୀ, ରେଣୁକା ମହାନ୍ତ, ଅନୀତା ସାମାଡ, ବିଦ୍ୟାବତୀ ବେହେରା ଓ ଗୁଞ୍ଜନ କାନ୍ଧାୱେ, ଅଧ୍ୟାପକ ଜିତେନ୍ଦ୍ର ବେହେରା ଓ ଉପେନ୍ଦ୍ର ଗିରି ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଅଧ୍ୟାପିକା ସେବତୀ ବେହିରା ଧନ୍ୟବାଦ ଅର୍ପଣ କରିଥିଲେ।

## ମାଦଳ ମହୁରୀ ଉତ୍ସବ ଉଦ୍‌ଯାପିତ

# ଶେଷ ସନ୍ଧ୍ୟାରେ ନାଟକ 'ମରୀଚିକାର ଛାଇ' ମଞ୍ଚସ୍ଥ





ବାରିପଦା, ୧୦।୪(ସମିସ)

ସ୍ଥାନୀୟ ସହିଦ ସ୍ମୃତି ଭବନରେ ଦୁର୍ଯ୍ୟ-ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ମାଦଳ ମହୁରୀ ଉତ୍ସବ-୨୦୨୬ ଉଦଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ କ୍ଷୀରୋଦ ସିଟଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ମରୀଚିକାର ଛାଇ' ମଞ୍ଚସ୍ଥ ହୋଇଛି। ଏହି ନାଟକରେ କାକୋଲୀ ନନ୍ଦି ଓ କ୍ରିଷ୍ଣା ଦାସଙ୍କ ଅଭିନୟ ଦର୍ଶକଙ୍କୁ ସ୍ତବ୍ଧ କରିଥିଲା। ନାଟକ ପ୍ରାରମ୍ଭରେ ପରିଷଦର ମୁଖ୍ୟ ସଂଯୋଜକ କ୍ଷୀରୋଦ ବିହାରୀ ସିଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ବିଶିଷ୍ଟ ନାଟ୍ୟକାର ହରିଶ ଚନ୍ଦ୍ର ବେହେରା, ପ୍ରାକ୍ତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର, ଝରଣା ବେହେରା, ଅଭିନେତା ନିର୍ଦ୍ଦେଶକ ଅନ୍ନଦା ଶଙ୍କର ଦାଶ, ରାଜେଶ ଦାଶ ଓ ଗୋକୁଳ ଚନ୍ଦ୍ର ଦାସ, ଶିଶୁ ନାଟ୍ୟକାର ଇଂ ମନୋଜ କୁମାର ଦଳବେହେରା, ଗୀତିକାର, ପ୍ରାକ୍ତନ ଅଧ୍ୟକ୍ଷ ସୁନୀଲ କୁମାର ଜେନା ଓ ରବି ଚାଉପଟ୍ଟନାୟକ ପ୍ରମୁଖ ଯୋଗଦେଇ ମାଦଳ ମହୁରୀ ଉତ୍ସବର ପରିକଳ୍ପନା ପାଇଁ ଆୟୋଜକଙ୍କୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହାର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ଏ ଅବସରରେ ନାଟକ କ୍ଷେତ୍ରରେ ଅବଦାନ ପାଇଁ ବିଶିଷ୍ଟ ନାଟ୍ୟକାର ହରିଶ ଚନ୍ଦ୍ର ବେହେରା, ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ସୁଧାମୟୀ ଦାସ ଓ କାବେରୀ ମିଶ୍ରଙ୍କୁ ଶ୍ରୀକାନ୍ତ ଦେ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କୁନି ଓଡ଼ିଶୀ କଳାକାର ନୟନିକା ମହାନ୍ତିଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରି ଉତ୍ସାହିତ କରାଯାଇଥିଲା। ସୋମନାଥ ସିଂହ ଓ ଗୌରବ ସିଟ ମଞ୍ଚ ପରିଚାଳନା କରିଥିଲେ। ମା' ତୁଳସୀ କୁଡ଼ମାଲୀ ନୃତ୍ୟ ଦଳର ଝୁମର ନୃତ୍ୟ ମଧ୍ୟରେ ଅନିରୁଦ୍ଧ ଜେନାଙ୍କ ତରଫରୁ ଟ୍ରଫି ଓ ଅନୁଷ୍ଠାନ ତରଫରୁ ପ୍ରମାଣପତ୍ର ସୌଖିନ କଳାକାର କ୍ଲବର ସମ୍ପାଦକ ଅନିଲ କୁମାର ପ୍ରଧାନ ଓ ଦୁର୍ଯ୍ୟ ସାହିତ୍ୟ ସାଂସ୍କୃତିକ ପରିଷଦର ଉପସଭାପତି ସବିତା ସିଟଙ୍କ ହାତରେ ସମସ୍ତ ନାଟକର ନିର୍ଦ୍ଦେଶକ ଓ କଳାକାରଙ୍କୁ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଆୟୋଜକ ଶ୍ରୀ ସିଟ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଣି ଟ୍ରାନ୍ସଫର୍ମର କୋର ଓ କଏଲ ଚୋରି

**ରାଇରଙ୍ଗପୁର, ୧୦।୪ (ସମିସ):** ବାମନଘାଟି ଉପଖଣ୍ଡରେ ପୁଣି ଟ୍ରାନ୍ସଫର୍ମର କୋର ଓ କଏଲ ଚୋରି ହୋଇଛି। ଏ ନେଇ ଟାଟା ପାୱାର କୁସୁମୀ ବିଦ୍ୟୁତ ସେକ୍ସନ ପରିଚାଳକ ପ୍ରମୋଦ କୁମାର ଦାସ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ଗୋଡ଼ସାହି ଗ୍ରାମାଞ୍ଚଳରେ ବିଦ୍ୟୁତ ସମସ୍ୟା ହେବାରୁ ଲାଇନମ୍ୟାନ ଯାଞ୍ଚ କରିଥିଲେ। ତେବେ ଟ୍ରାନ୍ସଫର୍ମର ମଧ୍ୟରୁ କୋର ଓ କଏଲ ଚୋରି ହୋଇଥିବା ଦେଖିଥିଲେ। ଏହାର ଆନୁମାନିକ ମୂଲ୍ୟ ୮୦,୦୦୦ ଟଙ୍କାରୁ ଅଧିକ ଅଟେ। ଏନେଇ ସେ ଖବର ପାଇବା ପରେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ମନ୍ଦିରରୁ ଚୋରି

**ରାଇରଙ୍ଗପୁର, ୧୦।୪(ସମିସ):** ରାଇରଙ୍ଗପୁରର ୱାର୍ଡ ନଂ୪ ଅଞ୍ଚଳସ୍ଥ ଶିରିଡି ସାଇ ମନ୍ଦିରରୁ ଚୋରି ହୋଇଛି। ବିଳମ୍ବିତ ରାତିରେ ଦୁର୍ବୃତ୍ତ ମନ୍ଦିରରେ ପଶି ବିଭିନ୍ନ ସାମଗ୍ରୀ ଚୋରି କରିଛନ୍ତି। ସକାଳୁ ପୂଜକ ମନ୍ଦିର ଖୋଲି ଚୋରି ହୋଇଥିବା ଜାଣି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ସ୍ଥାନୀୟ ଲୋକ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଭୁବନେଶ୍ୱର ସିଟି



# ଏପଟେ ଘୋଷଣା; ସେପଟେ ଯନ୍ତ୍ରଣା

## ଏଲ୍‌ପିଜି ପାଇଁ ହନ୍ତସନ୍ତ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୦।୪(ସମିସ): ଗୋଟିଏ ପଟେ ସରକାର ଏଲ୍‌ପିଜି ବିତରଣକୁ ସୁଗମ କରିବା ପାଇଁ ବିଭିନ୍ନ ପେଟ୍ରୋଲ୍ ପମ୍ପରେ ୫ କେଜିଆ ସିଲିଣ୍ଡର ଦେବାକୁ ଘୋଷଣା କରିଛନ୍ତି। ଛାତ୍ରଛାତ୍ରୀ ଏବଂ କର୍ମଜୀବୀମାନେ ପ୍ରତିଷ୍ଠାନ କିମ୍ବା ସଂସ୍ଥାର ପରିଚୟପତ୍ର ଦେଇ ସିଲିଣ୍ଡର ନେଇପାରିବେ। କିନ୍ତୁ କମ୍ପିଟେଟିଭ୍ ପାଇଁ ପ୍ରସ୍ତୁତ ହେଉଛନ୍ତି ବ୍ୟାଚ୍‌ଲର ଛାତ୍ରଛାତ୍ରୀ ଏବଂ ଶ୍ରମିକ ଶ୍ରେଣୀର ଲୋକେ ଏହି ନିୟମରେ ବଳି ପଡୁଛନ୍ତି। ସେମାନଙ୍କ ପାଖରେ ପ୍ରମାଣପତ୍ର କିମ୍ବା ପରିଚୟପତ୍ର ନ ଥିବାରୁ ଗ୍ୟାସ ପାଇବାକୁ ନେଇ ସନ୍ଦିହାନ ଅଛନ୍ତି।

### ■ ଘରୋଇ ଟାଙ୍କି ବଦଳରେ ମିଳୁନି ଏଲ୍‌ପିଜି



ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଦିନକୁଦିନ ଗ୍ୟାସ ସଙ୍କଟ ଉତ୍କଟ ହେବାରେ ଲାଗିଛି। କେଉଁଠି ଚୋରାରେ ତ ଆଉ କେଉଁଠି ଅଧିକ ଦରରେ ବିକ୍ରି ହେଉଛି। ହେଲେ ରାଜଧାନୀରେ ଅନେକ ଛାତ୍ରଛାତ୍ରୀ ହଷ୍ଟେଲ, ମେସ୍ ସହ ଭଡ଼ା ଘରେ ରହୁଛନ୍ତି। ସେମାନଙ୍କ ଭିତରୁ ଅନେକ ଛାତ୍ରଛାତ୍ରୀ ପ୍ରତିଯୋଗିମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ କରୁଥିବା ବେଳେ ଆଉ କିଛି ବେସରକରୀ ସଂସ୍ଥାରେ ଚାକିରି କରୁଛନ୍ତି। ହେଲେ ସେମାନଙ୍କ ଉପରେ ଏବେ ଗ୍ୟାସ ସଂକଟ ମାଡ଼ି ପଡ଼ିଛି। ଫଳରେ ଦେଢ଼ ମାସରୁ ଅଧିକ ଦିନ ହେଲାଣି ଗ୍ୟାସ ଟାଙ୍କି ଖାଲି ପଡ଼ିଛି। ନା ରୋଷେଇ ହଉଛି ନା ଗ୍ୟାସ ମିଳୁଛି। ଯଦ୍ୱାରା ଛାତ୍ରଛାତ୍ରୀମାନେ ଭାତ ଦୁଇମୁଠା ଖାଇବା ପାଇଁ ଆହାର କେନ୍ଦ୍ର ଉପରେ ନିର୍ଭରଶୀଳ ହୋଇଛନ୍ତି। ଅନେକ ପିଲା ଆହାର ସଠିକ୍ ସମୟରେ ଖାଇବା ପାଇଁ ଏବେ ରୁମ୍ କିମ୍ବା ଲାଇବ୍ରେରୀରେ ନପଢ଼ି ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ପାଠ ପଢୁଛନ୍ତି।

ଏହି ପରିପ୍ରେକ୍ଷୀରେ ଗତ ତିନିଦିନ ତଳେ ଯୋଗାଣ ମନ୍ତ୍ରୀ ପେଟ୍ରୋଲ ପମ୍ପରେ ଛାତ୍ରଛାତ୍ରୀ ଓ ଶ୍ରମିକ, ଦିନମଜୁରିଆଙ୍କ ପାଇଁ ୫ ଲିଟର ଗ୍ୟାସ ମିଳିବ ବୋଲି ଘୋଷଣା କରିଛନ୍ତି। ଆଇଡ଼ି ପ୍ରୁଫ୍ ନେଇ ଗଲେ ଗ୍ୟାସ ପାଇପାରିବେ ବୋଲି ମଧ୍ୟ କହିଥିଲେ। ହେଲେ ଏହି ଘୋଷଣା ଏବେ ଯନ୍ତ୍ରଣା ପାଲଟିଯାଇଛି। ଏହି ଘୋଷଣାରେ କେବଳ ଇଣ୍ଡିଆନ୍ ଓ ଏଚ୍‌ପିସିଏଲ୍, ବିପିସିଏଲ୍ ଗ୍ୟାସ ହିଁ ମିଳିବ। ହେଲେ ଏଠାରେ କଥା ଉଠୁଛି ଯେ ଅଧାରୁ ଅଧିକାଂଶ ଛାତ୍ରଛାତ୍ରୀଙ୍କ ପାଖରେ ବାହାର ଘରୋଇ ଟାଙ୍କି ରହିଛି। ଫଳରେ ଏହି ଟାଙ୍କିରେ ଗ୍ୟାସ ନେଇ ହବନାହିଁ। ନୂଆ ଟାଙ୍କି ପାଇଁ ଆଇଡ଼ି କାର୍ଡ଼ ସହିତ ପଇସା ମଧ୍ୟ ପୈଠ କରିବାକୁ ପଡ଼ିବ। କିନ୍ତୁ ଅନେକ ଛାତ୍ରଛାତ୍ରୀଙ୍କ ପାଖରେ ନାହିଁ। ଏବେ କେଉଁ ଆଧାରରେ ଗ୍ୟାସ ଆଣିହେବ ଏବଂ କେବେଠାରୁ ଓ କେଉଁ କେଉଁ ପେଟ୍ରୋଲ ପମ୍ପରେ ଗ୍ୟାସ ମିଳିବ ଏହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏନେଇ ଜାଗମରା ଅଞ୍ଚଳରେ ରହୁଥିବା କିଛି ହଷ୍ଟେଲ ଛାତ୍ରୀ କୁହନ୍ତି ଏହି ହଷ୍ଟେଲରେ ପିଲାଙ୍କ ପାଖରେ ଆଇକାର୍ଡ଼ ନାହିଁ ସେମାନେ ପ୍ରତିଯୋଗାତା ମୂଳକ ପରିକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି। ଯାହା ପାଖରେ ଆଇଡ଼ି କାର୍ଡ଼ ନାହିଁ ସେମାନେ କେମିତି ଗ୍ୟାସ ପାଇପାରିବେ ବୋଲି ପ୍ରଶ୍ନ ଉଠୁଛି। ସେ ଆହୁରି ମଧ୍ୟ କହିଛନ୍ତି କି ସେ ପୋଖରୀପୁଟର ଏକ ପେଟ୍ରୋଲ ଟାଙ୍କିକୁ ଯାଇଥିଲେ ସେଠାରେ ଏମିତି କିଛି ସୁବିଧା ନାହିଁ ବୋଲି ମନା କରିବାରୁ ସେ ଫେରି ଆସିଲେ ବୋଲି କହିଛନ୍ତି।

## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର, ୧୦।୪(ସମିସ): ମନ୍ଦିରମାଳିନୀ ସହର ଭୁବନେଶ୍ୱରରେ ଅନେକ କୀର୍ତ୍ତିରାଜି ସାଇତା ହୋଇ ରହିଛି। ଯାହା ସହର ପାଇଁ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ସେଥିପାଇଁ କେବଳ ଅନ୍ୟ ରାଜ୍ୟ ନୁହେଁ; ବରଂ ଅନ୍ୟ ଦେଶରୁ ମଧ୍ୟ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସିଥାନ୍ତି। ସେହିଭଳି ପୁରୁଣା ଭୁବନେଶ୍ୱରରେ ଏପରି ଅନେକ ଛୋଟ ବଡ଼ ଐତିହ୍ୟ ମନ୍ଦିର ପରିଲକ୍ଷିତ ହୋଇଥାଏ। ହେଲେ ସେଠାକାର ମୁଖ୍ୟ ଆକର୍ଷଣ ହେଉଛି ତ୍ରୟଦଶ ଶତାବ୍ଦୀର ଲିଙ୍ଗରାଜ ମନ୍ଦିର। ଏହି ମନ୍ଦିର ପରିସରରେ ମଧ୍ୟ ଅନେକ ଛୋଟ ଛୋଟ ମନ୍ଦିର ରହିଛି। ସେହିପରି ମନ୍ଦିର ପରିସରରେ ଜଗନ୍ନାଥ ମନ୍ଦିର ମଧ୍ୟ ରହିଛି। ହେଲେ ବର୍ତ୍ତମାନ ଏବଂ ସେ ସମୟ ମଧ୍ୟରେ ଅନେକ ପରିବର୍ତ୍ତନ ହୋଇଛି। ଯାହାର ଫଳସ୍ୱରୁପ ମନ୍ଦିରର ଅନେକ ଉନ୍ନତିକରଣ ହୋଇଥିବା ବେଳେ ଅନେକ ବର୍ଷ ପୂର୍ବେ ଲିଙ୍ଗରାଜ ମନ୍ଦିର ପରିସରରେ ଥିବା ଜଗନ୍ନାଥ ମନ୍ଦିର କିପରି ଦେଖାଯାଉଥିଲା ତାର ଏକ ଝଲକ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ଏହି କଳା ଧଳା ଫଟୋଟି ୧୯୫୭ ମସିହାର ବୋଲି ଜଣା ପଡ଼ିଛି। - ସମ୍ପୂର୍ଣ୍ଣା

## ● ଇନ୍‌ଫୋସିଟି ଅଞ୍ଚଳରେ ନିଶା କାରବାର ଉପରେ ଚଢଉ

# କୋଡ୍ ୱାର୍ଡରେ ମିଳୁଥିଲା ଗଞ୍ଜେଇ ସମେତ ବହୁ ନିଶାଦ୍ରବ୍ୟ

ଭୁବନେଶ୍ୱର, ୧୦।୪(ସମିସ): ପଟିଆ ଏବଂ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନ ନିକଟରେ ନିଶା ଦ୍ରବ୍ୟ ବିକ୍ରି ହେଉଥିବା ଦୋକାନୀ ଉପରେ ଚଢଉ କରି ସ୍ପେଶାଲ କ୍ରାଇମ୍ ୟୁନିଟ। ଏକାଧିକ ଦୋକାନ ଭିତରେ ପୁଳା ପୁଳା ଟବାକୋ ପ୍ରଡକ୍ଟ, ଗୋଗୋ ପେପର, ଗଞ୍ଜେଇ ଜବତ କରାଯାଇଛି। ଛାତ୍ରମାନେ ନିଶାଦ୍ରବ୍ୟ ପାଇଁ ସ୍ପେଶାଲ କୋଡ୍ ଦ୍ୱାରା ଦୋକାନୀଙ୍କୁ କହୁଛନ୍ତି। ଦୋକାନୀ କୋଡ ଜାଣିପାରି ନିଶା ଦ୍ରବ୍ୟ ଦେଉଛନ୍ତି। ଏପରିକି ନିଶା ଖାଇବା ପାଇଁ ପିଣ୍ଡିର ବ୍ୟବସ୍ଥା ବି ହେଇଛି। ଚୁର୍ମା, ଭାଙ୍ଗ, ଗୋଗୋ ପେପର ଓ ଗଞ୍ଜେଇ ସବୁ କିଛି ମିଳି ଯାଉଛି। ନାମିଦାମୀ କଲେଜରେ ପାଠ ପଢ଼ି ନିଜ ଉଜ୍ଜ୍ୱଳ ଭବିଷ୍ୟତ ଗଢିବା ବଦଳରେ ନିଶାଶକ୍ତ ହେଉଛନ୍ତି ପିଲା। ବ୍ରାଉନସୁଗର, କୋକେନ, ଗଞ୍ଜେଇ, ଚରସ, ଅଫିମ, ମାରୁୱାନା, ସିନ୍ଥେଟିକ ଡ୍ରଗ୍ସ ଖାଇ ନିଶାରେ ଝୁମୁଛନ୍ତି। ବାରମ୍ବାର ଏଭଳି ଅଭିଯୋଗ ଆସିବା ପରେ ଏବେ ଆକ୍ସନ ମୋଡ଼କୁ ଆସିଛି ସ୍ପେଶାଲ କ୍ରାଇମ ୟୁନିଟ। ଇନ୍‌ଫୋସିଟି ଏବଂ ପଟିଆ ଅଞ୍ଚଳର ଶିକ୍ଷାନୁଷ୍ଠାନ ନିକଟରେ ଥିବା ପାନ ଦୋକାନ, ଷ୍ଟେସନାରୀ ଦୋକାନ ମାନଙ୍କରେ ଚଢଉ କରାଯାଇଛି। ପ୍ରଶାନ୍ତି ବିହାରରେ ଏଭଳି ନିକାଞ୍ଚନ ସ୍ଥାନରେ ଖଟି କରୁଥିବା ଛାତ୍ରଛାତ୍ରୀ, ନିଶା ଖାଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଚଢଉ କରିଥିଲା। କିଛି ଦିନ ତଳେ ସମାନ ଅଭିଯୋଗରେ ଖଣ୍ଡଗିରି, ପାତ୍ରପଡ଼ା, ତମାଣ୍ଡୋ ଅଞ୍ଚଳରେ ଚଢଉ କରିଥିଲା ସ୍ପେଶାଲ କ୍ରାଇମ ୟୁନିଟ। ଗଞ୍ଜେଇ ବେପାରରେ ଯୁବତୀଙ୍କ ସମ୍ପୃକ୍ତି ମଧ୍ୟ ପଦାକୁ ଆସିଥିଲା। ଘନ ଘନ ଚଢଉ କରାଯାଉଥିଲେ ମଧ୍ୟ ନିଶା କାରବାର କମୁନି। ଯାହା ଏବେ ଚିନ୍ତାର କାରଣ ପାଲଟିଛି।

# ବିରିୟାନୀ ଦୋକାନୀଙ୍କୁ ଖଣ୍ଡା ଚୋଟ

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକ

ଭୁବନେଶ୍ୱର, ୧୦।୪(ସମିସ): ରାଜଧାନୀରେ ବିରିୟାନୀ ଦୋକାନୀ ଏବଂ ତାଙ୍କ ସହଯୋଗୀଙ୍କୁ ଖଣ୍ଡାଚୋଟ। ପାର୍କିଂକୁ କେନ୍ଦ୍ର କରି ଷ୍ଟୁଡିଓ ଛକରେ ଏଭଳି ଆକ୍ରମଣ ହୋଇଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ରାସ୍ତା ରୋକ କରିଥିଲେ। ଖଣ୍ଡାଚୋଟରେ ଆହତମାନେ ହେଲେ ବିରିଆନି ଦୋକାନୀ ତପନ ସାମନ୍ତରାୟ ଏବଂ ତାଙ୍କ ସହାୟକ।

ମିଳିଥିବା ସୂଚନା ମୁତାବକ, ତପନ ଶୁକ୍ରବାର ବିରିୟାନୀ ଦୋକାନ ଖୋଲିଥିଲେ। ଏହି ସମୟରେ କିଛି ଯୁବକ ତାଙ୍କ ଦୋକାନକୁ ବିରିୟାନୀ ଖାଇବାକୁ ଆସିଥିଲେ। ପୂର୍ବରୁ ତପନଙ୍କ ଗ୍ରାମର କିଛି ଯୁବକ ଏଠାରେ ବିରିୟାନୀ ଖାଉଥିଲେ। ଗାଡି ପାର୍କିଂକୁ କେନ୍ଦ୍ରକରି ଉଭୟ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ପାଟିତୁଣ୍ଡ ପରେ ଉଗ୍ର ରୂପ ନେଇଥିଲା। ଏକ ଗୋଷ୍ଠୀର ଯୁବକମାନେ ଭରତପୁର ଅଞ୍ଚଳର ଯୁବକମାନଙ୍କୁ ଖୋଜିବାକୁ ଆସିଥିଲେ। ହେଲେ ସେମାନେ ସେଠାରେ ନଥିଲେ। ଏହା ଦେଖିବା ପରେ ତପନଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ତାଙ୍କ ହାତରେ ଆଘାତ ଲାଗିଥିଲା। ଘଟଣାସ୍ଥଳରେ ଥିବା ସେଲ୍ସମ୍ୟାନ୍ ତାଙ୍କୁ ବଞ୍ଚାଇବାକୁ ଆସିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ତାଙ୍କ ପିଠିରେ ଖଣ୍ଡା ଚୋଟ ଲାଗିଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଭୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

ତେବେ ଏହି ଆକ୍ରମଣକୁ ଉଗ୍ର ରୂପ ନେଇଥିଲା। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଭରତପୁର ଅଞ୍ଚଳବାସୀ ରାସ୍ତାକୁ ଓହ୍ଲାଇଥିଲେ। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ। ଘଟଣାକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ପୁଲିସ ମୁତୟନ କରାଯାଇଥିଲା। ପୁଲିସ ଆକ୍ରମଣକାରୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ନନ୍ଦନକାନନ ଆସିଲା ଉଦ୍ଧାର ହାଡ଼ଗିଲା

ନନ୍ଦନକାନନ, ୧୦।୪(ସମିସ): ନନ୍ଦନକାନନକୁ ଆସିଲା ଉଦ୍ଧାର ହାଡ଼ଗିଲା ପକ୍ଷୀ। ଉଦ୍ଧାର ହୋଇଥିବା ପକ୍ଷୀଟି ଅସୁସ୍ଥ ଅଛି। ନନ୍ଦନକାନନ ପ୍ରାଣୀ ଚିକିତ୍ସାଳୟରେ ତାର ଚିକିତ୍ସା ଚାଲିଛି। ଗତ ଦୁଇଦିନ ତଳେ ଏହି ପକ୍ଷୀଟି ବାଲେଶ୍ୱର ରେଞ୍ଜ ରେମୁଣା ବ୍ଲକ ଅନ୍ତର୍ଗତ ପତ୍ରୀପାଳ ପଞ୍ଚାୟତ ଚକୁଲିଆ ଆଦିବାସୀ ସାହିରେ ଦେଖା ଯାଇଥିଲା। ବନ ବିଭାଗ ଏହାକୁ ଉଦ୍ଧାର କରିବା ପରେ ନନ୍ଦନକାନନ ଅଣାଯାଇଛି।

## ଏକାମ୍ର ନୃତ୍ୟ ମହୋତ୍ସବରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ



ଭୁବନେଶ୍ୱର, ୧୦।୪(ସମିସ): ସୁରଭି ପକ୍ଷରୁ ଆୟୋଜିତ ଜାତୀୟସ୍ତରୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ ୨୪ତମ ଏକାମ୍ର ନୃତ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଗୁରୁ କେଲୁଚରଣ ମହାପାତ୍ର ଗବେଷଣା କେନ୍ଦ୍ର ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ମୂର୍ତ୍ତି କାରିଗର, ଡ. ସ୍ନେହପ୍ରଭା ସାମନ୍ତରାୟ, ଓଡ଼ିଶୀ ନୃତ୍ୟାଙ୍ଗନା, ଗୁରୁ ଲକ୍ଷ୍ମୀକାନ୍ତ ପାଳିତ, ସଙ୍ଗୀତଶିଳ୍ପୀ, ସୁଶ୍ରୀ ମୀନାକ୍ଷୀ ବେହେରା, ଓଡ଼ିଶୀ ନୃତ୍ୟାଙ୍ଗନା ଦୀପ୍ତି ମିଶ୍ର ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱରର ହିମାଂଶୁଶେଖର ସ୍ୱାଇଁ ଓ ମାତୃପ୍ରସାଦ ଦାସ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ପରେ କୋଲକାତାର ତନ୍ମୟୀ ଚକ୍ରବର୍ତ୍ତୀଙ୍କ କଥକ ନୃତ୍ୟ ଏବଂ ଭୁବନେଶ୍ୱରର ଅନନ୍ୟା ପରିଡ଼ା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

## ● ଅବକାରୀ ବିଭାଗର ଗଞ୍ଜେଇ ଜବତ ଏମିତି

# ତଦନ୍ତ ଦୁର୍ବଳ; ଅଭିଯୁକ୍ତ ଖଲାସ

## ତଦନ୍ତକାରୀ ଅଧିକାରୀ, କନ୍‌ଷ୍ଟେବଲଙ୍କ ବୟାନରେ ନାହିଁ ତାଳମେଳ

ଭୁବନେଶ୍ୱର, ୧୦।୪(ସମିସ): ଗଞ୍ଜେଇ କାରବାର ଉପରେ ଅବକାରୀ ବିଭାଗର ସବୁ ସମୟରେ ନଜର ରଖିଛି। ପ୍ରତ୍ୟେକ ମାସରେ ଗଞ୍ଜେଇ ବେପାରୀ ଧରା ପଡୁଛନ୍ତି। ବସ୍ତା ବସ୍ତା ଗଞ୍ଜେଇ ଜବତ ହେଉଛି। ଅଭିଯୁକ୍ତ ଗିରଫ ହୋଇ କୋର୍ଟଚାଲାଣ ବି ହେଉଛନ୍ତି। ହେଲେ ଏହି ନିଶା ବେପାରୀମାନଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ଅବକାରୀ ବିଭାଗ ଅନେକ ସମୟରେ ଫେଲ୍ ମାରୁଛି। ଗଞ୍ଜେଇ କାରବାରରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ କୋର୍ଟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହାପରେ ଅବକାରୀ ବିଭାଗର ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅବକାରୀ ବିଭାଗର ପାରିବାର ପଣିଆ ପଦାରେ ପଡ଼ିଯାଇଛି।

ମିଳିଥିବା ସୂଚନା ମୁତାବକ, ଗତ ୨୦୨୦ ମସିହା ସେପ୍ଟେମ୍ବର ୧୮ ତାରିଖରେ ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ଖୋର୍ଦ୍ଧା, ଭରତପୁର ଥାନା ଅନ୍ତର୍ଗତ ଚନ୍ଦକା ରାସ୍ତା ପେଟ୍ରୋଲିଂ କରୁଥିଲା। ସବ୍ ଇନ୍ସପେକ୍ଟର ହୃଦୟ ଚରଣ ସାମନ୍ତ ରାସ୍ତା ଉପରେ ପେଟ୍ରୋଲିଂ କରୁଥିଲା ବେଳେ ଏକ ବୁଲେରୋ ଗାଡ଼ି ଦେଖିଥିଲେ। ଦୁଇ ଜଣ ଲୋକ ସନ୍ଦେହ ଜନକ ଭାବେ ଛିଡା ହୋଇଥିବା ଦେଖି ଗାଡ଼ି ପାଖରେ ପହଁଞ୍ଚିଲେ। ଘଟଣାସ୍ଥଳରୁ ଡ୍ରାଇଭର ଦୌଡ଼ି ପଳାଇଲା। ଅବକାରୀ ବିଭାଗ ଗାଡ଼ିକୁ ଯାଞ୍ଚ କରିଥିଲା। ଉକ୍ତ ଗାଡ଼ିରୁ ୪ ଜରି ବସ୍ତାରେ ମିଳିଲା। ସେଥିରେ ମୋଟ୍ ୯୦ କିଲୋ ଗଞ୍ଜେଇ ରହିଥିଲା। ଏଣୁ ଗଞ୍ଜେଇ କାରବାର ଅଭିଯୋଗରେ ଗାଡ଼ିରେ ବସିଥିବା ଭରତପୁର ଦୁର୍ଗାମାଧମ ନଗର ଦେବେନ୍ଦ୍ର ରାଉତ(୨୮) ଙ୍କୁ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅବକାରୀ ବିଭାଗ ୧୭ ନଭେମ୍ବର ୨୦୨୦ ରେ ଚାର୍ଜସିଟ୍ ଦାଖଲ କଲା। ୨ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କ କୋର୍ଟ ଭୁବନେଶ୍ୱରରେ ଟ୍ରାଏଲ ଆରମ୍ଭ ହୋଇଥିଲା। ହେଲେ ଅଭିଯୁକ୍ତ ଖସି ଯାଇଥିଲେ। ପ୍ରତିପକ୍ଷ ମାମଲା ପରିଚାଳନା କରୁଥିବା ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କ କହିବା ଅନୁଯାୟୀ, ଅବକାରୀ ବିଭାଗ ଅଧିକାରୀଙ୍କ ବୟାନରେ ତାଳମେଳ ରହିଲା ନାହିଁ। ରେଡ୍‌ରେ ଥିବା କନେଷ୍ଟେବଳ ଲକ୍ଷ୍ମଣ ବଣିଆ ତଦନ୍ତକାରୀ ଅଧିକାରୀଙ୍କ ବୟାନରେ ତାଳମେଳ ରହି ନଥିଲା। ବୟାନ ଦେଲା ବେଳେ ଜଣେ ଗୋଟିଏ ସମୟ କହିଲା ବେଳେ ଆଉ ଜଣେ ଆଉ ଏକ ସମୟ ବତାଉଥିଲା। ଏପରିକି ପରବର୍ତ୍ତୀ ସମୟରେ ଫେରାର୍ ଅଭିଯୁକ୍ତଙ୍କୁ ଅବକାରୀ ବିଭାଗ ଗିରଫ କରି ପାରି ନଥିଲା। ଯାହା ପ୍ରତିପକ୍ଷଙ୍କୁ ମାମଲା ଜିତିବାରେ ସୁହାଇଲା।

# ଏମ୍ସ ନର୍ସିଂ ଆସୋସିଏସନ୍ ସଭାପତିଙ୍କୁ ଆକ୍ରମଣ

ଭୁବନେଶ୍ୱର, ୧୦।୪(ସମିସ): ଏମ୍ସ ନର୍ସିଂ ଆସୋସିଏସନ୍ ସଭାପତି ଏସ୍ ରମେଶ୍‌ଙ୍କୁ ଆକ୍ରମଣ ଅଭିଯୋଗ। ଶୁକ୍ରବାର ସନ୍ଧ୍ୟାରେ ସେ ନିଜ କାମ ଶେଷ କରି ଫେରୁଥିଲା ବେଳେ ତାଙ୍କୁ ଆକ୍ରମଣ ହୋଇଛି। ପାତ୍ରପଡ଼ା ବସ୍‌ଷ୍ଟପ୍ ନିକଟରେ ତାଙ୍କୁ ଅଚାନକ ଆକ୍ରମଣ ହୋଇଛି। ୪ରୁ ୫ ଜଣ ଏହି ଆକ୍ରମଣରେ ସାମିଲ ଥିଲା ବେଳେ ସଂଘର ନିର୍ବାଚନ ଜନିତ ହିଂସା ବୋଲି ପୁଲିସ ଅନୁମାନ କରୁଛି।

ମିଳିଥିବା ସୂଚନା ମୁତାବକ କିଛି ଦିନ ତଳେ ଏମ୍ସ ନର୍ସିଂ ଆସୋସିଏସନ୍‌ର ନିର୍ବାଚନ ହୋଇଥିଲା। ଏହାକୁ ନେଇ ଭିତିରିଆ ବିବାଦ ସୃଷ୍ଟି ହୋଇଥିଲା। ଏଣୁ ସେ ଟାର୍ଗେଟରେ ଥିଲେ। ଶନିବାର ନିଜ କାମ ଶେଷ କରି ଘରକୁ ଫେରୁଥିଲେ। ବସ୍ ଷ୍ଟପ୍ ନିକଟରେ ବସ୍‌ରେ ଯିବାକୁ ଅପେକ୍ଷା କରିଥିଲା ବେଳେ ଅଚାନକ ୪ଜଣ ଯୁବକ ଆସିଥିଲେ। ତାଙ୍କୁ ନିର୍ଘୁମ ମାଡ଼ ମାରଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଖବରପାଇ ଘଟଣାସ୍ଥଳରେ ତାଙ୍କ ସହଯୋଗରୀମାନେ ପହଞ୍ଚିଥିଲେ। ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଲୁଟ୍ ଅଭିଯୋଗରେ ୩ ଗିରଫ



ଭୁବନେଶ୍ୱର, ୧୦।୪(ସମିସ): ଫୋନ୍ ବିକ୍ରି ଆଳରେ ଜଣେ ଯୁବକଙ୍କୁ ଡାକି ତାଙ୍କ ଠାରୁ ଲୁଟ୍ ଅଭିଯୋଗରେ ଏୟାରଫିଲ୍ଡ ଥାନା ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅରବିନ୍ଦ ନଗର ଅଞ୍ଚଳର ଆୟୁଶ ଚନ୍ଦ୍ର ପଣ୍ଡା, ଏୟାରପୋର୍ଟ ଥାନା ଭିମପୁର ଅଞ୍ଚଳର ମଳୟ ରାଉତ ଏବଂ ୟୁନିଟ୍-୬ ପାଣିଟାଙ୍କୀ ଅଞ୍ଚଳର ରିତେଶ ନାୟକ। ସେମାନଙ୍କ ଠାରୁ ତଲାସି ସମୟରେ ଗୋଟିଏ ସ୍କୁଟି, ନଗଦ ଟଙ୍କା, ଗୋଟିଏ ଲୁଟ୍ ହୋଇଥିବା ମୋବାଇଲ୍ ଫୋନ୍ ଏବଂ ଗୋଟିଏ ପାୱାର ବ୍ୟାଙ୍କ ଜବତ କରାଯାଇଥିଲା।

ପୁଲିସ ସୂଚନା ମୁତାବକ, ଅଭିଯୋଗକାରୀ ତାଙ୍କର ମୋବାଇଲ୍ ଫୋନ୍ ବିକ୍ରୟ ପାଇଁ ସୋସିଆଲ ମିଡିଆରେ ବିଜ୍ଞାପନ ପୋଷ୍ଟ କରିଥିଲେ। ଗତ ୫ ତାରିଖରେ ଜଣେ ବ୍ୟକ୍ତି ଫୋନ୍ କରି ସୁନ୍ଦରପଡ଼ାର ବନଦୁର୍ଗା ମନ୍ଦିର ନିକଟକୁ ଡାକିଥିଲେ। ଅଭିଯୋଗକାରୀ ତାଙ୍କ ବନ୍ଧୁଙ୍କ ସହିତ ସେଠାକୁ ପହଞ୍ଚିବା ପରେ ଅଭିଯୁକ୍ତମାନେ ସେମାନଙ୍କୁ ଏକ ନିର୍ଜନ ସ୍ଥାନକୁ ନେଇ ଆକ୍ରମଣ କରିଥିଲେ। ଜୋରଜବରଦସ୍ତି ନଗଦ ଟଙ୍କା, ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇ ଭୟଙ୍କର ପରିଣାମ ଦେବାକୁ ଧମକ ଦେଇଥିଲେ। ତଦନ୍ତ ସମୟରେ ଗତ ୯ ତାରିଖରେ ବିଶ୍ୱସ୍ତ ସୂଚନା ଆଧାରରେ ପ୍ରଥମେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଯିଏ ତାଙ୍କ ସହଯୋଗୀମାନଙ୍କ ସମ୍ପୃକ୍ତି ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ସ୍ଥାନରେ ଚଢାଉ କରି ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ପଚରାଉଚରାରେ ସେମାନେ ଅପରାଧରେ ସମ୍ପୃକ୍ତି ସ୍ୱୀକାର କରିଥିଲେ।

## ସଂରକ୍ଷିତ ସ୍ମାରକୀର ସୁରକ୍ଷା ଏମିତି

# ମନ୍ଦିର ପରିସରରେ ଖେଳ ପଡ଼ିଆ

ଭୁବନେଶ୍ୱର, ୧୦।୪(ସମିସ): ପୁରୁଣା ଭୁବନେଶ୍ୱରର କୋଣଅନୁକୋଣରେ ଅନେକ ଛୋଟ ବଡ଼ ଐତିହ୍ୟ ମନ୍ଦିର ରହିଛି। ଭାରତୀ ମଠ ନିକଟରେ ମଧ୍ୟ ଏକ ପୁରାତନ ମନ୍ଦିର ଦେଖିବାକୁ ମିଳେ। ଯାହାର ନାମ ବକ୍ରେଶ୍ୱର ମନ୍ଦିର। ହେଲେ ମନ୍ଦିର ପରିସର ବର୍ତ୍ତମାନ ଅଞ୍ଚଳ ପିଲାଙ୍କ ପାଇଁ ଖେଳ ପଡ଼ିଆ ପାଲଟିଛି। ଯେଉଁଥିପାଇଁ ପୁରାତନ ଐତିହ୍ୟ ମନ୍ଦିରର ସୁରକ୍ଷା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପରକରଣସାହିରୁ ଲିଙ୍ଗରାଜ ମନ୍ଦିର ଆଡକୁ ଗଲାବେଳେ ବାମ ପାର୍ଶ୍ୱରେ ରହିଛି ଏହି ବକ୍ରେଶ୍ୱର ମନ୍ଦିର। ଏହି ମନ୍ଦିରଟି ଚତୁର୍ଦଶ ଶତାବ୍ଦୀର ଶିବଙ୍କୁ ସମର୍ପିତ ଏକ ମନ୍ଦିର। ହେଲେ ବର୍ତ୍ତମାନ ସମୟରେ ପ୍ରତିମା ଶୂନ୍ୟ ବୋଲି ସ୍ଥାନୀୟ ଲୋକଙ୍କଠୁ ଜାଣିବାକୁ ମିଳିଥିଲା। ଅର୍ଥାତ ଅନେକ ବର୍ଷ ହେବ ମନ୍ଦିରରେ କେହି ପୂଜା

### ■ ସନ୍ଧ୍ୟା ହେଲେ ଜମୁଛି ଅସାମାଜିକଙ୍କ ଆଡ୍ଡା



ପାଉନାହାନ୍ତି। ତେଣୁ ମନ୍ଦିରର ଭିତର ଗେଟ୍‌ରେ ତାଲା ପଡ଼ିଛି। କିନ୍ତୁ ଏହା ଚତୁର୍ଦଶ ଶତାବ୍ଦୀର ଐତିହ୍ୟ ମନ୍ଦିର ହୋଇଥିବାରୁ ଏହାକୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ ସ୍ମାରକୀର ମାନ୍ୟତା ମିଳିଥିଲା। ଯଦିଓ ମନ୍ଦିରରେ ବର୍ତ୍ତମାନ ସମୟରେ କାହାରିକୁ ପୂଜା କରାଯାଉନାହିଁ ତଥାପି ଏହା ଏକ ଐତିହ୍ୟ କିର୍ତ୍ତିରାଜି ହୋଇଥିବାରୁ ତାର ରକ୍ଷଣାବେକ୍ଷଣ ଆବଶ୍ୟକ। ମନ୍ଦିର ସମ୍ବନ୍ଧରେ କେବଳ ଏତିକି ଜାଣିବାକୁ ମିଳିଥିଲା କି ଏହା ଚତୁର୍ଦଶ ଶତାବ୍ଦୀରେ ଗଙ୍ଗ ବଂଶ ଦ୍ୱାରା ନିର୍ମିତ ହୋଇଥିଲା। ହେଲେ କେବେଠାରୁ ଏବଂ କାହିଁକି ମନ୍ଦିରଟି ବନ୍ଦ କରିଦିଆଗଲା ତାହା ଏବେ ମଧ୍ୟ ରହସ୍ୟ ହୋଇ ରହିଛି। ବର୍ତ୍ତମାନ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା କରାଯାଉଛି ବୋଲି ଏକ ବୋର୍ଡ ମନ୍ଦିର ପରିସରରେ ରହିଥିଲା। ଯେଉଁଠି ଲେଖା ଥିଲା 'ଏହା ସଂରକ୍ଷିତ ସ୍ମାରକ ଏବଂ ଏହାକୁ କୌଣସି ପ୍ରକାରର କ୍ଷତି ପହଞ୍ଚାଇବା ଦଣ୍ଡନୀୟ ଅପରାଧ'। ହେଲେ ତାର ବର୍ତ୍ତମାନ ସ୍ଥିତି କିଛି ଓଲଟା ଦେଖିବାକୁ ମିଳୁଛି। ସେହି ବୋର୍ଡଟି ଏବେ ଭାଙ୍ଗି ଯାଇଥିବାବେଳେ ମନ୍ଦିର ପରିସର ଏବେ ଅଞ୍ଚଳ ପିଲାଙ୍କ ପାଇଁ ଖେଳ ପଡ଼ିଆ ପାଲଟିଛି। ସ୍ଥାନୀୟ ପିଲା ଏବେ ନିୟମିତ ସେଠାରେ କ୍ରିକେଟ ଖେଳୁଥିବା ଦେଖିବାକୁ ମିଳୁଛି। ଯାହା ମନ୍ଦିରର କାରୁକାର୍ଯ୍ୟ ପ୍ରତି ନିହାତି ଭାବେ କ୍ଷତି ପହଁଚାଇବ ବୋଲି ଅନୁମାନ କରାଯାଇପାରେ। ତା ସହିତ ସ୍ଥାନୀୟ ଜଣେ ବାସିନ୍ଦାଙ୍କ କହିବା ଅନୁଯାୟୀ ସନ୍ଧ୍ୟା ହେଲେ ମନ୍ଦିରର ପରିସର ସବୁବେଳେ ଖୋଲା ରହୁଥିବାରୁ କିଛି ଅସାମାଜିକ ବ୍ୟକ୍ତି ଏବଂ ତାଙ୍କ କାର୍ଯ୍ୟକଳାପ ଦ୍ୱାରା ସେହି ପବିତ୍ର ସ୍ଥାନ ଦୂଷିତ ହେଉଛି। ଚାରିପାଖରେ ଥିବା ଘରଗୁଡିକ ମଧ୍ୟ ତାଙ୍କ ଅପରିଷ୍କାର ପାଣି ମନ୍ଦିରକୁ ଛାଡି ଦେଉଛନ୍ତି। ପରିସରରେ ଥିବା କୂଅ ମଧ୍ୟ ବୋତଲ ଅଳିଆ ପଡ଼ି ପୋତି ହୋଇଗଲାଣି। ମନ୍ଦିରର ଚାରିପାର୍ଶ୍ୱ ମଧ୍ୟ କ୍ଷୟ ହେବା ସହ ରଙ୍ଗ କଳା ହୋଇ ଗଲାଣି। ଏକ ଐତିହ୍ୟ ସ୍ମାରକୀ ଯେକି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ ରହିଛି ତାର ଯଦି ଏପରି ଅବସ୍ଥା ହୁଏ ତେବେ ଅନ୍ୟ ଐତିହ୍ୟ ମନ୍ଦିରର ସୁରକ୍ଷା କିପରି ହେଉଥିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।



# ଭୁବନେଶ୍ୱର ସିଟି

## ବଡ଼ରଘୁନାଥପୁରରେ ରାମନାଟକ ମହୋତ୍ସବ

# ପ୍ରଥମ ସନ୍ଧ୍ୟାରେ ରାମ ବନବାସ



ବଡ଼ରଘୁନାଥପୁର, ୧୦।୪(ସମିସ): ସମ୍ପ୍ରତି ରାମଲୀଳା ସଂସ୍କୃତି କ୍ରମେ ଲୋପ ପାଇବାକୁ ବସିଥିବା ବେଳେ ଭୁବନେଶ୍ୱର ଉପକଣ୍ଠସ୍ଥ ବଡ଼ରଘୁନାଥପୁର ଗ୍ରାମରେ ୪ର୍ଥ ବର୍ଷ ପାଇଁ ଆୟୋଜିତ ହୋଇଛି ରାମ ନାଟକ ମହୋତ୍ସବ। ଉଦ୍‌ଘାଟନୀ ସନ୍ଧ୍ୟାରେ ରାମ ନାଟକ କ୍ରମରେ ପରିବେଷଣ ହୋଇଥିଲା ରାମ ବନବାସ। ପିତୃସତ୍ୟ ପାଳନ କରି ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର କିଭଳି ବନଗମନ କରିଥିଲେ ଏବଂ ଭାତୃଭକ୍ତିର ନିଦର୍ଶନ ସ୍ୱରୂପ ଲକ୍ଷ୍ମଣ କିଭଳି ରାଜକୀୟ ସୁଖ ଛାଡ଼ି ଶ୍ରୀରାମଙ୍କ ସହ ବନ ଗମନ କରିଥିଲେ ତାହା ଏହି ନାଟକରେ ପରିବେଷଣ କରାଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଥିଲା ସ୍ୱାମୀଙ୍କ ବାରଣ ସତ୍ତ୍ୱେ ମାଆ ସୀତା କିଭଳି ସ୍ୱାମୀଙ୍କ ସହ ବନଗମନ କରିଥିଲେ ତାହା ଉପସ୍ଥାପନ କରାଯାଇଥିଲା। ବଡ଼ରଘୁନାଥପୁର ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଖେଲେଶ୍ୱର ଦେବ ନାଟ୍ୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଏହି ନାଟକ ଦେଖିବା ପାଇଁ ବଡ଼ରଘୁନାଥପୁର, ମଦନପୁର, ତମାଣ୍ଡୋ, କାଶୀପୁର, ଝାଁଲା, ମୁଣ୍ଡମୁହାଁଣ, କାଇମାଟିଆ, ଜାଗସରା, ଛତାବର, ଅରିସଲ ଗ୍ରାମର ହଜାର ହଜାର ସଂସ୍କୃତିପ୍ରେମୀ ଏକଜୁଟ୍ ହୋଇଥିଲେ। ଆସନ୍ତା କାଲି ଲଙ୍କାପୋଡ଼ି ବିଷୟବସ୍ତୁ ପରିବେଷଣ କରାଯିବାକୁ ଥିବା ବେଳେ ଶେଷ ସନ୍ଧ୍ୟାରେ ରାମ ଅଭିଷେକ ବିଷୟ ପରିବେଷଣ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଶାଣିତ ଶବ୍ଦପ୍ରୟୋଗରେ କବି ଯଦୁମଣି ଅତୁଳନୀୟ

ଭୁବନେଶ୍ୱର, ୧୦।୪(ସମିସ): ସାରସ୍ୱତ ଅନୁଷ୍ଠାନ 'ଭୁବନେଶ୍ୱର ଭଞ୍ଜଭାରତୀ' ପକ୍ଷରୁ ଗୀତଗୋବିନ୍ଦ ସଦନ ଆୟୋଜିତ ହେଉଥିବା ତ୍ରିଦିବସୀୟ ଓଡ଼ିଆ ସାହିତ୍ୟ ସମାରୋହର 'ଉତ୍କଳଘଣ୍ଟ' ଶୀର୍ଷକ ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସ୍ଥାବର ସମ୍ପତ୍ତି ଆବେଦନ ନ୍ୟାୟାଧିକରଣର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ପ୍ରମଥ ପଟ୍ଟନାୟକ ଯୋଗ ଦେଇଥିଲେ। ଉତ୍କଳଘଣ୍ଟ ଯଦୁମଣି ମହାପାତ୍ରଙ୍କ ହାସ୍ୟରସର ଅନୁଶୀଳନ, ଚିନ୍ତନ ଓ ଚର୍ଚ୍ଚାର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନାଟ୍ୟକାର ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଯଦୁମଣି ସାହିତ୍ୟ ସୃଷ୍ଟିର କାଳଜୟୀ ପ୍ରଭାବ ଉପରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରଫେସର ଜୟକୃଷ୍ଣ ଦାସ କବି ଯଦୁମଣିଙ୍କ ସାହିତ୍ୟରେ ହାସ୍ୟରସାତ୍ମକ ଶାବ୍ଦିକ ବୈଶିଷ୍ଟ୍ୟର ଅବତାରଣା କରିଥିଲେ ଏବଂ ସଭାର ସଭାପତି ଓ ମୁଖ୍ୟ ଆଲୋଚକ ତଥା ଭଞ୍ଜଭାରତୀର ସଭାପତି ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ ଉତ୍କଳଘଣ୍ଟ ଯଦୁମଣିଙ୍କ ରଚନାରେ ଶରଣାଗତିର ମହତ୍ତ୍ୱକୁ ପ୍ରତିପାଦିତ କରିଥିଲେ। ପ୍ରାରମ୍ଭରେ 'ନାଦବ୍ରହ୍ମ'ପକ୍ଷରୁ ଯଦୁମଣି ସଙ୍ଗୀତ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଭଞ୍ଜଭାରତୀ ସମ୍ପାଦିକା ଶୁଭଶ୍ରୀ ମିଶ୍ର ପରିଚାଳନା କରିଥିବା ବେଳେ ସଦସ୍ୟ ଦିଲୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




# ୧୨ରୁ ଦୁଇଦିନିଆ 'ମାଇଁ ଭାରତ ବଜେଟ୍ କ୍ୱେଷ୍ଟ'ର ଗ୍ରାଣ୍ଡ ଫିନାଲେ

ଭୁବନେଶ୍ୱର, ୧୦।୪(ସମିସ): ଭାରତ ସରକାରଙ୍କ ଯୁବ ଏବଂ କ୍ରୀଡା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ମାଇଁ ଭାରତ, ଭୁବନେଶ୍ୱର ଏପ୍ରିଲ ୧୨ ଓ ୧୩ ତାରିଖ ରେଶିକ୍ଷା 'ଓ' ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିସରରେ 'ମାଇଁ ଭାରତ ବଜେଟ୍ କ୍ୱେଷ୍ଟ ୨୦୨୬'ର ଗ୍ରାଣ୍ଡ ଫିନାଲେ ଆୟୋଜନ କରିବ। ମାଇଁ ଭାରତର ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ପ୍ରସନ୍ନ ମେହେର, ଏନ୍‌ଏସ୍‌ଏସ୍‌ର ଯୁବ ଅଧିକାରୀ ଏଏସ କବୀର, ଏବଂ ପତ୍ର ସୂଚନା କାର୍ଯ୍ୟାଳୟ ଭୁବନେଶ୍ୱରର ବିକାଶ ରଞ୍ଜନ ଦଳାଇ ପ୍ରମୁଖ ଉପସ୍ଥିତ ରହି ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ମାଇଁ ଭାରତ ବଜେଟ୍ କ୍ୱେଷ୍ଟ ୨୦୨୬ର ଗ୍ରାଣ୍ଡ ଫିନାଲେ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଓଡ଼ିଶା ଏବଂ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜର ମନୋନୀତ ଯୁବକ ଯୁବତୀମାନେ ଏଥିରେ ଅଂଶଗ୍ରହଣ କରିବେ। ଏହା 'ବିକଶିତ ଭାରତ ଆଟ୍-୨୦୪୭'ର ବ୍ୟାପକ ଉଦ୍ଦେଶ୍ୟ ସହିତ ସମନ୍ୱୟ ରଖି ଯୁବପିଢ଼ିଙ୍କୁ ନୀତି ଆଲୋଚନାର କେନ୍ଦ୍ରରେ ରଖିବାର ଲକ୍ଷ୍ୟ ରଖିଛି।

ସମ୍ମିଳନୀରେ ଉଲ୍ଲେଖ କରାଯାଇଥିବା ପ୍ରମୁଖ ପ୍ରସଙ୍ଗଗୁଡ଼ିକ ମଧ୍ୟରେ 'ନାରୀ ଶକ୍ତି: ଏକ ବିକଶିତ ଭାରତର ସ୍ୱର' ବିଷୟବସ୍ତୁ ଉପରେ ଏକ 'ମହିଳା ଯୁବ ସଂସଦ'ର ସଂଗଠନ, ବିଶେଷଜ୍ଞ ପ୍ୟାନେଲ ଆଲୋଚନା ଏବଂ ପାରସ୍ପରିକ ଆଲୋଚନା ଅଧିବେଶନ ଅନ୍ତର୍ଭୁକ୍ତ। ଏଥିରେ ଅଂଶଗ୍ରହଣକାରୀମାନେ ବିକାଶ ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଆଲୋଚନା କରିବେ। ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରୁଥିବା 'ରବିବାରରେ ସାଇକେଲ୍ ବ୍ୟବହାର' (ସନ୍‌ଡେଜ୍ ଅନ୍ ସାଇକେଲ୍) ପଦକ୍ଷେପ ଭଳି ସାମୁଦାୟିକ ସମ୍ପୃକ୍ତି କାର୍ଯ୍ୟକଳାପ ମଧ୍ୟ ପ୍ରଦର୍ଶିତ ହେବ।




# ନୃତ୍ୟ ନିପୁଣା ପକ୍ଷରୁ 'ଲୋକକଳା ଦିବସ'



ଭୁବନେଶ୍ୱର, ୧୦।୪(ସମିସ): ସଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ପାଳନ ହେଉଛି 'ଓଡ଼ିଆ ପକ୍ଷ'। ଓଡ଼ିଆ ପକ୍ଷ ପାଳନର ୧୦ମ ଦିନକୁ 'ଲୋକକଳା ଦିବସ' ଭାବେ ପାଳନ କରାଯାଉଛି। ଏହି କ୍ରମରେ ଲିଙ୍ଗିପୁର ସ୍ଥିତ ନୃତ୍ୟନିପୁଣା ଓଡ଼ିଶୀ ନୃତ୍ୟାପୁଷ୍ଠାନ ପକ୍ଷରୁ ଲୋକକାଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସମସ୍ତେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିବା ସହ ଲୋକକଳାକୁ ଅଧିକ ପ୍ରଚାର ପ୍ରସାର କରିବାକୁ ସଂକଳ୍ପ ନେଇଥିଲେ।

# ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୪(ସମିସ): ସମ୍ଭାବନା ପକ୍ଷରୁ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଓ ୫ ଦିନିଆ ଓଡ଼ିଆ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସାହିତ୍ୟିକ ଦାଶ ବେନହୁର, ସମ୍ମାନିତ ଅତିଥି ଭାବେ ୨୦୦୭ ର ଶ୍ରେଷ୍ଠ ଓଡିଆଣୀ ବାସନ୍ତୀ ପଟ୍ଟନାୟକ, ୨୦୨୫ର ରୀତା ଶଙ୍ଖୁଆ ଉପସ୍ଥିତ ଥିଲେ। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଡ. ସୁଷମା ମିଶ୍ରଙ୍କୁ ଓଡିଆ ମହୋତ୍ସବ ସମ୍ମାନ ୨୦୨୬ରେ ସମ୍ମାନିତ କରାଯାଇଥିଲା। ସମ୍ଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସନ୍ଧ୍ୟାରେ ପ୍ରାରମ୍ଭିକ ସୂଚନା ଦେଇଥିଲେ ସମ୍ପାଦକ ଦେବ ପ୍ରସାଦ ପରିଜା। ପିଠା ପ୍ରତିଯୋଗିତା ଉତ୍ସବରେ ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଙ୍ଗୀତ ଶିଳ୍ପୀ ଦିଲ୍ଲୀପ ମହାନ୍ତି, ଆଶିଷ ଦତ, ସିଦ୍ଧାନ୍ତ ଶତପଥୀ ଓଡ଼ିଆ ସଙ୍ଗୀତ ପରିବେଷଣ କରିଥିଲେ। ଏହା ସହ ଦିବ୍ୟଜ୍ୟୋତି ଅନୁଷ୍ଠାନ ପକ୍ଷରୁ ଓଡିଶୀ ନୃତ୍ୟ ମଧ୍ୟ ପରିବେଷିତ ହୋଇଥିଲା।

# ସୋଆ ଏବଂ ଆଇସିଏଆର-ଏନ୍‌ଆର୍‌ସିୱାଇ ମଧ୍ୟରେ ବୁଝାମଣା



ଭୁବନେଶ୍ୱର, ୧୦।୪(ସମିସ): ସୋଆ ବିଶ୍ୱବିଦ୍ୟାଳୟ ସହିତ ଅରୁଣାଚଳ ପ୍ରଦେଶର ଡିରାଙ୍ଗସ୍ଥିତ ଆଇସିଏଆର-ନ୍ୟାସନାଲ୍ ରିସର୍ଚ୍ଚ ସେଣ୍ଟର ଅନ୍ ୟାକ (ଏନ୍‌ଆର୍‌ସିୱାଇ) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ସୋଆ କୁଳପତି ପ୍ରଫେସର (ଡ.) ପ୍ରଦୀପ୍ତ କୁମାର ନନ୍ଦ ଓ ଆଇସିଏଆର-ଏନ୍‌ଆର୍‌ସିୱାଇର ବରିଷ୍ଠ ବୈଜ୍ଞାନିକ ଡାକ୍ତର ଦୀନମଣି ମେଧି ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ସୋଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍ସ ଆଣ୍ଡ ଆନିମଲ ହଜବ୍ୟାଣ୍ଡରୀ (ଆଇଭିଏସ୍‌ଏଏଚ୍)ର ଡିନ୍ ପ୍ରଫେସର ସୁଶାନ୍ତ କୁମାର ଦାସ ଏବଂ ପ୍ରାଣୀ ପ୍ରଜନନ ଓ ପ୍ରସୂତୀ ବିଭାଗର ମୁଖ୍ୟ ଡାକ୍ତର ଅଶୋକ କୁମାର ବାରିକଙ୍କ ସମେତ ବିଭାଗୀୟ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ନ୍ୟାୟ ମୂର୍ତ୍ତି ଲିଙ୍ଗରାଜ ପାଣିଗ୍ରାହୀ

ଭୁବନେଶ୍ୱର, ୧୦।୪(ସମିସ):ନ୍ୟାୟମୂର୍ତ୍ତୀ ଲିଙ୍ଗରାଜ ପାଣିଗ୍ରାହୀ ପରାଧୀନ ଭାରତରେ ବହୁ ଘାତ ପ୍ରତିଘାତ ମଧ୍ୟରେ ଜଣେ ଲୋକପ୍ରିୟ ଅଧିବକ୍ତା, ନୀତିନିଷ୍ଠ ବିଚାରପତି, ସୁନାମଧନ୍ୟ ରାଜନୀତିଜ୍ଞ, ବାଚସ୍ପତି, କର୍ତ୍ତବ୍ୟନିଷ୍ଠ ଦାୟିତ୍ୱ ସମ୍ପନ୍ନ ରାଜ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରି ବହୁ ଜନହିତକର କାମ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି। ପୂଜ୍ୟ ପୂଜା ଓଡ଼ିଶାର ମାସିକ ଆଲୋଚନାରେ ଅତିଥିମାନେ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ସାହିତ୍ୟିକ ଅନନ୍ତ ଗୋପାଳ ପଣ୍ଡା ବିଭିନ୍ନ ଉଦାହରଣ ମାଧ୍ୟମରେ ଶ୍ରୀ ପାଣିଗ୍ରାହୀଙ୍କୁ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ବିରଜା ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂଜ୍ୟ ପୂଜା ଓଡ଼ିଶାର ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇ ସଭାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶେଷରେ ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଡାକ୍ତର ରାଜେନ୍ଦ୍ର ଶତପଥୀ, ସଂଧାରାଣୀ ଶତପଥୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।



## ଆଜିର କାର୍ଯ୍ୟକ୍ରମ

ଆଜାଦ୍ ହିନ୍ଦ ବାହିନୀ ପକ୍ଷରୁ 'ସାମ୍ପ୍ରତିକ ଅବସ୍ଥା ଓ ସମାଜବାଦ ବ୍ୟବସ୍ଥାର ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନାଚକ୍ର।
ସ୍ଥାନ-ଫରୱାର୍ଡ ବ୍ଲକ ରାଜ୍ୟ କାର୍ଯ୍ୟାଳୟ, ନେତାଜୀ ଭବନ, ଭିଆର୍-୫୦ ୟୁନିଟ୍-୬।
ସମୟ-ଦିନ ୧୧ଟା।
-ଓଡ଼ିଶା ଇଞ୍ଜିନିୟର୍ସ ସର୍ଭିସ୍ ଆସୋସିଏସନ ପକ୍ଷରୁ ୫୪ ତମ ସମ୍ମିଳନୀ।
ସ୍ଥାନ-ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ, ସଚିବାଳୟ ମାର୍ଗ, ୟୁନିଟ୍-୪, ଭୁବନେଶ୍ୱର।
ସମୟ- ଦିନ ୧୧ଟା।

# ମଞ୍ଜରୀ ଦେବୀ ନର୍ସିଂ କଲେଜରେ ଜନଗଣନା ପ୍ରଶିକ୍ଷଣ ଉଦ୍‌ଯାପିତ



ବାଲିଅନ୍ତା, ୧୦।୪(ସମିସ): ବାଲିଅନ୍ତା ବ୍ଲକ ଅଧୀନ ପଞ୍ଚାୟତରୋଡ଼ସ୍ଥିତ ମଞ୍ଜରୀ ଦେବୀ ନର୍ସିଂ କଲେଜରେ ଗତ ୨ ତାରିଖରୁ ୯ ଦିନ ବ୍ୟାପି ଚାଲିଥିବା ବାଲିଅନ୍ତା - ବାଲିପାଟଣା ବ୍ଲକସ୍ତରୀୟ ୨୦୨୭ ମସିହା ଜନ ଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉଭୟ ବ୍ଲକର ସର୍ବମୋଟ ୬ ଶହ ଜଣ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ଅତିରିକ୍ତ ତହସିଲଦାର ନୀଳମାଧବ ମହାନ୍ତି, ଜି. ଲକ୍ଷ୍ମୀ ଦେବୀ ଏବଂ ସୁପରଭାଇଜରମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବାଲିଅନ୍ତା ତହସିଲଦାର ଲିଳନ ପ୍ରସାଦ ସାହୁ ଏବଂ ବାଲିପାଟଣା ତହସିଲଦାର କଳ୍ପନା ଦାଶ ପ୍ରମୁଖ ପ୍ରଶିକ୍ଷଣ କାର୍ଯ୍ୟ ତଦାରଖ କରିଥିଲେ। ପ୍ରାଥମିକ ଭାବେ ୧୦ ଜଣ ଗଣନାକାରୀ ଉପରୋକ୍ତ ଅଧିକାରୀଙ୍କ ଉପସ୍ଥିତିରେ ପୂରଣପଧାନ, ବୁଦ୍ଧିପଡ଼ା ଏବଂ ଏରକଣ୍ଟା ଗ୍ରାମରେ ପ୍ରାଥମିକ ଭାବେ ଗଣନା କାର୍ଯ୍ୟ ଆରମ୍ଭ କରିଥିଲେ।

# କ୍ୟାନ୍‌ସର ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୦।୪(ସମିସ): ବିଦ୍ୟାଧର ବାରିକ ମେମୋରିଆଲ ଟ୍ରଷ୍ଟ ଭୁବନେଶ୍ୱର ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଏମସ୍ ହସପିଟାଲ ଭୁବନେଶ୍ୱରର କ୍ୟାନସର ବିଶେଷଜ୍ଞ ପ୍ରଫେସର ଡ. ସନ୍ଦୀପ ବାରିକ, ଆଚାର୍ଯ୍ୟ ହରିହର କ୍ୟାନସର ହସପିଟାଲର ପ୍ରଫେସର ପ୍ରଶାନ୍ତ କୁମାର ପରିଜା, ସ୍କିଲ ଡେଭଲପମେଣ୍ଟ ଏବଂ ବୈଷୟିକ ଶିକ୍ଷା, ଓଡ଼ିଶା ସରକାର, ଭୁବନେଶ୍ୱରର ଅଧ୍ୟାପିକା ଏବଂ ୱେଲନେସ କୋଚ ଜ. ସରିତାଞ୍ଜଳି ନାୟକ, ଏକାମ୍ର କଲେଜର ରିଡର୍ ଡ଼. ଅଜୟ କୁମାର ସିଂ, ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ମନୋଜ କୁମାର ବାରିକ ପ୍ରମୁଖ ଯୋଗ ଦେଇ କ୍ୟାନସର ସମ୍ପର୍କିତ ବିଷୟରେ ଆଲୋଚନା କରିଥିଲେ। ଟ୍ରଷ୍ଟର ଟ୍ରଷ୍ଟି ନୀନା ସାହୁ, ମୋନାଲିସା ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ।

# ଗ୍ରୀଷ୍ମ ପାଇଁ ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ନେଟୱର୍କ

ଭୁବନେଶ୍ୱର,୧୦।୪(ସମିସ): ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ) ଗ୍ରୀଷ୍ମ ଋତୁ ପାଇଁ ଆକଳିତ ୨,୬୯୧ ମେଗାୱାଟର ପିକ ବିଦ୍ୟୁତ ଡିମାଣ୍ଡକୁ ପୂରଣ କରିବା ପାଇଁ ନିଜର ନେଟୱର୍କକୁ ସୁଦୃଢ଼ କରିଛି। କମ୍ପାନୀ ପକ୍ଷରୁ ୧୫୩ ଏମଭିଏ ନେଟୱର୍କ କ୍ଷମତା ବୃଦ୍ଧି କରାଯାଇଛି, ରିଅଲ-ଟାଇମ୍ ଗ୍ରୀଡ୍ ମନିଟରିଂ ବ୍ୟବସ୍ଥାକୁ ଉନ୍ନତ କରାଯାଇଛି ଏବଂ ନିଜର ସେବା ଯୋଗାଣ ଅଞ୍ଚଳ ମଧ୍ୟରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାକୁ ୯,୦୦୦ରୁ ଅଧିକ କ୍ଷେତ୍ର କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଭୁବନେଶ୍ୱରସ୍ଥିତ ପାୱାର ଡିଷ୍ଟ୍ରିବ୍ୟୁସନ ଟେକ୍ନୋଲୋଜି ସେଣ୍ଟାଲ ଗ୍ରୀଷ୍ମକାଳୀନ ପିକ୍ ଡିମାଣ୍ଡ ସମୟରେ ବିତରଣ ନେଟୱର୍କ ପରିଚାଳନାର କେନ୍ଦ୍ର ବିନ୍ଦୁ ଭାବେ କାର୍ଯ୍ୟ କରେ। ଇଣ୍ଟିଗ୍ରେଟେଡ୍ ସୁପରଭାଇଜରୀ କଣ୍ଟ୍ରୋଲ ଆଣ୍ଡ ଡାଟା ଆକ୍ୱିଜିସନ୍ (ସ୍କାଡା) ଏବଂ ଆଡଭାନ୍ସଡ ଡିଷ୍ଟ୍ରିବ୍ୟୁସନ ମ୍ୟାନେଜମେଣ୍ଟ ସିଷ୍ଟମ (ଏଡ଼ିଏମଏସ) ପ୍ଲାଟଫର୍ମ ମାଧ୍ୟମରେ, ଅପରେଟରମାନେ ଲୋଡ୍ ଫ୍ଲୋ ପରିଚାଳନା କରିବା ଏବଂ ଯୋଗାଣରେ ବ୍ୟାଘାତ ସମୟରେ ତୁରନ୍ତ ସମାଧାନ ପାଇଁ ୩୩ କେଭି ଫିଡର, ପ୍ରାଇମେରୀ ସବଷ୍ଟେସନ ଏବଂ ୧୧ କେଭି ଫିଡରଗୁଡ଼ିକୁ ରିଅଲ-ଟାଇମରେ କ୍ରମାଗତ ଭାବେ ନିରୀକ୍ଷଣ କରନ୍ତି। ଏହି ବ୍ୟବସ୍ଥା ଦ୍ୱାରା ବିଦ୍ୟୁତ୍ ତ୍ରୁଟିକୁ ତୁରନ୍ତ ଚିହ୍ନଟ କରାଯାଇପାରିବ, ଦୂର ସ୍ଥାନରୁ ସୁଇଚିଂ କରାଯାଇପାରିବ ଏବଂ ସର୍ବାଧିକ ଚାହିଦା ସମୟରେ ବିଦ୍ୟୁତ୍ ଭାରର ସଠିକ୍ ପରିଚାଳନା କରାଯାଇପାରିବ।

# କାକରୁଦ୍ରପୁର ପଞ୍ଚାୟତରେ 'ଲୋକ କଳା ଦିବସ'



ବାଲିଅନ୍ତା, ୧୦।୪(ସମିସ): ବାଲିଅନ୍ତା ପଞ୍ଚାୟତ ସମିତି ଅଧୀନ କାକରୁଦ୍ରପୁର ଗ୍ରାମ ପଞ୍ଚାୟତ ଅଧୀନ ସରକାରୀ କଲ୍ୟାଣ ମଣ୍ଡପରେ 'ଲୋକ କଳା ଦିବସ' ବେଶ ଉତ୍ସାହପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ଏହି ଅବସରରେ ସମବେତ କଳାକାରମାନେ ପାଲା, ଦାଶକାଠିଆ ଏବଂ ଘୋଡାନାଚ ପରିବେଷଣ କରିଥିଲେ। ଏନେଇ ଆୟୋଜିତ ସଭାରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ରଶ୍ମିତା ନାଥ, ମଣ୍ଡଳ ଉନ୍ନୟନ ଅଧିକାରୀ, ସାଂସଦ ପ୍ରତିନିଧି ବିଜୟ କୁମାର ମହାରାଣା, କାକରୁଦ୍ରପୁର ସରପଞ୍ଚ ରଶ୍ମିତା ମଲ୍ଲିକ ସହିତ ବ୍ଲକ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ଲୋକ କଳାକାରମାନଙ୍କୁ ଅତିଥିବୃନ୍ଦ ସମ୍ମାନିତ କରିଥିଲେ।

## ମହିଳାଙ୍କ ନିଆରା ପ୍ରୟାସ

# ଟ୍ରାଇବାଲ୍ ଆର୍ଟରେ ସୌରା ଜନଜାତିର ପ୍ରଚାର



ଭୁବନେଶ୍ୱର, ୧୦।୪(ସମିସ): କଳାକାର ପାଇଁ କଳା ପ୍ରଦର୍ଶନ କରିବାକୁ ନିର୍ଦ୍ଦିଷ୍ଟ ସ୍ଥାନ କିମ୍ବା ବୟସର ଆବଶ୍ୟକତା ନଥାଏ। ପ୍ରତ୍ୟେକ ଶ୍ରେଣୀର ବ୍ୟକ୍ତି ଯେକୌଣସି ସ୍ଥାନରେ ସେ ନିଜ ଅନ୍ତର୍ନିହିତ କଳାକୁ ପ୍ରତିପାଦିତ କରିବାକୁ ପ୍ରୟାସ କରେ। ନିରୋଳା ସ୍ଥାନରୁ ବି ଶିଳ୍ପୀଟିଏ ତାର ସୃଜନର ସୃଷ୍ଟି କରିପାରେ। ଯାହାକୁ ପ୍ରମାଣିତ କରିଛନ୍ତି ରାଜଧାନୀର ୪୮ ବର୍ଷୀୟ ଗୃହିଣୀ ନିବେଦିତା ମିଶ୍ର। ୨ଟି ସନ୍ତାନ ଜନ୍ମ ପରେ ସେ ଟ୍ରାଇବାଲ ଆର୍ଟ ପ୍ରତି ଆକୃଷ୍ଟ ହୋଇଥିଲେ। ଓଡ଼ିଶାର ସୌରା ଜନଜାତି ଆର୍ଟ ଦିନକୁ ଦିନ ଲୋପ ପାଇଯାଉଥିବା ବେଳେ ଏହି ଟ୍ରାଇବାଲ ଆର୍ଟକୁ ଅନେକ ମହାରାଷ୍ଟ୍ରର ୱାର୍ଲି ଆର୍ଟ ଭାବେ ଗ୍ରହଣ କରୁଛନ୍ତି। ପ୍ରକୃତରେ ଏହା ଓଡ଼ିଶାର ସୌରା ଜନଜାତି ଆର୍ଟ ବୋଲି ଲୋକ ଲୋଚନକୁ ଆଣିବାକୁ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ ହେବ ନିବେଦିତା ଏହି ପ୍ରୟାସ କରୁଛନ୍ତି।

ନିବେଦିତା ୩ ମାସ ହେବ ଦିଲ୍ଲୀରେ ରହୁଛନ୍ତି। ଗ୍ରାଜୁଏସନ୍ ସରିବା ପରେ ସେ କୋଲକାତାସ୍ଥିତ ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟର ଫାଇନ୍ ଆର୍ଟରେ ୭ ବର୍ଷୀୟ ପ୍ରଶିକ୍ଷଣ ନେଇଥିଲେ। ହେଲେ ପଟ୍ଟଚିତ୍ର ଏବଂ ଟ୍ରାଇବାଲ ଆର୍ଟ ପ୍ରତି ଆଗ୍ରହ ବଢ଼ିଥିଲା। ଧୀରେ ଧୀରେ କାନ୍‌ଭାସରେ ଟ୍ରାଇବାଲ ଆର୍ଟ କରି ଏକ ନୂତନ ପରିଚୟ ସୃଷ୍ଟି କରିଥିଲେ। ସୌରା ଜନଜାତିଙ୍କ ଜୀବନ ଶୈଳୀକୁ ନେଇ ସେ ଶହ ଶହ ସଂଖ୍ୟାରେ କଳାକୃତି କରିଛନ୍ତି। ଶାଢ଼ି ଠାରୁ ଆରମ୍ଭ କରି ଡ୍ରେସ୍, ଓଢ଼ଣୀ, ବ୍ଲାଉଜ୍, କୁର୍ତ୍ତି, ଯୋତା, ଭ୍ୟାନିଟ୍ ବ୍ୟାଗ୍, ପ୍ଲେଟ୍, ଗ୍ଲାସ୍, ଛୋଟ ପର୍ସ, ଆଦି ଉପରେ ଜନଜାତି ମାନଙ୍କ ଜୀବନଶୈଳୀକୁ ଜୀବନ୍ତ ରୂପ ଦେଇଛନ୍ତି ନିବେଦିତା। ଝଲକ୍ କେବଳ ଓଡ଼ିଶା ନୁହେଁ ହାଇଦ୍ରାବାଦ, ମୁମ୍ବାଇ, ଗୌହାଟି ଆଦି ସ୍ଥାନରେ ବେଶ୍ ପ୍ରସିଦ୍ଧି ଲାଭ କରଥିବା ବେଳେ ଏବେ ଭାରତର ରାଜଧାନୀରେ ମଧ୍ୟ ତାଙ୍କ କଳାକୃତି ଦେଖିବାକୁ ମିଳିଛି। ଓଡ଼ିଶାର ଜନଜାତି କଳାକୃତି ମହାରାଷ୍ଟ୍ରର ୱାର୍ଲି ଆର୍ଟ ସହ ମିଶିଯାଉଥିବାରୁ ଏହାକୁ ୱାର୍ଲି ଆର୍ଟ ବୋଲି କୁହାଯାଉଛି। ପ୍ରକୃତରେ ଏହା ଓଡ଼ିଶାର ବୋଲି ସେ ପ୍ରଚାର ପ୍ରସାର କରିବାକୁ ଏଭଳି ପ୍ରୟାସ କରିଥିବା କହିଛନ୍ତି। ଲୋପ ପାଇଯାଉଥିବା ଜନଜାତି କଳାକୃତି ଯେଭଳି ଆଗାମୀ ପିଢ଼ିମାନଙ୍କ ପାଖରେ ଆଦୃତ ହୋଇପାରିବ ସେଥିପାଇଁ ଛୋଟ ପିଲାମାନଙ୍କୁ ମଧ୍ୟ ପ୍ରଶିକ୍ଷଣ ଦେଉଛନ୍ତି। ତେବେ ବିଭିନ୍ନ ପ୍ରଦର୍ଶନୀରେ ନିବେଦିତା ତାଙ୍କ କଳାକୃତି ପ୍ରଦର୍ଶିତ କରିବା ସହ ଇଣ୍ଟରନ୍ୟାସନାଲ ଟ୍ରେଡ ଫେୟାରେରେ ବେଷ୍ଟ ଷ୍ଟଲ୍ ଏବଂ ବେଷ୍ଟ ୱାର୍କ ଆୱାର୍ଡ ମଧ୍ୟ ଲାଭ କରିଛନ୍ତି।





ସକାଳ THE SAKALA



## ଜିଲ୍ଲାରେ ଲୋକସଭା ଓ ବିଧାନସଭା ଆସନ ବୃଦ୍ଧି ଦାବି

# ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ନିର୍ବାଚନ କମିସନରଙ୍କୁ ଦାବିପତ୍ର



ବାରିପଦା, ୧୦।୪(ସମିସ): ଓଡ଼ିଶାର ସର୍ବବୃହତ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ମୟୂରଭଞ୍ଜକୁ ୨୦୦୯ରେ ହୋଇଥିବା ଡି-ଲିମିଟେସନରେ ଉପେକ୍ଷା କରାଯାଇଥିବା ଅଭିଯୋଗ ଆଣି ବିଗତ ୫ ବର୍ଷ ଧରି ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯାଇ ଆସୁଥିବାବେଳେ ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ପୁନଃ ଡିଲିମିଟେସନରେ ମୟୂରଭଞ୍ଜ ଜିଲ୍ଲାରେ ବିଧାନସଭା ଓ ଲୋକସଭା ନିର୍ବାଚନମଣ୍ଡଳୀ ବୃଦ୍ଧି କରାଯିବାକୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ନିର୍ବାଚନ କମିସନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବିଧାନସଭା ନିର୍ବାଚନମଣ୍ଡଳୀକୁ କେନ୍ଦୁଝରର ଲୋକସଭା କ୍ଷେତ୍ର ଓ ବଡ଼ସାହି ବିଧାନସଭା ନିର୍ବାଚନମଣ୍ଡଳୀକୁ ବାଲେଶ୍ୱର ଲୋକସଭା କ୍ଷେତ୍ରରେ ରଖାଯାଇଛି। ସେହିପରି ଜିଲ୍ଲାର ପୂର୍ବରୁ ଥିବା ୧୦ଟି ବିଧାନସଭା ନିର୍ବାଚନମଣ୍ଡଳୀକୁ କମାଇ ୯ଟି ଆସନରେ ସୀମିତ ରଖଯାଇଛି। ଜିଲ୍ଲାରେ ଥିବା ଏକମାତ୍ର ପୂର୍ଣ୍ଣାଙ୍ଗ ଲୋକସଭା କ୍ଷେତ୍ର ଆଦିବାସୀ ବର୍ଗ ପାଇଁ ସଂରକ୍ଷିତ ରହିଥିବାବେଳେ ୯ଟି ବିଧାନସଭା କ୍ଷେତ୍ର ମଧ୍ୟରୁ କେବଳ ମୋରଡା ଆସନକୁ ଛାଡ଼ିଦେଲେ ଅନ୍ୟ ୮ଟି ଯାକ ଆସନ ସଂରକ୍ଷିତ ରହିଥିବାରୁ ମୟୂରଭଞ୍ଜର ସାଧାରଣ ଜନତା ନିଜର ରାଜନୈତିକ ଅଧିକାରରୁ ବିଶେଷ ଭାବେ ବଞ୍ଚିତ ହେଉଛନ୍ତି। ଏଣୁ ଜିଲ୍ଲାରେ ପୁନଃ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ କରାଯାଇ ଆୟତନ ଓ ଜନସଂଖ୍ୟା ଦୃଷ୍ଟିରୁ ଜିଲ୍ଲାରେ ୧୨ଟି ବିଧାନସଭା ଆସନ ସହ ଅନ୍ୟୁନ ୨ଟି ଲୋକସଭା ଆସନ ଗଠନ କରିବା ସହ ଗୋଟିଏ ଲୋକସଭା ଆସନ ଓ ଅନ୍ୟୁନ ୩ଟି ବିଧାନସଭା ଆସନକୁ ସଂରକ୍ଷଣ ମୁକ୍ତ ରଖାଯିବାକୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନରେ ଓଡିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ମଞ୍ଚର କର୍ମକର୍ତ୍ତା ପୀତାମ୍ବର ମଲ୍ଲିକ, ଆଇନଜୀବୀ ଲିଙ୍ଗରାଜ ମିଶ୍ର ଓ ସତ୍ୟନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମନରେଗା କାମରେ ଦୁର୍ନୀତି ଅଭିଯୋଗ



ରାସଗୋବିନ୍ଦପୁର, ୧୦।୪(ସମିସ): ସରକାର କୁଶଳୀ, ଅଣକୁଶଳୀ ଶ୍ରମିକଙ୍କ ପାଇଁ ମନରେଗା ଯୋଜନା କରିଛନ୍ତି। ମାଟି କାମ କରୁଥିବା ଶ୍ରମିକଙ୍କୁ ୧୫ ଦିନ କାମ ଯୋଗାଇଦେବା ନିୟମ ରହିଛି। କାମର ବିଲ୍ ୧୫ ଦିନ ମଧ୍ୟରେ ଶ୍ରମିକ ମାନଙ୍କୁ ପ୍ରଦାନ କରାଯାଇଥାଏ। ଯଦି ପାରିଶ୍ରମିକ ପାଉଣା ପାଇବାର ବିଳମ୍ବ ହୁଏ, ତେବେ ସୁଧ ସହ ଶ୍ରମିକମାନେ ପାରିଶ୍ରମିକ ପାଇବା ପାଇଁ ହକଦାର ଅଟନ୍ତି। କିନ୍ତୁ କାମ ନ କରି କେବଳ ସୂଚନା ଫଳକ ଲଗାଇ ଅଗ୍ରିମ ଟଙ୍କା ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି। ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନାକିଚୁଆ ପଞ୍ଚାୟତର ପାରୁଳିଆ ଗାଁରେ ଏଭଳି ଘଟିଛି। ଗୋଟିଏ ଗାଁରେ ୩ଟି ମନରେଗା ସୂଚନା ଫଳକ ଲଗାଇ ଅଗ୍ରିମ ବିଲ୍ ଉଠାଯାଇଛି। ଅମୃତ ସରୋବର ଯୋଜନାରେ ପାରୁଳିଆ ଘୁଷୁରିଆ ପୋଖରୀ, ଘୋଳାଗଡ଼ିଆ ପୋଖରୀ ଓ ଏକ ମେଟାଲ ରାସ୍ତା କାମ ପାଇଁ ସୂଚନା ଫଳକ ଲଗାଇ ୩୬ ହଜାର ୩୬ ଟଙ୍କା ଅଗ୍ରିମ ବିଲ୍ କରାଯାଇଛି। ତେବେ ପୋଖରୀଗୁଡ଼ିକ ୨୦୨୮ ପର୍ଯ୍ୟନ୍ତ ନିଲାମ ଥିବାବେଳେ ବେଆଇନ ଭାବେ (ୱାର୍କ କଡିଂ) କରି ଟଙ୍କା ଉଠାଯାଇଛି। ଏ ବାବଦରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଭଳି ଦୁର୍ନୀତି ରାସଗୋବିନ୍ଦପୁର ବ୍ଲକର ୧୬ଟି ପଞ୍ଚାୟତରେ ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

## ଚେକ୍ ବାଉନ୍ସ ମାମଲାରେ ୬ ମାସ ଜେଲ୍ ଦଣ୍ଡାଦେଶ

ଉଦଳା, ୧୦।୪(ସମିସ): ଏସଡିଜେଏମ ଅନୁରାଗ ଦେହୁରୀ ଏକ ଚେକ୍ ବାଉନ୍ସ ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୬ ମାସ ଜେଲ ଦଣ୍ଡାଦେଶ ରାୟ ଦେଇଛନ୍ତି। କପ୍ତିପଦା ଫୁଲବାଡ଼ିଆ ଅଞ୍ଚଳର ଅଭିଯୁକ୍ତ ବିଶ୍ୱନାଥ ବେହେରାଙ୍କୁ ୨ ଲକ୍ଷ ୬୪ ହଜାର ୨୦୮ ଟଙ୍କା ସହ ୬ ମାସ ଜେଲ୍ ଦଣ୍ଡାଦେଶ ଓ ଜରିମାନା ଅନାଦେୟ ବାବଦକୁ ଅଧିକ ୩ ମାସ ଜେଲ୍ ଦଣ୍ଡାଦେଶ ନେଇ ରାୟ ଦେଇଛନ୍ତି। ଅଭିଯୁକ୍ତ ବିଶ୍ୱନାଥ ବେହେରା ମୟୂରଭଞ୍ଜ ସେଣ୍ଟ୍ରାଲ୍ କୋ-ଅପରେଟିଭ୍ ବ୍ୟାଙ୍କ ଉଦଳା ଶାଖାରୁ ୨୧।୮।୨୦୧୭ରେ ୧ ଲକ୍ଷ ୫୦ ହଜାର ଟଙ୍କା ଏମଟିଏନଏ ଋଣ ନେଇଥିଲେ। ମାତ୍ର ନିୟମିତ ଟଙ୍କା ପରିଶୋଧ ନ କରିବାରୁ ତତ୍କାଳୀନ ବ୍ୟାଙ୍କ ମ୍ୟାନେଜର ଟଙ୍କା ମାଗିବାରୁ ଅଭିଯୁକ୍ତ ୨୧।୮।୨୦୧୮ରେ ୧ ଲକ୍ଷ ୬୨ ହଜାର ୯୧ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଉକ୍ତ ଚେକ୍ ବ୍ୟାଙ୍କରେ ଡିପୋଜିଟ୍ ହେବା ପରେ ତାହା ବାଉନ୍ସ ହୋଇଥିଲା। ଯାହାକୁ ନେଇ ବ୍ୟାଙ୍କର ମ୍ୟାନେଜର ଉଦଳା ଏସଡିଜେଏମଙ୍କ କୋର୍ଟରେ ଏକ ମୋକଦ୍ଦମା ଆଗତ କରିଥିଲେ। ଯାହାର ବିଚାର ପରେ ରାୟ ପ୍ରକାଶ ପାଇଛି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ରଜତ କୁମାର ମହାପାତ୍ର ଲଢୁଥିବାବେଳ ପ୍ରତିପକ୍ଷରୁ ଡି. ପରିଡ଼ା ମାମଲା ଲଢୁଥିଲେ।

## ଅସଦାଚରଣ ଅଭିଯୋଗରେ ଅଜା ଗିରଫ

କରଞ୍ଜିଆ, ୧୦।୪ (ସମିସ): କରଞ୍ଜିଆ ଥାନା ଅଞ୍ଚଳରେ ଜଣେ ୧୩ ବର୍ଷୀୟ ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ୫୮ ବର୍ଷୀୟ ଜଣେ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି। ନାବାଳିକା ଜଣକ ଆବାସିକ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ। ସ୍କୁଲ ଛୁଟି ପରେ ନାବାଳିକା ଛାତ୍ରୀଙ୍କୁ ତାଙ୍କ ଅଜା ବିଭିନ୍ନ ପ୍ରଲୋଭନ ଦେଖାଇ ଅନୈତିକ ବ୍ୟବହାର କରୁଥିଲେ। ଏହି ଘଟଣା ସମ୍ପର୍କରେ ଗ୍ରାମବାସୀ ଜାଣି ପରେ ନାବାଳିକାଙ୍କ ବାପାଙ୍କୁ ସୂଚନା ଦେଇଥିଲେ। ପରେ ପୀଡିତାଙ୍କ ବାପା ଗତ ୫ ତାରିଖରେ କରଞ୍ଜିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

## ଖୁଣ୍ଟା ଡିଗ୍ରୀ କଲେଜରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ



କୁଆମରା, ୧୦।୪(ସମିସ): ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏ ଅବସରରେ ପୁସ୍ତକ ମେଳା କଲେଜ ପରିସରରେ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀ, ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ମିଶ୍ର, ଓଡ଼ିଆ ବିଭାଗୀୟ ଅଧ୍ୟାପିକା ଡଃ ହିରଣ୍ମୟୀ ଶତପଥୀ, ଅଧ୍ୟାପକ ଶୁଭମ ସାସମଲ, ତପନ କୁମାର ବାରିକ, ପ୍ରଦୀପ କୁମାର ବେହେରା, ସୁଧାଂଶୁ କୁମାର ଗିରି, ଅଶ୍ୱିନୀ ରଞ୍ଜନ ମିଶ୍ର, ହେମନ୍ତ ଲୋହାର, ଅଧ୍ୟାପିକା ଗୋପା ସିଂହ ଓ ଖେଳ ପ୍ରଶିକ୍ଷକ କିଶୋର ଦାଶ ଆୟୋଜିତ ସଭାରେ ଯୋଗଦେଇ ପୁସ୍ତକ କ୍ରୟର ଉପକାରିତା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଛାତ୍ରଛାତ୍ରୀ ନିଜର ମନ ମୁତାବକ ପୁସ୍ତକ କ୍ରୟ କରି ଆୟୋଜିତ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## କୁସୁନପୁରରେ ଚବିଶ ପ୍ରହର ନାମଯଜ୍ଞ



ଖୁଣ୍ଟ, ୧୦।୪(ସମିସ): ଶୁକ୍ଳି ବ୍ଲକ ଅନ୍ତର୍ଗତ କୁସୁନପୁର (ଗୋଡାସାହି) ଗ୍ରାମରେ ଜଗତର ମଙ୍ଗଳ ନିମିତ୍ତ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ନାମଯଜ୍ଞରେ ବାଉଁଶଡିହା (ଠାକୁରମୁଣ୍ଡା), ଆଖୁପାଳ (ହରିଚନ୍ଦନପୁର), କେମୁଣ୍ଡିଆ (କେନ୍ଦୁଝର), ବାଲିଶୁଆଁ (ପଦ୍ମପୁର), ହାଣ୍ଡିଫୁଟା (ଠାକୁରମୁଣ୍ଡା) ଓ କୁସୁନପୁର (ଗୋଡା ସାହି) ପ୍ରଭୃତି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଏହି ନାମଯଜ୍ଞରେ ସମ୍ମାନାସ୍ପଦ ବ୍ୟକ୍ତି ପ୍ରହ୍ଲାଦ ନାଏକ, ପରମେଶ୍ୱର ନାଏକ ଓ ମାଗୁଣି ନାଏକଙ୍କ ସମେତ ଭଗବତପ୍ରେମୀ ସମସ୍ତ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ରାଇରଙ୍ଗପୁରରେ କଳା ପଲସର ଆତଙ୍କ

# ଦିନ ଦ୍ୱିପ୍ରହରରେ ମହିଳାଙ୍କଠାରୁ ଚୋରି ଉଦ୍ୟମ



ରାଇରଙ୍ଗପୁର, ୧୦।୪(ସମିସ): ରାଇରଙ୍ଗପୁର ସହରରେ କଳା ପଲସର ଆତଙ୍କ ସୃଷ୍ଟି ହୋଇଛି। ଦିନ ଦ୍ୱିପ୍ରହରରେ ସହରରେ ଚୋରି ଉଦ୍ୟମ ହୋଇଛି। ଯାହାକି ପୁଲିସର ମୁଣ୍ଡବିନ୍ଧାର କାରଣ ସାଜିଥିବାବେଳେ ଚୋର ଗ୍ୟାଙ୍ଗ ପୁଲିସ ପ୍ରଶାସନକୁ ଖୁଲମଖୁଲା ଚ୍ୟାଲେଞ୍ଜ ଦେଉଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଅଁଳାଡୁବା ଅଞ୍ଚଳରେ ଦୋକାନ ମଧ୍ୟରୁ ମହିଳାଙ୍କ ପାଖରୁ ଚୋରି ଉଦ୍ୟମ କରିଛନ୍ତି। ଭେଙ୍କଟେଶ୍ୱର ବିଦ୍ୟାଳୟ ନିକଟରେ ତେଜରାତି ଦୋକାନରେ କରୁଣା ରାମ ନାମକ ମହିଳା ବସିଥିଲେ। ଜଣେ ଦୁର୍ବୃତ୍ତ ଏକ କଳା ପଲସରରେ ତେଜରାତି ଦୋକାନରେ ପ୍ରବେଶ କରିଥିଲେ। ମହିଳା ଜଣକ ଏକୁଟିଆ ଥିବାବେଳେ ସାମଗ୍ରୀ କ୍ରୟ କରିବା ବାହାନାରେ ଛିନତାଇ ଉଦ୍ୟମ କରିଥିଲେ। ମହିଳାଙ୍କ ବେକରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଚେନ ଝାମ୍ପି ନେବାକୁ ଚେଷ୍ଟା କରିଥିଲେ। ମହିଳା ଅଟକାଇବାରୁ ଛିନତାଇ ଉଦ୍ୟମରେ ବିଫଳ ହୋଇଥିଲେ। ଏହାପରେ ଦୁର୍ବୃତ୍ତ ଜଣକ ପଲସରରେ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲା।। ପୁଲିସର ଢିଲା ପାଟ୍ରୋଲିଂ ପାଇଁ ଚୋରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି।

## ସାଇବର ସୁରକ୍ଷା ସମ୍ପର୍କିତ କର୍ମଶାଳା

କପ୍ତିପଦା, ୧୦।୪ (ସମିସ): କପ୍ତିପଦା ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ଭାରତ ସରକାରଙ୍କ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମରେ ସାଇବାର ସୁରକ୍ଷା କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିନିମନ୍ତେ ଏକ ସଚେନତା ସଭା ଅନୁଷ୍ଠିତ ହେଇଥିଲା। ଶିଶୁ ବିକାଶ ଯୋଜନା ଅଧିକାରିଣୀ କିତିନୀ ଲିୟାଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡକ୍ଟର ମନୋଜ ବାରିକ, ଆଡଭୋକେଟ ପ୍ରତୀମା ସାହୁ, ପ୍ଲାନ ଇଣ୍ଡିଆର ଶିଶୁ ବିକାଶ କର୍ମୀ ଆଶିଷ କୁମାର ମଲ୍ଲିକ, ଚିନ୍ତାମଣି ମହାକୁଡ, କଲ୍ୟାଣୀ ରାଜ, ଶିକ୍ଷକ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ସାଇବର ସୁରକ୍ଷା, ଇଣ୍ଟରନେଟ ସୁରକ୍ଷା, ସୋସିଆଲ ମିଡିଆର ବ୍ୟବହାର, ଆର୍ଥିକ କାରବାରର ସତର୍କତା, ଡିଜିଟାଲ ଆରେଷ୍ଟ, ନକଲି ଆପ୍ସ, ନକଲି ୱେବସାଇଟ, ହ୍ୱାଟସପ ଓ ଟେଲିଗ୍ରାମ ଟ୍ରେଡିଂରେ ସତର୍କତା ଓ ସୁରକ୍ଷା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏଥିସହିତ ବାଲ୍ୟ ବିବାହ ରୋକିବା, ଶିଶୁ ଶ୍ରମିକ, ଶିଶୁ ଚାଲାଣ ନିମନ୍ତେ ଆଇନ ଓ ସରକାରୀ ଯୋଜାନା ସମ୍ପର୍କରେ ଆଲୋକପାତ କରାଯାଇଥିଲା।




ଏହି କାର୍ଯ୍ୟକ୍ରମ ଆଇସିଡିଏସର ସୁପରଭାଇଜର, ସ୍ଥାନୀୟ ପୁଲିସ, ସରପଞ୍ଚ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ପ୍ଲାନ ଇଣ୍ଡିଆର ଶିଶୁ ବିକାଶ କର୍ମୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରୁ କିଶୋରୀ ବାଳିକା ପ୍ରମୁଖ ଉପସ୍ଥିତ ଥିଲେ। କିଶୋରୀ, କିଶୋର ଓ ୟୁନିଭରସିଟିରେ ଟପର ହେଇଥିବା ରାଜଶ୍ରୀ ଷେଣ୍ଢ଼ି ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଶଶାଙ୍କ ବେହେରା, ବିଶ୍ୱଜିତ ବେହେରା, ଦୀପଶିତା ଜେନା, ଶର୍ମିଷ୍ଠା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରରୁଆଁ ବ୍ଲକରେ ଶିକ୍ଷା ସଚେତନ ରଥ ପରିକ୍ରମା ଉଦ୍‌ଯାପିତ



ଶୁକ୍ଳି, ୧୦।୪(ସମିସ): ରରୁଆଁ ବ୍ଲକରେ ୪ ତାରିଖରେ ଆରମ୍ଭ ହୋଇଥିଲା ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ। ଏ ଅବସରରେ ପ୍ରଭାତ ଉଚ୍ଚବିଦ୍ୟାଳୟରେ ଆରମ୍ଭ ହୋଇ ଶିକ୍ଷା ସଚେତନତା ରଥ ପରିକ୍ରମା ଉଦ୍‌ଯାପିତ ହୋଇଛି। ଏହି ରଥ ସାତଦିନ ଧରି ୧୨ଟି କ୍ଲଷ୍ଟରର ବିଭିନ୍ନ ସ୍କୁଲ ଓ ଗାଁ ପରିଭ୍ରମଣ କରିଥିଲା। ପ୍ରତ୍ୟେକ ଜନସାଧାରଣ ସଚେତନ ହୁଅନ୍ତୁ, ନିଜ ପିଲାମାନଙ୍କୁ ଅଶିକ୍ଷିତ ରଖନ୍ତୁ ନାହିଁ ଶିକ୍ଷାର ଆଲୋକରେ ସାମିଲ କରନ୍ତୁ ବାର୍ତ୍ତା ଦିଆଯାଇଥିଲା। ସବୁ ସ୍କୁଲରେ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଆଜି ଶିକ୍ଷା ସଚେତନ ରଥ ପରିକ୍ରମାର ଶେଷ ଦିନରେ ଦୁଇଟି କ୍ଲଷ୍ଟର ପରିଭ୍ରମଣ କରି ଗଡ଼ାପଳସା ଉଚ୍ଚ ବିଦ୍ୟାଳୟରେ ଉଦ୍‌ଯାପିତ ହୋଇଥିଲା। ଗଡ଼ାପଳସା ବିଦ୍ୟାଳୟରେ ଏ ନେଇ ଏକ ଉଦଯାପନୀ ସଭା ଆୟୋଜିତ ହୋଇଥିଲା। କନକଲତା ସେଠୀ ସଭାପତିତ୍ୱ କରିଥିଲେ। ଏବିଓ ସୁରେନ୍ଦ୍ର ରାଉତ, ବରୁଣ କୁମାର ଗିରି ଅତିଥି ଭାବେ ଯୋଗ ଦେଇଥିଲେ। ସପନ କୁମାର ମହାନ୍ତ ସଭା ପରିଚାଳନା କରିଥିଲେ। ୧୨ଟି କ୍ଲଟର ସିଆରସିସି ମଧ୍ୟ ଉପସ୍ଥିତ ଥିଲେ। ୧୨ଟି କ୍ଲଷ୍ଟର ସିଆରସିସି ଓ ଶିକ୍ଷକଙ୍କ ସହଯୋଗରେ ସୁରୁଖୁରୁରେ ରଥ ପରିକ୍ରମା ସରିଥିବାରୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏବିଓ ସୁରେନ୍ଦ୍ର ରାଉତ ଧନ୍ୟବାଦ ଜଣାଇଥିଲେ।

## କୈଳାସ ଚନ୍ଦ୍ର ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା



ବୈଶିଙ୍ଗା, ୧୦।୪(ସମିସ): ହେମପୁରସ୍ଥ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଗବନ୍ଧୁ ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ସଞ୍ଜୟ କୁମାର ମିଶ୍ର ଯୋଗଦେଇ ଜଗବନ୍ଧୁ ଜେନାଙ୍କ ଅନୁଷ୍ଠାନ ପ୍ରତି ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ତୁଷାରକାନ୍ତ ପାତ୍ର, ପ୍ରଭାତୀ ପ୍ରଧାନ ଓ ଜୟଶ୍ରୀ ପାଢ଼ୀ ପ୍ରମୁଖ ତାଙ୍କର ଅନୁଷ୍ଠାନ ପ୍ରତି ଥିବା ନିଷ୍ଠା ସମ୍ପର୍କରେ କହିଥିଲେ। ଜଗବନ୍ଧୁ ଜେନାଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଚନ୍ଦନ କୁମାର ଦାସ, ବିନ୍ନି ସଞ୍ଜୀବନ ବାରିକ, ରାଜନନ୍ଦିନୀ ପାତ୍ର, ସବିତା ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରକ୍ତଦାନ ଶିବିର, ୬୫ ୟୁନିଟ୍ ସଂଗୃହୀତ

ଶୁକ୍ଳି, ୧୦।୪(ସମିସ): ରରୁଆଁ ଅଙ୍ଗାରପଦା ପଞ୍ଚାୟତ ମହାବିଦ୍ୟାଳୟରେ ଗୁରୁବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର ଓ ଓଡ଼ିଆ ପକ୍ଷ ପାଳନ କରାଯାଇଥିଲା। ଏହି ଶିବିରକୁ ମନ୍ତ୍ରୀ ଉଦଘାଟନ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରେମାନନ୍ଦ ବେହେରା, ସମାଜସେବୀ ତଥା ଆଇସିସି କମିଟି ସଦସ୍ୟ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ, ସରପଞ୍ଚ ଝୁନାରାଣୀ ପିଙ୍ଗୁଆ, ସମିତିସଭ୍ୟ ଜୟସିଂ ପୂର୍ତ୍ତି, ରଶ୍ମିରେଖା ମହାନ୍ତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ, ସ୍ୱେଚ୍ଛାସେବୀ, ଏନସିସି, ଏନଏସଏସ ଓ ଛାତ୍ରଛାତ୍ରୀ ରକ୍ତଦାନ କରିବାକୁ ଆଗେଇ ଆସିଥିଲେ। କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାର କର୍ମକର୍ତ୍ତା, ରରୁଆଁ ସିଏଚସିର ଡାକ୍ତର ଦକ୍ଷିଣା ରଞ୍ଜନ ଟୁଡୁ ଶିବିରକୁ ପରିଚାଳନା କରିଥିଲେ। ଶିବିରରୁ ୬୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରରୁଆଁ ଆଇଆଇସି ଅନାଦି ପଟ୍ଟନାୟକ ଓ ତାଙ୍କ କର୍ମଚାରୀ ଯୋଗ ଦେଇଥିଲେ। ଅଧ୍ୟକ୍ଷ ମନ୍ମଥ କୁମାର ମହାନ୍ତ ଯୋଜନା ସମ୍ପର୍କରେ ଅବଗତ କରାଇଥିବାବେଳେ ମନ୍ତ୍ରୀ ପିଲାମାନଙ୍କୁ ଭଦ୍ର ମାର୍ଜିତ ହୋଇ ଗୁରୁଜନଙ୍କୁ ସମ୍ମାନ ଦେବାକୁ ପରାମର୍ଶ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପକ ସଂଯୁକ୍ତା ଘଡେଇ, ଶକୁନ୍ତଳା ମହାନ୍ତ, ସୁରେଶ ମିଶ୍ର, ଅଜୟ ରାଉତ, ସରୋଜ ସାହୁ, ଅକ୍ଷୟ ସାହୁ, ଜ୍ୟୋତି କିଶୋର ମହାନ୍ତ, ରଞ୍ଜନ କୁମାର ଦାଶ, ଡେମନଷ୍ଟ୍ରେଟର ପ୍ରଭାତ ରଞ୍ଜନ ଦାଶ, ଖେଳ ଶିକ୍ଷକ ସୁଦାମ ଚରଣ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜନୀତି ବିଜ୍ଞାନ ବିଭାଗରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ



ନୂଆସାହି, ୧୦।୪ (ସମିସ): କପ୍ତିପଦା ଡିଗ୍ରୀ କଲେଜ, ନୂଆସାହି କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ +୩ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟ ଲମ୍ବୋଦର ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ଡଃ ଶାନ୍ତସୁନ୍ଦର ଆଚାର୍ଯ୍ୟ ଅତିଥି ଭାବରେ ଯୋଗଦେଇ ବିଦାୟ ସମ୍ବର୍ଦ୍ଧନା ଉତ୍ସବର ପରମ୍ପରା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। +୩ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ ସମ୍ମାନ ଶ୍ରେଣୀ ଛାତ୍ରଛାତ୍ରୀ ତୃତୀୟ ତଥା ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ ଥିଲେ। ଛାତ୍ରୀ ଦିବ୍ୟାଭାରତୀ ହାଁସଦା ଅତିଥି ପରିଚୟ ପ୍ରଦାନ କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ବିଭୁରଞ୍ଜନ ବିଶ୍ୱାଳ, ଅଧ୍ୟାପକ ସଞ୍ଜୟ କୁମାର ସେନାପତି, ଦର୍ଶନ ବିଭାଗର ଅଧ୍ୟାପିକା ମଞ୍ଜୁଳା ମହାପାତ୍ର, ଶିକ୍ଷା ବିଭାଗର ଅଧ୍ୟାପିକା ନମିତା ବେହେରା, ଶିକ୍ଷା ବିଭାଗର ଡେମୋନଷ୍ଟ୍ରେଟର ଭାନୁମତି ରାଉତ, ପଦାର୍ଥ ବିଜ୍ଞାନର ଡେମୋନଷ୍ଟ୍ରେଟର ରାକେଶ ପ୍ରଧାନ ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା ରଞ୍ଜିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## କରଞ୍ଜିଆ ମହୋତ୍ସବ ଆରମ୍ଭ



କରଞ୍ଜିଆ, ୧୦।୪(ସମିସ): କରଞ୍ଜିଆର ଗର୍ବ ଓ ପରମ୍ପରାର ପ୍ରତୀକ କରଞ୍ଜିଆ ମହୋତ୍ସବ-୨୦୨୬ ଧୂମଧାମରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଇ ଅମ୍ବିକା ମନ୍ଦିରରୁ ମଶାଲ ଯାତ୍ରା ଆରମ୍ଭ ହୋଇ ସହରର ପ୍ରମୁଖ ସ୍ଥାନ ପରିକ୍ରମା କରି ମିଳଣ ପଡ଼ିଆରେ ପହଞ୍ଚିଥିଲା। ଏହାପରେ ମୟୂରଭଞ୍ଜର ପାରମ୍ପରିକ ଲୋକକଳା, ନୃତ୍ୟ ଓ ବାଦ୍ୟ ସମାଗମ ମାଧ୍ୟମରେ ପ୍ରଥମ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ସମ୍ମାନିତ ଅତିଥି ଭାବେ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗ ଦେଇଥିଲେ। ଚାରୁସ୍ ଏକାଡେମୀ କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ 'ଶିବ ତାଣ୍ଡବ' ବିଶେଷ ଆକର୍ଷିତ ହୋଇଥିଲା। ଏହି ଅଭିନୟ ଓଲିଉଡ଼ ଅଭିନେତ୍ରୀ ଭୂମିକା ଦାଶଙ୍କ ସହ ଦର୍ଶକମାନଙ୍କ ମନକୁ ମୋହିଥିଲା। ଶେଷରେ ଅଭିନେତ୍ରୀ ଭୂମିକା ଦାଶ ନିଜର ନୃତ୍ୟ ଦ୍ୱାରା ଉପସ୍ଥିତ ଦର୍ଶକଙ୍କୁ ମନୋରଞ୍ଜନ କରାଇଥିଲେ। ଏହି ମହୋତ୍ସବ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଲୋଧା ଜନଜାତି ଭିନ୍ନକ୍ଷମ ମହିଳାଙ୍କ ଦୁଃଖ

# ୧୦ କିଗ୍ରା ଚାଉଳ ଓ ୧ ହଜାର ଟଙ୍କା ଭତ୍ତାରେ ଚଳୁଛି ସଂସାର



ଗୋପବନ୍ଧୁନଗର/ଉଦଳା, ୧୦।୪(ସମିସ): କପ୍ତିପଦା ବ୍ଲକର ଜଡ଼ିଦା ପଞ୍ଚାୟତ ଅନ୍ତର୍ଗତ ନେଦାମ ଗ୍ରାମରେ ଲୋଧା ଜନଜାତିର ଲୋକେ ବସବାସ କରୁଥିବା ଏକ ଛୋଟ ବସ୍ତି ରହିଛି। ଏହି ବସ୍ତିର ବାସିନ୍ଦା ସୁବାସ କଟୁଆଳଙ୍କ ସହଧର୍ମିଣୀ ଦୀପିକା ଜଣେ ଭିନ୍ନକ୍ଷମ ମହିଳା। ପିଲାଟି ଦିନରୁ ତାଙ୍କର ଗୋଟିଏ ହାତ ସମ୍ପୂର୍ଣ୍ଣ ଅଚଳ ହୋଇଯିବା ଫଳରେ ସେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତର ତାଙ୍କୁ ୫୫ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ତାଙ୍କର ଚାରୋଟି ପିଲା ପିଲିଙ୍କୁ ମିଶାଇ ପରିବାରର ମୋଟ ୬ ଜଣ ସଦସ୍ୟ ଅଛନ୍ତି। ଏତିକିବେଳେ ଖାଦ୍ୟ ଯୋଜନାରେ ତାଙ୍କ ପରିବାରକୁ ମାସିକ ୧୦ କିଗ୍ରା ଚାଉଳ ଓ ଏକ ହଜାର ଟଙ୍କା ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଉଛି। ଯାହାକି ତାଙ୍କୁ ପରିବାର ଚଳାଇବାକୁ କଷ୍ଟକର ହୋଇପଡୁଛି ବୋଲି ଦୀପିକା ଜଣାଇଛନ୍ତି।

ଦୀପିକାଙ୍କୁ ମାସିକ ୩୫ କିଗ୍ରା ଚାଉଳ ପାଇବା ପାଇଁ ଅନ୍ତୋଦୟ କାର୍ଡ଼ କରାଇଦେବେ ବୋଲି କହି ସରକାରୀ ବାବୁ ୫ ଶହ ଟଙ୍କା ମାଗୁଥିଲେ। ସେ ଟଙ୍କା ଦେଇ ନ ପାରିବାରୁ ଅନ୍ତୋଦୟ କାର୍ଡ଼ରୁ ତାଙ୍କୁ ବାଦ କରିଦେଲେ ବୋଲି ଦୀପିକା ଅଭିଯୋଗ କରିଛନ୍ତି। ଦିନମଜୁରିଆ ଭାବେ କାମ କରି ନିଜର ଦୈନନ୍ଦିନର ଗୁଜରାଣ ମେଣ୍ଟାଉଥିବା ଏହି ଲୋଧା ଜନଜାତି ପରିବାରର ଦୁଃଖ ବୁଝି ବିଭାଗୀୟ କର୍ତ୍ତୃପକ୍ଷ ତାଙ୍କୁ ସହଯୋଗ କରିବାକୁ ବହୁ ସ୍ୱେଚ୍ଛାସେବୀ ସଂଗଠନ ଦାବି ଜଣାଇଛନ୍ତି।

ସକାଳ
THE SAKALA



### ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ବାଇକ୍ ରାଲି

# ସହର ସାରା ପୁଲିସ ଛାଉଣି







**ସମ୍ବଲପୁର, ୧୦।୪(ସମିସ)**

ହାତରେ ଝଣ୍ଡା। ଜୟ ଶ୍ରୀରାମ.ଜୟ ଶ୍ରୀ ରାମ ନାରାରେ କମ୍ପିଲା ସମ୍ବଲପୁର ସହର। ହଜାର ହଜାର ଲୋକ ସାମିଲ ହେଲେ ବାଇକ୍ ରାଲିରେ। ରାମନବମୀ ଅବସରରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ବିଶାଳ ବାଇକ ରାଲିର ଆୟୋଜନ କରାଯାଇଥିଲା। ସମିତିର ଅଧ୍ୟକ୍ଷ ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଏହି ରାଲି ଅନୁଷ୍ଠିତ ହୋଇଥିଲା। ରାଲି ପ୍ରଥମେ ଗୋବିନ୍ଦଟୋଲରୁ ଆରମ୍ଭ ହୋଇ ଧନୁପାଲି, ଜେଲ ଛକ, ଭୁତା ପଡ଼ା ଛକ, ମୋତିଝରଣ, ସୁନାପାଲି, ଧନକଉଡ଼ା, ସାକ୍ଷୀପଡ଼ା, ଭିଏସଏସ ମାର୍ଗ, ଜିଲ୍ଲା ସ୍କୁଲ ଛକ, ଶକ୍ତି ଛକ, ଗେଟି ଟକିଜ ରାସ୍ତା, କୁଞ୍ଜେଲ ପଡ଼ା ଦେଇ ଗଙ୍ଗାଧର ମଣ୍ଡପରେ ପହଞ୍ଚିଥିଲା। ମଣ୍ଡପରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ରାଲିରେ ହଜାର ହଜାର ସଂଖ୍ୟାରେ ବାଇକ୍ ଚାଳକମାନେ ସାମିଲ ଥିଲେ। ହାତରେ ଝଣ୍ଡା ଧରି ଜୟ ଶ୍ରୀରାମ ନାରା ଦେଇ ଆଗକୁ ବଢ଼ୁଥିଲେ। ୪ଜଣ ଅତିରିକ୍ତ ଏସ୍‌ପି, ୧୨ଜଣ ଡେପୁଟି ଏସ୍‌ପି, ଇନିସପେକ୍ଟର ୩୯ ଜଣ, ଏସଆଇ ଓ ଏଏସଆଇ ୧୦୧ଜଣ, କନେଷ୍ଟବଲ ୧୫୫ ଜଣ, ମହିଳା କନଷ୍ଟେବଲ ୨୦ ଜଣ, ଟ୍ରାଫିକ କନେଷ୍ଟବଲ ୩୦ ଜଣ, ହୋମଗାର୍ଡ ୧୫୨ ଜଣ, ୧୭ ପ୍ଲାଟୁନ ଫୋର୍ସ ସହ ବିଏସଏଫ ଗୋଟେ କମ୍ପାନୀ ଓ ସିଆରପିଏଫ ୨କମ୍ପାନୀ ମୁତୟନ ରହିଥିଲେ। ସମ୍ବେଦନଶୀଳ ସ୍ଥାନରେ ପୁଲିସର ତୀକ୍ଷ୍ଣ ନଜର ରହିଥିଲା। ବିଶେଷ ଭାବେ ୨୦୨୩ ମସିହାରେ ହୋଇଥିବା ପଥର ମାଡ ସ୍ଥାନରେ ପୁଲିସର ଅଧିକ ନଜର ରହିଥିଲା। ଖୋଦ ଏସପି ମୁକେଶ ଭାମୁ ଉପସ୍ଥିତ ରହି ରାଲିକୁ ପରିଚାଳନା କରିଥିଲେ।

**ସମ୍ବେଦନଶୀଳ ସ୍ଥାନକୁ ତୀକ୍ଷ୍ଣ ନଜର**

## ମୋତିଝରଣ ଅଞ୍ଚଳରେ ପୁଲିସର ଯାଞ୍ଚ



**ସମ୍ବଲପୁର, ୧୦।୪ (ସମିସ) :** ୨୦୨୩ ରେ ହନୁମାନ ଜୟନ୍ତୀ ପୂର୍ବରୁ ଏପ୍ରିଲ ୧୨ ତାରିଖ ବାଇକ୍ ରାଲି ଉପରକୁ ପଥରମାଡ଼ ଓ ପରବର୍ତ୍ତୀ ସମୟରେ ପୋଡ଼ାଜଳା, କର୍ଫ୍ୟୁ ଏବଂ ଇଣ୍ଟରନେଟ୍ ସେବା ବନ୍ଦ ଆଦି ଅଭାବନୀୟ ପରିସ୍ଥିତି ପରେ ୨୦୨୫ରେ କୌଣସି ଧାର୍ମିକ ଶୋଭାଯାତ୍ରାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇ ନ ଥିଲା। ଏହାପରେ ଗତବର୍ଷ ପୁଲିସର କଡ଼ା ପହରା ମଧ୍ୟରେ ହନୁମାନ ଜୟନ୍ତୀ ପାଳିତ ହୋଇଥିବାବେଳେ ଚଳିତବର୍ଷ ମଧ୍ୟ ଏହାକୁ ଭବ୍ୟ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଗତକାଲି ସମ୍ବଲପୁରର ବିଭିନ୍ନ ଅଞ୍ଚଳରେ ସିଆର୍‌ପିଏଫ୍, ବିଏସ୍‌ଏଫ୍ ଏବଂ ପୁଲିସ ଫୋର୍ସ ଫ୍ଲାଗ୍ ମାର୍ଚ୍ଚ କରିଥିଲା। ଶୁକ୍ରବାର ସକାଳେ ବାଇକ୍ ଶୋଭାଯାତ୍ରାର ରୁଟ୍ ଅଧୀନ ଧନୁପାଲି ଥାନା ଅନ୍ତର୍ଗତ ମୋତିଝରଣ ଅଞ୍ଚଳରେ ସମ୍ବଲପୁର ପୁଲିସ ପକ୍ଷରୁ ଘରକୁ ଘର ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚରେ ବମ୍ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍, ମେଟାଲ ଡିଟେକ୍ଟର ଏବଂ ଡ୍ରୋନ୍ କ୍ୟାମେରା ସାମିଲ ରହିଥିଲା। ପୁଲିସ ଫୋର୍ସ ଗଳି, ଘର, ଛାତ ଉପର, ନାଳ ଆଦି ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ଏହାପରେ ଜିଲ୍ଲା ପରିଷଦ ପ୍ରେକ୍ଷାଳୟରେ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ଅଧ୍ୟକ୍ଷତାରେ ବାଇକ୍ ରାଲି ଏବଂ ହନୁମାନ ଜୟନ୍ତୀ ପାଳନକୁ ନେଇ ସମସ୍ତ ଅଧିକାରୀ ଏବଂ ପୁଲିସ ଫୋର୍ସଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ କହିଛନ୍ତି, ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ପୁଲିସ ମୁତୟନ ସହ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। ଆଜି ବାଇକ୍ ରାଲି ସମୟରେ ୨୭ ପ୍ଲାଟୁନ୍ ଫୋର୍ସ ଏବଂ ୧୫୮ ଜଣ ଅଧିକାରୀ ମୁତୟନ ହୋଇଛନ୍ତି। ପାରା ମିଲିଟାରୀ ଫୋର୍ସ ସହ ଆବଶ୍ୟକ ସ୍ଥଳେ ପାଖ ଜିଲ୍ଲାରୁ ପୁରୁଣା ଅଧିକାରୀ ମାନଙ୍କୁ ଅଣାଯାଇଛି। ବାଇକ୍ ରାଲିର ରୁଟ୍ ପ୍ରାୟ ୧୨ କିଲୋମିଟର ରହିଛି। ସମସ୍ତ ସମ୍ବେଦନଶୀଳ ସ୍ଥାନରେ ପୁଲିସ ମୁତୟନ ଥିବାବେଳେ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହେବ ବୋଲି ସେ କହିଛନ୍ତି।

## ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପ ଟେଣ୍ଡର ଅନୁମୋଦନ

**ସମ୍ବଲପୁର, ୧୦।୪(ସମିସ):** ପାର୍ବତୀ ଗିରି ଉଠା ଜଳ ସେଚନ ପ୍ରକଳ୍ପ ଟେଣ୍ଡରକୁ ଓଡ଼ିଶା କ୍ୟାବିନେଟରେ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ଅଧିନରେ ସମ୍ବଲପୁର ଜିଲ୍ଲାରେ କ୍ଲଷ୍ଟର-୨୭ ନିର୍ମାଣ, ପରିଚାଳନା ଓ ରକ୍ଷଣାବେକ୍ଷଣା ପାଇଁ କ୍ୟାବିନେଟ ୨୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଟେଣ୍ଡର ପାଇଁ ଅନୁମୋଦନ କରିଛି। ଏଥି ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଯୋଜନାରେ ୪ଟି ପ୍ରକଳ୍ପ ଜରିଆରେ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଣ କରି ଜିଲ୍ଲାର ୫୪ଟି ଗ୍ରାମର ୬୨୧୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏହା ଚାଷୀମାନଙ୍କ ସାମାଜିକ ଓ ଆର୍ଥୀକ ଉନ୍ନତିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ଏକ୍ସରେ ସୂଚନା ଦେଇଛନ୍ତି।

## ଆମ୍ବେଦକର ଜୟନ୍ତୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**ସମ୍ବଲପୁର, ୧୦।୪ (ସମିସ) :** ଆସନ୍ତା ୧୪ ତାରିଖ ଭାରତର ସମ୍ବିଧାନ ପ୍ରଣେତା ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କର ୧୩୫ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଡ. ବି.ଆର. ଆମ୍ବେଦକର ସୋସିଆଲ ୱେଲଫେଆର ଫେଡେରେସନ, ସମ୍ବଲପୁର ତରଫରୁ ହାଇସ୍କୁଲସ୍ତରୀୟ ତର୍କ, ସାଧାରଣ ଜ୍ଞାନ ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ବୁଢ଼ାରଜା ବାଳିକା ଉଚ୍ଚବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ତର୍କ ପ୍ରତିଯୋଗିତାରେ ବିକାଶ ଦ କନସେପ୍ଟ ସ୍କୁଲ, ଶାସନର ଅନ୍ୱେଷା ପାଣିଗ୍ରାହୀ ପ୍ରଥମ, ଗୁରୁନାନକ ପବ୍ଲିକ ସ୍କୁଲର ପ୍ରକୃତି ଜେନା ଦ୍ୱିତୀୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧନୁପାଲିର ଅଦ୍ୟାଶା ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ବାଳିକା ଉଚ୍ଚବିଦ୍ୟାଳୟ, ସମ୍ବଲପୁରର ନିକିତା ସାହୁ ପ୍ରଥମ, ଶ୍ରୀଗଣେଶ ବାଳିକା ଉଚ୍ଚବିଦ୍ୟାଳୟର ଶିପାଲି ବିଭାର ଦ୍ୱିତୀୟ ଏବଂ ସରକାରୀ ଉଚ୍ଚବିଦ୍ୟାଳୟ, ଚିପିଲିମାର



କ୍ରିତିକା ସୁନା ତୃତୀୟ ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧନୁପାଲିର ସିକୃତି ନାୟକ ପ୍ରଥମ, ଗୁରୁନାନକ ପବ୍ଲିକ ସ୍କୁଲର ସିଦ୍ଧିଦାତ୍ରୀ ପତି ଦ୍ୱିତୀୟ ଓ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଅନନ୍ୟା ମହାନନ୍ଦ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଆସନ୍ତା ୧୯ ତାରିଖ ଓଡ଼ିଶା ସାଂସ୍କୃତିକ ସମାଜଠାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମ ଆୟୋଜନରେ ଫେଡେରେସନର ସଭାପତି ଇଂ ଦ୍ୱିତିଆ ଗର୍ଡ଼ିଆ, ଉପଦେଷ୍ଟା ଇଂ ବୀରେନ୍ଦ୍ର ଜଗତ, କାର୍ଯ୍ୟକାରୀ ସଭାପତି ବରୁଣ ସୁନା, ସମ୍ପାଦକ କ୍ଷେତ୍ରମଣି ବିଭାର, ଗଣେଶ ହରିପାଲ, ରାଜେଶ କୁମ୍ଭାର, ଗିରିଧାରୀ ଖୁରା, ଜଗମୋହନ ନାଗ, ରିତେଶ ନାଗ, ଅନୁପମା ନାଗ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ କ୍ଷୀରୋଦ ପ୍ରଧାନ, ଆହ୍ଲାଦିନୀ ନାଥ, ଅସନିଧର ସା, ସୁରମା ଗଡ଼ନାୟକ, ସୁଶାନ୍ତ କୁମାର ସାହୁ, ଟି. ରମେଶ ଯଥାକ୍ରମେ ତର୍କ, ପ୍ରବନ୍ଧ ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତାର ବିଚାରକ ଥିଲେ। ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଯୁଗଳ କିଶୋର ପେରା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁବ୍ରତା ପତି ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରତିଯୋଗିତା ସଞ୍ଚାଳନ କରିଥିଲେ।

## ମୁକ୍ତ ବିଶ୍ୱବିଦ୍ୟାଳୟରେ 'ଲୋକକଳା ପାଇଁ ଦିନଟିଏ'

**ସମ୍ବଲପୁର, ୧୦।୪ (ସମିସ) :** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପକ୍ଷରୁ ଓଡ଼ିଆ ପକ୍ଷ ୨୦୨୬ର ଦଶମ ଦିନକୁ 'ଲୋକକଳା ପାଇଁ ଦିନଟିଏ' ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଓଡ଼ିଆ ବିଭାଗର ଛାତ୍ର ହେମନ୍ତ ଦୀପଙ୍କ ଦ୍ୱାରା ଲୋକଗୀତ, ଓଡ଼ିଆ ବିଭାଗର ଛାତ୍ରୀ ଦିବ୍ୟା ଯାନୀଙ୍କ ଦ୍ୱାରା ଲୋକନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ଛାତ୍ରଙ୍କ ସହ ଅଧ୍ୟାପକ ଡ. ସତନ ବାଗ ଓ ରାଧାକାନ୍ତ ସୁନାଙ୍କ ମିଳିତ ଲୋକବାଦ୍ୟ ମଧ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ, କୁଳସଚିବ ଚିତ୍ତରଞ୍ଜନ ସାହୁ, ପରୀକ୍ଷା ନିୟନ୍ତ୍ରକ ଡ. ଉମା ଚରଣ ପତି, ଉପକୁଳସଚିବ ସରୋଜକାନ୍ତ ନାୟକ, ବିଦ୍ୟାଳୟ ସମୂହର ଅଧ୍ୟକ୍ଷ ମୁଖ୍ୟ ଡ. ସଚ୍ଚିଦାନନ୍ଦ ବକ୍ସି, ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା କେନ୍ଦ୍ର ନିର୍ଦ୍ଦେଶକ ଡ. ଆଶିଷ ଦାଶ, ଓଡ଼ିଆ ବିଭାଗ ମୁଖ୍ୟ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶାର ଲୋକସଂସ୍କୃତି, ଲୋକ ପରମ୍ପରାର ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ଲୋକକଳାକୁ ଉଜ୍ଜୀବିତ କରି ରଖିବାସହ ଲୋପ ପାଇ ଯାଉଥିବା ଲୋକକଳା ଗୁଡ଼ିକର ସଂରକ୍ଷଣ ନିମନ୍ତେ ଉଦ୍ୟମ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା।



## ବିଶ୍ୱ ହୋମିଓପାଥି ଦିବସ ପାଳିତ

**ସମ୍ବଲପୁର, ୧୦।୪(ସମିସ):** ମାଝିପାଲି ସ୍ଥିତ ଓଡ଼ିଶା ମେଡିକାଲ କଲେଜ ଅଫ୍ ହୋମିଓପାଥି ଆଣ୍ଡ ରିସର୍ଚ୍ଚ ପକ୍ଷରୁ ବିଶ୍ୱ ହୋମିଓପାଥି ଦିବସ ତଥା ହୋମିଓପାଥିର ଜନକ ଡ଼ଃ ଖ୍ରୀଷ୍ଟିୟାନ୍ ଫ୍ରେଡ୍ରିକ ସାମୁଏଲ ହାନେମନଙ୍କ ୨୭୧ ତମ ଜନ୍ମଦିବସ ପାଳିତ ହୋଇଛି। ହୋମିଓପାଥି ଚିକିତ୍ସା ବିଜ୍ଞାନ ବିଷୟରେ ସଚେତନତା ସୃଷ୍ଟି ପାଇଁ ଛାତ୍ରଛାତ୍ରୀ ମାନେ ସହରରେ ସଚେତନତା ପଦଯାତ୍ରା କରିଥିଲେ। କାର୍ଯ୍ୟକ୍ରମର ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଲେଜ ପ୍ରାଙ୍ଗଣରେ ଏକ ନୂତନ ଅତିଥି ଗୃହକୁ ଉଦଘାଟନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ଦିଆଯାଇଥିଲା। କଲେଜର ଅଧ୍ୟକ୍ଷ ଡ. ଦିପ୍ତିକାନ୍ତ ସିଂ ଅଧ୍ୟକ୍ଷତାରେ କରିଥିଲେ। ଚିକିତ୍ସାଳୟର ଅଧିକ୍ଷିକ ଡ. ଦୀପକ ବର୍ମା, ମୁଖ୍ୟବକ୍ତା ଭାବରେ ପୁରାତନ ଅଧ୍ୟକ୍ଷା ଡ. ଜ୍ୟୋସ୍ନାମୟୀ ମହାରଣା, ଛାତ୍ର କଲ୍ୟାଣ ସମିତିର ଉପଦେଷ୍ଟା ଡ. ଅରୂପ ଆନନ୍ଦ ଦାସ ଓ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ସହିତ ଛାତ୍ର କଲ୍ୟାଣ ସମିତିର ସଭାପତି ପଳାଶ ରଞ୍ଜନ ପାଲ୍, ଉପସଭାପତି ରାଜ୍ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ହୋମିଓପାଥି ସପ୍ତାହ ପାଳନ କରାଯାଇଥିଲା।

## ରାଜ୍ୟସ୍ତରୀୟ ମିନି ଓ ସବ୍‌ଜୁନିଅର ବ୍ୟାଡମିଣ୍ଟନ ପ୍ରତିଯୋଗିତା



**ସମ୍ବଲପୁର, ୧୦।୪ (ସମିସ) :** ବୀର ସୁରେନ୍ଦ୍ର ସାଏ ଇନ୍‌ଡୋର୍ ବ୍ୟାଡମିଣ୍ଟନ ହଲ୍‌ଠାରେ ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ଆନୁକୂଲ୍ୟରେ ତଥା ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସହଯୋଗରେ ମିନି (୯ ବର୍ଷରୁ କମ ଓ ୧୧ ବର୍ଷରୁ କମ) ତଥା ସବ-ଜୁନିଅର (୧୩ ବର୍ଷରୁ କମ) ରେଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଆଜି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର ଯୋଗ ଦେଇଥିବାବେଳେ ଅତିଥି ଭାବରେ ଜିଲ୍ଲା ଓ ରାଜ୍ୟ ବ୍ୟାଡମିଣ୍ଟନ ସଂଘର ପଦାଧିକାରୀ - ଓଏସବିଏର ସାଧାରଣ ସମ୍ପାଦକ ନୀଲିନ କୁମାର, ଯୁଗ୍ମ ସମ୍ପାଦକ ଜୟ ପ୍ରକାଶ ସିଂ, କୋଷାଧକ୍ଷ ପ୍ରଦୀପ କୁମାର ମହାନ୍ତି, ଟିଓ ଅବଜର୍ଭର ସମୀର କୁମାର ସାହୁ, ସମ୍ବଲପୁର ଜିଲ୍ଲା ବ୍ୟାଡମିଣ୍ଟନ ସଂଘର ଉପସଭାପତି ବିକ୍ରମ ପ୍ରଧାନ, ପ୍ରବୀଣ ବେହେରା, ଯୁଗ୍ମ ସମ୍ପାଦକ ଅଭିଷେକ ବିଶ୍ୱାସ ତଥା ଜିଲ୍ଲା ବ୍ୟାଡମିଣ୍ଟନ ସଂଘର କୋଷାଧକ୍ଷ ଓ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ମ୍ୟାଚ ରେଫରି ଲକ୍ଷପତି ନନ୍ଦ ଉପସ୍ଥିତ ଥିଲେ। ଅତିଥିମାନେ କହିଲେ ଯେ, ଏହି ବୟସରେ ହିଁ ମୂଳଦୁଆ ପଡ଼ିଥାଏ, ସେଥିପାଇଁ ଆଜିର ଦିନରେ ଶିକ୍ଷାନୀତିରେ ମଧ୍ୟ ପ୍ରାଥମିକ ଅବସ୍ଥାରୁ ବିଶେଷ ଧ୍ୟାନ ଦେବାର ବ୍ୟବସ୍ଥା କରାଯାଉଛି। ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ରେଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟକୁ ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଅନୁବନ୍ଧିତ ଅମ୍ପାୟାରମାନେ ପରିଚାଳନା କରୁଛନ୍ତି। ଉଦ୍‌ଘାଟନୀ ସଭା ପରିଚାଳନାରେ ଟିକେଶ୍ୱର ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ଅନନ୍ତ ବେହେରା, ବାବୁଲୁ ପ୍ରଧାନ ଓ ମଣି ବେଜି ସହଯୋଗ କରିଥିଲେ।

## ଜିଲ୍ଲା ଠିକାଦାର ସଂଘର ବୈଠକ

**ସମ୍ବଲପୁର, ୧୦।୪(ସମିସ):** ସମ୍ବଲପୁର ଜିଲ୍ଲା ଠିକାଦାର ସଂଘର ବୈଠକ ସମ୍ବଲପୁର ସହରର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଛି। ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ବାହାରର କିଛି ଠିକାଦାର ଧାର୍ଯ୍ୟଦର ଠାରୁ କମରେ ଟେଣ୍ଡର ପକାଇ ଅତିନିମ୍ନମାନର କାମ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସମ୍ବଲପୁର ଜିଲ୍ଲାରେ ବାହାର ଜିଲ୍ଲାର ଠିକାଦାରଙ୍କୁ ବିରୋଧ କରାଯିବା ବୋଲି ନିଷ୍ପତ୍ତି ହୋଇଥିଲା। ବାହାର ଜିଲ୍ଲା ଠିକାଦାରଙ୍କ କାମକୁ ତର୍ଜମା କରାଯିବ ବୋଲି ସ୍ଥିର ହୋଇଥିଲା। ସେହିପରି ସମ୍ବଲପୁର ଜିଲ୍ଲାର ଠିକାଦାରମାନେ ଧାର୍ଯ୍ୟ ଦରରେ ଟେଣ୍ଡର ପକାଇବାକୁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ସମ୍ବଲପୁରର ସତ୍ୟସ୍ୱରୂପ ସିଥ, ସୟଦ ଅବଦୁଲ ସିରାଜ, ରୁଦ୍ର ମହାପାତ୍ର, ପ୍ରଶାନ୍ତ କୁମାର ସାମନ୍ତରାୟ, କୃପାସିନ୍ଧୁ ପ୍ରଧାନ, ସୁରଜ ଦାସ, କୁଚିଣ୍ଡାର ସୁଶୀଲ ନାୟକ, ଟିନୁ ମହାନ୍ତି, ରାଜୀବ ନାୟକ, ରେଢ଼ାଖୋଲର ରାଜୀବ ଲୋଚନ ପ୍ରଧାନ, ବିକାଶ ଦାଶ, ଖଗେଶ୍ୱର ପ୍ରଧାନ ଓ ଅନ୍ୟ ଠିକାଦାରମାନେ ଉପସ୍ଥିତ ଥିଲେ।

## ବିଶ୍ୱ ହୋମିଓପ୍ୟାଥି ଦିବସ ଅବସରରେ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୦।୪ (ସମିସ) :** ସମ୍ବଲପୁର ଟାଉନ ଡିସ୍ପେନସାରି, ବେହେରାମୁଣ୍ଡା, ସମ୍ବଲପୁରରେ ବିଶ୍ୱ ହୋମିଓପ୍ୟାଥି ଦିବସ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଚଳିତବର୍ଷର ବିଷୟ ଥିଲା 'ସ୍ଥାୟୀ ସ୍ୱାସ୍ଥ୍ୟ ନିମନ୍ତେ ହୋମିଓପ୍ୟାଥି' (ହୋମିଓପାଥି ଫର୍ ସସ୍‌ଟେନେବଲ୍ ହେଲ୍‌ଥ)। ଏହି କାର୍ଯ୍ୟକ୍ରମରେ ଡା. ବନ୍ଦନା ସେଠ (ଏଚ୍‌ଏମ୍‌ଓ), ବିଷ୍ଣୁପ୍ରିୟା ଦାଶ (ଏଚ୍‌ଏ), ଭବାନୀ ସୁହୁଲା ଓ ଅଭିରାମ କଣ୍ଡୁଲିନା ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ନେତାଜୀ କ୍ଲବ ସଭ୍ୟ ଗଣେଶ ପଲିୱାଲ ଯୋଗ ଦେଇଥିବାବେଳେ ଅତିଥି ଭାବେ ସନ୍ତୋଷ ସାହୁ, ଗୌତମ ସାହାନୀ, ଦୁର୍ଯ୍ୟୋଧନ, ସଞ୍ଜୟ ଅଗ୍ରୱାଲ ଓ ସୁବାସ ପଟେଲ ଉପସ୍ଥିତ ଥିଲେ। ଅତିଥିମାନେ ହୋମିଓପ୍ୟାଥି ଚିକିତ୍ସା ପଦ୍ଧତିର ଗୁରୁତ୍ୱ, ଏହାର ସୁରକ୍ଷିତ ଓ ପ୍ରାକୃତିକ ଚିକିତ୍ସା ପ୍ରଣାଳୀ ଭାବେ ଭୂମିକା ଏବଂ ଦୀର୍ଘକାଳୀନ ରୋଗରେ ଏହାର ପ୍ରଭାବଶୀଳତା ବିଷୟରେ ବକ୍ତବ୍ୟ ରଖିଥିଲେ।




## ମହିଳା କଲେଜରେ ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଅଭିଯୋଗ

**ସମ୍ବଲପୁର, ୧୦।୪ (ସମିସ) :** ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସବୁ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଇଂରାଜୀ ବିଭାଗର ଜଣେ ଅଧ୍ୟାପକଙ୍କ ବିରୋଧରେ ଜଣେ ନୁହେଁ, ପାଞ୍ଚ ଜଣ ଛାତ୍ରୀ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଅଧ୍ୟାପକ ଜଣକ ଜଣେ ଅଭ୍ୟାସଗତ ଦୁର୍ବ୍ୟବହାରକାରୀ ବୋଲି କୁହାଯାଉଛି। ସମାନ ଅଭିଯୋଗ ହେବାପରେ ତାଙ୍କୁ ସୁନ୍ଦରଗଡ଼ କଲେଜରୁ ବଦଳି କରାଯାଇଥିଲା। ତେବେ, ଏଭଳି ଜଣେ ଅଧ୍ୟାପକଙ୍କୁ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟକୁ କିପରି ବଦଳି କରାଗଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ମାମଲାକୁ କଲେଜର ୪ଟି କମିଟିକୁ ତଦନ୍ତ ପାଇଁ ଦିଆଯାଇଥିବାବେଳେ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ମଧ୍ୟ ମହାବିଦ୍ୟାଳୟକୁ ଆସି ଏହି ମାମଲାର ତଦନ୍ତ କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଗତ ୧୯ ତାରିଖରେ ପାଞ୍ଚ ଜଣ ଛାତ୍ରୀ ସେମାନଙ୍କୁ ସମ୍ପୃକ୍ତ ଇଂରାଜୀ ବିଭାଗ ଅଧ୍ୟାପକ ଅଶ୍ଳୀଳ ଟିପ୍ପଣୀ କରି ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ କରିଥିଲେ। ଅଭିଯୋଗକାରୀ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀ ରହିଛନ୍ତି। ଗୋଟିଏ ଅଭିଯୋଗ ପତ୍ରରେ ଜଣେ ଏବଂ ଅନ୍ୟ ଏକ ଅଭିଯୋଗ ପତ୍ରରେ ୪ ଜଣ ଛାତ୍ରୀ ସମ୍ପୃକ୍ତ ଇଂରାଜୀ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଛନ୍ତି। ଏପରିକି ଇଂରାଜୀ ବିଭାଗର ଜଣେ ଅଧ୍ୟାପିକା ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଅଧ୍ୟକ୍ଷଙ୍କୁ ଅଭିଯୋଗ ଜଣାଇଛନ୍ତି। ଉକ୍ତ ଅଧ୍ୟାପକ ଜଣକ ଗତ ପ୍ରାୟ ୩ ବର୍ଷ ହେଲା ଏହି ମହାବିଦ୍ୟାଳୟରେ ଅଧ୍ୟାପନା କରୁଛନ୍ତି। ପୁଣି ଅଭିଯୋଗ ପରେ ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କୁ କ୍ଲାସ ନେବାପାଇଁ ଅନୁମତି ଦିଆଯାଇଛି। ଏପରିସ୍ଥଳେ ଅଭିଯୋଗ କରିଥିବା ଛାତ୍ରୀମାନେ ଭୟଭୀତ ଅବସ୍ଥାରେ ରହିଥିବା କୁହାଯାଉଛି। କିଛି ଛାତ୍ରୀଙ୍କୁ ପ୍ରଭାବିତ କରି ତାଙ୍କ ସପକ୍ଷରେ କହିବାକୁ ସମ୍ପୃକ୍ତ ଅଧ୍ୟାପକ ଉଦ୍ୟମ କରୁଥିବା ମଧ୍ୟ ଅଭିଯୋଗ ହୋଇଛି।

ଓଡ଼ିଆ ଅଧ୍ୟାପକ ତଥା ବର୍ତ୍ତମାନ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ କହିଛନ୍ତି, ଅଭିଯୋଗ ପାଇବାପରେ ତୁରନ୍ତ ତାହାକୁ ୪ଟି କମିଟି - ଇଣ୍ଟରନାଲ୍ କମ୍ପ୍ଲେନ୍ କମିଟି, ଆଣ୍ଟି ସେକ୍ସୁଆଲ ହାରାସମେଣ୍ଟ କମିଟି, ଷ୍ଟୁଡେଣ୍ଟ ଗ୍ରୀଭେନ୍ସ ରିଡ୍ରେସାଲ୍ ସେଲ୍‌ଫ ଏବଂ ଷ୍ଟୁଡେଣ୍ଟ ଗ୍ରୀଭେନ୍ସ ରିଡ୍ରେସାଲ୍ କମିଟିକୁ ପଠାଯାଇଥିଲା। ସମସ୍ତ କମିଟି ତାହାର ତଦନ୍ତ ସମ୍ପୂର୍ଣ୍ଣ କରିଛନ୍ତି କିନ୍ତୁ ରିପୋର୍ଟ ହସ୍ତଗତ ହୋଇ ନ ଥିବା ପ୍ରଫେସର ଭୋଇ ସୂଚନା ଦେଇଛନ୍ତି। କମିଟି ତା'ର ରିପୋର୍ଟ ଦେବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। କଲେଜ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ, ଅଭିଯୋଗ ପରେ ତୁରନ୍ତ କମିଟିକୁ ରେଫର୍ କରାଯିବା ସହ ଉଚ୍ଚ ଶିକ୍ଷା ବିଭାଗକୁ ଏନେଇ ଅବଗତ କରାଯାଇଥିଲା। ଅଭିଯୋଗ ପାଇବାର ୭ ଦିନ ପାଇଁ କଲେଜ କର୍ତ୍ତୃପକ୍ଷ ସମ୍ପୃକ୍ତ ଇଂରାଜୀ ଅଧ୍ୟାପକଙ୍କୁ କ୍ଲାସ ନନେବା ପାଇଁ ବାରଣ କରିଥିଲେ। କିନ୍ତୁ ତଦନ୍ତ ସରିବାପରେ ଆଗକୁ ଥିବା ସେମିଷ୍ଟାର ପରୀକ୍ଷାକୁ ଦୃଷ୍ଟିରେ ରଖି ତାଙ୍କୁ କ୍ଲାସ ନେବାକୁ ଅନୁମତି ଦିଆଯାଇଥିଲା ବୋଲି ପ୍ରଫେସର ଭୋଇ କହିଛନ୍ତି।

## ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ଓ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ

**ସମ୍ବଲପୁର, ୧୦।୪ (ସମିସ)**

ସରକାରୀ ମହିଳା ମହାବିଦ୍ୟାଳୟରେ ଛାତ୍ରୀଙ୍କ ସୁରକ୍ଷା ଓ ସମ୍ମାନ ନେଇ ଗଭୀର ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ସମ୍ପ୍ରତି ଇଂରାଜୀ ବିଭାଗର ଜଣେ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀମାନଙ୍କ ପ୍ରତି ଅଶ୍ଳୀଳ ମନ୍ତବ୍ୟ ଓ ଅନୁଚିତ ବ୍ୟବହାର ନେଇ ଗୁରୁତର ଅଭିଯୋଗ ହୋଇଛି। ଆଜି ପ୍ରୋଗ୍ରେସିଭ ସମ୍ବଲପୁରର ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମହିଳା ମହାବିଦ୍ୟାଳୟରେ ପହଞ୍ଚି ଅଧ୍ୟକ୍ଷାଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ଅଧ୍ୟାପକ ଯୋଗେଶ କୁମାର ଭୋଇଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଅନ୍ତଃଅଭିଯୋଗ କମିଟି ରିପୋର୍ଟ ଆସିବା ପୂର୍ବରୁ ଅଭିଯୁକ୍ତ ଅଧ୍ୟାପକଙ୍କୁ ଶ୍ରେଣୀକୁ ଯିବାରୁ ବଞ୍ଚିତ କରିବା ପାଇଁ ପ୍ରତିନିଧି ଦଳ ପକ୍ଷରୁ ଜୋରଦାର ଦାବି ଉଠାଯାଇଥିଲା। ସେମାନେ ଅଭିଯୋଗ କରିଥିଲେ ଯେ ଅଧ୍ୟାପକ ଜଣକ ଅଭିଯୋଗକାରୀ ଛାତ୍ରୀମାନଙ୍କୁ ଧମକ ଦେବା ସହ ତାଙ୍କ ପରିବାରକୁ ମଧ୍ୟ ଏହି ବିଷୟକୁ ଚାପିଦେବାକୁ ପ୍ରଭାବିତ କରୁଛନ୍ତି। ଅଧ୍ୟାପକଙ୍କ ଅଶ୍ଳୀଳ ମନ୍ତବ୍ୟ ଓ ବ୍ୟବହାରରେ ଛାତ୍ରୀମାନେ ବାରମ୍ବାର ପୀଡ଼ିତ ହେଉଥିବା ଅଭିଯୋଗ ଆସୁଛି। କିଛି ଛାତ୍ରୀ ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ କରିବା ପରେ ଅନ୍ତଃ ଅଭିଯୋଗ କମିଟି (ଆଇସିସି) ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ, ତଦନ୍ତ ଶେଷ ପୂର୍ବରୁ ଉକ୍ତ ଅଧ୍ୟାପକଙ୍କୁ ପୁନର୍ବାର କ୍ଲାସ୍ ନେବାକୁ ଅନୁମତି ଦେଇଥିବାରୁ ଛାତ୍ରୀମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏହାସହ ସେମାନଙ୍କୁ ଧମକ ଦିଆଯାଉଥିବା ମଧ୍ୟ ଅଭିଯୋଗ ହେଉଛି।



ସୂଚନା ଥାଉ ଯେ ପୂର୍ବରୁ ମଧ୍ୟ ସୁନ୍ଦରଗଡ଼ କଲେଜରେ ଏହି ଅଧ୍ୟାପକଙ୍କ ବିରୋଧରେ ଏପରି ଅଭିଯୋଗ ଆସିଥିଲା, କିନ୍ତୁ କଠୋର କାର୍ଯ୍ୟାନୁଷ୍ଠାନ ବଦଳରେ ନିଜ ଗୃହ ଜିଲ୍ଲାକୁ ବଦଳି କରି ସମ୍ବଲପୁର ମହିଳା ମହାବିଦ୍ୟାଳୟ କରାଯାଇଥିଲା। ସେହିପରି କିଛି ମାସ ପୂର୍ବରୁ ଏହି ମହାବିଦ୍ୟାଳୟ ଅନ୍ୟ ଜଣେ ଅତିଥି ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ଆସିଥିଲେ ମଧ୍ୟ, ବିରୋଧ କରିଥିବା ମହିଳା ଅଧ୍ୟାପିକାଙ୍କୁ ହିଁ କ୍ଲାସ୍‌ରୁ ବଞ୍ଚିତ କରାଯାଇଥିବାରୁ କଲେଜ କର୍ତ୍ତୃପକ୍ଷ ଭୂମିକା ଉପରେ ପ୍ରଶ୍ନ ଉଠିଛି। ଆଜି ଆଲୋଚନା ଚାଲୁଥିବା ସମୟରେ ସଞ୍ଜିତ ମହାନ୍ତି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଫୋନ୍‌ଯୋଗେ ସମ୍ପର୍କ କରି ଘଟଣାର ଗମ୍ଭୀରତା ଉପରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସହ ଦୋଷୀ ଅଧ୍ୟାପକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଶ୍ରୀ ସୂର୍ଯ୍ୟବଂଶୀ କଲେଜ କର୍ତ୍ତୃପକ୍ଷଙ୍କ ସହ କଥାହୋଇ ଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରୋଗ୍ରେସିଭ ସମ୍ବଲପୁର ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେବାସହ ଏପରି ଘଟଣା ପ୍ରତି ତାଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଏହି ଘଟଣାରେ ଉଚିତ୍ ପଦକ୍ଷେପ ନେବା ପାଇଁ ଶ୍ରୀ ମହାନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଛନ୍ତି। ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଘଟିଥିବା ଛାତ୍ରୀ ଆତ୍ମଦାହ ପରି ଘଟଣାର ଉଦାହରଣ ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ ଏପରି ଘଟଣା ଶିକ୍ଷା ପ୍ରତିଷ୍ଠାନର ପରିବେଶକୁ ଅସୁରକ୍ଷିତ କରୁଛି ଏବଂ ଏହାକୁ କେବେ ମଧ୍ୟ ସହ୍ୟ କରାଯିବ ନାହିଁ। ତେଣୁ ସଠିକ୍ ସମୟରେ କଠୋର ଏବଂ ଦୃଢ଼ ପଦକ୍ଷେପ ନେବା ଅତ୍ୟାବଶ୍ୟକ। ଯଦି ଶୀଘ୍ର ନ୍ୟାୟସଂଗତ କାର୍ଯ୍ୟାନୁଷ୍ଠାନ ନ ହୁଏ, ତେବେ ଆଗାମୀ ଦିନରେ କଲେଜ ସମ୍ମୁଖରେ ଆନ୍ଦୋଳନ ପ୍ରତିବାଦ ସଭା ଜୋରଦାର ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଆଲୋଚନା ସମୟରେ ଶ୍ରମିକ ନେତା ଗୋକୁଳ ମେହେର, ଅଶୋକ ପଟେଲ, ମହମ୍ମଦ ଅଜିମ ଅଜ୍ଜୁ, ସଂଖ୍ୟାଲଘୁ ନେତା ମହମ୍ମଦ ଜାଫର ଖାନ, ସମାଜସେବୀ ପ୍ରଶାନ୍ତ ଥାପା, ମହେଶ ସତ୍ୟା, ଯୁବ ନେତା ସୁମିତ ପଟେଲ, ଯୁବନେତା ଦେବଜ୍ୟୋତି ପଟ୍ଟନାୟକ, ଛାତ୍ର ନେତା ଚୁମନ ପ୍ରଧାନ, ଆର୍ଯ୍ୟନ ବହିଦାର, ଶୁଭମ ସାହୁ, ପ୍ରିୟାଂଶୁ ପ୍ରଧାନ, ଶିବୁ ସେଠ, ଚିତ୍ରସେନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସଂରକ୍ଷଣ ବୃଦ୍ଧିକୁ ବ୍ରାହ୍ମଣ ସମାଜର ବିରୋଧ

**ବରପାଲି, ୧୦।୪(ସମିସ)**

ବରଗଡ଼ ଜିଲ୍ଲା ବରପାଲି ବ୍ଲକରେ ବ୍ଲକସ୍ତରୀୟ ସନାତନ ବ୍ରାହ୍ମଣ ସମାଜ ପକ୍ଷରୁ ସଂରକ୍ଷଣ ବ୍ୟବସ୍ଥା ବୃଦ୍ଧି ପ୍ରତି ଅସନ୍ତୋଷ ପ୍ରକାଶ ପାଇଛି। ବରପାଲି ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ରାହ୍ମଣ ସଦସ୍ୟମାନେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତହସିଲଦାର ରୁକ୍ମଣ ମେହେର ଓ ଅତିରିକ୍ତ ତହସିଲଦାର ଅନୁପସ୍ଥିତ ଥିବାରୁ ବରିଷ୍ଠ କର୍ମଚାରୀ ଏହି ଦାବିପତ୍ର ଗ୍ରହଣ କରିଥିଲେ।

ଦାବିପତ୍ରରେ ସମାଜ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ ଭାରତୀୟ ସମ୍ବିଧାନ ସମସ୍ତ ନାଗରିକଙ୍କୁ ସମାନତାର ଅଧିକାର ପ୍ରଦାନ କରିଛି। ସରକାରୀ ଚାକିରି ଓ ଶିକ୍ଷାନୁଷ୍ଠାନରେ ସମାନ ସୁଯୋଗ ଦେବାକୁ ନିଶ୍ଚିତ କରିଛି; କିନ୍ତୁ ୧୯୫୧ ମସିହାରୁ ଚାଲୁଥିବା ସଂରକ୍ଷଣ ବ୍ୟବସ୍ଥା ଦେଶରେ ଏକ ପ୍ରକାର ଅସମାନତାର ପରିସ୍ଥିତି ସୃଷ୍ଟି କରିଆସୁଛି ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ସମାଜ ଏହା ମଧ୍ୟ କହିଛି ଯେ ଅବହେଳିତ ଓ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ସେମାନେ ସଦା ସମ୍ମାନ ଓ ସହୃଦୟତାର ସହିତ ଗ୍ରହଣ କରିଆସୁଛନ୍ତି; କିନ୍ତୁ ଏହାର ବ୍ୟବହାର ଏବେ ସମାନତାର ମୂଳ ତତ୍ତ୍ୱକୁ ହାନି କରୁଛି ବୋଲି ଅଭିଯୋଗ କରାଯାଇଛି। ଦାବିପତ୍ରରେ ଆହୁରି କୁହାଯାଇଛି ଯେ ତାଲିକାଭୁକ୍ତ ଜାତି ଓ ଉପଜାତି ପରିବାରମାନେ ପିଢ଼ି ପରେ ପିଢ଼ି ଏହି ସଂରକ୍ଷଣ ବ୍ୟବସ୍ଥାର ଲାଭ ଉପଭୋଗ କରୁଥିବା ବେଳେ ସାଧାରଣ ବର୍ଗର ଅର୍ଥନୀତିକ ଭାବେ




ଦୁର୍ବଳ ପରିବାର ଏଥିରୁ ବଞ୍ଚିତ ହେଉଛନ୍ତି। ଏହା ଫଳରେ ସମାଜରେ ନୂତନ ଧରଣର ଅସମାନତା ଓ ବିରୋଧାଭାସ ସୃଷ୍ଟି ହେଉଛି ବୋଲି ସେମାନେ ଉଲ୍ଲେଖ କରିଛନ୍ତି। ସେମାନେ କେନ୍ଦ୍ର ସରକାର ଓ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆର୍ଥିକ ଭାବେ ଦୁର୍ବଳ ବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ସ୍ମରଣ କରାଇଛନ୍ତି। ସମାଜର ମତ ଅନୁସାରେ ରାଜ୍ୟ ସରକାର ନିକଟରେ ନେଇଥିବା ସଂରକ୍ଷଣ ବୃଦ୍ଧି ସମ୍ବନ୍ଧୀୟ ନିଷ୍ପତ୍ତି ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ୟାୟ ସୃଷ୍ଟି କରିଛି। ନୂତନ ନୀତି ଅନୁଯାୟୀ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷଣ ୧୨ ପ୍ରତିଶତରୁ ୨୨.୫୦ ପ୍ରତିଶତକୁ ବୃଦ୍ଧି କରାଯାଇଥିବା ବେଳେ ଅନୁସୂଚିତ ଜାତି ପାଇଁ ୮ ପ୍ରତିଶତରୁ ୧୬.୨୫ ପ୍ରତିଶତକୁ ବୃଦ୍ଧି ହୋଇଛି। ଏହାସହ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ଲାଗୁ କରାଯାଇଛି। ସମାଜ ପକ୍ଷରୁ ଏହାକୁ ଏକ ଅନ୍ୟାୟମୂଳକ ନିଷ୍ପତ୍ତି ବୋଲି କୁହାଯାଇଛି। ସେମାନଙ୍କ ମତାନୁସାରେ ଏହି ବୃଦ୍ଧି ପାଇଁ ସାଧାରଣ ବର୍ଗର ମେଧାବୀ ଛାତ୍ରଛାତ୍ରୀ ଶିକ୍ଷା କ୍ଷେତ୍ରରେ ପଛକୁ ପଡ଼ିବେ ଓ ସେମାନଙ୍କ ଭବିଷ୍ୟତ ଅନିଶ୍ଚିତତାରେ ପଡ଼ିବ। ଉଚ୍ଚ ଶିକ୍ଷା, ବିଶେଷକରି ମେଡିକାଲ୍, ଇଞ୍ଜିନିୟରିଂ ଓ ପ୍ରଯୁକ୍ତିମୂଳକ କୋର୍ସରେ ନାମଲେଖା ପାଇଁ ଏହି ନୀତି ମେଧାକୁ ଅବମାନିତ କରୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେମାନେ ଆହୁରି କହିଛନ୍ତି ଯେ ଏହି ପରିସ୍ଥିତି ଛାତ୍ରଛାତ୍ରୀଙ୍କ ମନୋବଳ ଓ ଆତ୍ମବିଶ୍ୱାସକୁ କ୍ଷୀଣ କରିଦେବା ସହ ସମାଜରେ ମାନସିକ ଚାପ ଓ ଅସନ୍ତୋଷ ବୃଦ୍ଧି କରିପାରେ। ଯେଉଁ ଛାତ୍ରଛାତ୍ରୀ କଠୋର ପରିଶ୍ରମ କରି ନିଜ ଭବିଷ୍ୟତ ଗଢ଼ିବାକୁ ଚେଷ୍ଟା କରୁଛନ୍ତି ସେମାନେ ଏହି ନୀତି ଦ୍ୱାରା ନିରାଶାରେ ପଡ଼ିପାରନ୍ତି। ସମାଜ ଏହାକୁ ପ୍ରତିଭାର ଅପମୃତ୍ୟୁ ବୋଲି ବର୍ଣ୍ଣନା କରିଛି। ଏହାସହିତ ସେମାନେ ଚେତାବନୀ ଦେଇଛନ୍ତି ଯେ ଏହିପରି ନିଷ୍ପତ୍ତି ସମାଜରେ ବିଦ୍ୱେଷ ଓ ବିଭେଦକୁ ବୃଦ୍ଧି କରିପାରେ। ଯାହା ସାମାଜିକ ସମନ୍ୱୟ ପାଇଁ ହାନିକାରକ। ସାଧାରଣ ବର୍ଗର ଲୋକମାନେ ଆଜି ଅସୁରକ୍ଷିତ ଅନୁଭବ କରୁଥିବା ବେଳେ ଏପରି ନୀତି ସେମାନଙ୍କ ଅସନ୍ତୋଷକୁ ଆହୁରି ବଢ଼ାଇବାର ସମ୍ଭାବନା ରହିଛି। ଶେଷରେ ସନାତନ ବ୍ରାହ୍ମଣ ସମାଜ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି ଯେ ସଂରକ୍ଷଣ ବ୍ୟବସ୍ଥାକୁ ପୁନର୍ବିଚାର କରାଯାଉ ଏବଂ ସମସ୍ତ ବର୍ଗଙ୍କ ପାଇଁ ସମାନ ଓ ନ୍ୟାୟସଂଗତ ବ୍ୟବସ୍ଥା କରାଯାଉ। ସାଧାରଣ ବର୍ଗଙ୍କ ପ୍ରତି କୌଣସି ପ୍ରକାର ଅନ୍ୟାୟ ନ ହେଉ ଓ ସମ୍ବିଧାନର ସମାନତା ତତ୍ତ୍ୱକୁ ରକ୍ଷା କରାଯାଉ ବୋଲି ସମାଜ ଦୃଢ଼ ଦାବି ଜଣାଇଛି।

ଟାଟମୋଟର୍ସର ଖାମଖିଆଲ ନୀତି

# ସୋରୁମରୁ ଗାଡ଼ି ବାହାରୁ ବାହାରୁ ଫିଟିଲା ଚକା

**ସମ୍ବଲପୁର, ୧୦।୪(ସମିସ):** ସମ୍ବଲପୁର ଟାଟା ମୋଟର୍ସର ଖାମଖିଆଲ ନୀତି। ଗାଡ଼ି ସୋରୁମରୁ ବାହାରୁ ବାହାରୁ ଦୁର୍ଘଟଣା। ସୋରୁମରୁ ମାତ୍ରା ଏକ କିଲୋମିଟର ଦୂରରେ ଆଗ ଚକା ଫିଟି ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ହେଲେ ଭାଗ୍ୟ ଭଲ ଥିବାରୁ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏପରି ଘଟଣା ସମ୍ବଲପୁର ଅଇଁଠାପାଲି ଥାନା ଅଞ୍ଚଳରେ ଘଟିଯାଇଛି। ଗାଡ଼ି ମାଲିକ ଫାଟକ ଅଞ୍ଚଳର ସୁରେଶ ସନିଙ୍କ ସୂଚନା ଅନୁସାରେ ଗତ ୮ ତାରିଖ ତାଙ୍କ ଟାଟା ହେରିଅର ଗାଡ଼ି(ଓଡି୧୫ଏଏ୨୧୨୫) ସମ୍ବଲପୁର ସ୍ଥିତ ଟାଟା ମୋଟର୍ସ କାର୍ ସୋରୁମରେ କାମ ଲାଗି ଦେଇଥିଲେ। ଆଜି ସନ୍ଧ୍ୟାରେ ଗାଡ଼ି ଠିକ ହୋଇଥିବା ଖବର ପାଇଁ ସୋରୁମରୁ ଯାଇଥିଲେ। ଟଙ୍କା ଦେଇ ଗାଡ଼ି ଘରକୁ ନେଇ ଆସୁଥିଲେ। ସୋରୁମରୁ ମାତ୍ର ଏକ କିଲୋମିଟର ଦୂରରେ ଥିବା ଅମ୍ବିରା ନଗରରେ ଗାଡ଼ିର ବାମ ଆଗଚକା ଫିଟିଯାଇଥିଲା। ଗାଡ଼ିକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ହୋଇ ପାରି ନ ଥିଲା। ଗାଡ଼ିଟି ସିଧା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଭାଗ୍ୟ ଭଲ ଥିବାରୁ ତୁରନ୍ତ

**ଲାଗିନଥିଲା ନଟ୍, ଅଳ୍ପକେ ବର୍ତ୍ତିଲେ ଚାଳକ**

ଗାଡ଼ିରୁ ସେ ବାହାରି ଯାଇଥିଲେ। ପରେ ସେ ଗାଡ଼ି ଦେଖି ଜାଣିବାକୁ ପାଇଥିଲେ, ଆଗ ଚକାରେ ନଟ୍ ଲଗାଇବା ପାଇଁ ସୋରୁମ୍ ଭୁଲିଯାଇଛି। ଅନ୍ୟଚକାରେ ନଟ୍ ଲାଗିଥିଲା କିନ୍ତୁ ଆଗ ବାମ ଚକାରେ କୌଣସି ବି ନଟ୍ ନ ଥିଲା। ଯାହାଫଳରେ ସେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ସୋରୁମର ଖାମଖିଆଲ ନୀତିପାଇଁ ସେ ଆଜି ଦୁର୍ଘଟଣାର ଶିକାର ହୋଇଥିବା କହିଛନ୍ତି। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିବେ ବୋଲି କହିଛନ୍ତି। ତଦନ୍ତ କରାଯାଇ କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ କରିବାକୁ ସେ ଦାବି କରିଛନ୍ତି।

# ‘ସଖୀ’ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



**ସମ୍ବଲପୁର, ୧୦।୪ (ସମିସ) :** ୱାନ୍ ଷ୍ଟପ୍ ସେଣ୍ଟର ‘ସଖୀ’ ତରଫରୁ ଏପ୍ରାଇଜ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍‌ଠାରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଂଯୋଜିକା ଏଡ୍.ଏଟ୍.ଆକ୍ସନ୍ ସୁନୀତା ତ୍ରିପାଠୀ ଯୋଗ ଦେଇଥିବାବେଳେ ଅତିଥି ଭାବେ ପାରାଲିଗାଲ୍ ଅଫିସର ରୋମିରାଣୀ ବିଶି, ଶିକ୍ଷାନୁଷ୍ଠାନର ସଭାପତି ଜନାର୍ଦ୍ଦନ ବେହେରା, ଚେୟାରମ୍ୟାନ ଜଗଦୀଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷ ହୃଷିକେଶ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପାରା ଲିଗାଲ୍ ସ୍ୱେଚ୍ଛାସେବୀ ସୁଷମା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସଦସ୍ୟା ମିତାଲି ପଣ୍ଡା ‘ସଖୀ’ ସେଣ୍ଟରର କାର୍ଯ୍ୟାବଳୀ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ତ୍ରିପାଠୀ ଶିଶୁସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମାଜରେ ୧୮ ବର୍ଷ ବୟସରୁ କମ୍ ବୟସର ଶିଶୁମାନଙ୍କର ଉପରେ ହେଉଥିବା ଅତ୍ୟାଚାର ଓ ତା’ର ପ୍ରତିକାର ବିଷୟରେ ସେ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ‘ସଖୀ’ ସଦସ୍ୟା ଭାରତୀ ବାଗ, ଅଧ୍ୟାପକ ସନତ ସା, ଅଧ୍ୟାପିକା ସୁନିତା ସିଂ, ପ୍ରଭାସିନି ଗିରି, ସୁମି ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କାର୍ ଦୁର୍ଘଟଣାରେ ଜଣେ ମୃତ; ଦୁଇ ଆହତ

**କୁଚିଣ୍ଡା, ୧୦।୪ (ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା କୁସମୀ ରାସ୍ତା ଲଇଡାଗୁଣାରୁ ଟାଇଁସର ନିକଟସ୍ଥ ନୀଳପଡ଼ାରେ ଭାରସାମ୍ୟ ହରାଇ ଏକ କାର୍ ଦୁର୍ଘଟଣା ଘଟିଛି। ଏଥିରେ ଜଣକର ମୃତ୍ୟୁ ଘଟିଥିବାବେଳେ ଦୁଇ ଜଣ ଆହତ ହୋଇଛନ୍ତି। ଭୁବନେଶ୍ୱରରୁ କୁସମୀ ଜମନକିରାକୁ କାର୍‌ଟି ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଏକ ଗଛରେ ବାଡେଇ ହୋଇଥିଲା। ଘଟଣାସ୍ଥଳରେ କୁସମୀ ଜମନକିରା ଗ୍ରାମର ରଜତ ପଟେଲ(୩୦)ଙ୍କ ମୃତ୍ୟୁ ଘଟିଛି। ନିକଟସ୍ଥ ରେଙ୍ଗାଲି ଗ୍ରାମର ମଳୟ ନାଏକଙ୍କ ଅଣ୍ଟା ଭାଙ୍ଗି ଗୁରୁତର ଆହତ ହୋଇଥିବାବେଳେ ରେଙ୍ଗାଲି ଗ୍ରାମର ଡ୍ରାଇଭର କୈଳାଶ ସେଠ(୩୦)ଙ୍କ ଗୋଡ଼ ଭାଙ୍ଗି ଯାଇଛି। ଆହତ ଦ୍ୱୟଙ୍କ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି।

# ପୂର୍ଣ୍ଣଚନ୍ଦ୍ର ଓ ବ୍ରଜେନ୍ଦ୍ର ପାଇବେ ନାଟ୍ୟକାର ପ୍ରମୋଦ ତ୍ରିପାଠୀ ସ୍ମୃତି ସମ୍ମାନ





**ସମ୍ବଲପୁର, ୧୦।୪ (ସମିସ) :** ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ୍ୟ ଅଗଷ୍ଟ ୩୧ ତାରିଖରେ ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ ସ୍ମୃତି ସମାରୋହ ‘ପ୍ରମୋଦନାମା’ ଆୟୋଜିତ ହେବ। ଏହି ଉତ୍ସବରେ ବରଗଡ଼ର ବିଶିଷ୍ଟ ଅଭିନେତା ତଥା ନାଟ୍ୟଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ନାଟ୍ୟକାର ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକଙ୍କୁ ଚଳିତବର୍ଷର ମର୍ଯ୍ୟାଦାସମ୍ପନ୍ନ ପ୍ରମୋଦ ତ୍ରିପାଠୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବ। ଏଥିସହିତ ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ ନାଟକ ଉପରେ ଏକ ଆଲୋଚନାଚକ୍ର ମଧ୍ୟ ଆୟୋଜିତ ହେବ ବୋଲି ସୂଚନା ମିଳିଛି।

# ହନୁମାନ ଜୟନ୍ତୀ ପୂର୍ବରୁ ପ୍ରଶାସନ ନୋଟିସ୍ ନେଇ ଅସନ୍ତୋଷ

**କୁଚିଣ୍ଡା, ୧୦।୪(ସମିସ):** କୁଚିଣ୍ଡା ଜନଗହଳିପୂର୍ଣ୍ଣ ପୁରୁଣା ବସ୍‌ଷ୍ଟାଣ୍ଡ ହନୁମାନ ମନ୍ଦିର ମହାବୀର ପୂଜା କମିଟି ପକ୍ଷରୁ ୧୪ ତାରିଖରେ ହନୁମାନ ଜୟନ୍ତୀ ପରିପ୍ରେକ୍ଷୀରେ ଉକ୍ତ କମିଟି, ଏକ ବିରାଟ ଝଣ୍ଡା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରଶାସନ ପକ୍ଷରୁ ଏନେଇ ଏକ ଶାନ୍ତି କମିଟି ବୈଠକ ହୋଇଥିଲା। ଶାନ୍ତକମିଟି ବୈଠକରେ କୁଚିଣ୍ଡା ମସ୍‌ଜିଦ କମିଟିର ସଦସ୍ୟ ଓ ମହାବୀର ପୂଜା କମିଟି ସଦସ୍ୟଙ୍କୁ ୧୦୭ ନୋଟିସ ଦିଆଯାଇଛି। କୁଚିଣ୍ଡା ଭାଇଚାରା ସହରରେ ସାମ୍ପ୍ରଦାୟିକ ମତଭେଦ ନ ଥିବା ସମୟରେ ୧୦୭ ନୋଟିସ୍ ଅସନ୍ତୋଷ ସୃଷ୍ଟି ହୋଇଛି। ଗୁରୁବାର ମହାବୀର ପୂଜା କମିଟି ସଭାପତି ପ୍ରମୋଦ ଛୁରିଆ, ମସଜିଦ କମିଟିର ସଭାପତି ସୟଦ ଖାନ ଓ ଅନ୍ୟ କର୍ମକର୍ତ୍ତାଙ୍କ ମିଳିତ ଆନୁକୂଲ୍ୟରେ କୁଚିଣ୍ଡା ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଶାସନର ନୋଟିସ୍‌କୁ ନେଇ



ଅସନ୍ତୋଷ ପ୍ରକାଶ କରିଛନ୍ତି। ମହାବୀର କମିଟି ସଭାପତି ଶ୍ରୀ ଛୁରିଆ କୁହନ୍ତି, ହନୁମାନ ଜୟନ୍ତୀରେ ଝଣ୍ଡାଯାତ୍ରା ଓ ସହରର ବିଭିନ୍ନ ପୂଜାରେ ମୁସଲମାନ ସମ୍ପ୍ରଦାୟ ର ଭାଇ ମାନେ ସାମିଲ ହୋଇ ସହଯୋଗ କରି ଆସୁଛନ୍ତି। ସେହିପରି ମସଜିଦ କମିଟି ସଭାପତି ସୟଦଙ୍କ କହିବା ଅନୁସାରେ, ଆମେ ଭାଇଚାରାରେ ବନ୍ଧା କୁଚିଣ୍ଡା ବିଭିନ୍ନ ହିନ୍ଦୁ ଦେବଦେବୀ ପୂଜାରେ ମୁସଲମାନ ସଭ୍ୟ ରହିଥିବା ବେଳେ ମୁସଲମାନଙ୍କ ପର୍ବରେ ହିନ୍ଦୁମାନେ ମଧ୍ୟ ସହଯୋଗ କରିଥାନ୍ତି। ତେଣୁ ସମସ୍ତେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଏଥିରେ ସାମିଲ ହେବାକୁ ମହାବୀର କମିଟି ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ହେଲେ ଆମ ଆମ ଭିତରେ କୌଣସି ମତାନ୍ତର ଆଜି ପର୍ଯ୍ୟନ୍ତ ନାହିଁ, ଯଦି ସମ୍ଭବ ହୋଇପାରନ୍ତା ତେବେ ଆମ ମୁସଲମାନ କମିଟିର ସଭାପତି ଭାବେ ପ୍ରମୋଦ ଛୁରିଆଙ୍କୁ କରିଦିଅନ୍ତୁ ବୋଲି ମୁସଲିମ କମିଟିର ସଭାପତି ସୟଦ ଖାନ ପ୍ରକାଶ କରିଛନ୍ତି।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା

**ସମ୍ବଲପୁର, ୧୦।୪ (ସମିସ) :** କଚେରିସ୍ଥିତ ସଙ୍କଟମୋଚନ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ କଳସ ଯାତ୍ରା ସହ ଆଜି ଆରମ୍ଭ ହୋଇଯାଇଛି। ଶତାଧିକ ମହିଳା ଏଥିରେ ଯୋଗ ଦେଇଥିଲେ। ପ୍ରାୟ ୧୦୮ ଜଣ ମହିଳା ମହାନଦୀରୁ କଳସରେ ଜଳ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। କଳସ ଯାତ୍ରାରେ ଜିଲ୍ଲା ଓକିଲ ସଂଘର ୫୦ରୁ ଊର୍ଦ୍ଧ୍ୱ ମହିଳା ଓକିଲ ଏବଂ ସ୍ଥାନୀୟ ମହିଳାମାନେ ଯୋଗ ଦେଇଥିଲେ। ଆସନ୍ତା ଦୁଇଦିନ ଧରି ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ୧୧ ତାରିଖ ମନ୍ଦିର ପ୍ରତିଷ୍ଠା ଯଜ୍ଞ ହେବାକୁ ଥିବାବେଳେ ୧୨ ତାରିଖ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ପ୍ରାଣ ପ୍ରତିଷ୍ଠା, ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୂତି ହେବ ବୋଲି ଆୟୋଜକ ମାନଙ୍କ ସୂତ୍ରରୁ ପ୍ରକାଶ।

# ନାକଟିଦେଉଳରେ ପଞ୍ଚାୟତ ସମିତି ବୈଠକ

**ନାକଟିଦେଉଳ, ୧୦।୪(ସମିସ):** ନାକଟିଦେଉଳ ବ୍ଲକସ୍ଥିତ ରାଜୀବ ଭବନ ସଭା ଗୃହରେ ୧୨ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ୱରପା ରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଯୋଗ ଦେଇ କୃଷି, ବିଦ୍ୟୁତ, ଶିକ୍ଷା, ପାନୀୟଜଳ, ଏମ୍ଆଇ, ପଶୁ ବିଭାଗ, ଉଦ୍ୟାନ ବିଭାଗ, ଆବାସ ଯୋଜନା, ସମ୍ମନ୍ୱୟ ଶିଶୁ ବିଭାଗ, ସହିତ ଅନ୍ୟାନ ବିଭାଗ ଦ୍ୱାରା ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ର ସମୀକ୍ଷା କରିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିବାରୁ ଜନପ୍ରତିନିଧି ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆଗକୁ ଏଭଳି ନହେବା ପାଇଁ ଏହାର ପଦକ୍ଷେପ ନେବା ପାଇଁ ବିଧାୟକ ବ୍ଲକ ପ୍ରଶାସନକୁ ପରାମର୍ଶ ଦେବା ସହିତ ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇବାକୁ କହିଥିଲେ। ଏହି ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା




ହୋଇଥିବାବେଳେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ପ୍ରସ୍ତାବ ଦିଆଯାଇଛି। ବୈଠକରେ ବିଡିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ଅମର ଜେ ଡୁଙ୍ଗଡୁଙ୍ଗ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନ, ଜୋନ୍ ୧ -ଜିଲ୍ଲା ପରିଷଦ ସଭ୍ୟା ପ୍ରିୟମ୍ବଦା ସାହୁ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ନେତ୍ରାନନ୍ଦ ରାଉଳ ପ୍ରମୁଖ ମଞ୍ଚାସିନ ଥିଲେ।

# ରକ୍ତଦାନ ଶିବିର; ୨୦ ୟୁନିଟ୍ ରକ୍ତ ସଂଗ୍ରହ

**ରେଢ଼ାଖୋଲ, ୧୦।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟଠାରେ ଶୁକ୍ରବାର ଓଡ଼ିଆପକ୍ଷ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।




ଏଥିରେ ଯୁବ ରେଡକ୍ରସ୍ ଏନସିସି ଏବଂ ଜାତୀୟସେବା ଯୋଜନା ତରଫରୁ ଏହି ଶିବିର ଅୟୋଜିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୃଷ୍ଣପାଢ଼ୀ ଓ କଲେଜର ପ୍ରାଶାସନିକ ପ୍ରଭାରୀ ଅରୁଣ କୁମାର ଶାସନୀ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ସମୁଦାୟ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କଦଳିଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ସସ୍ମିତା ବିଶ୍ୱାଳଙ୍କ ସମେତ ଭୀମଭୋଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପିକା, ଅଧ୍ୟାପିକା ଓ କର୍ମଚାରୀ ରକ୍ତଦାନ କରିଥିଲେ। ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପିକା ଅଞ୍ଜନ କୁମାର ମିଶ୍ର, ଏନ୍‌ସିସି ଅଧିକାରୀ ସୁଶାନ୍ତ କେରକେଟା ଏବଂ ଜାତୀୟ ସେବା ଯୋଜନା ଅଧିକାରୀ ଲିବନସ୍ କିଣ୍ଡୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାରର କର୍ମଦେବ ପଟେଲ, ଜାହ୍ନବି ଧଳ, ଗଣେଶ ସେଠ୍, ନୃସିଂହ ଚରଣ ବିଶ୍ୱାଳ, ମନୋରମା ଧଳ ଏବଂ ସରୋଜ ମିର୍ଜା ରକ୍ତ ସଂଗ୍ରହ କରିଥିଲେ।

# ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନାଚକ୍ର

**ବରଗଡ଼, ୧୦।୪(ସମିସ):** ବରଗଡ଼ର ସର୍ବ ପୁରାତନ ବିଦ୍ୟାଳୟ ପିଏମ୍‌ଶ୍ରୀ ଜର୍ଜ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଗୁରୁ ଭଗବାନ ସାହୁ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦଧିବାବନ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ସର୍ଦ୍ଦାର ପ୍ରିତମ ସିଂହ ସଂଯୋଜନା କରିଥିଲେ। ସହକାରୀ ପ୍ରଧାନ ଶିକ୍ଷକ ସୁରେଶ ଦାଶ, ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ଆଇନଜୀବୀ ଯୁଗଳ ପ୍ରସାଦ ସିଂ, ପ୍ରାଧ୍ୟାପକ ସନ୍ତୋଷ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କବିୟିତ୍ରୀ ଜୟଶ୍ରୀ ପଣ୍ଡା ଗୁରୁ ବନ୍ଦନା ଗାନ କରିଥିଲେ। ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସହ ସମ୍ପାଦକ ଡ. ଯଶବୀର ସିଂ ସୈନୀ, କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ବାରିକ, ଉଦ୍ଧବ ଚରଣ ବେହେରା, ଶିବାନନ୍ଦ ମଟାରୀ, ସଂଘମିତ୍ରା ପଟେଲ, ଦାମୋଦର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ କୁମୁଦିନୀ ପାଣିଗ୍ରାହୀ, ସୁରେଖା ସାହୁ, ସଞ୍ଜୁବାଳା ପୃଷ୍ଟି, ହରିଶ ପାତ୍ର, ଦିନେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। ତୁଳସୀଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଲୋକକଳା ପାଇଁ ଦିନଟିଏ’ କାର୍ଯ୍ୟକ୍ରମ





**ଝାରସୁଗୁଡା, ୧୦।୪(ସମିସ):** ଓଡ଼ିଆ ପକ୍ଷ ପାଳନର ଦଶମ ଦିବସ ଉପଲକ୍ଷେ ଆଜି ଜିଲ୍ଲାରେ ‘ଲୋକକଳା ପାଇଁ ଦିନଟିଏ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇ ଯୋଗଦେଇ ଆମ ଲୋକକଳା ହେଉଛି ଆମର ପରିଚୟ ଓ ଗର୍ବର ପ୍ରତୀକ। ଏହାକୁ ଜୀବନ୍ତ ରଖିବା ପାଇଁ ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲାସଂସ୍କୃତି ଅଧିକାରୀ ହରେକୃଷ୍ଣ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ ଲୋକକଳାକାରଙ୍କୁ ସମ୍ମାନିତ କରାଯାଇ ସେମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା।

**ଦେବଗଡ଼:** ରାଜ୍ୟରେ ଓଡ଼ିଆ ପକ୍ଷ ପାଳନର ଦଶମ ଦିବସରେ ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ବଳମ୍ ଗ୍ରାମ ପଞ୍ଚାୟତ ଗୌଡନାଳି ଗ୍ରାମରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଳାକାରମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବିତା ଜେନା, ଡେପୁଟି କଲେକ୍ଟର ପ୍ରିୟା ତିର୍କି, ବଳମ ସରପଞ୍ଚ ଅମୃତି ନାଏକ, ଜିଲ୍ଲା କଳାକାର ସଂଘ ଉପସଭାପତି ସରସ୍ୱତୀ କିସାନ ଓ ବାରକୋଟ ବ୍ଲକ କଳାକାର ଉପସଭାପତି ତ୍ରିପୁରାରୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨୫ଜଣ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

# ଭିସୁଟ୍‌ରେ ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

**ସମ୍ବଲପୁର, ୧୦।୪ (ସମିସ)**

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଆର୍କିଟେକ୍‌ଚର ବିଭାଗ ଦ୍ୱାରା ‘ସ୍ମାର୍ଟ ଆଣ୍ଡ ସସ୍‌ଟେନେବଲ୍ ଅର୍ବାନିଜମ୍’ ଶୀର୍ଷକ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ, ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଭିସୁଟ୍ କୁଳପତି ଏବଂ ସମ୍ମିଳନୀର ମୁଖ୍ୟ ପ୍ରତିପାଳକ ପ୍ରଫେସର ଦୀପକ କୁମାର ସାହୁ ସମ୍ମିଳନୀ ଉଦ୍‌ବୋଧନ ପ୍ରଦାନ କରିଥିଲେ। ଆର୍କିଟେକ୍‌ଚର ବିଭାଗର ମୁଖ୍ୟ ଏବଂ ସମ୍ମିଳନୀ ଅଧ୍ୟକ୍ଷା ଡ. ଭାରତୀ ମହାପାତ୍ର ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସଭାରେ ଭିସୁଟ୍ କୁଳସଚିବ ପ୍ରଦୀପ ଡାଙ୍ଗ, ପ୍ଲାନିଂ ଫ୍ୟାକଲ୍ଟିର ଡିନ୍ ପ୍ରଫେସର ହରିଶ କୁମାର ସାହୁ, ସମ୍ମିଳନୀର ସଂଯୋଜକ ସହାୟକ ପ୍ରାଧ୍ୟାପକ ଆର୍. ଅମିତ ଚଟର୍ଜୀ ଏବଂ ଶାଶ୍ୱତ ଶେଖର ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ଏବଂ ସହରାଞ୍ଚଳ ବିକାଶ ବିଭାଗର ଅଧିକାରୀ ଓ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।



ଏହି ସମ୍ମିଳନୀ କୁଳପତି ପ୍ରଫେସର ଦୀପକ କୁମାର ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବାବେଳେ ଟାଟାଷ୍ଟିଲ୍‌ର ରାଜ୍ୟ ମୁଖ୍ୟ ଚନ୍ଦନ ମୈତି ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଥିଲେ। ଡ. ଭାରତୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ କୁଳସଚିବ ପ୍ରଦୀପ ଡାଙ୍ଗ ଏବଂ ପ୍ଲାନିଂ ଫ୍ୟାକଲ୍ଟିର ଡିନ୍ ହରିଶ କୁମାର ସାହୁ ଉଦ୍‌ବୋଧନ ଦେଇଥିଲେ। ପ୍ରାଧ୍ୟାପକ ଅମିତ ଚଟର୍ଜୀ ସମ୍ମିଳନୀ ରିପୋର୍ଟ ପ୍ରସ୍ତୁତ କରିଥିଲେ ଏବଂ ଶାଶ୍ୱତ ଶେଖର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ଅବସରରେ ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀ ଅବସରରେ ତିନୋଟି ପୁସ୍ତକ ବିମୋଚନ କରାଯାଇଥିଲା। ଉଦ୍‌ଘାଟନୀ ସଭାରେ ‘ବୁକ୍ ଅଫ୍ ଆବଷ୍ଟ୍ରାକ୍ଟସ୍’ ଏବଂ ‘ସ୍ଥାପତ୍ୟ: ଏ ଡିକେଡ୍ ଅଫ୍ ଡକ୍ୟୁମେଣ୍ଟେସନ୍ ଅଫ୍ ଆର୍କିଟେକ୍‌ଚର (୨୦୧୬-୨୦୨୬)’ ଉନ୍ମୋଚିତ ହୋଇଥିବାବେଳେ, ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଅମିତ ଚଟର୍ଜୀଙ୍କ ରଚିତ ‘ଡକ୍ୟୁମେଣ୍ଟିଂ ଡୋକ୍ରା’ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ସମ୍ମିଳନୀ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ପୂର୍ତ୍ତ ବିଭାଗ ସହଯୋଗରେ ଆୟୋଜିତ ହୋଇଥିଲା। ଏଥିପାଇଁ କାଉନସିଲ୍ ଅଫ୍ ଆର୍କିଟେକ୍‌ଚର, ମାଇଁ ଲିଭେବଲ୍ ସିଟି, ଇନଷ୍ଟିଚ୍ୟୁଟ୍ ଅଫ୍ ଅର୍ବାନ ଡିଜାଇନର୍ସ ଇଣ୍ଡିଆ, ଇନଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ, ଇଣ୍ଡିଆ, ଆଇଜିବିସି, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟସ୍ (ଓଡ଼ିଶା ଚାପ୍ଟର) ଓ ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସ୍ (ଓଡ଼ିଶା ଚାପ୍ଟର) ପରି ବିଭିନ୍ନ ଜ୍ଞାନ ସହଯୋଗୀ ସଂସ୍ଥାମାନେ ସମର୍ଥନ ଯୋଗାଇଥିଲେ। ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ବିଶେଷଜ୍ଞଙ୍କ ସମେତ ନେଦରଲ୍ୟାଣ୍ଡ, ହଂକଂ, ଜାପାନ ଓ ଥାଇଲ୍ୟାଣ୍ଡରୁ ଅନ୍ତର୍ଜାତୀୟ ବିଶେଷଜ୍ଞମାନେ ବକ୍ତବ୍ୟ ରଖିଥିଲେ। ଦେଶର ବିଭିନ୍ନ ସ୍ଥାନର ଶିକ୍ଷାବିତ୍ ଓ ଗବେଷକମାନେ ନିଜର ଗବେଷଣା ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀ ନଗର ଉନ୍ନୟନ ସମ୍ବନ୍ଧୀୟ ନୂତନ ଚ୍ୟାଲେଞ୍ଜ ଓ ସ୍ଥାୟୀ ସମାଧାନ ଉପରେ ଆଲୋଚନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ରୂପେ ପ୍ରମାଣିତ ହୋଇପାରିଛି।

# ରେଳଧାରଣାରୁ ଶବ ଉଦ୍ଧାର

**ଅତାବିରା, ୧୦।୪(ସମିସ):** ଅତାବିରା ରେଳ ଷ୍ଟେସନ ନିକଟ ରେଳ ଧାରଣାରୁ ଏକ ଶବକୁ ସମ୍ବଲପୁର ରେଲୱେ ପୁଲିସ ଉଦ୍ଧାର କରିଛି। ମୃତକ ଜଣକ ଅତାବିରା ଏନଏସି ୱାର୍ଡ଼ ନଂ ୨ ମିନାରବନ୍ଧ ପଡ଼ାର ଗୁଲାମ ସିଦ୍ଧିକି(୪୩) ବୋଲି ଜଣାପଡ଼ିଛି। ଏନେଇ ରେଲୱେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଦଧିବାମନ ମନ୍ଦିରର ରତ୍ନମୁଦ ଉତ୍ସବ

**ଅତାବିରା, ୧୦।୪(ସମିସ):** ଲଚିଦା ପଞ୍ଚାୟତ କତାବଗାସ୍ଥିତ ଦଧିବାମନ ମନ୍ଦିର ରତ୍ନମୁଦ ମହୋତ୍ସବ ସମ୍ପନ୍ନ ହୋଇଯାଇଛି। ଏଥିରେ ଋଷଭ ପଣ୍ଡା ଓ ପତ୍ନୀ ନନ୍ଦିନୀ ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବାବୁଲାଲ ପାଣ୍ଡିଆ ଓ ତାଙ୍କ ସହଯୋଗୀ ପୂଜନ କାର୍ଯ୍ୟ ସମ୍ପାଦନ କରିଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ଆଖପାଖ ଅଞ୍ଚଳର ବହୁ ଭକ୍ତ ଯୋଗ ଦେଇଥିଲେ। ୯ ତାରିଖ କଳାସ ଶୋଭାଯାତ୍ରା ଓ ୧୦ ତାରିଖ ରତ୍ନମୁଦ ମହୋତ୍ସବ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଯୋଗ ଦେଇଥିଲେ।

# ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ

**ଅତାବିରା, ୧୦।୪(ସମିସ):** ଅତାବିରା ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗିରିନ୍ଦ୍ର ସାହୁ, ସମ୍ମାନିତ ଅତିଥି ରୂପେ ସିଡିପିଓ ଉର୍ମିଳା ପରିଡ଼ା, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା, ଲାଦରପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିମାଂଶୁ ସାହୁ, ଅତାବିରା କ୍ଲଷ୍ଟରର ସିଆରସିସି ନୃପ ଭୋଇ ଯୋଗ ଦେଇଥିଲେ। ବୁଗବୁଗା ସିଆରସିସି ନନ୍ଦିଘୋଷ ଭୁଏ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଅତିଥିମାନେ ଶିଶୁବାଟିକା ଶ୍ରେଣୀରେ ନାମ ଲେଖାଇଥିବା ପିଲାଙ୍କୁ ଖଡ଼ି ଛୁଆଁଇ ଥିଲେ। ରଙ୍ଗ ପସରା, ଖେଳ ଘର ଓ ଗପ ରାଇଜ ଷ୍ଟଲକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଜହ୍ନାପଡ଼ା ସିଆରସିସି ରଞ୍ଜନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପ୍ରଧାନୀ, ସହକାରୀ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ସରପଞ୍ଚଙ୍କ ମାତୃ ବିୟୋଗ



**ଗାଇସିଲେଟ, ୧୦।୪(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ପଞ୍ଚାୟତର ସରପଞ୍ଚ ଶରତ କାଲୋଙ୍କ ମାତା ପ୍ରେମା କାଲୋ ଙ୍କ ପରଲୋକ ଘଟିଛି। ସେ କିଛିଦିନ ଧରି ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ୬୯ ବର୍ଷ ହୋଇଥିଲା। ସ୍ଥାନୀୟ ଶ୍ମଶାନରେ ତାଙ୍କ ସତ୍କାର କରାଯାଇଛି। ବଡ଼ ପୁଅ ଶରତ ମୁଖାଗ୍ନି ଦେଇଥିଲେ।

# ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ



**ବରଗଡ଼, ୧୦।୪(ସମିସ):** ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଟାଉନ ହଲ୍‌ରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଏବଂ ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ତାହିର ହୁସେନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ସାନ ଜାମପାଲିରେ ନାମଯଜ୍ଞ ଉଦ୍‌ଯାପିତ

**ଅମ୍ବାଭୋନା, ୧୦।୪(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ଅଞ୍ଚଳର ସାନ ଜାମପାଲି ଗ୍ରାମରେ ଚାଲିଥିବା ୨୪ ପ୍ରହର ହରିନାମ ଯଜ୍ଞ ଉଦ୍‌ଯାପିତ ହୋଇଛି। ଜଗଦୀଶ ନାୟକ ଓ ତାଙ୍କ ପତ୍ନୀ ଯୋଗେଶ୍ୱରୀ ନାୟକ ଯଜ୍ଞକର୍ତ୍ତା ଥିଲେ। ପ୍ରଥମ ସନ୍ଧ୍ୟାରେ କଳସ ଯାତ୍ରା ଓ ଶୁଭ ଅଧିବାସ ସହ ଯଜ୍ଞର ଶୁଭାରମ୍ଭ ହୋଇଥିଲା। ୩ ଦିନ ଧରି ନିରନ୍ତର ହରିନାମ ସଂକୀର୍ତ୍ତନ ଚାଲିଥଲା। ଶେଷ ଦିନରେ ବିଶିପାଲି ଓ ସାଇପାଲି ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ବୈଠକୀ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ କିଶୋର ପୁରୋହିତ ଓ ଗୁରୁ ସୁଶୀଲ ଦାଶଙ୍କ ତତ୍ତ୍ୱାବଧାନରେ ଯଜ୍ଞ ସମାପନ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଗୋପାଳ ନାୟକ, ସନ୍ତୋଷ ନାୟକ, ଦେବାନନ୍ଦ ନାୟକ, ଫଗୁଲାଲ ନାୟକ, ପିଲାଲ ନାୟକ, ତୋଶରାମ ନାୟକ, ମଙ୍ଗଲୁ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ୧୯ରେ ପର୍ଶୁରାମ ଜୟନ୍ତୀ

**ବିଜେପୁର, ୧୦।୪(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକସ୍ତରୀୟ ବ୍ରାହ୍ମଣ ସମାଜ ପକ୍ଷରୁ ୧୯ରେ ପର୍ଶୁରାମ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ ମାଉସୀ ମାଁ ମନ୍ଦିରଠାରେ ପର୍ଶୁରାମ ପୂଜାର୍ଚ୍ଚନା ଅନୁଷ୍ଠିତ ହେବ। ଅପରାହ୍ନରେ ଶୋଭାଯାତ୍ରା ଆୟୋଜିତ ହେବ। ଗିରିଧାରୀ ଦାଶ, ମଣ୍ଟୁ ପାଣି, ଶାନ୍ତନୁ ମିଶ୍ର, ସନାତନ ମହାପାତ୍ର, ଚନ୍ଦନ ଶର୍ମା, ଅକ୍ଷୟ ଦାଶ, ଲୋକନାଥ ମହାପାତ୍ର, ଜନାର୍ଦ୍ଦନ ପାଣିଗ୍ରାହୀ, ପ୍ରକାଶ ଗୁରୁ, ସୁବ୍ରତ ରଥ, ସୁରେନ୍ଦ୍ର ମହାପାତ୍ର, କିଶୋର ଷଡ଼ଙ୍ଗୀ, ମନୋଜ ଦାଶ ଶର୍ମା, ଅନିଷ ଷଡ଼ଙ୍ଗୀ, ଦେବାଶିଷ ଦାଶ, ଅଜିତ ମିଶ୍ର, ହଳପାଣି ମାଝୀ, ସରୋଜ ପୁରୋହିତ, ଶଶୀଭୂଷଣ ପଣ୍ଡା ପ୍ରମୁଖ ଏହି ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ।

# ଓଡ଼ିଆ ବହି ପଢ଼ିବା ଓ କିଣିବା ପାଇଁ ଜନସଚେତନତା

**ବରଗଡ଼, ୧୦। ୪(ସମିସ):** ବହି ଆମ ଜୀବନକୁ ଜ୍ଞାନର ଆଲୋକରେ ଆଲୋକିତ କରେ। ଆମ ଦୈନନ୍ଦିନ ଜୀବନରେ ବହିର ଆଦର ତଥା ଚାହିଦା ବୃଦ୍ଧି ପାଇଁ 'ଓଡ଼ିଆ ପକ୍ଷ' ମଧ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାରେ 'ଆସ ବହିଟିଏ କିଣିବା' ଅଭିଯାନ ଆରମ୍ଭ କରାଯାଇଛି। ଏହି କ୍ରମରେ ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ପୁସ୍ତକ ବିକ୍ରେତା ଓଡ଼ିଆ ଭାଷାରେ ଲିଖିତ ବିଭିନ୍ନ ବହି ବିକ୍ରି ହୋଇଥିବା ବେଳେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉତ୍କଳ ପ୍ରସଙ୍ଗ ପତ୍ରିକା ବିକ୍ରି କରାଯାଇଥିଲା। ସ୍ଥାନୀୟ ଜଣସାଧାରଣ ତଥା ଜିଲ୍ଲା ପାଠାଗାରର ପାଠକ ପୁସ୍ତକ କିଣିବା ସହ ଅନ୍ୟମାନଙ୍କୁ ଓଡିଆ ବହି ପଢ଼ିବାକୁ ପ୍ରେରିତ କରିବା ପାଇଁ ଶପଥ ନେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲା, ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଆଶିଷ ସୁନା, ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ତାହିର ହୁସେନ ଉପସ୍ଥିତ ଥିଲେ।

# ଝାରବନ୍ଧରେ ଜବର ଦଖଲ ଉଚ୍ଛେଦ



**ଝାରବନ୍ଧ, ୧୦।୪(ସମିସ):** ଝାରବନ୍ଧ ଚାନ୍ଦିନୀ ଛକରୁ ଝାରବନ୍ଧ-ଡଭା ମୁଖ୍ୟ ରାସ୍ତାକୁ ପ୍ରଶସ୍ତ କରିବା ନେଇ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଜାରି ରହିଛି। ଶୁକ୍ରବାର ଏହାର ଦ୍ୱିତୀୟ ପର୍ଯ୍ୟାୟରେ ମାଜିଷ୍ଟ୍ରେଟ ବିଶ୍ୱକ ସେନ ପୁରୋହିତଙ୍କ ଉପସ୍ଥିତିରେ ୧୬ଟି ଦୋକାନ ଗୃହକୁ ଉଚ୍ଛେଦ କରାଯାଇଛି। ଏହି ସମୟରେ ଘରମାଲିକମାନେ ସାତ ଦିନ ମଧ୍ୟରେ ସରକାରୀ ଅଂଶକୁ ନିଜେ ହଟାଇବାକୁ ଲିଖିତ ଆଶ୍ୱାସନ ଦେବାରୁ ସରକାରୀ ଓ ରୟତି ଜମି ଉପରେ ନିର୍ମିତ ୩ଟି ବାସଗୃହକୁ ଭଙ୍ଗାଯାଇନଥିଲା। ଏହି ସମୟରେ ଝାରବନ୍ଧ ତହସିଲଦାର ଅଲେଖ ଘୁଟା, ରାଜସ୍ୱ ପରିଦର୍ଶକ ନବୀନ ରାଉତ ଓ ଝାରବନ୍ଧ ଆରଆଇ ଧନଞ୍ଜୟ ଭୋଇଙ୍କ ସମେତ ରାଜସ୍ୱ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଝାରବନ୍ଧ ଥାନା ଅଧିକାରୀ ଶୁକ୍ରା ମାଢି ଓ ଜଗଦଳପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ଦିଗାଲଙ୍କ ନେତୃତ୍ୱରେ ଝାରବନ୍ଧ ଓ ଜଗଦଳପୁର ପୁଲିସ ନିୟୋଜିତ ହୋଇଥିଲେ। ଉଚ୍ଛେଦ ପରେ ପ୍ରଭାବିତ ଦୋକାନୀଙ୍କ ପୁନର୍ବାସ ଓ ଥଇଥାନ ସୁବିଧା ପାଇଁ ସ୍ଥାନୀୟବାସୀନ୍ଦା ଦାବି କରିଛନ୍ତି।

# 'ଜାତୀୟ ଗୁଣବତ୍ତା ଆଶ୍ୱାସନା ମାନକ' କାର୍ଯ୍ୟକ୍ରମ

**ଝାରବନ୍ଧ, ୧୦।୪(ସମିସ):** ସ୍ୱାସ୍ଥ୍ୟସେବାର ଗୁଣବତ୍ତା ବୃଦ୍ଧି କରିବା ଲକ୍ଷ୍ୟରେ ଆଜି ବିଜାଢୋଲ ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପକେନ୍ଦ୍ରରେ 'ଜାତୀୟ ଗୁଣବତ୍ତା ଆଶ୍ୱାସନା ମାନକ' ଭର୍ଚୁଆଲ୍ ଆସେସମେଣ୍ଟ ସମ୍ପନ୍ନ ହୋଇଯାଇଛି। ଏହାର ମୂଲ୍ୟାଙ୍କନ ପ୍ରକ୍ରିୟା ପରୀକ୍ଷକ ଡ. ଦିବାକର ପ୍ରତାପ ସିଂ ଏବଂ ଶୁଭାଶିଷ ସିହ୍ନାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଜନସାଧାରଣଙ୍କୁ ୧୨ ପ୍ରକାରର ସ୍ୱାସ୍ଥ୍ୟସେବା ଓ ଏହାର ପ୍ରାଥମିକ ଚିକିତ୍ସାର ଗୁଣବତ୍ତା ଉପରେ ବୁଝାଯାଇଥିଲା। ସିଏଚଓ ସତ୍ୟଭାମା ଦୀପ, ସ୍ୱାସ୍ଥ୍ୟକର୍ମୀ ମନୋରଞ୍ଜନ ସୁନା, ରଜନୀ ସାହୁ, ବିଏଏମ୍ ପ୍ରଶାନ୍ତ ପ୍ରଧାନ, ସ୍ୱାସ୍ଥ୍ୟ ପରିଦର୍ଶକ ବସୁଦେବ ଗଡ଼ତିଆ ପ୍ରମୁଖ ଉପସ୍ଥିତ ଥିଲେ। ସିଏଚଓ ଗୁଗୁଲି ବେହେରା, କିଶୋରୀ ମାଝୀ, ଖଗେଶ୍ୱରୀ ଦୂର୍ଗା, ସୋନାଲୀ ମାଣିକପୁରୀ, ସ୍ୱାସ୍ଥ୍ୟକର୍ମୀ ଉମାକାନ୍ତ ବାଗ, ଅର୍ଚ୍ଚନା ନାୟକ, ମୀନା ପାଣ୍ଡେ, ଲଳିତା ମହାରଥୀ, ଅଞ୍ଜଳୀ ଲୁଇ, ହେଲ୍‌ଥ ଅମ୍ବାସେଡର ଅରଦ୍ରା କୁମାର ବାଗ, ଯୋଗ ଶିକ୍ଷକ ନିମାଇଁ ବାରିକ, ଅଙ୍ଗନବାଡି କର୍ମୀ ସବିତା ମହାନ୍ତି, ଯଶୋଦା ବାଗ, ଆଶାକର୍ମୀ ପୂର୍ଣ୍ଣିମା ଲୋହାର, ଅଙ୍ଗରା ବେହେରା, ଅମ୍ବିକା ବାରିକ, ପାର୍ବତୀ ବରିହା, ଉମାବତୀ ନାଏକ, ରୀନା ତାଣ୍ଡି ଓ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ରାଣା ପ୍ରତାପ ସ୍କୁଲରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ

# ଲୋକ କଳା ବଞ୍ଚିଲେ ଲୋକ ସଂସ୍କୃତି ବଞ୍ଚିବ



**ବରଗଡ଼, ୧୦।୪(ସମିସ):** ସ୍ଥାନୀୟ ରାଣା ପ୍ରତାପ ସ୍କୁଲରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ କଳା ମଞ୍ଚର ସମ୍ପାଦକ ଡ ଡୋଳାମଣି ଶତପଥୀ, ସଂସ୍କୃତି ସୁରକ୍ଷା ମଞ୍ଚର ଆବାହକ କପିଳେଶ୍ୱର ବାଗ, ସୁଧାଂଶୁ ଶେଖର ସାହୁ, ଡାକ୍ତର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ନୃତ୍ୟଶିଳ୍ପୀ ଗୁଞ୍ଜନ ବୁଧିଆ, ସ୍ନେହାଙ୍ଗିନୀ କୁଅଁର, ମୁସ୍କାନ ବଞ୍ଜୋର, ନେହା ପଟେଲ ପ୍ରମୁଖ ଲୋକ ନୃତ୍ୟ ପରିବେଷଣ କରିଥିଲେ। ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିଲେ।

# ରେଡ଼ିଏନ୍ସ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ ଉଦ୍‌ଯାପିତ




**ବିଜେପୁର, ୧୦।୪(ସମିସ):** ବରଗଡ଼ ଜିଲ୍ଲା ବିଜେପୁରସ୍ଥିତ ରେଡ଼ିଏନ୍ସ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ 'ୟୁଫୋରିଆ-୨୦୨୬' ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ଅଜିତ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଜେପୁର ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜ୍ଞ ବିଭୁଦତ୍ତ ସାହୁ ଯୋଗ ଦେଇଥିଲେ। ପ୍ରଫେସର ଘନଶ୍ୟାମ ମେହେର ସ୍ୱାଗତ ଅଭିଭାଷଣ ରଖିଥିଲେ। ସ୍କୁଲ ଅଧ୍ୟକ୍ଷା ମୋହିନୀ ମେହେର, ନେତ୍ରାମଣୀ ମେହେର, ପରିଚାଳନା କମିଟିର ସଭାପତି କସ୍ତୁରୀ ମେହେର ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ସଞ୍ଜୟ ବାରିକ ମଞ୍ଚ ପରିଚାଳନା କରିଥିଲେ। ଉପଦେଷ୍ଟା ଶ୍ରୀମତୀ ରାଜେଶ୍ୱରୀ ମେହେର, ଦେବବ୍ରତ ମେହେର, ରମେଶ ମେହେର ପ୍ରମୁଖ ସହଯୋଗ କରିଥିଲେ। ଶିବଶଙ୍କର ମେହେର, ପ୍ରତିମା ସେଠ୍, ସନ୍ତୋଷ ସାହୁ, ଅଙ୍କୁଶ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଡିଙ୍ଗିର ବାଗ, ଖେଳ ଶିକ୍ଷକ ସୁବ୍ରତ ବାରିକଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା କୁମୁଦିନୀ ବାରିକ ଧନ୍ୟବାଦ ଦେଇଥିଲେ।

# ଟ୍ରକ୍‌ରୁ ୧ କୋଟି ୬୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

**ସୋହେଲା, ୧୦।୪(ସମିସ)**




ଓଡ଼ିଶା ରାଜ୍ୟ ସୀମାନ୍ତକୁ ଲାଗି ରହିଥିବା ଛତିଶଗଡ଼ ରାଜ୍ୟ ସିଂଘୋଡା ପୁଲିସ ସୋନପୁରରୁ ମୁମ୍ବାଇକୁ ଟ୍ରକ୍‌ରେ ଚୋରା ଚାଲାଣ ହେଉଥିବା ପ୍ରାୟ ୧ କୋଟି ୬୦ ଟଙ୍କାର ୩ କ୍ୱିଣ୍ଟାଲ ୧୨ କେଜି ଗଞ୍ଜେଇ ଜବତ କରିଛି। ଏହି ଗଞ୍ଜେଇ ଚୋରା

## ଟ୍ରକ୍, କାର୍ ଜବତ; ୫ ଗିରଫ

ଚାଲାଣ ନେଇ ପୁଲିସ ସୂଚନା ପାଇଥିଲା। ସିଂଘୋଡା ଥାନା ଅଧିକାରୀ ସନ୍ତୋଷ ସିଂ ଫୋର୍ସ ସହ ରେହେଟିଖୋଲରେ ନାକାବନ୍ଦୀ କରିଥିଲେ। ଓଡ଼ିଶା ପଟୁ ଆସୁଥିବା ଏକ ଟ୍ରକ୍ (କେଏ ୧୩ଡି ୭୭୧୦)କୁ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ବୋଝେଇ ହୋଇଥିବା ଦେଖିବାକୁ ମିଳିଥିଲା। ଟ୍ରକରେ ବସିଥିବା ଉତ୍ତରପ୍ରଦେଶ ରାଜ୍ୟର ନଦିମ ଅନସାରୀ(୩୫) ଏବଂ ମଧ୍ୟପ୍ରଦେଶ ରାଜ୍ୟ ବାଲାଘାଟର ଜିଆଉଲ ହକ (୪୨)କୁ ପୁଲିସ ଜେରା କରିଥିଲେ। ସେମାନେ ଏହି ଗଞ୍ଜେଇ ସୋନପୁରରୁ ମୁମ୍ବାଇ ନେଉଥିବା କହିଥିଲେ। ସେମାନଙ୍କ ସୂଚନା କ୍ରମେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୩ଜଣଙ୍କୁ ଛତିଶଗଡ଼ ପୁଲିସ ବ୍ରହ୍ମପୁର ସହରରୁ ଗିରଫ କରିଥିଲା। ଏମାନେ ହେଲେ କର୍ଣ୍ଣାଟକ ମହୀଶୂରର ଇମତିଆଜ ଖାନ(୪୮), ମଧ୍ୟପ୍ରଦେଶ ବାଲାଘାଟର ରବି ପ୍ରକାଶ ରାଉତକର ଏବଂ ଜମ୍ମୁ କାଶ୍ମୀରର ସୁଖବିନ୍ଦର (ବୁଲବୁଲ)। ଏମାନେ ଏହି ଗଞ୍ଜେଇ କିଣାବିକା ତଥା ଚୋରା ଚାଲାଣ ପାଇଁ ଗାଡ଼ି ବ୍ୟବସ୍ଥା କରୁଥିଲେ। ଏମାନେ ବ୍ୟବହାର କରୁଥିବା ଏକ କାର (ଏମପି- ୫୦ଜେଡ୍ ଡି- ୨୦୨୫) ମଧ ଜବତ ହୋଇଛି। ସୂଚନାଯୋଗ୍ୟ, ସମ୍ବଲପୁର-ରାୟପୁର ଜାତୀୟ ରାଜପଥ ଉପରେ ଏଠାରୁ ପ୍ରାୟ ୧୨ କିମି ଏବଂ ଓଡ଼ିଶା ସୀମାଠାରୁ ମାତ୍ର ଶହେ ମିଟର ଦୂରରେ ଛତିଶଗଡ଼ ରାଜ୍ୟ ପ୍ରବେଶ ଦ୍ୱାର ରେହେଟିଖୋଲରେ ଥିବା ଛତିଶଗଡ଼ ରାଜ୍ୟ ସିଂଘୋଡା ପୁଲିସ ଯାଞ୍ଚ ବେଳେ ୨୮ ତାରିଖ ଦିନ ଏକ ତରଭୁଜ ବୋଝେଇ ପିକଅପରୁ ୨ କ୍ୱିଣ୍ଟାଲ ୨୫ କେଜି ଗଞ୍ଜେଇ ମିଳିଥିଲା। ସେହିଭଳି ଗତ ୪ତାରିଖ ଏକ ଦାମୀ କାରରୁ ୨ କ୍ୱିଣ୍ଟାଲ ୮୨ କେଜି ଗଞ୍ଜେଇ ଜବତ ହୋଇଛି।

# 'ଭଲ ସ୍ପର୍ଶ ଓ ଖରାପ ସ୍ପର୍ଶ' ସଚେତନତା କାର୍ଯ୍ୟକ୍ରମ

**ଝାରବନ୍ଧ, ୧୦।୪(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ବୈତାଳି କ୍ଲଷ୍ଟରରେ ସିଆରସିସି ଦିବସ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ 'ଭଲ ସ୍ପର୍ଶ ଏବଂ ଖରାପ ସ୍ପର୍ଶ' ବିଷୟରେ ଏକ ବିଶେଷ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସଚେତନତାମୂଳକ ଭିଡିଓ ପ୍ରଦର୍ଶନ କରାଯାଇ ସେମାନଙ୍କୁ ଭଲ ସ୍ପର୍ଶ ଓ ଖରାପ ସ୍ପର୍ଶ ବିଷୟରେ ସଚେତନ କରାଯାଇଥିଲା। ବିଭିନ୍ନ ପରିସ୍ଥିତିରେ କିପରି ଶିଶୁମାନେ ଶୋଷଣର ସମ୍ମୁଖୀନ ହୁଅନ୍ତି ଏବଂ ସେହି ପରିସ୍ଥିତିରୁ କିପରି ନିଜକୁ ସୁରକ୍ଷିତ ରଖିବେ ସେନେଇ ପ୍ରଶିକ୍ଷଣ ଓ ପରାମର୍ଶ ଦିଆଯାଇଥିଲା। ବୈତାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡୁଙ୍ଗୁରିଚଢା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଡୁମୁରିପାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈତାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଜଗନ୍ନାଥ ପଧାନଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ସୁଜାତା ସାହୁ ଓ ସବିତା ଧରୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଡୁମୁରିପାଣି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ରଣାଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ଭଗବତୀ ତାଣ୍ଡି ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଡୁଙ୍ଗୁରିଚଢା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ କୈଳାଶ ସାହୁଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଟିକେଶ୍ୱର ପ୍ରଧାନ ଓ ପ୍ରଦୀପ ଭୋଇ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ ଝାରବନ୍ଧ ବ୍ଲକର ଅନେକ ଅଭିଭାବକ ମହୁଲ ଗୋଟେଇବା ପାଇଁ କ୍ଷେତ ଓ ଜଙ୍ଗଲକୁ ଯାଇଥାନ୍ତି। ଏହାର ପରିଣାମରେ ପିଲାମାନେ ବହୁ ସମୟ ଏକାକି ରହୁଥିବାରୁ ସେମାନଙ୍କ ସୁରକ୍ଷା ପ୍ରତି ଝୁଙ୍କି ବୃଦ୍ଧି ପାଉଛି। ଏହି ପରିସ୍ଥିତିକୁ ମନେରଖି ଅଜଣା ଲୋକଙ୍କ ପ୍ରତି ସଚେତନତା ଓ ସ୍ୱଂରକ୍ଷା ବିଷୟରେ ଶ୍ରୀ ସାହୁଙ୍କ ପ୍ରୟାସରେ ଏହି ବିଶେଷ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ପଦକ୍ଷେପକୁ ଅଭିଭାବକ, ଶିକ୍ଷକ ଓ ସ୍ଥାନୀୟ ମହଲରେ ପ୍ରଶଂସା କରାଯାଇଛି।

# ସ୍କୁଲରେ ବାର୍ଷିକ ଉତ୍ସବ

**ପାଇକମାଳ, ୧୦।୪(ସମିସ):** ପାଇକମାଳ ବ୍ଲକ ଡୁମେରବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ହୃଷିକେଶ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଚେରେଙ୍ଗାଝାଞ୍ଜି ସିଆର୍‌ସିସି ଉଗ୍ରସେନ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ବସୁଦେବ କୁମ୍ଭାର, ସନ୍ତୋଷ ମେହେର, ସ୍କୁଲ ପରିଚାଳନା କମିଟି ସଭାପତି ବନବସ ସାହୁ, ନୀଳାଥର ସ୍କୁଲର ପ୍ରଧାନଶିକ୍ଷକ ବିକ୍ରମ କେଶରୀ ପଟେଲ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା କଲ୍ୟାଣୀ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଯୋଗ ଦେଇଥିଲେ। ପାଇକମାଳ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ଅବସରପ୍ରାପ୍ତ ଏବିଇଓ ପ୍ରେମାନନ୍ଦ ବାରିକ ଓ ଧଲେନ୍ଦ୍ର ବାରିକ, ସମାଜସେବୀ ଟାଇଲ ଚନ୍ଦ୍ର ଭୋଇ, ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ପ୍ରତିନିଧି ପ୍ରମୋଦ ଭୋଇ, ଚୁହୁରିପଡ଼ା ସ୍କୁଲ ପ୍ରଧାନଶିକ୍ଷକ ଦୀନମଣି ସୁନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ହୃଷିକେଶ ବାଗ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଧାୟିକାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନରେ ନିର୍ମିତ ନୂତନ ଶ୍ରେଣୀ ଗୃହକୁ ଶ୍ରୀମତୀ ବରିହା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କବି ଶିକ୍ଷକ ସୁଦାମ କନ୍ଧେଧରଙ୍କ ରଚିତ ସମ୍ବଲପୁରୀ କୋଶଲୀ କବିତା ସଂକଳନ 'ମାଟିର୍ କହଁର୍'କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ପ୍ରମୋଦ ଭୋଇଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କ ଦ୍ୱାରା ଜ୍ଞାନ ଦୀପଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଡେଜଲିଂ ଦନ୍ତା, ବାବୁଲାଲ ଧରୁଆ, ସୁଦାମ କନ୍ଧେଧର, ସୌତମ ଛତର, ତପସ୍ୱିନୀ ପାଣ୍ଡେ, କୌଶଲ୍ୟା ପ୍ରଧାନ, ମୌସୁମୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ବରଗଡ଼, ୧୦। ୪(ସମିସ):** ଗାଇସିଲେଟ ବ୍ଲକ ଗୁଦେରପାଲି ପଞ୍ଚାୟତର ଜାମୁଟପାଲିରେ ବୁଢ଼ାରଜା ମନ୍ଦିର ପ୍ରତିଷ୍ଠା ଅବସରରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ବିଜେପୁର ବିଧାୟକ ସନତ ଗଡ଼ତିଆ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଚାଷୀନେତା କିଶୋରଚନ୍ଦ୍ର ଦେବତା, ସରପଞ୍ଚ ରାମଚନ୍ଦ୍ର ପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ, ଅଧ୍ୟାପକ ଧନପତି ଦେବତା, ମୁକେଶ ମୁରାରୀ କେଡିଆ ପ୍ରମୁଖ ଯୋଗ ଦେଇଥିଲେ।

# 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ

**ଝାରବନ୍ଧ, ୧୦।୪(ସମିସ):** ଝାରବନ୍ଧ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜ ପାଠାଗାର ପକ୍ଷରୁ ଏକ ବହି ଷ୍ଟଲ ସ୍ଥାପିତ ଖୋଲାଯାଇଥିଲା। ଛାତ୍ରଛାତ୍ରୀମାନେ ଏହି ଷ୍ଟଲରେ ନିଜ ପସନ୍ଦର ବହି କିଣିଥିଲେ। କଲେଜର ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ଓଡ଼ିଆ ବହି କିଣିବା ଓ ପଢ଼ିବା ଅଭ୍ୟାସକୁ ଦୈନିକ ଜୀବନର ଅଂଶ କରିବାକୁ ପରାମର୍ଶ ଦେଇଥିଲେ। କଲେଜର ଅଧ୍ୟାପକ ଗଗନ ବିହାରୀ ଡନସନା, ସାର୍ଥକ ସାହୁ, ରିତାଞ୍ଜଳୀ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ

**ପାଇକମାଳ, ୧୦।୪(ସମିସ):** ପାଇକମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସଭାପତି ରାମ କୁମାର ଗୁପ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ମୁଖ୍ୟବକ୍ତା ଭାବେ ଖଗେଶ୍ୱର ଦାଶ ଓ ସମ୍ମାନିତ ଅତିଥି ଭାବେ ଡ. ବାଞ୍ଛାନିଧି ପଣ୍ଡା, ଡ. ଦ୍ୱାଦଶ କୁମାର ସାହୁ ଯୋଗଦେଇଥିଲେ। ସମ୍ପାଦକ ନନ୍ଦଲାଲ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସାନନ୍ଦ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା ସମିତିର ସଦସ୍ୟ ରାଜେଶ କୁମାର ପଟେଲ, ଓମପ୍ରକାଶ ମେହେର, ଆଶା ସୁପକାର, ତ୍ରିବେଣୀ ରାଉତ, ବରିଷ୍ଠ ସାମ୍ବାଦିକ ବଡ଼ ଶତପଥୀ, ସୁରଥ ସାହୁ, ଧିରେନ ମହାନ୍ତି, ଦୁର୍ଯୋଧନ ପୁଟା, କୁଞ୍ଜବିହାରୀ ସାହୁ, ସଂକୁଳ ସଂଯୋଜକ ଚୈତନ୍ୟ ଭୋଇ, ଘନଶ୍ୟାମ ବନଛୋର, ପପୁ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ମିନିକେତନ ବେହେରା ଧନ୍ୟବାଦ ଦେଇଥିଲେ।

# ବିକାଶ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟରେ ବିଦାୟ ସମ୍ବର୍ଦ୍ଧନା




**ବରଗଡ଼, ୧୦।୪(ସମିସ):** ବରଗଡ଼ସ୍ଥିତ ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟରେ ବିବିଏ ଓ ବିସିଏର ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ଚେୟାର୍‌ମ୍ୟାନ୍ ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଅଜୟ ମହାପାତ୍ର ଓ ଡିନ୍ (ଷ୍ଟୁଡେଟ୍ ଆଫାୟାର) ଆର୍‌ଏସ୍‌ଭି କ୍ରିଷ୍ଣା ଉପସ୍ଥିତ ଥିଲେ। ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡ. କ୍ଷିରୋଦ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ।

## ସିଏମ୍ ଟ୍ରଫି ଜୁନିୟର ଫୁଟବଲ୍‌ର ଦ୍ୱିତୀୟ ସଂସ୍କରଣ ଉଦ୍‌ଘାଟିତ

# ବରଗଡ଼ ବ୍ଲୁ ଡାଇମଣ୍ଡ କ୍ଲବ୍, ବରଗଡ଼ ୟୁନାଇଟେଡ ସ୍ପୋର୍ଟସ କ୍ଲବ୍ ବିଜୟୀ

**ବରଗଡ଼, ୧୦।୪(ସମିସ)**



ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ସିଏମ ଟ୍ରଫି ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି।

ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ଜିଲ୍ଲପାଳ ତଥା କ୍ରୀଡା ସଂସଦର ସଭାପତି ଆଦିତ୍ୟ ଗୋୟଲ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଣ ମହାନ୍ତି, କିଶୋର ରଥ, ଫାଓ ଉପ ସଭାପତି ରବି ପଣ୍ଡା, କ୍ରୀଡା ସଂସଦ କୋଷାଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ଫୁଟବଲ୍ ସମ୍ପାଦକ ସେକ୍ ସବଦର, ରମାକାନ୍ତ ଦାଶ, ବିକାଶ ବିଶ୍ୱାଳ, କାଳିଆ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ କ୍ରୀଡା ସାଂସଦ ଉପ ସଭାପତି ଯୁଗଳ ପ୍ରସାଦ ସିଂ ପୌରୋହିତ୍ୟ କରିଥିବାବେଳେ କ୍ରୀଡା ସଂଗଠକ ସଚ୍ଚିଦାନନ୍ଦ ପଣ୍ଡା ସଂଯୋଜନା କରିଥିଲେ। ଶେଷରେ ସମ୍ପାଦକ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଥମ ମ୍ୟାଚ୍‌ରେ ବରଗଡ଼ ବ୍ଲୁ ଡାଇମଣ୍ଡ କ୍ଲବ ୩-୦ ଗୋଲରେ ଲେଣ୍ଡା ଫୁଟବଲ୍ ଦଳକୁ ହରାଇଥିଲା। ଏହି ମ୍ୟାଚ୍‌କୁ ରାଜେନ୍ଦ୍ର ଭୁଏ ପରିଚାଳନା କରିଥିବା ବେଳେ ଝସକେତନ ସାହୁ ଓ ଉମାକାନ୍ତ ସାହୁ ଲାଇନ୍‌ରେ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ପଞ୍ଚାନନ ପାତ୍ର। ବରଗଡ଼ ୟୁନିଆଟେଡ୍ ସ୍ପୋର୍ଟସ କ୍ଲବ ଓ ବରଗଡ଼ ସୁପର୍ ଜିମ୍ନାସିୟମ୍ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ୟୁନୋଟେଡ ସ୍ପୋର୍ଟସ ଦଳ ୭-୦ ଗୋଲରେ ହରାଇଥିଲା। ଦ୍ୱିତୀୟ ମ୍ୟାଚ୍‌କୁ ଶୁଭମ୍ ପାତ୍ର ପରିଚାଳନା କରିଥିବା ବେଳେ ତାଙ୍କୁ ନିରଞ୍ଜନ ମହାକୁର ଓ ଅଜୟ ପ୍ରଧାନ ଲାଇନ୍ ରେ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ପିଙ୍କି ହଂସ। ସୁରେଶ ଦାଶ ରେଫରୀ ଇନ୍ ଚାର୍ଜ ଅଛନ୍ତି।

## ୧୬ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ୨ଗିରଫ

ଭୋଗରାଇ/ ଚନ୍ଦନେଶ୍ୱର, ୧୦।୪ (ସମିସ) : ଭୋଗରାଇ ଅବକାରୀ ଥାନା ଓ ତାଳସାରି ସାମୁଦ୍ରିକ ଥାନା ପକ୍ଷରୁ ଆଜି ପୃଥକ ଭାବେ ଚଢ଼ଉ କରାଯାଇ ମୋଟ ୧୬୦ ଗ୍ରାମ ବ୍ରାଉନ ସୁଗର ଜବତ କରିବା ସହିତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଉଭୟ ଯୁବକ ପଶ୍ଚିମବଙ୍ଗରୁ ମଟର ସାଇକେଲ ଯୋଗେ ବ୍ରାଉନ ସୁଗର ନେଇ ସମୁଦ୍ର କଡେ କଡେ ଆସୁଥିବା ବେଳେ ଉଦୟପୁରଠାରେ ସେମାନଙ୍କୁ ଗିରଫ କରାଯାଇଥିବା ଖବର ମିଳିଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କୁମ୍ଭାରମୂଳି ଗାଁର ମାନସ କୁମାର ଦେ ଠାରୁ ୯୦ଗ୍ରାମ ଓ ଗୋପୀନାଥପୁର ଗାଁର କୃଷ୍ଣ ଗୋପାଳ ଦାସ ଅଧିକାରୀଙ୍କଠାରୁ ୭୦ ଗ୍ରାମକୁ ମିଶାଇ ସମୁଦାୟ ୧୬୦ଗ୍ରାମ ବ୍ରାଉନ ସୁଗର ଜବଦ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୧୬ଲକ୍ଷ ଟଙ୍କା ହେବ ବୋଲି ଭୋଗରାଇ ଅବକାରୀ ଥାନା ଅଧିକାରୀ ସୁନୀଲ କୁମାର ମାଝୀ କହିଛନ୍ତି। ପୁଲିସ ଉଭୟ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

## ବ୍ରାଉନସୁଗର ଜବତ, ଜଣେ ଗିରଫ

ସୋର,୧୦।୪(ସମିସ): ଜଳେଶ୍ୱର ଅବକାରୀ ସାଟେଲାଇଟ ବିଭାଗ ପକ୍ଷରୁ ଅଞ୍ଜି ଗ୍ରାମରେ ଚଢ଼ଉ କରି ବ୍ରାଉନ ସୁଗର ଜବତ କରିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜଳେଶ୍ୱର ଅବକାରୀ ସେଟଲାଇଟ ବିଭାଗ ଆଇଆଇସି ଲକ୍ଷେସାଧବ ପ୍ରଧାନ ଅଞ୍ଜି ଗ୍ରାମରେ ବ୍ରାଉନ ସୁଗାର ବିକ୍ରି ହେଉଥିବା କୌଣସି ସୁତ୍ରରୁ ଖବର ପାଇ ଏକ ଟିମ ସହ ଚଢ଼ଉ କରିଥିଲେ। ଏହି ସମୟରେ ଗୋପାଳପୁର ଥାନା ସାହସପୁରା ଗ୍ରାମର ସର୍ଫରାଜ କ୍ୱାଦ୍ରି (୨୮) ବ୍ରାଉନ ସୁଗାର ବିକ୍ରି କରୁଥିବା ବେଳେ ଏହି ଟିମ ତାଙ୍କୁ ଧରିଥିଲା। ଯାଞ୍ଚ ପରେ ତା ନିକଟରୁ ୧୬ ଗ୍ରାମ ବ୍ରାଉନ ସୁଗାର (ହେରୋଇନ) କୁ ଜବତ କରିବା ସହିତ ସର୍ଫରାଜଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ଡାକ୍ତରଖାନାରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ସାଲାୟ ହେମ୍ବ୍ରମ, କନେଷ୍ଟବଳ ଜଗବନ୍ଧୁ ବାରିକ, ବରୁଣ କୁମାର ନାହାକ ଏବଂ ମଧୁସ୍ମିତା ମହନ୍ତ ସାମିଲ ହୋଇଥିଲେ।

## ସାଥୀ ରାମ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା

ନୀଳଗିରି, ୧୦।୪ (ସମିସ): ନୀଳଗିରି ଭାଲୁକାଶୁଣି ବ୍ରାଞ୍ଚ ସାଥୀ ରାମ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସାଥି ରାମଚନ୍ଦ୍ର ସିଂ ସଭାପତିତ୍ୱ କରିଥିଲେ। ରାମ ସିଂ ଜଣେ କୃଷକ ନେତା ଥିଲେ। ସାଥୀ ରାମ ସିଂ ତାଙ୍କ ଜୀବନ ଭିତରେ ବହୁ ସଂଗ୍ରାମ କରିଛନ୍ତି। ଅଭୟାରଣ୍ୟ ଆନ୍ଦୋଳନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁରେ ଭାରତର କମ୍ୟୁନିଷ୍ଟ ପାର୍ଟି ମାର୍କ୍ସବାଦୀ ନୀଳଗିରି ଆଂଚଳିକ କମିଟି ର ବହୁ କ୍ଷତି ହୋଇଛି ଯାହାକି ଅପୂରଣୀୟ ବୋଲି ସବୁ ନେତୃତ୍ୱ ପ୍ରକାଶ କରିଥିଲେ। ଉକ୍ତ ସଭାରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ସାଥୀ ରାମ ସିଂଙ୍କ ସଂଗ୍ରାମୀ ନେତୃତ୍ୱ ଉପରେ ଆଲୋଚନା କରିଥିଲେ। ଉକ୍ତ ସଭାରେ ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ, ଯୋଗନନ୍ଦ ଦାଶ, ମନୋରଞ୍ଜନ ସାହୁ, ଲକ୍ଷ୍ମୀଧର ସାହୁ, ଲକ୍ଷ୍ମଣ ସ, ଶ୍ୟାମ ସିଂ, ମନୋରଞ୍ଜନ ସିଂ, ଗୁରୁ ପ୍ରସାଦ ସିଂ, ପୁରୁଷୋତ୍ତମ ଖଣ୍ଡିଏ, ଗଜେନ୍ଦ୍ର ସିଂ, ଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

## କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ସାଂସଦ ପ୍ରତାପଙ୍କ ଆଲୋଚନା

ନୀଳଗିରି, ୧୦।୪ (ସମିସ): ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନାଡ୍ଡାଙ୍କ ସହ ସାକ୍ଷାତ କରି ବାଲେଶ୍ୱର ସମ୍ବନ୍ଧୀୟ କିଛି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସଭାରେ ସେ ନିମ୍ନଲିଖିତ ବିଷୟଗୁଡିକ ଉପରେ ଆଲୋଚନା କରିବା ସହ ପତ୍ର ପ୍ରଦାନ କରିଛନ୍ତି। ବାଲେଶ୍ୱରରେ ଏକ କ୍ୟାନ୍ସର ହସ୍ପିଟାଲ୍ ସ୍ଥାପନ, ସି.ଜି.ଏଚ୍.ଏସ୍ ୱେଲନେସ ସେଣ୍ଟର ସ୍ଥାପନ ଏବଂ ପୂର୍ବରୁ ସ୍ଥାପିତ ହୋଇଥିବା କିନ୍ତୁ ଏପର୍ଯ୍ୟନ୍ତ ପୂର୍ଣ୍ଣରୂପେ କାର୍ଯ୍ୟରତ ନହୋଇଥିବା ବାଲେଶ୍ୱର ଏମ୍ସ ସାଟେଲାଇଟ୍ ସେଣ୍ଟରକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ସେ ତାଙ୍କୁ ନିବେଦନ କରିଛନ୍ତି। ପରେ ମନ୍ତ୍ରୀ ଏହାକୁ ଗୁରୁତ୍ୱ ର ସହ ନେଇ ନିଶ୍ଚିତ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି।

## ବାବା ନିଖିରେଶ୍ୱର ଚଡ଼କ ମେଳା



ବାଲିଆପାଳ, ୧୦।୪ (ସମିସ): ବ୍ଲକର ନିଖିରା ଗ୍ରାମରେ ଅବସ୍ଥିତ ସ୍ୱୟମ୍ଭୁ ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ପବିତ୍ର ଚଡ଼କ ପର୍ବ ୧ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ପ୍ରସିଦ୍ଧ ବାବା ନିଖିରେଶ୍ୱର ପୀଠ ଏବେ ଶିବମୟ ହୋଇଉଠିଛି। ବୁଧବାର, ଚଡ଼କ ଯାତ୍ରାର ଷଷ୍ଠ ଅର୍ଘ୍ୟ ଦିବସରେ ଶିବ-କାମିନୀ ବିବାହ ଉତ୍ସବ ଖୁବ ଧୂମଧାମରେ ପାଳିତ ହୋଇଛି। ଏହି ଶୋଭାଯାତ୍ରାରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। କାମିନା ଠାକୁରାଣୀଙ୍କୁ ବିବାହ କରି ବିରାଟ ପଟୁଆରରେ ଆସିଥିଲେ ବାବା ନିଖିରେଶ୍ୱର। କାମିନା ବିବାହ ଉତ୍ସବର ସମସ୍ତ ନୀତି ବୁଧବାର ସମ୍ପନ୍ନ ହୋଇଛି। ନିଖିରେଶ୍ୱର ଚଡ଼କ ମେଳାର ପଞ୍ଚମ ଅର୍ଘ୍ୟରେ ଗୁରୁବାର ଦୂର ଦୂରାନ୍ତରୁ ବହୁ ମାନସିକ ଧାରୀ ଶ୍ରଦ୍ଧାଳୁ ଭକ୍ତ ଉପବୀତ ଧାରଣ କରିଥିଲେ। ମଙ୍ଗଳବାର କାମିନୀ ଘଟକୁ ବିଧି ଅନୁଯାୟୀ ତାପୁଣ୍ଡିଆ ଗ୍ରାମର କୁମ୍ଭାର ଘରୁ ଅଣାଯିବା ପରେ ଅପରାହ୍ନରେ ପୂର୍ଣ୍ଣତୋୟା ସୁବର୍ଣ୍ଣରେଖା ନଦୀର ଗୁଆପଡା ଗ୍ରାମର ନଦୀ ଘାଟରୁ କାମିନୀ ଘଟ ଉତ୍ତୋଳନ ହେବାପରେ ବିଶାଳ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଜାମଲା ଗ୍ରାମକୁ ଅଣାଯାଇଥିଲା। ମଧ୍ୟରାତ୍ରୀରେ ହାକାଣ୍ଡ ଘାଟରୁ ନିଶା ଘଟ ଉତ୍ତୋଳନ କରାଯାଇ ମନ୍ଦିରକୁ ଅଣାଯାଇଥିଲା। ବାବା ନିଖିରେଶ୍ୱର ଚଡ଼କ ମେଳା କମିଟିର ସମସ୍ତ ସଦସ୍ୟ, ଜାମଲା(ଘଟୁଆଳ)ଦେ ଘର ପରିବାର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜଳେଶ୍ୱରରେ ଚକ୍ଷୁ ପରୀକ୍ଷା ଶିବିର

ଜଳେଶ୍ୱର ବ୍ଲକ, ୧୦।୪ (ସମିସ) : ଜଳେଶ୍ୱର ଲାଇନ୍ସ କ୍ଲବ ପକ୍ଷରୁ ଶାଳବଣି ଆଶୁ ଆରୋଗ୍ୟ ଚିକିତ୍ସା କେନ୍ଦ୍ରରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୮ ଜଣ ରୋଗି ସେମାନଙ୍କର ଆଖି ପରୀକ୍ଷା କରାଇ ଥିଲେ। ମାଗଣା ଅସ୍ତ୍ରୋପଚାର ସାଙ୍ଗକୁ ଔଷଧ ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି ଲାଇନ୍ସ କ୍ଲବ ର ସଭାପତି ପ୍ରଶାନ୍ତ ପ୍ରଧାନ କହିଛନ୍ତି। ହାତିଗର୍ଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡକ୍ଟର ଭୀଷ୍ମ ପରିଡ଼ା, ଶାଳବଣି ସ୍ୱାସ୍ଥ୍ୟ କେନ୍ଦ୍ରର ଡକ୍ଟର ଅଜୟ କୁମାର ଜେନା, ଲାଇନ୍ସ କ୍ଲବର ସଭାପତି ପ୍ରଶାନ୍ତ ପ୍ରଧାନ, ସମ୍ପାଦକ ଏସ.କେ ସାବିର, ଉପ ସଭାପତି ବିନୋଦ ସାହୁ, ସହ ସମ୍ପାଦକ ଗିରିଜା ଶଙ୍କର ଦାସ, କୋଷାଧ୍ୟକ୍ଷ କପିଳ ମହାନ୍ତି, ସତ୍ୟନାରାୟଣ ମହାପାତ୍ର, ରାଜେଶ୍ ଠକର, ଦୁର୍ଗା ପ୍ରସାଦ ଖଣ୍ଡଏଲ୍ୱେଲ, ଗୌତମ ପ୍ରଧାନ, ମୋନାଜ ଗୁପ୍ତା, ରାଜକିଶୋର ଦାସ, ସେକ୍ ଅବେଦିନ ପ୍ରମୁଖ କ୍ଲବର କର୍ମ କର୍ତ୍ତାମାନେ ଉପସ୍ଥିତ ରହିଥିଲେ।

## ମାଛ ବ୍ୟବସାୟୀଙ୍କଠାରୁ ଲୁଟ୍ ଅଭିଯୋଗ

ସୋର,୧୦।୪ (ସମିସ): ଅନନ୍ତପୁର ଥାନା ଘୁଷୁରା ପୋଲ ନିକଟରେ ଆଜି ଭୋର ସମୟରେ ଜଣେ ମାଛ ବ୍ୟବସାୟୀଙ୍କଠାରୁ ଲୁଟ ଟଙ୍କା ଲୁଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଆଜି ଭୋର ସମୟରେ ଖଣ୍ଡାସାହି ଗ୍ରାମର ମାଛ ବ୍ୟବସାୟୀ କୃତିବାସ ଧଡା ମାଛ ଆଣିବାକୁ ବାଇକ ଯୋଗେ ଚୁଡାମଣି ଅଭିମୁଖେ ଯାଉଥିଲେ। ଏହି ସମୟରେ ଅନନ୍ତପୁର ଥାନା ଘୁଷୁରା ପୋଲ ନିକଟରେ ଦୁଇଜଣ ଯୁବକ ଏକ ବାଇକରେ ଆସି ତାଙ୍କୁ ମାଡ ମାରିବା ସହିତ ମାରଣାସ୍ତ୍ର ଦେଖାଇ ତାଙ୍କ ନିକଟରେ ଥିବା ୨୪ ହଜାର ଟଙ୍କା ଲୁଟ କରି ଚମ୍ପଟ ମାରିଥିଲେ। ଏ ନେଇ କୃତିବାସ ଅନନ୍ତପୁର ଥାନାରେ ପହଞ୍ଚି ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

### ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

# କମର୍ଦ୍ଦା ଥାନା ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ଭୋଗରାଇ,୧୦।୪(ସମିସ)



ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନ ବନ୍ଦ ଓ ବେଆଇନ ବାଲି ଚୋରା କାରବାରରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ସମ୍ମୁଖରେ ଆଜି ମନୁନଗର ଗ୍ରାମବାସୀ ପ୍ରତୀକ ଧାରଣା ଦେଇଥିଲେ। ୫୦ରୁ ଅଧିକ ଗ୍ରାମବାସୀ ଦୀର୍ଘ ସମୟ ଧାରଣା, ବିକ୍ଷୋଭ ଓ ନାରାବାଜି ପ୍ରଦର୍ଶନ କରିବା ପରେ କମର୍ଦ୍ଦା ପୋଲିସ ବାଲି ଚୋରା କାରବାରୀଙ୍କ ବିରୋଧରେ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଗ୍ରାମବାସୀମାନେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ ରଖିଥିବା ଘୋଷଣା କରିଥିଲେ। ସୂଚନାନୁଯାୟୀ ସୁବର୍ଣ୍ଣରେଖା ନଦୀ ଗର୍ଭରୁ ବେଆଇନ ଭାବେ ଚୋରା ବାଲି ବ୍ୟବସାୟୀମାନେ ବେଧଡ଼କ ବାଲି ଉତ୍ତୋଳନ କରି ଆସୁଥିବାବେଳେ ଗାଁ ଗୁଡିକ ନିଦୀ ଆଁ ଭିତରକୁ ଚାଲି ଯିବ ବୋଲି ଗ୍ରାମବାସୀ ମାନଙ୍କ ପକ୍ଷରୁ ଅଭିଯୋଗ ହୋଇ ଆସୁଛି। କିଛିଦିନ ପୂର୍ବରୁ ମନୁନଗର ଗ୍ରାମବାସୀମାନେ ମିଳିତ ହୋଇ ନଦୀରୁ ବାଲି ଉତ୍ତୋଳନ କରି ଡଙ୍ଗା ଯୋଗେ ନେଉଥିବା ସୂଚନା ପାଇ ୩ ଟି ବାଲି ବୋଝେଇ ଡ଼ଙ୍ଗାକୁ ଜବତ କରି ପୁଲିସକୁ ଖବର ଦେଇଥିଲେ। କମର୍ଦ୍ଦା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସେହି ଡ଼ଙ୍ଗା ଗୁଡ଼ିକୁ ଜବତ କରିବା ସହିତ ଅଭିଯୋଗ ଭିତ୍ତିରେ ସମ୍ପୃକ୍ତ ଡ଼ଙ୍ଗା ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଅଦ୍ୟାବଧି ଚୋରା ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ବିଳମ୍ବ ହେଉଥିବା ଯୋଗୁଁ ଗ୍ରାମବାସୀ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିବା ସୂଚନା ଦେଇଛନ୍ତି। ଆସନ୍ତା ଏପ୍ରିଲ ୧୫ ତାରିଖ ସୁଦ୍ଧା ଯଦି ଚୋରା ବେପାରୀଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ପୁଣି ୧୬ ତାରିଖରେ କମର୍ଦ୍ଦା ଥାନାରେ ଗ୍ରାମବାସୀମାନେ ବ୍ୟାପକ ଗଣ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ୨୫ରୁ ମିର୍ଜାପୋଖରୀ ୧୦୮ ତମ ଚନ୍ଦନ ଯାତ୍ରା

ବାଲେଶ୍ୱର,୧୦।୪ (ସମିସ): ମିର୍ଜା ପୋଖରୀଠାରେ ୧୦୮ ତମ ଚନ୍ଦନ ଯାତ୍ରା ଚଳିତ ବର୍ଷ ପାଳନ ପାଇଁ ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଂଚିଛି। ଆସନ୍ତା ୨୫ ତାରିଖରୁ ମେ ୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମକୁ ନେଇ ଏହି ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉତ୍ସବ କମିଟି ସଭାପତି ପଦ୍ମଲୋଚନ ଲେଙ୍କା ସୂଚନା ଦେଇଛନ୍ତି। ମାଣିଖମ୍ବ, ଗୋପାଳଗାଁ, ସୁଏଲପୁର ସମେତ ଆଖପାଖ ଅଂଚଳବାସୀଙ୍କ ମିଳିତ ଉଦ୍ୟମରେ ଚନ୍ଦନଯାତ୍ରା ଆୟୋଜନ ହେବାକୁ ଯାଉଥିବା ସେ କହିଛନ୍ତି। କମିଟିର କାର୍ଯ୍ୟକାରୀ ସଭାପତି ଡକ୍ଟର ଲକ୍ଷ୍ମୀ ନାରାୟଣ ମହାନ୍ତି ଏଥିରେ ପୌରହିତ୍ୟ କରିଥିଲେ। ପ୍ରତି ସଂଧ୍ୟାରେ ଶୋଭାଯାତ୍ରା ମଧ୍ୟରେ ଶ୍ରୀରାଧାକୃଷ୍ଣ ବିଗ୍ରହଙ୍କ ନାବକୁ ଆଗମନ ଓ ନାବକେଳି ଅନୁଷ୍ଠିତ ହେବ। ଚନ୍ଦନ ଯାତ୍ରା ରାତିରେ ଶ୍ରୀରାଧାକୃଷ୍ଣଙ୍କ ନାବକେଳି ଅନୁଷ୍ଠିତ ହେବା ପରମ୍ପରା ଥିବାରୁ ଉତ୍ସବର ସୁଚାରୁ ରୂପେ ପରିଚାଳନା ପାଇଁ ପ୍ରଶାସନ ଆବଶ୍ୟକୀୟ ଅନୁମତି ପ୍ରଦାନ ପୂର୍ବକ ସହଯୋଗ ଦେବାକୁ କମିଟିର କର୍ମକର୍ତ୍ତାମାନେ ନିବେଦନ କରିଛନ୍ତି। କମିଟି ସମ୍ପାଦକ ଅରୁଣ କୁମାର ସ୍ୱାଇଁ ଉତ୍ସବର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କମିଟି କର୍ମକର୍ତ୍ତା ପ୍ରଶାସନ ସହିତ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜ ଲେଙ୍କା, ଅନୁପ ସ୍ୱାଇଁ, ଶ୍ରୀକାନ୍ତ ବୁଗୁଡାଇ, ଭୁଦେବ ମହାପାତ୍ର, ମନୋଜ ଦାସ, ଅଶୋକ ତ୍ରିପାଠୀ, ନାରାୟଣ ଦତ୍ତ, ବୀରେନ୍ଦ୍ର କର, ଭାରତ ଭୂଷଣ ଦାସ, ସୌର୍ଯ୍ୟ ସୁନ୍ଦର ସେନ, ପ୍ରଭାତ ମହାନ୍ତି, ଅବିନାଶ ସ୍ୱାଇଁ, ରୁଦ୍ର ନାରାୟଣ ଦାସ, ସୁମନ୍ତ ସାହୁ ପ୍ରମୁଖଙ୍କ ସମେତ କମିଟିର ବହୁ ଉପସ୍ଥିତ ଥିଲେ।

## ୧୮ରୁ ଯଶୋବନ୍ତ ବୃଦ୍ଧାଶ୍ରମ ପ୍ରତିଷ୍ଠା

ଖଇରା,୧୦।୪ (ସମିସ): ଖଇରା ବ୍ଲକ ଅଧୀନ ପଦୁନା ସ୍କୁଲ ନିକଟରେ ଶିକ୍ଷକ ମାୟାଧର ସାହୁ ଓ ତାଙ୍କର ଭାଇମାନେ ପିତାଙ୍କ ସ୍ମୃତିରେ ନିଜ ସଞ୍ଚିତ ଅର୍ଥରୁ ଆରମ୍ଭ କରିଥିବା ଯଶୋବନ୍ତ ବୃଦ୍ଧାଶ୍ରମ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୧୮,୧୯ ଓ ୨୦ତାରିଖ ୩ଦିନ ଧରି ଏହାର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ତଥା ସାମ୍ବାଦିକ ସମ୍ମିଳନୀ ଗୁରୁବାର ଦିନ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପରିଚାଳନା କମିଟିର ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିବା ଅବସରରେ ଅବହେଳିତଙ୍କୁ ଥଇଥାନ ବା ସେବା ମାବାପାଙ୍କ ପାଇଁ ପ୍ରକୃତ ଅବଦାନ ବୋଲି ପ୍ରକାଶ କରିଥିଲେ। ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ଓ ସମ୍ପାଦକ ମାୟାଧର ସାହୁ ଟ୍ରଷ୍ଟ ଗଠନ କାର୍ଯ୍ୟ, ସେବାଶ୍ରମ ପରିଚାଳନା ପାଇଁ ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟ ଓ ସହଯୋଗ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଉପଦେଷ୍ଟା ମୁକ୍ତିକାନ୍ତ ଶତପଥି, ସାଗର ସାହୁ, କୋଷାଧ୍ୟକ୍ଷ ଷଡ଼ାନନ ପାଣିଗ୍ରାହୀ, ସଭ୍ୟ ଯୁଧିଷ୍ଠିର ମହାରଣା ପ୍ରମୁଖ ଅସହାୟଙ୍କ ପାଇଁ ସମର୍ପିତ। ସେବାଶ୍ରମରେ ମୋଟ ୩୦ଶଯ୍ୟା ମଧ୍ୟରୁ ୬ଟି କୋଠରି ଜଣିକିଆ ଓ ୨ଟି ଦମ୍ପତି ଓ ଗୋଟିଏ କୋଠରୀ ଅସୁସ୍ଥଙ୍କ ପାଇଁ ଉଦ୍ଦିଷ୍ଟ। ପ୍ରତିଷ୍ଠା ପରେ ରହିବାପାଇଁ ଇଚ୍ଛୁକ ତଥା ଆବେଦନ କରିଥିବା ବୃଦ୍ଧବୃଦ୍ଧାଙ୍କ ସମ୍ପର୍କରେ ବିଚାର କରାଯିବ ବୋଲି ବୈଠକରେ ନିଷ୍ପତ୍ତି କରାଯାଇଥିଲା।

# ଡାକ୍ତରୀ ଶିକ୍ଷା ସମାପ୍ତ କରିଥିବା ୯୮ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର, ୧୦।୪ (ସମିସ)



ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଫକୀରମୋହନ ମେଡିକାଲ୍ କଲେଜରୁ ୩ୟ ବ୍ୟାଚରେ କୃତିତ୍ୱର ସହ ଡାକ୍ତରୀ ଶିକ୍ଷା ସମାପ୍ତ କରିଥିବା ୯୮ ଜଣ ଛାତ୍ରଛାତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରତିରକ୍ଷା ବିଭାଗର "ରୋମି' ସଭାଗୃହରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇଟିଆରର ଆଡିସିନାଲ୍ ଡାଇରେକ୍ଟର ନୀଳାଦ୍ରି ଭୂଷଣ ରାୟ ଯୋଗଦେଇ ଡାକ୍ତରୀ ଶିକ୍ଷା ସମାପ୍ତ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଗ ଦେବାକୁ ଯାଉଥିବା ନୂତନ ଡାକ୍ତରମାନଙ୍କୁ ଆଗାମୀ ଭବିଷ୍ୟତ ଦୀର୍ଘଯାତ୍ରାରେ ସମାଜର ସମସ୍ତ ବର୍ଗର ଜନଗଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବେ ବୋଲି ଆଶା ପ୍ରକାଶ କରିଥିଲେ। ରାଜ୍ୟରେ କଟକ ମେଡିକାଲ୍ କଲେଜ ପରେ ଫକୀରମୋହନ ମେଡିକାଲ୍ କଲେଜରେ ସର୍ବାଧିକ ରୋଗୀ ଚିକିତ୍ସିତ ହେଉଛନ୍ତି। ବାଲେଶ୍ୱରରେ ଏମସ୍ ସେଟେଲାଇଟ୍ ସେଣ୍ଟରରେ ନିୟମିତ ସ୍ୱାସ୍ଥ୍ୟସେବା ପାଇଁ ଉଦ୍ୟମ ହେଉଥିବାର ଶ୍ରୀ ରାୟ ପ୍ରକାଶ କରିଥିଲେ। କ୍ରିୟାନୁଷ୍ଠାନ କମିଟି ସଭାପତି ନିରଞ୍ଜନ ପରିଡ଼ା ସଭାରେ ଅଧ୍ୟକ୍ଷତା କରିଥିଲେ। ପ୍ରାକ୍ତନ ସଭାପତି ପ୍ରଫେସର ଅନନ୍ତ କୁମାର ପ୍ରଧାନ ଓ ମମତା ମହାପାତ୍ର ଅତିଥି ଭାବେ ଯୋଗଦେଇ ନୂତନ ଡାକ୍ତରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସାଧାରଣ ସଂପାଦକ ପ୍ରଦୀପ ଦାସ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱ ବର୍ଣ୍ଣନା କରିଥିଲେ। ନୂତନ ଡାକ୍ତରମାନଙ୍କୁ କ୍ରିୟାନୁଷ୍ଠାନ କମିଟି ସଦସ୍ୟ, ସଦସ୍ୟାମାନେ ମାନପତ୍ର ଓ ମୁଖପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କ ପ୍ରତିନିଧି ଡା. ଅନୁପ କୁମାର ଧଡା ବାଲେଶ୍ୱରରେ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିକୁ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ କୃତଜ୍ଞତା ଜଣାଇଥିଲେ। ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅତିରିକ୍ତ ସାଧାରଣ ସଂପାଦକ ପ୍ରଫୁଲ୍ଲ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକ୍ କମିଟି ଏବଂ ବହୁ ସାମାଜିକ ସଂଗଠନ ପକ୍ଷରୁ ଇଂ. ବନମାଳୀ ନାୟକ, ନିରଞ୍ଜନ ରାଉତ, ଦିଲ୍ଲୀପ ଗିରି, ଅର୍ଚ୍ଚନା ନନ୍ଦୀ, ଡ. ଅଜିତ୍ ମହାନ୍ତି, ମାୟାଧର ନାୟକ, ସରସ୍ୱତୀ ପଣ୍ଡା, ଜଗଦାନନ୍ଦ ବିଶ୍?।ଳ, ସୀତାରାମ ପ୍ରଧାନ, ଅକ୍ଷୟ କୁମାର ତ୍ରିପାଠୀ, ଶ୍ୟାମସୁନ୍ଦର ଜେନା, ବନ୍ଦନା ପାତ୍ର, କୁମୁଦରଂଜନ ଗିରି, କମଳ ଚକ୍ରବର୍ତ୍ତୀ, ରବି ନାରାୟଣ ଭୋଳ, ଅନୁସୂୟା ନାୟକ, କନକ ପାଣିଗ୍ରାହୀ, ସଚ୍ଚିଦ୍ର ଦାସ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ବେଣୁଧର ସାହୁ, ସୁଦର୍ଶନ ଜେନା, ଡା. ତାରାକାନ୍ତ ନନ୍ଦ, ଦାମୋଦର ନାୟକ, ଶଶିକାନ୍ତ ରାଉତ, ରମେଶ ଚନ୍ଦ୍ର ଜେନା, ଡା. ରୁବି ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ସଂଯୁକ୍ତା ବେହେରା, କ୍ରୀଷ୍ଣା ସାହା, ସୁକୁମାର ବେହେରା, ବେଣୁଧର ପାଳ, ଭୁବନାନନ୍ଦ ଦାସ, ପଦ୍ମଲୋଚନ ଦତ୍ତ, ମମତା ଦାସ, ଡ. କେଶବ ପଣ୍ଡା, ମିନତୀ ପାତ୍ର, ବିଜନ ଦେ, ସାଧୁଚରଣ ମଲିକ, ଯତୀନ୍ ପାତ୍ର, ପ୍ରମିତା ଦାସ, ବସ୍ ମାଲିକ ସଂଘ ପକ୍ଷରୁ ମାଧବାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବୟସ ଛୁଇଁଲାଣି ୬୬ବର୍ଷ; ମିଳୁନି ବାର୍ଦ୍ଧକ୍ୟ ଭତ୍ତା

ବାଲେଶ୍ୱର(ଉତ୍ତର),୧୦।୪ (ସମିସ) : ଯୋଗ୍ୟ ହିତାଧିକାରୀ ଆବେଦନ କରି କରି ଥକି ଯାଉଥିଲେ ବି ସେମାନଙ୍କ କଥା କେହି ଶୁଣୁନାହାନ୍ତି। ଏଭଳି ଜଣେ ଗରିବ ବୃଦ୍ଧା ହେଉଛନ୍ତି ବାଲେଶ୍ୱର



ଜିଲ୍ଲା ଭୋଗରାଇ ବ୍ଲକ ସୁନାଧର ବସାଣ ପଞ୍ଚାୟତ ପଳାସିଆ ଗ୍ରାମର ଜୟନ୍ତୀ ଭଞ୍ଜ। ଯାହାଙ୍କର ବୟସ ୬୬ ବର୍ଷ ପାରି ହେଲାଣି କିନ୍ତୁ ଭତ୍ତା ପାଇବାରୁ ଏପର୍ଯ୍ୟନ୍ତ ବଞ୍ଚିତ ଅଛନ୍ତି। ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ, ନେତା ଠୁ ପ୍ରଶାସନିକ ଅଧିକାରୀ ନେହୁରା କରି ଥକି ଯିବାରୁ ଏ ନେଇ ସାମାଜିକ ଗଣ ମାଧ୍ୟମ ଏକ୍ସ ଯୋଗେ ଟ୍ୱିଟ କରିବାରୁ ପ୍ରଶାସନ ପକ୍ଷରୁ ତାଙ୍କୁ ଭତ୍ତା ମିଳିବାର ଆଶ୍ୱାସନା ତ ମିଳିବା ପରିବର୍ତ୍ତେ ମିଳିଛି ଧମକ। ତମେ କାହିଁକି ଏଭଳି ଅଭିଯୋଗ କଲ ତମକୁ ୫ବର୍ଷ ପର୍ଯ୍ୟନ୍ତ ଆଉ ଭତ୍ତା ମିଳିବ ନାହିଁ ବୋଲି ବିଭାଗୀୟ ଅଧିକାରୀ ତାଙ୍କୁ ଧମକ ଦେଇଥିବା ଜୟନ୍ତୀ କହିଛନ୍ତି। ଜୟନ୍ତୀଙ୍କ ଆଧାର କାର୍ଡ ଓ ଭୋଟର କାର୍ଡରେ କିଛି ତଥ୍ୟ ଅମେଳ ରହିଥିଲା ବେଳେ ସେ ଭୋଟର କାର୍ଡ ସଂଶୋଧନ କରିବା ସହିତ ତାଙ୍କ ଜନ୍ମ, ଡାକ୍ତରୀ ପ୍ରମାଣପତ୍ର ଓ ମଜିଷ୍ଟ୍ରେଟ/ତହସିଲଦାରଙ୍କ ଏଫିଡେଭିଟ କରି ତାଙ୍କର ଜନ୍ମ ତାରିଖ ସଠିକ ଥିବା ଦର୍ଶାଇ ଥିଲେ। ତା ପରେ ମଧ୍ୟ କେଉଁ କାରଣରୁ ତାଙ୍କୁ ଭତ୍ତାରୁ ବଞ୍ଚିତ କରାଯାଉଛି ସେ ନେଇ ଶେଷରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହଯୋଗରେ ସାମାଜିକ ଗଣମାଧ୍ୟମ ଏକ୍ସ ମାଧ୍ୟମରେ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗ ପରେ ସମସ୍ୟା ସମାଧାନ ହେବା ପରିବର୍ତ୍ତେ କିଛି ପ୍ରଶାସନିକ ଅଧିକାରୀ ତାଙ୍କ ସହ ଅସଦ ବ୍ୟବହାର କରିଥିବା ଓ ଗାଳିଗୁଳଜ କରିଥିବା ସେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବା ସହ ତୁରନ୍ତ ଭତ୍ତା ମଞ୍ଜୁର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମୋର ମାନିଙ୍ଗ ମେମୋରୀ: ଏକ ଅବିସ୍ମରଣୀୟ ଅଧ୍ୟାୟ

ନମସ୍କାର। ଆଜି ଗଭର୍ଣ୍ଣମେଣ୍ଟ କଲେଜ ଅଫ୍ ଇଞ୍ଜିନିୟରିଂ, କେନ୍ଦୁଝର (G C E , Keonjhar) ର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହେଉଛି। ତାହା ମଧ୍ୟ ୩୦ ବର୍ଷ ପରେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି କଲେଜକୁ ଆସି ଏହି ଉତ୍ସବରେ ଯୋଗଦାନ କରିବେ। ଏଭଳି ଏକ ସ୍ମରଣୀୟ ଦିନରେ ମୁଁ ମୋର ପାଠପଢ଼ା ସମୟରେ ଘଟିଥିବା କିଛି ଘଟଣା ଏବଂ ମୋ ଜୀବନ ଉପରେ ତାହାର ପ୍ରଭାବ ବିଷୟରେ ଉଲ୍ଲେଖ କରୁଛିପ୍ରଥମ ପାଠ: ଅସ୍ତିତ୍ୱର ସଂଘର୍ଷଆମର ୨୦୦୫ ମସିହା ଅଗଷ୍ଟ ମାସରେ କ୍ଲାସ୍ ଆରମ୍ଭ ହେଲା। ଡିପ୍ଲୋମା କ୍ୟାମ୍ପସ୍ ଭିତରେ ଥିବା ଡିଗ୍ରୀ କଲେଜର ଅବସ୍ଥା ଦେଖି ମନକୁ ପ୍ରଥମ ଝଟ୍କା ଲାଗିଲା। ସିନିୟରଙ୍କ ଡର, ନିଜର ୟୁନିଫର୍ମ, ୩ୟ ବଟନ୍ ଆଡ଼କୁ ଚାହିଁବାର ବାଧତା— ଏମିତି ୬ ମାସ ଚାଲିଲା। ଡିଗ୍ରୀ କଲେଜର ନିଜର କିଛି ନଥିଲା; ଏହା ମାଇନିଂ ଡିପ୍ଲୋମା ସ୍କୁଲ ଭିତରେ ଚାଲୁଥିଲା। ଆମ ସମୟରେ ଡିଗ୍ରୀ କଲେଜରେ କୌଣସି ସ୍ଥାୟୀ କର୍ମଚାରୀ ନଥିଲେ। ଡିପ୍ଲୋମା ପ୍ରିନ୍ସିପାଲ ଉଭୟ ଡିପ୍ଲୋମା ସହିତ ଡିଗ୍ରୀ କଲେଜର ମଧ୍ୟ ଚାର୍ଜରେ ରହୁଥିଲେ। ଉଦାହରଣ ସ୍ୱରୂପ, ୧୦ ଜଣ ପିଲାଙ୍କ ପାଇଁ ଥିବା ଟଏଲେଟ୍କୁ ୧୦୦୦ ପିଲା ବ୍ୟବହାର କରୁଥିଲେ; ତେଣୁ ତାହାର ଅବସ୍ଥା ଯାହା ହେବ, ଆମ ଅବସ୍ଥା ମଧ୍ୟ ସେହି ଥିଲା। ଯାହାର ରକ୍ଷଣାବେକ୍ଷଣ ପାଇଁ କେହି ନଥିଲେ। ଏହି ଅବସ୍ଥା ଦେଖି ସେତେବେଳେ ରାଷ୍ଟ୍ରପତି କଲାମ ସାରଙ୍କୁ ଇମେଲ୍ ଲେଖିଲି। ପ୍ରତିକ୍ରିୟା ସ୍ୱରୂପ, ପ୍ରିନ୍ସିପାଲ୍ ମୋ ବାପାଙ୍କୁ ଚିଠି ଦେଲେ ଯେ, 'ଆଉ ଥରେ ଏମିତି କଲେ ତାଙ୍କୁ କଲେଜରୁ ବାହାର କରାଯିବ।' ଆମ ସିନିୟରମାନେ ପରିସ୍ଥିତି ସହ ଖାପ ଖୁଆଇ ସାରିଥିଲେ। କିନ୍ତୁ ଆମ ପିଲାମାନଙ୍କ ଭିତରେ ସେମିତି ଶାନ୍ତି ନଥିଲା।ଦ୍ୱିତୀୟ ପାଠ: ନ୍ୟାୟ ପାଇଁ ବାଟ ନିର୍ମାଣଦ୍ୱିତୀୟ ବର୍ଷରେ ଦୟନୀୟ ଅବସ୍ଥା ଜଳଜଳ ହୋଇ ଦେଖା ଦେଲା। ଡିପ୍ଲୋମା ପିଲା ଆସି ସିଧା କ୍ଲାସ୍ ରୁମ୍ ରୁ ଆମକୁ ବାହାରକୁ ଘଉଡ଼ାଉଥିଲେ। ବ୍ଲାକ୍ ବୋର୍ଡରେ ଲେଖିବା ପାଇଁ ଚକ୍ ନଥିଲେ କ୍ଲାସ୍ ହେବନି। ସିଧା କଥା କହିବାକୁ ଗଲେ, ଆମେ ସାବତ ପୁଅ ଓ ଡିପ୍ଲୋମା ପିଲାମାନେ ନିଜ ପୁଅ ଥିଲେ। ଆମେ ସିନିଅରଙ୍କୁ କହିଲୁ, ସେମାନେ କହିଲେ—"ସେମାନେ ସରକାରୀ ପିଲା, ଆମେ ସେଲ୍ଫ ଫାଇନାନ୍ସ। ଆମକୁ ନିଜ ଲଢ଼େଇ ନିଜେ ଲଢ଼ିବାକୁ ପଡ଼ିବ।"ସେଇଠୁ ଆରମ୍ଭ ହେଲା ଆମର ନ୍ୟାୟ ପାଇଁ ଲଢ଼େଇ। ଆମ ବ୍ୟାଚ୍ ଓ ତଳ ବ୍ୟାଚ୍ ମିଶି Strike 1.0, 2.0, 3.0 କଲୁ। ରାସ୍ତା ବନ୍ଦ କଲୁ, ଜିଲ୍ଲାପାଳଙ୍କୁ ଭେଟିଲୁ। ବିଭିନ୍ନ ପ୍ରକାରର ଡର ଭୟ ଆମକୁ ଦୀୟା ଗଲା, କିନ୍ତୁ ଆମେ ନିଜ ପାଇଁ ଓ ପର ପିଢ଼ି ପାଇଁ ଲଢ଼ିବାକୁ ଠିଆ ହୋଇଥିଲୁ। Strike 3.0 ଭୟାନକ ହୋଇଉଠିଲା। ସେତେବେଳେ କେନ୍ଦୁଝର ସଦର ବିଧାୟକ ଥିଲେ ମୋହନ ମାଝୀ ସାର୍ (ଏବେ ଆମ ମୁଖ୍ୟମନ୍ତ୍ରୀ)। ସେ ଆମକୁ ନିଜ ସାମର୍ଥ୍ୟଠାରୁ ଅଧିକ ସାହାଯ୍ୟ କରୁଥିଲେ।ରାତିରେ ମାନ୍ୟବର ବିଧାୟକ ତତ୍କାଳୀନ ଶିକ୍ଷ ମନ୍ତ୍ରୀ ହରିଚନ୍ଦନ ସାରଙ୍କୁ ଫୋନ୍ କରି କହିଲେ, 'ସାର୍, ପିଲାମାନେ ଗେଟ୍ ବନ୍ଦ କରିଦେଇଛନ୍ତି। ଏମାନଙ୍କ ଅବସ୍ଥା ଠିକ୍ ନାହିଁ। ଡିପ୍ଲୋମା ଓ ଡିଗ୍ରୀ ଏକାଠି ଅସମ୍ଭବ। ଗୋଟିଏ ଅଲଗା କଲେଜ ଦରକାର।' ତିନି ଦିନ ପରେ ବୈଠକ ସ୍ଥିର ହେଲା। ଆମେ ଡିପ୍ଲୋମା କଲେଜ ପାଖରେ ଥିବା ଅରବିନ୍ଦ ସ୍କୁଲ୍ ଜାଗାଟିକୁ ଓ ପାଖରେ ଥିବା ପୁରୁଣା ରାଜଭବନଟିକୁ ମଧ୍ୟ ମରାମତି କରି ସେଠି ଡିଗ୍ରୀ ପିଲାମାନଙ୍କୁ ସିଫ୍ଟ କରି କଲେଜ ଚଳାଇବାକୁ ପ୍ରସ୍ତାବ ଦେଇଥିଲୁ। କିନ୍ତୁ ବିଧାୟକ ସିଧା ସେକ୍ରେଟାରୀ ଶ୍ରୀନିବାସ ସାରଙ୍କ ଓ କଲେକ୍ଟରଙ୍କ ସହ କଥା ହୋଇ କହିଲେ, 'ନାହିଁ, ପାହାଡ଼ ପାଖରେ ନୂଆ କ୍ୟାମ୍ପସ୍ ପାଇଁ ଜାଗା ଦେବା।'ସେହି ବିଧାୟକ ଆଜିର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସାର୍ ଆମକୁ ଆଜିର ସୁନ୍ଦର କ୍ୟାମ୍ପସ୍ଟି ଉପହାର ଦେଇଥିଲେ। ତାଙ୍କର ସେଇ କଥା ମୋର ମନେ ଅଛି 'ତୁମେ ତ ଯାଇଥିଲ ପଖାଳ ଖାଇବାକୁ, କିନ୍ତୁ ତମକୁ କ୍ଷୀରି ଖୁଆଇ ଦିଆଗଲା।'ଶେଷରେ, ଆମର ଦୁଇଟି ମୂଲ୍ୟବାନ ଦାବି ମାନିନେଲେ-ନୂଆ କ୍ୟାମ୍ପସ୍ ଓ ଡିଗ୍ରୀ କଲେଜ ପାଇଁ ନୂଆ ପ୍ରିନ୍ସିପାଲ୍। ୧୬-୧୨-୨୦୦୬ ତାରିଖ ଦିନ ସେତେବେଳର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସି ନୂଆ କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ କଲେ। କଲେଜ୍ ଆମକୁ ଶିଖାଇଲା ଯେ ନ୍ୟାୟ ପାଇଁ ଲଢ଼ିବାକୁ ହେଲେ ଧୈର୍ଯ୍ୟ, ସାହସ ଓ ସଂଘବଦ୍ଧତା ଦରକାର।ତୃତୀୟ ପାଠ: ବ୍ୟବସ୍ଥା ବନାମ ନ୍ୟାୟନୂଆ ପ୍ରିନ୍ସିପାଲ୍ ଆସିଲେ, ଏକ ରେଗିଙ୍ଗ୍ କେସ୍ରେ ଆମ ବ୍ୟାଚ୍ ର ଜଣକର ନାଁ ଆସିଲା। ଘଟଣାଟି ଉତ୍ତେଜନା ସୃଷ୍ଟି କଲା। ପରିସ୍ଥିତି ଅନିୟନ୍ତ୍ରିତ ହୋଇଉଠିଲା, ପ୍ରିନ୍ସିପାଲଙ୍କ ବାସଭବନରେ ଭଙ୍ଗାରୁଜା ହେଲା। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରିନ୍ସିପାଲ୍ ଆମ କାହା ଉପରେ କୌଣସି ଅଭିଯୋଗ କଲେ ନାହିଁ। ଏହା ମଧ୍ୟ ଏକ ପାଠ ଥିଲା—କେବଳ ନ୍ୟାୟ ନୁହେଁ, ମାନବୀୟତା ମଧ୍ୟ ବ୍ୟବସ୍ଥାର ଅଂଶ ହୋଇପାରେ।ଶେଷ ବର୍ଷରେ ଆଉ ଏକ ଘଟଣା। କ୍ୟାମ୍ପସ୍ ପାଇଁ ଆସିଥିବା କମ୍ପାନୀକୁ ନେଇ ଏକ ଭୁଲ ବୁଝାମଣା, ତା'ପରେ ରେଗିଙ୍ଗ୍ ଅଭିଯୋଗ ସହିତ ବହୁତ୍ କିଛି ମିଥ୍ୟା ଅଭିଯୋଗ, ପରେ ଜଣା ପଡିଲା ସେ ସବୁ ପୁରୁଣା ରାଗ ପାଇଁ ଥିଲା। ଅଭିଯୋଗରେ ଯେଉଁ ନାଁ ଗୁଡ଼ିକ ଥିଲା, ସେଥିରେ ତାଙ୍କ ନିଜ ବ୍ୟାଚ୍ ର ପିଲାଙ୍କ ନାଁ ମଧ୍ୟ ଥିଲା। ପ୍ରିନ୍ସିପାଲ୍ କେସ୍ ଥାନାକୁ ପଠାଇଦେଲେ। ପୋଲିସ୍ ଆମକୁ ସତ ମିଛ କହି ଡାକି ନେଇଗଲା, ଖାଇବାକୁ ଦେଲେ, ତାପରେ ଆଉ ଛାଡିଲେ ନାହିଁ, କହିଲେ ତୁମେ ମାନେ ସଲେଣ୍ଡର କରି ଦେଇଛ। ସେମାନେ ଆମକୁ ଅଳ୍ପ ସମୟ ମଧ୍ୟରେ କୋର୍ଟକୁ ନେଇଗଲେ। ଜଣେ ମ୍ୟାଡ଼ାମ୍ ଜଜ୍ ଥିଲେ। ଆମକୁ କିଛି ପ୍ରୋସିଡିଅରିଂ ଜାଣିନଥିଲୁ। ଆମେ କଣ କଲୁ? ଚାରି ଜଣ ଯାକ ମ୍ୟାଡାମଙ୍କୁ "ଗୁଡ୍ ଇଭନିଂ ମ୍ୟାଡ଼ମ୍" କହିଲୁ। ଜଜ୍ ମ୍ୟାଡ଼ାମ୍ ବହୁତ ରାଗିଗଲେ, କହିଲେ, "ଏମାନେ ପ୍ରିଜିନର୍। ଦୋଷୀ। ଏମାନେ କଣ ପାଇଁ ଗୁଡ୍ ଇଭନିଂ କହୁଛନ୍ତି? ସେହି କ୍ଷଣରେ ମୁଁ ଅନୁଭବ କଲି, ନ୍ୟାୟ ପାଇବା ପାଇଁ କେବଳ ସଂଘର୍ଷ ନୁହେଁ, ବ୍ୟବସ୍ଥାର ଭାଷା ବୁଝିବା ମଧ୍ୟ ଜରୁରୀ।ଆମ ଚାରି ପିଲାଙ୍କୁ ଜେଲ୍ ପଠାଗଲା। କିଛି ଦିନ ଜେଲ୍ରେ ରହିଲୁ। ସେ ସବୁ ଦିନରେ ଆମକୁ ବହୁତ କିଛି ଶିଖିବାକୁ ମିଳିଲା। ଲୋକଙ୍କ ଦୁଃଖ ଦେଖିବାକୁ ମିଳିଲା, ସରକାରଙ୍କ ନିଷ୍ଠୁରତା ଦେଖିବାକୁ ମିଳିଲା। କିଛି ବେସାହାରା ଲୋକ ଯେଉଁମାନେ କିଛି କରି ନଥିଲେ, ସେମାନଙ୍କୁ କେମିତି ପୋଲିସ୍ ଫସାଉଥିଲା ତାହା ମଧ୍ୟ ଶୁଣିବାକୁ ମିଳିଲା। ସେସବୁ ଜୀବନ ପାଇଁ ଏକ ଲାଇଫ୍ ଲେସନ୍ ଥିଲା। ଆଜି ମୋତେ ସେସବୁ ବହୁତ ହେଲ୍ପ କରୁଛି। ଦଶ ଦିନ ପରେ ବେଲ୍ ମିଳିଲା ଏବଂ କେସ୍ ଟି ଆପୋଷ ବୁଝାମଣାରେ ଖାରଜ ହୋଇଗଲା। ଆମ ନାଁ ନ୍ୟୁଜ୍ ପେପର୍ରେ ଆସିବା ପରେ ସେ ଦୁଇ ମାସ ଆମ ଗାଁ ଲୋକ, ଆମ ପରିବାର ଲୋକ, ଆମ ସାହି ପଡ଼ିଶା ଲୋକଙ୍କୁ ଫେସ୍ କରିବା କେତେ କଷ୍ଟଦାୟକ ଥିଲା, ତାହା ମୁଁ ଜାଣିଛି, ଆମ ଘର ଲୋକ ଜାଣିଛନ୍ତି।ଶେଷ ପାଠ: ଇଞ୍ଜିନିୟରିଂ ନୁହେଁ, ଲାଇଫ୍ ଇଞ୍ଜିନିୟରିଂ ଏହି ଚାରି ବର୍ଷ ମୁଁ ଇଞ୍ଜିନିୟରିଂ ପଢ଼ିବାକୁ ଯାଇଥିଲି, କିନ୍ତୁ କଲେଜ୍ ମୋତେ LLB (ନ୍ୟାୟ) ଏବଂ ବ୍ୟବସ୍ଥା କିପରି କାମ କରେ, ତାହା ଶିଖାଇଲା। ଯାହା ଭୁଲ୍, ସେଇଠି ଠିଆ ହୋଇ ଭୁଲ୍କୁ ଭୁଲ୍ କହିବା, କଷ୍ଟ ଆସିଲେ ଲଢ଼ିବା, ଏବଂ ସଂଘର୍ଷର ପଥ କେତେ କଷ୍ଟକର, ତାହା ମୋତେ ଶିଖାଇଲା। ଆଜି ଯେତେବେଳେ ମୁଁ କହେ, 'ସାର୍, ନମସ୍କାର, ମୁଁ ଅମିତ୍, ମାଇନିଂ କଲେଜ୍, କେନ୍ଦୁଝରରୁ,' ସେତେବେଳେ କେବଳ ଡିଗ୍ରୀ ନୁହେଁ, ଏକ ଜୀବନ ସଂଘର୍ଷର ଗର୍ବ ମୋ କଣ୍ଠରେ ଝଲକି ଉଠେ।ଏହି କଲେଜ୍ ମୋତେ ଇଞ୍ଜିନିୟର ହେବା ସହ ସହିତ ଭଲ ମଣିଷ କିମିତି ହେବାକୁ ହୁଏ ତାହା ଶିଖାଇଲା। ସମସ୍ୟା ସମାଧାନ ପାଇଁ ବ୍ୟବସ୍ଥାଗତ ପରିବର୍ତ୍ତନ ଆଣିବା ଆମର ଦାୟିତ୍ୱ। ଏହି ପାଠ ମୋ ସହ ସବୁବେଳେ ରହିବ। ଏହି ରୌପ୍ୟ ଜୟନ୍ତୀ ଅବସରରେ, ମୁଁ ଆମର ସମସ୍ତ ସହପାଠୀ, ସିନିୟର, ଜୁନିୟର, ଶିକ୍ଷକ ଏବଂ ଅଧିକାରୀମାନଙ୍କୁ କୃତଜ୍ଞତା ଜଣାଉଛି, ଯେଉଁମାନେ ଏହି ଯାତ୍ରାରେ ସାଥୀ ହୋଇଥିଲେ। ଆଜିର ଏହି କ୍ୟାମ୍ପସ୍ ଆମ ସମସ୍ତଙ୍କ ସଂଘର୍ଷର ଫଳ।ପୁରା ଚାରି ବର୍ଷର କାହାଣୀ ଓ ଅଧିକ ପଢ଼ିବାକୁ ଚାହୁଁଥିଲେ, ମୋତେ ମୋ ନମ୍ବର ଅବା ଇମେଲ୍ ମାଧ୍ୟମରେ ଜଣାଇବେ, ମୁଁ ୭-୮ ପୃଷ୍ଠାର ଗୁଗଲ୍ ସିଟ୍ ସେୟାର କରିଦେବି।

ଅମିତ ଦାସ ମହାପାତ୍ର ଅର୍ଥ ଏବଂ କ୍ରୟ ବିଶେଷଜ୍ଞ, ବିଶ୍ୱ ବ୍ୟାଙ୍କ ପ୍ରକଳ୍ପ,
ଅର୍ଥ ବିଭାଗ, ଆସାମ ସରକାର।
ବି.ଓ.ଜି. ସଦସ୍ୟ, ଜି.ସି.ଇ.
କେନ୍ଦୁଝର 2005-2009 ବ୍ୟାଚ୍
ମୋବ୍। 9650771491;
ଇମେଲ : amitdas.24@nic.in

## ରାସ୍ତା କଡ଼ରେ ଦୁଇଟି ବଡ଼ ମଲା ଗଛ

# ବାଟୋଇଙ୍କ ପାଇଁ ବିପଦ, କାଟିବାକୁ ଅଞ୍ଚଳବାସୀଙ୍କ ଦାବି

ଡେରାବିଶ, ୧୦।୪(ସମିସ)

ଡେରାବିଶ ବ୍ଲକ୍ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାରୁ ବାହାରିଥିବା ଖରିଦାସାହି-ଦାନପୁର ସେତୁ ରାସ୍ତା କଡ଼ରେ ରହିଥିବା ଦୁଇଟି ମଲା ଗଛ ଏବେ ବିପଦକୁ ଆମନ୍ତ୍ରଣ କରୁଛି। ଏହି ରାସ୍ତାଟି ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ରହିଥିବାବେଳେ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଡେରାବିଶ ସମେତ ପଡ଼ୋଶୀ ଗରଦପୁର ଓ ମାର୍ଶାଘାଇ ବ୍ଲକର ହଜାର ହଜାର ଲୋକ ଯାତାୟାତ





କରୁଛନ୍ତି। ଦୈନିକ ହଜାର ହଜାର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ମଧ୍ୟ ଏହି ରାସ୍ତା ଦେଇ ଯାଉଛନ୍ତି। ଏହି ଦୁଇଟି ମଲା ଗଛ କାଟିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଖରିଦାସାହି-ଦାନପୁର ରାସ୍ତାର ଦାନପୁର ଲକ୍ ଉପରେ ଗୋଟିଏ ବଡ଼ ଚାଖୁଣ୍ଡା ଗଛ ସମ୍ପୂର୍ଣ୍ଣ ମରିଯାଇଥିବାବେଳେ ଏଠାରୁ ପାଖାପାଖି ୩୦୦ ମିଟର ଦୂରରେ ଦାନପୁର ଗ୍ରାମ ରାସ୍ତା କଡ଼ରେ ଥିବା ଏକ ବଡ଼ ଶିମିଳି ଗଛ ମଧ୍ୟ ମରିଯାଇଥିବା ଦେଖିବାକୁ ମିଳିଛି। ଏପରିକି ସାମାନ୍ୟ ପବନ ହେଲେ ଏହି ମଲା ଗଛର ଛୋଟବଡ଼ ଡାଳ ଭାଙ୍ଗି ରାସ୍ତା ଉପରେ ପଡୁଛି। ସୌଭାଗ୍ୟକୁ ଏହି ଡାଳ ପଡ଼ିବା ସମୟରେ କୌଣସି ଲୋକ ଆହତ ହୋଇନାହାନ୍ତି। ଏହି ଦୁଇ ମଲା ଗଛରେ ରହିଥିବା ବଡ଼ ବଡ଼ ଡାଳ ଓ ଗଛର ଗଣ୍ଡି କେତେବେଳେ ଭାଙ୍ଗି ପଡ଼ି କୌଣସି ଅଘଟଣ ନ ଘଟାଇବ, ତାହା କହିହେବ ନାହିଁ। ତେଣୁ ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏହି ମଲା ଗଛ ଦୁଇଟିକୁ କାଟିବା ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବରୁଣାଡିହା ଗ୍ରାମରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ରାଜକନିକା,୧୦।୪(ସମିସ): ଘରେ କେହି ନଥିବା ସୁଯୋଗ ନେଇ କଳାକନା ବୁଲାଇଛନ୍ତି ଚୋର। ରାଜକନିକା ଥାନା ଅନ୍ତର୍ଗତ ବରୁଣାଡିହା ଛକରେ ଥିବା ଅଶୋକ ରାଉତଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ ୫ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଛି। ଅଶୋକ ରାଉତଙ୍କ ପରିବାର ଦୀର୍ଘଦିନ ହେବ ବିହାରର ପାଟନାରେ ରହିଆସୁଛନ୍ତି। ଘରେ କେହି ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତ ଘରର ଗ୍ରୀଲ ତାଲା ଭାଙ୍ଗି ଘର ଭିତରେ ପ୍ରବେଶ କରିଥିଲେ। ଘରେ ସମସ୍ତ କବାଟର ତାଲା ଭାଙ୍ଗି ବାକ୍ସ ଓ ଲକର ତାଡ଼ି ସୁନା ଓ ରୂପା ଅଳଙ୍କାର ଲୁଟି ନେଇଛନ୍ତି। ଅଶୋକ ରାଉତଙ୍କ ବଡ଼ଭାଇ ରାଜକନିକା ଥାନାରେ ଏତଲା ଦେଇଥିବାବେଳେ ପୁଲିସ ତଦନ୍ତ କରୁଛି।

## ସାମ୍ବାଦିକ ସୁବାସ ବାରିକଙ୍କ ପାଇଁ ଶୋକସଭା

ରାଜକନିକା,୧୦।୪(ସମିସ): ରାଜକନିକା ବ୍ଲକର ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ବାରିକଙ୍କ ବିୟୋଗରେ ଆଜି କନିକା ପ୍ରେସ କ୍ଲବ୍ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଛି। କନିକା ରାଜବାଟି ପରିସରରେ ଆଜି ଅପରାହ୍ନ ୫ ଘଟିକା ସମୟରେ ସାମ୍ବାଦିକ ସୁକାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ଉମାକାନ୍ତ ପରମାଣିକ,



ପ୍ରବୀଣ ବଳ, ଅଜିତ ବେହୁରିଆ, ଅଜୟ ରାଉତ, କମଳଲୋଚନ ଗିରି, ସୁଶାନ୍ତ ନାୟକ, ବିକାଶ ନାୟକ, ସରୋଜ ବେହେରା, ବାବୁ ଖାଁ ପ୍ରମୁଖ ପରଲୋକଗତ ସୁବାସ ବାରିକ ପ୍ରମୁଖ ତାଙ୍କର ସାଲିସବିହୀନ ସାମ୍ବାଦିକତାର ବହୁମୁଖୀ ମାନବୀୟ ଗୁଣର ପ୍ରଶଂସା କରିବା ସହ ତାଙ୍କ ତ୍ୟାଗମୟ ଜୀବନକୁ ସ୍ମରଣ କରିଥିଲେ।

## ଓଡ଼ିଆ ପକ୍ଷ ଅବସରରେ ପାଠଚକ୍ର

ଡେରାବିଶ,୧୦।୪(ସମିସ): ହୃଦୟାନନ୍ଦ ନାୟକ ସ୍ମାରକ ମହାବିଦ୍ୟାଳୟର



ଓଡ଼ିଆ ବିଭାଗ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରାମାପକ ଅକ୍ଷୟ ବଳଙ୍କ ସଭାପତିତ୍ୱରେ 'ସେନାପତି ଫକୀର ମୋହନ: ଆଧୁନିକତାର ପ୍ରବର୍ତ୍ତକ ଓ ଭାଷା ସଚେତନତା' ଶୀର୍ଷକ ଆଲୋଚନାଚକ୍ରରେ ବିଷୟ ବିଶାରଦ ତଥା ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟାପକ ଡଃ ଗିରିଜାକାନ୍ତ ଦାସ ଯୋଗଦେଇ ଓଡ଼ିଶାର ନବଜାଗରଣ, ଭାଷା ଆନ୍ଦୋଳନ ଓ ଏଥିରେ ଫକୀରମୋହନ ସେନାପତିଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗ ମୁଖ୍ୟ ଅଧ୍ୟାପକ ଶଶୀଭୂଷଣ ଜେନା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ର ବେଦପାଠ କରିଥିଲେ। ଛାତ୍ର ତାରାପ୍ରସାଦ ଜେନା, ରଞ୍ଜିତ ବେହେରା, ସତ୍ୟଜିତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ଲୋପାମୁଦ୍ରା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ

ରାଜନଗର,୧୦।୪(ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଓଡ଼ିଆ ପକ୍ଷ ଅବସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଅମୀୟ ଦାସ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରାଧାପକ ରତ୍ନାକର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧାପକ ଅନଙ୍ଗ ପାତ୍ର, ଗ୍ରନ୍ଥାଗାରିକ ବର୍ଷାରାଣୀ ସାମଲ, ବରିଷ୍ଠ କିରାଣି ପ୍ରଦୀପ ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାର ବହି କିଣିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଅଧାପକ ପ୍ରସନ୍ନ ଦାସ ଧନ୍ୟବାଦ ଦେଇଥିଲେ।

## ଶତାୟୁ ବୃଦ୍ଧାଙ୍କ ପରଲୋକ



ରାଜକନିକା,୧୦।୪(ସମିସ): ରାଜକନିକା ବ୍ଲକ ପତରପୁର ଗ୍ରାମର ଶତାୟୁ ବୃଦ୍ଧା ପାଶୋରୀ ବେହେରା (୧୦୫)ଙ୍କର ଆଜି ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ସ୍ୱର୍ଗତା ପାଶୋରୀଙ୍କ ୬ ପୁଅ, ୨ ଝିଅ ଥିବାବେଳେ ବହୁ ନାତିନାତୁଣୀ ଅଛନ୍ତି। ସେ ଡାଏଣିଗିରି ଗାଁର ଆଦର୍ଶ ଶିକ୍ଷକ କେଶବାନନ୍ଦ ବାରିକଙ୍କ ବଡ଼ଭଉଣୀ ଓ ଡାକ୍ତର ଆଶିଷ ବାରିକଙ୍କ ପିୟୁଷୀ ଅଟନ୍ତି।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପ୍ରସ୍ତୁତି ବୈଠକ

 କେନ୍ଦ୍ରାପଡ଼ା,୧୦।୪(ସମିସ): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ଆସନ୍ତା ୨୧ ତାରିଖରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଖେଳ ପଡିଆରେ ଗଣବିବାହ ଆୟୋଜନ

### ୨୧ରେ ଗଣବିବାହ

କରାଯିବ। ଏହି ଗଣବିବାହରେ ୬୦ଟି ଯୋଡ଼ି ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଆଜି ସ୍ଥାନୀୟ ଓସ୍ୱାନ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ



ବିବାହ ମଣ୍ଡପ ବ୍ୟବସ୍ଥା, ପାଣିଯୋଗାଣ, ବିଦ୍ୟୁତ ସୁବିଧା, ସ୍ୱାସ୍ଥ୍ୟ ସେବା, ସୁରକ୍ଷା ବ୍ୟବସ୍ଥା ଓ ଅନ୍ୟାନ୍ୟ ଆବଶ୍ୟକ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଡିଏସପି (ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ, ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ମହାପାତ୍ରଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ଓ ସମ୍ବନ୍ଧିତ ଏଜେନ୍ସି ଉପସ୍ଥିତ ଥିଲେ।

## ବ୍ଲକ୍ ପ୍ରଶାସନ ପକ୍ଷରୁ କଳାକାରଙ୍କୁ ସମ୍ବର୍ଦ୍ଧନା

ରାଜକନିକା,୧୦।୪(ସମିସ): ରାଜକନିକା ବ୍ଲକ କଳା ସଂସ୍କୃତି ସଂଘର ପଞ୍ଜିକୃତ କଳାକାରଙ୍କୁ ଆଜି ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଆ ପକ୍ଷର ଦଶମ ଦିବସରେ ବ୍ଲକ କଳା ସଂସ୍କୃତି ସଂଘ କଳାକାରିତା ଓ ଲୋକକଳା ବଞ୍ଚାଇ ରଖିବାରେ କଳାକାରଙ୍କ ଭୂମିକାକୁ ପ୍ରଶଂସା କରାଯାଇଛି। ବ୍ଲକ ପ୍ରକଳ୍ପ ସଂଯୋଜକ ବୁଦ୍ଧଦେବ ମୃତ୍ୟୁଞ୍ଜୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଜିର କାର୍ଯ୍ୟକ୍ରମରେ ବିଡିଓ କୈଳାସ ଚନ୍ଦ୍ର ମହାଳିକ, ଏବିଡିଓ ଅଜୟ ବେହେରା, ଜିପିଓ ମାନସ ସାହୁ ପ୍ରମୁଖ କଳାର



ପୂଜାରୀଙ୍କୁ ପ୍ରମାଣପତ୍ର, ଉତ୍ତରୀୟ, ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ରାଜକନିକା ମିଶନ ଶକ୍ତି ଗୃହରେ କଳାକାର ରବିନାରାୟଣ ମିଶ୍ର, ବସନ୍ତ ରାୟ, ଜଗଦୀଶ ମହାନ୍ତି, ସୁକାନ୍ତ ଦାଶ, ଗୌରହରି ସାମଲ, ରତିକାନ୍ତ ରାୟ, ସୁବଳ ଦାସ, ହରେକୃଷ୍ଣ ବାରିକ, ସାବିତ୍ରୀ ମାହୁନ୍ତ, ରଞ୍ଜିତା, ସଦାନନ୍ଦ ଶତପଥୀ, ସୁରେଶ ଦାଶ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟିକା ରଞ୍ଜିତ ବେହେରା ପାଲା ପରିବେଷଣ କରିଥିବାବେଳେ କନିକା କଂସ ତାଙ୍କ କଳା ପରିବେଷଣ କରିଥିଲେ।

## ନବନିର୍ବାଚିତ ଓକିଲ ସଂଘ ପ୍ରତିନିଧିଙ୍କ ଶପଥ ଗ୍ରହଣ

ରାଜନଗର,୧୦।୪(ସମିସ): ରାଜନଗର ବାର୍ ଆସୋସିଏସନ କକ୍ଷରେ ଚଳିତ ବର୍ଷ ରାଜ୍ୟ ବାର୍ କାଉନସିଲ ପରିଚାଳିତ ଆଇନଜୀବୀ ସଂଘ ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ



ବିଶ୍ୱନାଥ ବାରିକ ସଭାପତି ଉମେଶ ଚନ୍ଦ୍ର ଦାସ, ଉପସଭାପତି ଦେବଦତ୍ତ ସେଠୀ, ସମ୍ପାଦକ ଭଜକୃଷ୍ଣ ମିଶ୍ର, ଯୁଗ୍ମ ସମ୍ପାଦକ ବୀରକିଶୋର ମହାନ୍ତି, କୋଷାଧକ୍ଷ ମନ୍ମଥ ରାଉତ, ଲାଇବ୍ରେରୀ ସଂପାଦକ ନୟନା ନନ୍ଦ ବେହୁରା ଓ ପରିଚାଳନା କମିଟି ସଦସ୍ୟ ଜନ୍ମଜୟ ବେହେରାଙ୍କୁ ଶପଥ ଗ୍ରହଣ କରାଇଥିଲେ। ଏହି ଶପଥ ଗ୍ରହଣ ଉତ୍ସବରେ ଆଇନଜୀବୀ ଅମର କୁମାର ଦାସ, ଚନ୍ଦ୍ରଶେଖର ଦାସ, ଦିଲ୍ଲୀପ ଦାସ, ଅରୁପାନନ୍ଦ ପାତ୍ର, ବିନୟ ମହାନ୍ତି, ପ୍ରଦୀପ ଦାସ, ସୁଜାତା ପ୍ରିୟଦର୍ଶିନୀ ଜେନା, ନଳିନୀକାନ୍ତ ମଙ୍ଗରାଜ ଓ ସରକାରୀ ଓକିଲ ଲକ୍ଷଣ ରାଉତ, ଅକ୍ଷୟ ସ୍ୱାଇଁ, ଦେବଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁମନ୍ଦିରରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ

ପଟ୍ଟାମୁଣ୍ଡାଇ, ୧୦।୪(ସମିସ): ପଟ୍ଟାମୁଣ୍ଡାଇ ରାଧାରମଣ ମଠ ପରିସରରେ ଗୁରୁକୁଳ ପରମ୍ପରାରେ ଗଢି ଉଠିଥିବା ଅନନ୍ୟ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିରରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜ ଉଦଘାଟନ କରି କୋମଳମତି ପିଲାଙ୍କୁ ଆଶୀର୍ବାଦ କରିଥିଲେ। ସମ୍ପାଦକ ଅମ୍ବୁଜ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଆଚାର୍ଯ୍ୟ ପ୍ରଭାକର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ମୃତ୍ୟୁଞ୍ଜୟ ସୂତାର, ସୌମ୍ୟରଞ୍ଜନ ଦାସ, ଲିପ୍ସା ସାହୁ, ସ୍ୱାଗତିକା ସ୍ୱାଇଁ, ସୁଜ୍ଞାନୀ ପାଢ଼ୀ, କଳ୍ପନା ସେନାପତି, ମମତା ଦେ, ବିଶ୍ୱରୂପା ବିଶ୍ୱାଳ, ଅପସରା ଦାଶ, ସୁଭାଷିନୀ ସାହୁ, ଭାଗ୍ୟଶ୍ରୀ ଜେନା, କ୍ରିଷ୍ଣାରାଣୀ ଦାସ, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ସଙ୍ଗୀତା ପ୍ରଧାନ, ସଙ୍ଗୀତା ନାୟକ, ଶୁଭଦର୍ଶନୀ ଦାସ ପ୍ରମୁଖ ଯୋଗଦେଇ କୁନି କୁନି ପିଲାଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷା ମନ୍ଦିର ପକ୍ଷରୁ ସମସ୍ତ ଶିଶୁଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇ ଖଡ଼ିଛୁଆଁ କରାଯାଇଥିଲା। ଏ ଅବସରରେ ୧୫ ଜଣ ଛାତ୍ରଛାତ୍ରୀ ନାମ ଲେଖାଇବାକୁ ଆସିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଆଚାର୍ଯ୍ୟା ଚିନ୍ମୟୀ ବିଶ୍ୱାଳ, ସ୍ମିତା ଦାସ, ଡଲି ଦାସ, ରଶ୍ମିରେଖା ଦାଶ, କଳ୍ପନା ବାରିକ, ତନିଶା ବିଶ୍ୱାଳ, ସାଗରିକା ଦାଶ, ରୀନା ନାୟକ, ରଶ୍ମିତା ବେହେରା, ମୋନାଲିସା କର, ସୁପ୍ରିୟା ପ୍ରଧାନ ପରିଚାଳନା କରିଥିଲେ।

## ଗଞ୍ଜେଇ ଓ ଚୋରାମଦ ଜବତ, ୯ ଗିରଫ

କେନ୍ଦ୍ରାପଡ଼ା,୧୦।୪(ସମିସ): ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାର୍ଶାଘାଇ, ରାଜକନିକା, କେନ୍ଦ୍ରାପଡ଼ା ଟାଉନ, ପାଟକୁରା ଓ ଜମ୍ବୁ ସାମୁଦ୍ରିକ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ଚଢଉ କରାଯାଇ ଗଞ୍ଜେଇ ଓ ମଦ ଜବତ କରାଯିବା ସହ ୯ ଜଣଙ୍କୁ ଗିରଫ କରାଯାଇଛି। କଷୋଟି ବାଲି ଗ୍ରାମର ହାପି ବେହେରାଙ୍କଠାରୁ ୯୦୦ ଗ୍ରାମ ଗଞ୍ଜେଇ ସମେତ ୩୫ ବୋତଲ କଫ ସିରପ, ଓଳାଭର ଗ୍ରାମର ରମେଶ ଚନ୍ଦ୍ର ସାହୁଙ୍କଠାରୁ ୩୮ ଲିଟର ବିଦେଶୀ ମଦ, ବ୍ରୁନ୍ଦିଆ ଗ୍ରାମର ରଶ୍ମିରାଣୀ ବେହେରାଙ୍କଠାରୁ ୧୯ ଲିଟର ଦେଶୀ ମଦ, ଗଜରାଜପୁର ଗ୍ରାମର ଉପେନ୍ଦ୍ର ମଲିକଙ୍କଠାରୁ ୩୧ ଲିଟର ବିଦେଶୀ ମଦ, ସାନ୍ତଶାହି ଗ୍ରାମର ସନ୍ଦୀପ ସୁବ୍ରମଣିୟମଙ୍କଠାରୁ ୧୫୦୦ ଲିଟର ଗୁଡ ପୋଚ, ମାଣିକପୁର ଗ୍ରାମର ସୀମା ଜେନାଙ୍କଠାରୁ ୧୫ ଲିଟର ବିଦେଶୀ ମଦ, ନୂଆପଡ଼ା ଗ୍ରାମର ଶରତ ବେହେରାଙ୍କଠାରୁ ୨୫ ଲିଟର ଦେଶୀ ମଦ, ପ୍ରଭାକରପୁର ଗ୍ରାମର ନାଥ ଖିଲରଙ୍କଠାରୁ ୨୦ ଲିଟର ଦେଶୀ ରନ୍ଧାମଦ ଓ ରବି ଖିଲାରଙ୍କଠାରୁ ୨୨ ଲିଟର ବିଦେଶୀ ଚୋରା ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, କଳ୍ପନା ରାଉତ, ରତ୍ନପ୍ରଭା ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ୧୬୦ ଲିଟର ମଦ ଜବତ, ୬ ଗିରଫ

କେନ୍ଦ୍ରାପଡ଼ା,୧୦।୪(ସମିସ): ଅବକାରୀ ବିଭାଗ ପକ୍ଷରୁ ଚାଲିଥିବା ବିଶେଷ ଅଭିଯାନରେ ଆଜି ବଡ଼ ସଫଳତା ମିଳିଛି। ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ନେତୃତ୍ୱରେ ମାର୍ଶାଘାଇ, ରାଜନଗର, ଆଳି ଓ ମହାକାଳପଡ଼ା ଥାନା ଅଧୀନସ୍ଥ ବିଭିନ୍ନ ଗ୍ରାମରେ ଚଢ଼ଉ କରାଯାଇ ୧୬୦ ଲିଟର ମଦ ଜବତ ହୋଇଥିବାବେଳେ ୬ ଜଣଙ୍କୁ ଗିରଫ କରାଯାଇଛି। ମଧ୍ୟପଡ଼ା ଗ୍ରାମରୁ ୨୪ ଲିଟର ବିଦେଶୀ ମଦ ସହ ଗୋଟିଏ ବାଇକ୍, କାହାରପୁରରୁ ୧୩ ଲିଟର ଦେଶୀ ମଦ, ହାବୁଲଗଣ୍ଡରୁ ୨୬ ଲିଟର, କାନପୁରରୁ ୨୯ ଲିଟର, ବିଜୟନଗରରୁ ୪୫ ଲିଟର ଓ ନଛିପଡ଼ାରୁ ୨୩ ଲିଟର ବିଦେଶୀ ମଦ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରାଯାଇ କୋର୍ଟକୁ ଚାଲାଣ କରାଯାଇଛି।

## ନାବାଳିକା ଅପହରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

ଗରଦପୁର,୧୦।୪(ସମିସ): ପାଟକୁରା ଥାନା ଅଧୀନ ଯମୁନାବାଦ ଗଡାରେ ଘଟିଥିବା ନାବାଳିକା ଛାତ୍ରୀ ଅପହରଣ ଘଟଣାରେ ପୁଲିସ ବଡ଼ ସଫଳତା ପାଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଦେବପ୍ରସାଦ ପରିଡ଼ା (୧୯)ଙ୍କୁ ତିର୍ତ୍ତୋଲ ଅଞ୍ଚଳରୁ ଗିରଫ କରାଯାଇଛି। ୬ ତାରିଖରେ ଛାତ୍ରୀ ଜଣଙ୍କ କୋଚିଂ ସେଣ୍ଟରରୁ ସାଙ୍ଗ ସହ ଘରକୁ ଫେରୁଥିବାବେଳେ ଯମୁନାବାଦ ଗଡାରେ ଅପହରଣ କରାଯାଇଥିଲା। ପାଟକୁରା ଥାନା ପୁଲିସ ସହ କନ୍ଦରପୁର ପୁଲିସ ମିଳିତ ଭାବେ ତଦନ୍ତ ଆରମ୍ଭ କରିଥିଲେ। ବିରିବାଟୀ ଅଞ୍ଚଳରୁ ଜଣେ ନାବାଳକ ଓ ଗାଡ଼ି ଚାଳକଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଦେବପ୍ରସାଦ ପରିଡ଼ା ଫେରାର ଥିଲା। ପୁଲିସର ବିଶେଷ ଚଢ଼ଉରେ ତିର୍ତ୍ତୋଲ ଅଞ୍ଚଳରୁ ତାକୁ ଧରିବାରେ ସଫଳତା ମିଳିଛି।

## ସ୍କୁଟି ଉଦ୍ଧାର, ଲୁଟେରା ଗିରଫ

ଡେରାବିଶ,୧୦।୪(ସମିସ): ଚାନ୍ଦୋଳ ଫାଣ୍ଡି ଅଧୀନ ହରିଅଙ୍କ ପଞ୍ଚାୟତ କୂଳସାହି ନିକଟସ୍ଥ ଲୁଣାନଦୀର ବନ୍ଧରୁ ୮ ତାରିଖ ରାତିରେ ଜଣେ ସ୍କୁଟି ଆରୋହୀଙ୍କୁ ଅଟକାଇ ଜଣେ ଦୁର୍ବୃତ୍ତ ସ୍କୁଟିକୁ ଲୁଟ କରି ନେଇଥିଲେ। ଆଜି ଚାନ୍ଦୋଳ ଫାଣ୍ଡି ପୁଲିସ୍ ସ୍କୁଟିକୁ ଉଦ୍ଧାର କରାଯିବା ସହିତ ଲୁଟେରାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜଳପୋକ ଗ୍ରାମର ଆଭାନ ଦାସ ୮ ତାରିଖ ରାତିରେ ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ କୂଳସାହି ନିକଟରେ କୁଦାନଗରୀ ଥାନା ଅନ୍ତର୍ଗତ ଭାରିଗୋଳ ଗ୍ରାମର ଗୌତମ ମଲିକ ଅଟକାଇ ତାଙ୍କ ସ୍କୁଟିକୁ ନେଇଯାଇଥିଲେ। ଏ ନେଇ ଆଭାନ ଚାନ୍ଦୋଳ ଫାଣ୍ଡିରେ ୯ ତାରିଖ ସକାଳେ ଲିଖିତ ଅଭିଯୋଗ କରିଥିଲେ। ଆଜି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସ୍କୁଟି ଉଦ୍ଧାର କରିବା ସହ ଗୌତମକୁ ଗିରଫ କରିଛି।

## ଛେଳି ଚୋରକୁ ଧରି ପୁଲିସ ଜିମାଦେଲେ ଗ୍ରାମବାସୀ

ଡେରାବିଶ, ୧୦।୪(ସମିସ): ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଗହଗା ଗ୍ରାମରୁ ଛେଳି ଚୋରି କରିନେଉଥିବାବେଳେ ଦୁଇଜଣ ଦୁର୍ବୃତ୍ତଙ୍କୁ ଗ୍ରାମବାସୀ କାବୁକରି ପୁଲିସ ଜିମା ଦେଇଥିବା ଜଣାପଡ଼ିଛି। ଗହଗା ଗ୍ରାମର ଛେଳି ଚାଷୀ ସେମାନଙ୍କ ଛେଳି କେନାଲ୍ ବନ୍ଧରେ ଘାସ ଚରିବା ପାଇଁ ଛାଡ଼ିଥିଲେ। ନିଛାଟିଆ ଜାଗାଦେଖି ପୂର୍ବରୁ ଦୁର୍ବୃତ୍ତ ଛେଳି ଚୋରି କରିଆସୁଥିଲେ। ବାରମ୍ବାର ଛେଳି ଚୋରି ଘଟଣା ଘଟିବା ପରେ ଛେଳି ଚାଷୀ ଚୋରକୁ ଧରିବା ପାଇଁ ଉଦ୍ୟମ କରିଥିଲେ । ଗତକାଲି ଗହଗା ଗ୍ରାମର କୁଞ୍ଜ ନାୟକଙ୍କ ଛେଳିକୁ ନସଡ଼ିପୁର ଗ୍ରାମର ବିଶ୍ୱଜିତ ସେଠୀ ଓ ବଳରାମପୁର ଗ୍ରାମର ସରୋଜ ପାଢ଼ୀ ଚୋରି କରି ନେବା ସମୟରେ ଛକି ରହିଥିବା ଗ୍ରାମବାସୀ ଉଭୟଙ୍କୁ କାବୁ କରିଥିଲେ। ଖବର ପାଇ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ରଥ ପହଞ୍ଚି ଉଭୟଙ୍କୁ ଗିରଫ କୋର୍ଟ ଚାଲାଣ କରିଛନ୍ତି।

## କଷଣଅଣ୍ଟା ସ୍କୁଲରେ ଅବସରକାଳୀନ ସଭା



ପଟ୍ଟାମୁଣ୍ଡାଇ,୧୦।୪(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ୟୁଜିୟୁପି ସ୍କୁଲର ପ୍ରଧାନଶିକ୍ଷକ ଅକ୍ଷୟ ମହାନ୍ତି ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିବା ପାଇଁ ସ୍କୁଲ ପରିସରରେ ସଭା ଅନୁଷ୍ଠିତ ହୋଇଥିଲା। ସିଆରସିସି ମଳୟ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଆଳି ବ୍ଲକ ପ୍ରାକ୍ତନ ଏବିଇଓ ଉଦକର ସାମଲ ମୁଖ୍ୟଅତିଥି, ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା, ସିଆରସିସି ନମିତା ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ଉମେଶ ଜେନା, ସମାଜସେବୀ ଲଲାଟେନ୍ଦୁ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ କୁଞ୍ଜଲତା ସାହୁ ସ୍ୱାଗତ ଭାଷଣ ଓ ବନ୍ଦନା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସଂଯୁକ୍ତା ରାଉତ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଞ୍ଜଳିପ୍ରଭା ସିଂ, ସସ୍ମିତା ପାତ୍ର ଓ କ୍ରିଷ୍ଣାବେଣୀ କର ପରିଚାଳନା କରିଥିଲେ।

### ● ମୁଖ୍ୟମନ୍ତ୍ରୀ ଟ୍ରଫି ପାଇଁ ପ୍ରସ୍ତୁତି

## ୧୨ ଓ ୧୩ରେ କବାଡ଼ି ଓ ଭଲିବଲ ପ୍ରତିଯୋଗିତା

କେନ୍ଦ୍ରାପଡ଼ା,୧୦।୪(ସମିସ): ମୁଖ୍ୟମନ୍ତ୍ରୀ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟ ଓ ଜିଲ୍ଲା ପ୍ରଶାସନର



ସହଯୋଗରେ ଆଗାମୀ ଦିନରେ ହେବାକୁ ଥିବା ପ୍ରତିଯୋଗିତା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଆସନ୍ତା ୧୨ ଓ ୧୩ ତାରିଖରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଖେଳ ପଡ଼ିଆରେ କବାଡି ଓ ଭଲିବଲ ପ୍ରତିଯୋଗିତା ଆୟୋଜନ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଫୁଟବଲ ଓ ଖୋ-ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାକୁ ସଫଳ କରିବାକୁ ଖେଳ ପଡିଆର ବ୍ୟବସ୍ଥା, ଖେଳାଳିଙ୍କ ସୁବିଧା, ସ୍ୱାସ୍ଥ୍ୟ ସେବା, ସୁରକ୍ଷା ଓ ଅନ୍ୟାନ୍ୟ ପ୍ରସ୍ତୁତି ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱ ଦେଇଥିଲେ। ସମସ୍ତ ସମ୍ବନ୍ଧିତ ବିଭାଗକୁ ସମନ୍ୱୟ ରଖି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁଧାକର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ଆଥଲେଟିକ ସଂଘ ସମ୍ପାଦକ ସୟଦ ଅକମଲ ଅଲ୍ଲୀ, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଲାଇନ୍ ତାର ଯୋଡ଼ିଲା ବିଭାଗ

ମହାକାଳପଡ଼ା,୧୦।୪(ସମିସ): ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ



ଅନ୍ତର୍ଗତ ବନ୍ଧପଡ଼ା ଗ୍ରାମର ବିଦ୍ୟୁତ୍ ଉପଭୋକ୍ତା ବଟକୃଷ୍ଣ ସେନାପତିଙ୍କ ବିଦ୍ୟୁତ ତାର ଖୁଣ୍ଟରୁ କେହି ଦୁର୍ବୃତ୍ତ ବିଭାଗର ଅଗୋଚରରେ କାଟି ଦେଇଥିବାରୁ ବୁଧବାର ଅପରାହ୍ନଠାରୁ ଉପଭୋକ୍ତା ଅନ୍ଧକାରରେ ରହିଥିଲେ। ଏ ନେଇ ବିଦ୍ୟୁତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ଘଟଣାର ସମାଧାନ କରାଯାଇପାରି ନ ଥିଲା। ବିଭାଗୀୟ ଯନ୍ତ୍ରୀ ଘଟଣା ବିଷୟରେ ଅବଗତ ହୋଇ ନୂତନ ତାର ସଂଯୋଗ ପାଇଁ ପରାମର୍ଶ ଦେବା ସହିତ ତ୍ୱରିତ ସମାଧାନ ପାଇଁ ଟିମ୍ ପଠାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏ ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଆଜି ବିଭାଗ ପକ୍ଷରୁ ଉପଭୋକ୍ତାଙ୍କ ଘରକୁ ନୂତନ ବିଦ୍ୟୁତ ତାର ସଂଯୋଗ କରାଯାଇ ବିଦ୍ୟୁତ ଯୋଗାଇ ଦିଆଯାଇଛି। ଏ ନେଇ ମହାକାଳପଡ଼ା ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ ମଲ୍ଲିକ ସୂଚନା ଦେଇଛନ୍ତି।

'ସକାଳ' ପ୍ରଭାବ

### ରାସ୍ତା କାମ ଅଧାରୁ ଛାଡ଼ି ଠିକାଦାର ଛୁ ଘଟଣା

## ଖବର ପ୍ରକାଶ ପରେ ଆରମ୍ଭ ହେଲା କାମ

ମହାକାଳପଡ଼ା,୧୦।୪(ସମିସ): ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ବଡ଼କୂଳ ପଞ୍ଚାୟତ ଅଧୀନସ୍ଥ ଦହିମାଛ ଗ୍ରାମର ପତିତପାବନ ମଠଠାରୁ ବଡ଼କୂଳ ସ୍କୁଲ ପର୍ଯ୍ୟନ୍ତ ରାସ୍ତାରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଫେବର ବ୍ଲକ କାମ କରାଯାଉଛି। ବିନା ସୂଚନା ଫଳକରେ ନିମ୍ନମାନର କାମ କରାଯାଉଥିବା ନେଇ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ।



ସେବେଠାରୁ ରାସ୍ତା କାମ ଅଧାରୁ ବନ୍ଦ କରି ଠିକାଦାର ଚାଲିଯାଇଥିଲେ। ଦୀର୍ଘଦିନ ଧରି କାମ ନ ହେବାରୁ ସାଧାରଣ ଲୋକଙ୍କ ସମେତ ସ୍କୁଲର ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେବା ପରେ ୭ ତାରିଖରେ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଆଜି ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏ ନେଇ ଗ୍ରାମବାସୀ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

୧୦/୪/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୬୮,୨୪୭/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



### ହେଉନି ରକ୍ଷଣାବେକ୍ଷଣ

# ଆର୍‌ଭିଏମ୍ ଅଚଳ, ବଢୁଛି ପ୍ଲାଷ୍ଟିକ ବର୍ଜ୍ୟ

ପୁରୀ,୧୦।୪(ସମିସ): ପ୍ଲାଷ୍ଟିକ କବଳରୁ ମୁକୁଳିବ ଐତିହ୍ୟ ସହର ପୁରୀ। ପାଣି ପିଇସାରିବା ପରେ ବୋତଲ ଡଷ୍ଟବିନ୍ କିମ୍ବା ଏଣେତେଣେ ନ ପକାଇ ରିଭର୍ସ ଭେଣ୍ଡିଂ (ଆର୍‌ଭିଏମ୍)ରେ ପକାଇବେ ପର୍ଯ୍ୟଟକ। ଏହାଦ୍ୱାରା ପ୍ଲାଷ୍ଟିକ ଭାର କମିବ, ବୋତଲ ପକାଇଥିବା ବ୍ୟକ୍ତି ମଧ୍ୟ ଉପକୃତ ହେବେ। ଏଭଳି ଉଦ୍ଦେଶ୍ୟ ନେଇ ପୁରୀ ସହରରେ ଗତବର୍ଷ ଏପ୍ରିଲ ମାସରେ ସ୍ଥାପିତ ହୋଇଥିଲା ୩ଟି ରିଭର୍ସ ଭେଣ୍ଡିଂ ମେଶିନ। ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅଳ୍ପ କିଛିଦିନ ପରେ ଅଚଳ ହୋଇଯାଇଥିଲା। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହାର ପରିକଳ୍ପନା କରାଯାଇଥିଲା ତାହା ଏକପ୍ରକାର ବାଟବଣା ହୋଇଛି। ପୁଣି ସହରରେ ବଢିଲାଣି ପ୍ଲାଷ୍ଟିକ ଆବର୍ଜନା।




ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନର ସହର ପୁରୀ। ଏଠାକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି। ତେଣୁ ଶ୍ରୀକ୍ଷେତ୍ର ପୁରୀ ପାଇଁ ପ୍ଲାଷ୍ଟିକ ବର୍ଜ୍ୟ ଏକପ୍ରକାର ବୋଝ ପାଲଟିଛି। ପ୍ଲାଷ୍ଟିକ ସ୍ୱରୂପ ଅଦୃଶ୍ୟ ରାକ୍ଷସ ଧୀରେ ଧୀରେ ଶ୍ରୀକ୍ଷେତ୍ରର ମାଟି, ପାଣି, ପବନକୁ ପ୍ରଦୂଷିତ କରିବାରେ ଲାଗିଛି। ଏକ ଆକଳନରୁ ଜଣାପଡିଛି କେବଳ ପୁରୀ ସହରରେ ପ୍ରତିବର୍ଷ ୭୨୦ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ସୃଷ୍ଟି ହେଉଛି। ସେଥିମଧ୍ୟରୁ କେବଳ ୫୬୦ ଟନ୍ ପ୍ରକ୍ରିୟାକରଣ ହେଉଛି। ଅନ୍ୟ ବର୍ଜ୍ୟ ମାଟିରେ ମିଶି, ନଳାରେ ଜମା ହୋଇ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରୁଛି। 'ଏନ୍‌ଭିରୋନମେଣ୍ଟାଲ ସିନ୍‌ଥେସିସ ରିପୋର୍ଟ ଅଫ୍ ଓଡିଶା' ମୁତାବକ, ପ୍ଲାଷ୍ଟିକ ବର୍ଜ୍ୟ ସୃଷ୍ଟିରେ ଓଡିଶାରେ ପୁରୀ ଜିଲ୍ଲା ୧୨ତମ ସ୍ଥାନରେ ରହିଛି। ପ୍ଲାଷ୍ଟିକ ଭାର କମାଇବା ପାଇଁ ପୂର୍ବରୁ ବିଭିନ୍ନ ପଦକ୍ଷେପମାନ ଆପଣାଯାଇଛି। ଏପରି କି ରାଜ୍ୟର ସବୁ ମହାନଗର ନିଗମ ସମତେ ପୁରୀରେ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ମଧ୍ୟ ଲଗାଯାଇଛି। ଏହାସତ୍ତ୍ୱେ ପ୍ଲାଷ୍ଟିକ ବ୍ୟବହାର ଉପରେ ସେତେଟା ଲକ୍ଷ୍ୟ ସାଧିତ ହୋଇପାରି ନାହିଁ। ଗତ ସରକାର ମଧ୍ୟ ଭକ୍ତ, ପର୍ଯ୍ୟଟକ ଯେପରି ପାନୀୟ ଜଳ ବୋତଲ କିଣାକିଣି କମାଇବେ ସେ ନେଇ ବଡଦାଣ୍ଡରରୁ ବେଳାଭୂମି ପର୍ଯ୍ୟନ୍ତ 'ଡ୍ରିଙ୍କ ଫ୍ରମ ଟ୍ୟାପ' ବ୍ୟବସ୍ଥା କରିଛନ୍ତି। ତଥାପି ପ୍ଲାଷ୍ଟିକ ମୁକ୍ତ ଶ୍ରୀକ୍ଷେତ୍ର ପାଇଁ ଏବେ ବି ପଦକ୍ଷେପ ପରେ ପଦକ୍ଷେପ ନିଆଯାଉଛି। କିନ୍ତୁ ସଫଳତା ସେତେଟା ମିଳୁନାହିଁ।

୨୦୨୫ ଏପ୍ରିଲ ୧୬ ତାରିଖରେ କୋକାକୋଲା କମ୍ପାନୀ ସହାୟତାରେ ପୁରୀ ପୌରସଂସ୍ଥା ପକ୍ଷରୁ ସହରର ପ୍ରମୁଖ ୩ଟି ସ୍ଥାନ ଯଥା ମାର୍କେଟ ଛକ ମୁନିସିପାଲିଟି ମାର୍କେଟ ସମ୍ମୁଖ ଭାଗ, ବେଳାଭୂମି ନିକଟ ଭିକ୍ଟୋରିଆ ହୋଟେଲ୍ ସମ୍ମୁଖ ଏବଂ ଯାତ୍ରିକା ପାର୍କିଂ ନିକଟରେ ରିଭର୍ସ ଭେଣ୍ଡିଂ ମେଶିନ (ଆର୍‌ଭିଏମ୍) ବସାଯାଇଥିଲା। ପାଣି ପିଇବା ପରେ ବୋତଲ ଡଷ୍ଟବିନ୍‌ରେ ନ ପକାଇ ରିଭର୍ସ ଭେଣ୍ଡିଂ (ଆର୍‌ଭିଏମ୍) ମେସିନରେ ପକାଇବେ ପର୍ଯ୍ୟଟକ। ପ୍ଲାଷ୍ଟିକ ଭାର କମିବ, ବୋତଲ ପକାଇଥିବା ବ୍ୟକ୍ତି ଉପକୃତ ହେବେ। ସ୍ଥାପିତ ହୋଇଥିବା ଆରଭିଏମ୍‌ରେ ୮ଶହ ବୋତଲ ତଥା ୫୦ କେଜି ପ୍ଲାଷ୍ଟିକ ଧାରଣର କ୍ଷମତା ରହିଥିଲା। ଏହା ଜମା ହେବା ପରେ ପ୍ଲାଷ୍ଟିକ ବର୍ଜ୍ୟକୁ ନେଇ ପ୍ଲାଣ୍ଟରେ ବେଞ୍ଚ, ୱାସରୁମ୍, ଲାଇଫ ଜାକେଟ୍‌ଠୁ ନେଇ ବିଭିନ୍ନ ଆକର୍ଷଣୀୟ ଉତ୍ପାଦ ପ୍ରସ୍ତୁତ ହୋଇ ତାହା ପୁନଃ ବ୍ୟବହାରରେ ଲାଗିପାରିବ ବୋଲି କୁହାଯାଇଥିଲା। କିନ୍ତୁ ଆରମ୍ଭ ହେବାର କିଛିଦିନ ପରେ ଧୀରେ ଧୀରେ ଏହା ଖରାପ ହେବାକୁ ଲାଗିଲା। ଏବେ ଏହି ଆର୍‌ଭିଏମ୍ ଅଚଳ ହୋଇପଡିଛି।

ପୁରୀରେ ଆର୍‌ଭିଏମ୍ ସ୍ଥାପନା ହେବା ଏହା ପ୍ରଥମ ନୁହେଁ। ୨୦୧୯ରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ ଆଉଟ୍‌ଡୋର, ଦିଗବାରିଣୀ ଛକ ଏବଂ ବସ୍‌ଷ୍ଟାଣ୍ଡରେ ଏହିପରି ୩ଟି ଆରଭିଏମ୍ ବସାଯାଇଥିଲା। ଏହାକୁ କିପରି ଅପରେଟ୍ କରାଯିବ ସେଥିପାଇଁ ପୌର କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କିନ୍ତୁ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଗଲା ନାହିଁ। ତାଲିମ ନେଇଥିବା କର୍ମଚାରୀମାନେ ଠିକ୍ ଭାବେ ଏହାକୁ କାର୍ଯ୍ୟକ୍ଷମ କରିପାରିଲେ ନାହିଁ। ଫଳସ୍ୱରୂପ ଉଦ୍‌ଘାଟନ ହେବାର ଅଳ୍ପ କିଛିଦିନ ମଧ୍ୟରେ ଧୀରେ ଧୀରେ ଏହି ମେଶିନଗୁଡ଼ିକ ଖରାପ ହୋଇଗଲା। ଏହାକୁ ମରାମତି କରାଗଲା ନାହିଁ। ସହରକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପୌରସଂସ୍ଥା ଆଉ କି କି ପଦକ୍ଷେପ ଗ୍ରହଣ କରୁଛି ତାହା ଦେଖିବାକୁ ରହିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେଉଁ ସଂସ୍ଥା ଏହାକୁ ସ୍ଥାପନା କରୁଛନ୍ତି ସେମାନଙ୍କୁ କିଛିବର୍ଷ ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ଦିଆଯିବା କଥା ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି।

● ୧୨ ବର୍ଷ ହେବ ସଫା ହେଉନି ନଳା

## କମିଶନରଙ୍କୁ ଫେରାଦ ହେଲେ ଅଞ୍ଚଳବାସୀ

ପୁରୀ,୧୦।୪(ସମିସ): ବର୍ଷେ ନୁହେଁ କି ଦୁଇବର୍ଷ ନୁହେଁ ଦୀର୍ଘ ୧୨ ବର୍ଷ ହେଲାଣି ନଳା ସଫା ହେଉନାହିଁ। ଫଳରେ ବର୍ଷାଦିନେ ନଳା ପାଣି ଉଚ୍ଛୁଳି ରାସ୍ତାରେ ମାଡୁଛି। ଏଥିପାଇଁ ମଶାମାଛିଙ୍କ ପ୍ରାଦୁର୍ଭାବ ବି ବଢୁଛି। ପୂର୍ବରୁ ଅଞ୍ଚଳବାସୀ ସରକାରୀ ବାବୁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରତିଶ୍ରୁତି ବି ମିଳିଛି। ହେଲେ ନଳା ସଫା ହେଉନାହିଁ। ତେଣୁ ନୂତନ ଭାବେ ଯୋଗଦେଇଥିବା କମିଶନର ଅରଗୁଳା ସ୍ନେହାଙ୍କୁ ଫେରାଦ ହୋଇଛନ୍ତି ଗୁଣ୍ଡିଚା ବିହାର ବାସିନ୍ଦା। ସାହିବାସୀଙ୍କ ଅଭିଯୋଗ ଅନୁଯାୟୀ, ୨୦୧୫ ନବକଳେବରଠାରୁ ଆଉ ଗୁଣ୍ଡିଚା ବିହାର ନଳା ସଫା ହୋଇନାହିଁ। ଇତିମଧ୍ୟରେ ୧୨ ବର୍ଷ ହେଲାଣି। ଅବହେଳିତ ହୋଇପଡିଛି ଏହି ନଳା। ବାରମ୍ବାର ପୌର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ସଫା ହେବ ବୋଲି ପ୍ରତିଶ୍ରୁତି ମିଳିଛି। ପରବର୍ତ୍ତୀ ସମୟରେ ଭୁଲିଯାଇଛନ୍ତି ବାବୁ। ଏଭଳି ଅଭିଯୋଗ ସହ ନିଜ ଅଞ୍ଚଳର ଦୁଃଖକୁ ଆଜି ଗୁଣ୍ଡିଚା ବିହାରର ଅଧିବାସୀମାନେ ନୂତନ ଭାବେ ଯୋଗଦେଇ ଥିବା କମିଶନରଙ୍କ ଆଗରେ ବଖାଣିଛନ୍ତି। ଅଞ୍ଚଳର ପୁରୁଖା ମଣିଷ ଭଗବାନ ଦାଶଙ୍କ ନେତୃତ୍ୱରେ ବରିଷ୍ଠ ସଙ୍ଗଠକ ବଦ୍ରି ମିଶ୍ର, ଜଟାଧାରୀ ନନ୍ଦ, ସୁରେନ୍ଦ୍ରନାଥ ସାମନ୍ତରାୟ, କୃତିବାସ ଦାଶ, ଅସୀମ ଅଧିକାରୀ ପ୍ରମୁଖ ବାସିନ୍ଦା କମିଶନରଙ୍କୁ ଭେଟିଛନ୍ତି। ଖୁବ୍‌ଶୀଘ୍ର ନଳାସଫେଇ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ ହେବ ବୋଲି କମିଶନର ଆଶ୍ୱସନା ଦେଇଥିବା ଜଣାପଡିଛି।

## ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ପାଇଁ ସଚେତନତା ଯାତ୍ରା

ପୁରୀ,୧୦।୪(ସମିସ): ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ହେଲେ ଶୁଣୁନାହାନ୍ତି ସରକାର। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଓଡ଼ିଶା ଦିବସରୁ ଆରମ୍ଭ ହୋଇଥିବା ସଚେତନତା ପଦଯାତ୍ରା ଶୁକ୍ରବାର ଦଶମ ଦିନରେ ପହଞ୍ଚିଛି। ସାଲବେଗ ପୀଠରୁ ବାହାରିଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ଆବହାକ ସ୍ୱାଧୀନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା ଯାତ୍ରାରେ ସର୍ବଶ୍ରୀ ନୃସିଂହନାଥ ନାୟକ, ଦୀପା ବେହେରା, ଶ୍ରୀକାନ୍ତ ମହାନ୍ତି, ସୁକାନ୍ତ ପଣ୍ଡା, ଦାଶରଥୀ ପ୍ରସାଦ ଦାଶ, ବନିତା ଦୀକ୍ଷିତ, ରାଜା ମହାନ୍ତି, ପ୍ରଦୀପ୍ତ ମହାନ୍ତି, ଚକ୍ରଧର ମହାପାତ୍ର, କିଶୋର ଚନ୍ଦ୍ର ଦାସ, ସନ୍ତୋଷ ସେନାପତି, ସୂର୍ଯ୍ୟ ନାରାୟଣ ରଥ, ନିହାରିକା ତ୍ରିପାଠୀ, ଅରୁଣା ପଟ୍ଟନାୟକ, ରବୀନ୍ଦ୍ର କୁମାର ପଣ୍ଡା, ଭାସ୍କର ଜେନା, ଶୁଭଶ୍ରୀ ମହାରଣା, ମାନସ ପଟ୍ଟନାୟକ, ଯଜ୍ଞେଶ୍ୱର ପଟ୍ଟନାୟକ, ଭୀମସେନ ସ୍ୱାଇଁ, ରୁବି ମଲ୍ଲିକ ଓ ଜଗନ୍ନାଥ ଷଡ଼ଙ୍ଗୀ ପ୍ରମୁଖ ଭାଗ ନେଇଥିଲେ।

## ସଦରରେ ଲୋକ କଳା ପରିବେଷଣ



ପୁରୀ,୧୦।୪(ସମିସ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପାଳନ ହେଉଥିବା ଓଡ଼ିଆ ପକ୍ଷ ଉପଲକ୍ଷେ ପୁରୀ ସଦର ଅଳସଣାଠାରେ ପାଲା ମାଧ୍ୟମରେ ଲୋକକଳା ପରିବେଷଣ କରାଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ରଙ୍କ ଉପସ୍ଥିତିରେ ପାଲାକାରମାନେ ଠାକୁରଙ୍କ ନିକଟରେ ରୁକ୍ମିଣୀହରଣ ପରିବେଷଣ କରିଥିଲେ। ଏହାକୁ ଗାୟକ ଗନ୍ଧର୍ବ ପାଢ଼ୀ, ବାୟକ ରାମହରି ସ୍ୱାଇଁ ଓ ଦଳ ଉପସ୍ଥାପନା କରିଥିବା ବେଳେ ଭକ୍ତି ନିର୍ମାଲ୍ୟ ପକ୍ଷରୁ ସଂଗୀତ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ମିଶ୍ର ଓ ବିପିନ ବାରିକ୍, କଣ୍ଠଶିଳ୍ପୀ ରାମକୃଷ୍ଣ ବେହେରା ଓ ଆଖପାଖ ଅଞ୍ଚଳର ପୁରୁଖା ମଣିଷମାନେ ଉପସ୍ଥିତ ଥିଲେ।

● ଜାତୀୟ ଯୁବ ମୁଷ୍ଟିଯୁଦ୍ଧ

## ଓଡ଼ିଶା ଦଳରେ ପୁରୀର ୭ ମୁଷ୍ଟିଯୋଦ୍ଧା



ପୁରୀ,୧୦।୪(ସମିସ): ଭାରତୀୟ ମୁଷ୍ଟିଯୁଦ୍ଧ ସଂଘ ପକ୍ଷରୁ ଆସନ୍ତା ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ଆସାମ ଗୌହାଟୀଠାରେ ସପ୍ତମ ୧୯ ବର୍ଷରୁ କମ୍ ଯୁବ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବା ପାଇଁ ଓଡ଼ିଶା ଦଳ ଶୁକ୍ରବାର ଟ୍ରେନରେ ଆସାମ ଯାତ୍ରା କରିଛନ୍ତି। ରାଜ୍ୟ ଦଳରେ ପୁରୀର ୭ ଜଣ ମୁଷ୍ଟିଯୋଦ୍ଧା ସ୍ଥାନ ପାଇଛନ୍ତି। ଏହି ପ୍ରତିଯୋଗୀମାନେ ହେଲେ ପ୍ରକାଶ ବାନାର୍ଜୀ (୪୭ରୁ ୫୦ କେଜି), ଲୋକନାଥ ବେହେରା (୫୦ରୁ ୫୫କେଜି), ବି. ପ୍ରବୀଣ ରାଓ (୫୫ରୁ ୬୦କେଜି), ଅଂଶୁ ନାୟକ (୬୦ରୁ ୬୫ କେଜି), ବସନ୍ତ କୁମାର ବେଜ (୬୫ରୁ ୭୦ କେଜି), ବିଶ୍ୱଜିତ ରାୟ (୭୦ରୁ ୭୫) ଓ ବାଳିକା ବର୍ଗରେ ପ୍ରବୀଣ ବେହେରା (୪୮ରୁ ୫୧ କେଜି) ବର୍ଗରେ ସାମିଲ ଅଛନ୍ତି। ଏହି ସମସ୍ତ ଖେଳାଳି ପୁରୀ ବକ୍ସିଂ ଏକାଡେମୀର ଛାତ୍ରଛାତ୍ରୀ। ଗତ ମାର୍ଚ୍ଚ ୨୫ ଓ ୨୬ ତାରିଖରେ ରାଉରକେଲାଠାରେ ରାଜ୍ୟ ଦଳ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ଉକ୍ତ ଖେଳାଳି ମାନେ ଭଲ କୌଶଳ ପଦର୍ଶନ କରି ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ପୁରୀ ବକ୍ସିଂ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁଙ୍କ ସମେତ ଅନ୍ୟମାନେ ଖେଳାଳିଙ୍କ ସଫଳତା କାମନା କରିଛନ୍ତି।

## ଭାରତୀୟ ଯୋଗ ସଂସ୍ଥାନର ସ୍ଥାପନା ଦିବସ



ପୁରୀ,୧୦।୪(ସମିସ): ହୁଲୁହୁଲିଆ ପୋଲ ନିକଟସ୍ଥ କ୍ରିଷ୍ଣା ଗାର୍ଡେନରେ ପୁରୀ ଯୋଗ ଜିଲ୍ଲା ଦ୍ୱାରା ୬୦ତମ ଭାରତୀୟ ଯୋଗ ସଂସ୍ଥାନର ସ୍ଥାପନା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଫେସର ଦେବ ପ୍ରସାଦ ଦାଶ ଓ ଅବସର ପ୍ରାପ୍ତ ଶଲ୍ୟ ଚିକିତ୍ସକ ଶ୍ରୀକାନ୍ତ ପଣ୍ଡା ଯୋଗ ଦେଇ ଶରୀରକୁ ସୁସ୍ଥ ରଖିବାପାଇଁ ହେଲେ ନିୟମିତ ଯୋଗାଭ୍ୟାସ କରିବା ସହ ଯୋଗକୁ କିଭଳି ଭାବେ ସମସ୍ତଙ୍କ ପାଖରେ ପହଞ୍ଚାଯାଇପାରିବ ସେ ଉପରେ ଉପଦେଶ ଦେଇଥିଲେ। ଏହି ଅବସରରେ ପୁରୀ ଯୋଗ ଜିଲ୍ଲା ପ୍ରଧାନ ମନମୋହନ ମୋହାପାତ୍ର, ଜିଲ୍ଲା ମନ୍ତ୍ରୀ ଶଦାସିବ ଦାସ , ଜିଲ୍ଲା ସଂଗଠନ ମନ୍ତ୍ରୀ ନିରଞ୍ଜନ ରାଉତରାୟ, ଜଗନ୍ନାଥ କ୍ଷେତ୍ର ପ୍ରଧାନ ପଞ୍ଚାନନ ବେହେରା ଓ କେନ୍ଦ୍ର ର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ପୁରୀ ଯୋଗ ଜିଲ୍ଲା ଶତାଧିକ ସାଧକ ଓ ସାଧିକାମାନେ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ, ଗାୟତ୍ରୀ ମନ୍ତ୍ର ସହ ବିଭିନ୍ନ ଆସନ, ପ୍ରାଣାୟାମ ଓ ଧ୍ୟାନ ର ଦକ୍ଷତା ବୃଦ୍ଧି ନିମନ୍ତେ ଯୋଗାଭ୍ୟାସ କରିଥିଲେ। ସମସ୍ତ ବରିଷ୍ଠ ପଦଧିକାରୀ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉମାକାନ୍ତ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ୍ ଦେବା ସହ ସଭା ସମାପ୍ତ କରାଯାଇ ପ୍ରସାଦ ସେବନ କରାଯାଇଥିଲା।

## ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର



ପୁରୀ,୧୦।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ଥାନୀୟ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ ବିଭାଗ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ରକ୍ତଦାନର ମହତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ରେଡ୍‌କ୍ରସ ବିଭାଗ, ଜିଲ୍ଲା ଆବାହକ ଶୋଭନା ତ୍ରିପାଠୀ, ମହାବିଦ୍ୟାଳୟ ଅଧୀନସ୍ଥ ରେଡ୍‌କ୍ରସ ସଂଯୋଜିକା ଡ. ସଙ୍ଗୀତା ମିଶ୍ରଙ୍କ ତତ୍ତ୍ୱାବଧାନରେ ୫୪ ୟୁନିଟ୍ ରକ୍ତସଂଗ୍ରହ ହୋଇଛି। ଏଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକାଙ୍କ ସକ୍ରିୟ ଅଂଶଗ୍ରହଣ ସହ ବିପୁଳ ଉତ୍ସାହ ଉଦ୍ଦୀପନାରେ କାର୍ଯ୍ୟକ୍ରମ ସମାପନ ହୋଇଛି।

### ପୁରୀରେ ବେଙ୍ଗଲ ନିର୍ବାଚନ ପ୍ରଚାର ହୋର୍ଡିଂ ପ୍ରସଙ୍ଗ

## 'ଦିଲ୍ଲୀ ମୁଖିଆଙ୍କୁ ଖୁସି ପାଇଁ ଲଗାଯାଇଛି'

ପୁରୀ,୧୦।୪(ସମିସ)

ପୁରୀରେ ଲାଗିଛି ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାର ହୋର୍ଡିଂ। ସହରର ବସ୍‌ଷ୍ଟାଣ୍ଡ, ଷ୍ଟେଶନ, ବେଳାଭୂମି ଏପରି କି ଦେବାଳୟ ନିକଟରେ ବି ଏହି ହୋର୍ଡିଂ ଲଗାଯାଇଛି। ଏଥିରେ ବେଙ୍ଗଲୀ ଭାଷାରେ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେବା ଲାଗି ଅପିଲ କରାଯାଇଛି। ଓଡ଼ିଆ ଅସ୍ମିତା କଥା କହି ଆସୁଥିବା ରାଜ୍ୟ ବିଜେପିର ଏହା କ'ଣ ଓଡ଼ିଆ ଅସ୍ମିତା ବୋଲି ଅନେକ ପ୍ରଶ୍ନ କରିଥିବା ବେଳେ ସାମାଜିକ ଗଣମାଧ୍ୟମରେ ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଉଛି। ଏଭଳି ସ୍ଥିତିରେ ମୁହଁ ଖୋଲିଛି ଜଗନ୍ନାଥ ସେନା। ସେନାର ମୁଖ୍ୟ ପ୍ରିୟଦର୍ଶନ ପଟ୍ଟନାୟକ ଶୁକ୍ରବାର ଏହି ପ୍ରସଙ୍ଗ ଉପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ପୁରୀକୁ ଦୈନିକ ୧୦/୧୫ ହଜାର ବେଙ୍ଗଲୀ ପର୍ଯ୍ୟଟକ ବୁଲିବାକୁ ଆସୁଛନ୍ତି। ସେମାନେ ହେଉଛନ୍ତି ଭୋଟର। ତେଣୁ ଦିଲ୍ଲୀରେ ଯେଉଁ ମୁଖିଆମାନେ ରହିଛନ୍ତି ତାଙ୍କୁ ଖୁସି କରି ନିଜ ଗାଦି ସୁରକ୍ଷିତ ରଖିବା ପାଇଁ ଏହି ହୋର୍ଡିଂ ଲାଗିଛି।

ଓଡ଼ିଆ ଭାଷାରେ ଲେଖିଲେ ସେମାନେ ବୁଝିପାରିବେ ନାହିଁ। ତେଣୁ ବେଙ୍ଗଲୀ ଭାଷାରେ 'ଶ୍ରୀଜଗନ୍ନାଥ ଧାମକୁ ଆପଣଙ୍କୁ ସ୍ୱାଗତ ଜଣାଉଛୁ'। ପଶ୍ଚିମବଙ୍ଗର ସନାତନୀମାନଙ୍କର ଅଧିକାର ସୁରକ୍ଷା ପାଇଁ ଆପଣଙ୍କ ଯୋଗଦାନ ଆମେ ଅଶା କରୁଛୁ' ବୋଲି ଲେଖାଯାଇଛି। ଯେଉଁଠି ଭୋଟ ସେଠି ନେତା। ବିଜେପି ଏକ ଜାତୀୟ ଦଳ। ଚାମଚାଗିରୀ ନ କଲେ ପଦବୀ ରହିବ ନାହିଁ। ଏଠି ଯେଉଁମାନେ ପଦପଦବୀରେ ଅଛନ୍ତି ବାହାବା ନେବାକୁ ମୁଖିଆଙ୍କୁ ଜଣାଇଛନ୍ତି ଯେ 'ଆଜ୍ଞା ପୁରୀକୁ ବେଙ୍ଗଲୀଙ୍କର ସୁଅ ଛୁଟୁଛି। ପୁରୀ ସେମାନଙ୍କର ପ୍ରିୟ ଜାଗା। ତେଣୁ ଏଭଳି ହୋର୍ଡିଂ ଲଗାଇ ଏହାର ଫଟୋ ଉଠାଇ ଓଡ଼ିଶାର ନେତାମାନେ ଦିଲ୍ଲୀ ପଠାଉଛନ୍ତି। ପୁରୀକୁ ପ୍ରତିଦିନ ଯେଉଁ ବେଙ୍ଗଲୀ ପର୍ଯ୍ୟଟକ ଆସୁଛନ୍ତି ସେମାନଙ୍କୁ ବିଜେପି ସପକ୍ଷରେ ଭୋଟ ଦେବା ଲାଗି ଆମେ ଏକପ୍ରକାର ପ୍ରଚାର କରୁଛୁ' ବୋଲି ଏହି ନେତାମାନେ ହୋର୍ଡିଂ ମାରି ଏଭଳି ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି। ଏ ତେଲମରା କ'ଣ ପାଇଁ? ଏହା କ'ଣ ଓଡ଼ିଶାର ସ୍ୱାର୍ଥ ପାଇଁ? ନିଜ ଗାଦିର ସୁରକ୍ଷା ପାଇଁ ଏଭଳି ତେଲ ମରାଯାଉଛି ବୋଲି ପ୍ରିୟଦର୍ଶନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି।

## ଐକ୍ୟ ସ୍ଥାପନା ମଣ୍ଡଳୀ ବୈଠକ ଆଜି

ପୁରୀ,୧୦।୪(ସମିସ): ଶନିବାର ସନ୍ଧ୍ୟା ୬ଟାରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସଭାକକ୍ଷରେ "ଐକ୍ୟ ସ୍ଥାପନା ମଣ୍ଡଳୀ'ର ବୈଠକ ଅନୁଷ୍ଠିତ ହେବ। ଏଥିରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିବେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ଅନ୍ୟମାନେ ଯୋଗଦେବେ। ଏଥିରେ ମୁଖ୍ୟତଃ "ଦେଶରେ ଓ ଦେଶ ବାହାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପର୍ବ ପର୍ବାଣୀ ପାଳନ, ଇସ୍କନ ସଂସ୍ଥା ଦ୍ୱାରା ଅଦିନିଆ ରଥଯାତ୍ରା ପାଳନ ଆଦି ବିଷୟ ଉପରେ ଆଲୋଚନା କରାଯିବ। ଏତଦ୍‌ବ୍ୟତୀତ ସଭାପତିଙ୍କ ଅନୁମୋଦନ କ୍ରମେ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା କରାଯିବ ବୋଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେବା ଦୁର୍ଭାଗ୍ୟଜନକ

ପୁରୀ,୧୦।୪(ସମିସ): ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ ଯୋଜନା କରୁଛନ୍ତି। ହେଲେ ରାଜ୍ୟରେ ମାଧ୍ୟମିକ ବିଦ୍ୟାଳୟମାନଙ୍କରେ ଖାଲି ପଡ଼ିଥିବା ଶିକ୍ଷକ ପଦରେ ନିଯୁକ୍ତ ନ ଦେଇ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ଗତବର୍ଷ ପରି ଚଳିତବର୍ଷ ନିଯୁକ୍ତି ଦେବା ପାଇଁ ନିର୍ଦ୍ଦେଶ ଜାରି କରିବା ଦୁର୍ଭାଗ୍ୟଜନକ ବୋଲି ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା କହିଛନ୍ତି। ଏହାଦ୍ୱାରା ରାଜ୍ୟର ହଜାର ହଜାର ଉଚ୍ଚଶିକ୍ଷିତ ବିଇଡି ଓ ସିଟି ଡିଗ୍ରୀଧାରୀ ଯୁବକ ଯୁବତୀମାନେ ନିଯୁକ୍ତି ପାଇବାରୁ ବଞ୍ଚିତ ହେବେ। ଏଣୁ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ଅତିଥି ଶିକ୍ଷକ ଭାବେ ଖାଲିଥିବା ସ୍ଥାନରେ ନିଯୁକ୍ତି ନ ଦେଇ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଶ୍ରୀ ବେହେରା ଦାବି କରିଛନ୍ତି। ରାଜ୍ୟର ୧୯୭୬ ମସିହା ନିୟମ ଅନୁଯାୟୀ, ଯୋଗ୍ୟତା ଭିତ୍ତିରେ ରିକ୍ରୁଟମେଣ୍ଟ କରି ସରକାରୀ ଓ ଅନୁଦାନପ୍ରାପ୍ତ ହାଇସ୍କୁଲମାନଙ୍କରେ ଖାଲିଥିବା ଶିକ୍ଷକ ପଦରେ ନିଯୁକ୍ତି ଦେବାକୁ ସଙ୍ଗଠନର ସଭପତି ଲକ୍ଷ୍ମୀଧର ମିଶ୍ର ଓ ସାଧାରଣ ସମ୍ପାଦକ ଶ୍ରୀ ବେହେରା ଦାବି କରିଛନ୍ତି।

### ୧୭ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

# ମେଳାର ସୁଯୋଗ ନେବାକୁ ଯୁବବର୍ଗଙ୍କୁ ଆହ୍ୱାନ

ପୁରୀ,୧୦।୪(ସମିସ): ପୁରୀ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆସନ୍ତା ୧୭ ତାରିଖରେ ତାଳବଣିଆ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ବା ଆଇଟିଆଇ ପରିସରରେ ଅନୁଷ୍ଠିତ ହେବ। ଏହି ନିଯୁକ୍ତି ମେଳା ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଧର୍ମାନନ୍ଦ ବେହେରା କହିଛନ୍ତି। ଶୁକ୍ରବାର ସର୍କିଟ ହାଉସ୍‌ଠାରେ ପୁରୀ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରି ଅତିରିକ୍ତ ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ପ୍ରଭାତ ବସ୍ତି କହିଥିଲେ ଯେ, ଜିଲ୍ଲାର ନିଯୁକ୍ତି ଆଶାୟୀ ୧୮ ରୁ ୩୫ ବର୍ଷ ବୟସର ଯୁବବର୍ଗ ଏହାର ସୁଯୋଗ ନେଇପାରିବେ। ଏହି ନିଯୁକ୍ତି ମେଳାରେ ଅଷ୍ଟମ ଶ୍ରେଣୀ ପାସ୍‌ଠାରୁ ସ୍ନାତକ ପାସ୍, ଆଇଟିଆଇ, ଡିପ୍ଲୋମା, ନର୍ସିଂ ପାସ୍ କରିଥିବା ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରି ନିଯୁକ୍ତି ପାଇପାରିବେ। ଏହି ନିଯୁକ୍ତି ମେଳାରେ ବିଭିନ୍ନ ବିଭାଗର ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତି ଦାତାମାନେ ଅଂଶଗ୍ରହଣ କରି ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବେ। ଆଶାୟୀ ପ୍ରାର୍ଥୀ ବା ପ୍ରାର୍ଥୀନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଆଧାରରେ ନିଜ ଇଚ୍ଛା ମୁତାବକ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ସହିତ ସାକ୍ଷାତ୍‌କାର ଦେଇ ପ୍ରତ୍ୟକ୍ଷ ନିଯୁକ୍ତିର ସୁଯୋଗ ପାଇପାରିବେ। ଏତଦ୍‌ବ୍ୟତୀତ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ସହ ଅନୁବନ୍ଧିତ ଥିବା ଅଥବା ଉନ୍ନତ ଅଭିଳାଷ ଓଡିଶା ଯୋଜନା ମାଧ୍ୟମରେ ଅଧିକୃତ



ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାର ଅଧିକାରୀମାନେ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରି ଚାହିଦା ଥିବା ବିଭାଗ ଗୁଡିକରେ ସ୍ୱଳ୍ପ ଅବଧିର ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ ପାଇଁ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କୁ ପଞ୍ଜିକୃତ କରିବେ। ତାଲିମ ସମାପ୍ତ ପରେ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କୁ ତାଲିମ ପ୍ରଦାନକାରୀ ସଂସ୍ଥାମାନେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାରେ ନିଯୁକ୍ତି ପ୍ରଦାନ କରିବେ। ତାଲିମ ସମୟର ରହିବା, ୟୁନିଫର୍ମ ପୋଷାକ, ବୀମା, ପାଠ୍ୟ ଉପକରଣ, ଖାଦ୍ୟପେୟ ଇତ୍ୟାଦିର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଶ୍ରୀ ବସ୍ତି ସୂଚନା ଦେଇଥିଲେ। ପୁରୀ ଜିଲ୍ଲା ର ନିଯୁକ୍ତି ଆଶାୟୀ ସମସ୍ତ ଯୁବକ ଯୁବତୀ ନିଜର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ଆଧାର କାର୍ଡ, ପାସପୋର୍ଟ ଫଟୋ ସହ ଏପ୍ରିଲ ୧୭ ତାରିଖ ପୂର୍ବାହ୍ନ ୧୦ଟାରେ ତାଳବଣିଆସ୍ଥିତ ପୁରୀ ସରକାରୀ ଆଇଟିଆଇଠାରେ ଅଂଶଗ୍ରହଣ କରିବାକୁ ନିଯୋଜନ ଅଧିକାରୀ ଶ୍ରୀ ବେହେରା ଅନୁରୋଧ କରିଥିଲେ। ଏହି ଗଣମାଧ୍ୟମ ବୈଠକରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟର ସେକ୍ସନ ଅଫିସର ପୁଷ୍ପଲତା ପ୍ରଧାନ ଓ ଅନ୍ୟାନ୍ୟ ସହକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର



ରାଉରକେଲା,୧୦।୪(ସମିସ): ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିନରେ ଆଜି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୁନ୍ଦରଗଡ଼ ପୌରପାଳିକା , ଜିଲ୍ଲା ରେଡକ୍ରସ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ମୁଖ୍ୟଅତିଥି ଭାବେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ଡେପୁଟି କଲେକ୍ଟର (ଜରୁରୀକାଳୀନ) ଅଶ୍ୱିନୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡିପିଏଚ୍‌ଓ ଡା. ପ୍ରଦୀପ କୁମାର ପ୍ରସାଦ, ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ଗଡନାୟକ, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଜିଲ୍ଲା ରେଡକ୍ରସର ଯୁଗ୍ମ ସଚିବ ଅଜିତ ପ୍ରସାଦ, ବ୍ଲଡ୍ ବ୍ୟାଙ୍କର କାଉନସିଲର ରତ୍ନପ୍ରଭା ନାୟକ, ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀ, ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପକ, ଜିଲ୍ଲା କାର୍ଯ୍ୟାଳୟ କର୍ମଚାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ତଥା ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ । ଏହି ଅଭିଯାନରେ ସମଗ୍ର ଜିଲ୍ଲାରେ ଆଜି ମୋଟ ୧୩୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

## ଦୀପିକା ଇସ୍ପାତ ଶିକ୍ଷା ସଦନରେ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ



ରାଉରକେଲା,୧୦।୪(ସମିସ): ଦୀପିକା ଇସ୍ପାତ ଶିକ୍ଷା ସଦନ (ଡିଆଇଏସଏସ) ରେ ସମୁଦାୟିକ କଲ୍ୟାଣ ଏବଂ ଗୁଣ । ।କ ଶିକ୍ଷା ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ନୂତନ ଶିକ୍ଷାବର୍ଷ ଆରମ୍ଭ ଅବସରରେ ଶିଶୁ ଭାଟିକା ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଖଡି ଛୁଆଁ ଏବଂ ପ୍ରବେଶ ଉତ୍ସବ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଡିଏମଏସର ଅଧ୍ୟକ୍ଷା ନମ୍ରତା ବର୍ମା ଅଧ୍ୟକ୍ଷତା କରିଥିଲେ ।

ଏହି ଅବସରରେ ଡିଏମଏସର ଉପାଧ୍ୟକ୍ଷା ପ୍ରାଭାତି ମିଶ୍ର, ସ୍ମିତା ଗିରି, ଡ. ପ୍ରତିଜ୍ଞା ପଲାଇ, ରୀତା ରାଣୀ ଏବଂ ନବନୀତା ପାଲଚୌଧୁରୀ, ସିଏସଆର ବିଭାଗର ଡିଜିଏମ ଆରଏସ୍ ବାରା, ଡିଏମଏସର ସଚିବ ସାରିକା କୁମାର, ପରିଚାଳନା ମଣ୍ଡଳୀର ଅନ୍ୟାନ୍ୟ ସଦସ୍ୟ, ଆରଏସପି-ସିଏସଆର ବିଭାଗର ଅଧିକାରୀମାନଙ୍କ ସହ ଡିଆଇଏସଏସର ପ୍ରିନ୍ସିପାଲ, ଶିକ୍ଷକ ଏବଂ ଛାତ୍ରଛାତ୍ରୀ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀମତୀ ବର୍ମା ଶିଶୁ ଭାଟିକା ପିଲାମାନଙ୍କ ପାଇଁ ନୂତନ ଭାବେ ବିକଶିତ ଏକ ଖେଳଗୃହର ମଧ୍ୟ ଉଦ୍‌ଘାଟନ କରିଥିଲେ । ଶୈଶବ ଶିକ୍ଷା ପାଇଁ ଏକ ଆନନ୍ଦଦାୟକ ଏବଂ ଆକର୍ଷଣୀୟ ପରିବେଶ ପ୍ରଦାନ କରିବା ଏହି ଖେଳ ଗୃହର ମୁଖ୍ୟ ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ ।

## ଅଗ୍ନିଶମ ସେବା ସପ୍ତାହ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା

ରାଉରକେଲା,୧୦।୪(ସମିସ): ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି)ର ଅଗ୍ନିଶମ ସେବା ବିଭାଗ ପକ୍ଷରୁ ଏପ୍ରିଲ ୬ ଓ ୭ ତାରିଖରେ ସେକ୍ଟର-୨୦ ସ୍ଥିତ ଏସଏସଆରଭିଏମ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅଗ୍ନି ସେବା ସପ୍ତାହ ପାଳନ ଅବସରରେ ଏକ ସ୍ପଟ୍ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଦ୍ୱିତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୦୦ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଦୁଇଟି ବର୍ଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ବିଷୟବସ୍ତୁ ଥିଲା 'ଅଗ୍ନି ନିରାପତ୍ତା' । ଗ୍ରୁପ୍ 'କ'ରେ ଅଷ୍ଟମ ରୁ ଦଶମ ଶ୍ରେଣୀର ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଗ୍ରୁପ୍ 'ଖ'ରେ ଦ୍ୱିତୀୟରୁ ସପ୍ତମ ଶ୍ରେଣୀର ୧୭୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଗ୍ନିଶମ ସେବା କର୍ମଚାରୀଙ୍କ ସହାୟତାରେ ଆସିଷ୍ଟାଣ୍ଟ ମେନେଜର (ଅଗ୍ନିଶମ ସେବା) ମୋହିତ ସିଂହ ସଂଯୋଜିତ କରିଥିଲେ ।

## ଲକ୍ଷାଧିକ ଟଙ୍କାର ହେରୋଇନ୍ ଜବତ; ଜଣେ ଗିରଫ

ରାଉରକେଲା,୧୦।୪(ସମିସ): ହେରୋଇନ୍ ବିକ୍ରି ଅଭିଯୋଗରେ ଜଣେ ଯୁବକକୁ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ହେଉଛି ପ୍ଲାଣ୍ଟସାଇଟ୍ ଥାନା ଗୋପବନ୍ଧୁପାଲି କୈଳାଶ ଧାମ ବସ୍ତିର ମନୁ ନାୟକ(୧୯) । ତା ନିକଟରୁ ୨୭. ୭୪ ଗ୍ରାମ ଓଜନର ହେରୋଇନ୍ ଜବତ କରାଯାଇଛି । ସୂଚନା ମୁତାବକ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲି ଫାଣ୍ଡି ଅଧିକାରୀ ସିନ୍ମୟ କୁମାର ବଳ ପାଟ୍ରୋଲିଂ କରୁଥିବା ବେଳେ ମନୁ ନାୟକ ନାମକ ଉକ୍ତ ଯୁବକକୁ ସନ୍ଦିଗ୍ଧ ଅବସ୍ଥାରେ କୋଣାର୍କ ଟକିଜ ନିକଟ ଦିପ୍ତୀ ହୋଟେଲ ପାଖରେ ଥିବା ଶୌଚାଳୟ ନିକଟରୁ କାବୁ କରି ତାକୁ ସର୍ଚ୍ଚ କରିବା ପରେ ତା ନିକଟରୁ ୨୭ ଗ୍ରାମ ୭୪ ମିଲିଗ୍ରାମ ଓଜନର ହେରୋଇନ୍ ମିଳିଥିଲା । ଜବତ ହେରୋଇନ୍‌ର ମୂଲ୍ୟ ୧ ଲକ୍ଷ ୩୫ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି । ତାଠାରୁ ପୁଲିସ ଏକ ମୋବାଇଲ ଫୋନ ଜବତ କରିଥିବା ଜଣାପଡିଛି ।

### ସିରିଜ୍ ଦୁର୍ଘଟଣାରେ ନର୍ସିଂ ଛାତ୍ରୀ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

ରାଉରକେଲା,୧୦।୪(ସମିସ)

ରଘୁନାଥପାଲି ଥାନା ଅନ୍ତର୍ଗତ ୧୪୩ ନଂ ଜାତୀୟ ରାଜପଥର ବାଲିଘାଟଠାରେ ଗୁରୁବାର କାର ସିରିଜ୍ ଦୁର୍ଘଟଣାରେ ନର୍ସିଂ ଛାତ୍ରୀ ସବିନା ସୁରିନଙ୍କ ମୃତ୍ୟୁ ହୋଇଥିଲା । ମୃତ ଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଆଜି ଶତାଧିକ ସଂଖ୍ୟାରେ ଉତ୍ତ୍ୟକ୍ତ ଲୋକେ ୧୪୩ ନମ୍ବର ଜାତୀୟ ରାଜପଥକୁ ବାଲିଘାଟଠାରେ ଅବରୋଧ କରିଥିଲେ । ଫଳରେ ଯାନବାହାନ ଯାତାୟାତ ପ୍ରଭାବିତ ହୋଇଥିଲା । ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ସହ ଘଟଣା ସ୍ଥଳରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରିବାକୁ ଦାବିରେ ଟାୟାର ଜାଳି ଜାତୀୟ ରାଜପଥ ଅବରୋଧ କରିଥିଲେ । ତେବେ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଘଟଣାସ୍ଥଳରେ ମୃତକଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଆଉ ଲକ୍ଷେ ଟଙ୍କା ପରେ ଅନ୍‌ଲାଇନ୍ ଜରିଆରେ ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ମିଳିଥିବା ଜଣାପଡିଛି । ସେପଟେ ମାଡ ଭୟରେ ଚିକିତ୍ସାଧିନ କାର ଚାଳକ ଆରଜିଏଚରୁ ଫେରାର ହୋଇଯାଇଥିବା ଜଣାପଡିଛି । ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନ ୪ଟାରେ ଉକ୍ତ ସ୍ଥାନରେ ୧୪୩ ନମ୍ବର ଜାତୀୟ ରାଜପଥ ଉପରେ ଏକ ଦ୍ରୁତଗାମୀ କାର ସିରିଜ ଦୁର୍ଘଟଣା କରିଥିଲା । ୪ ଜଣ ମଦ୍ୟପ ଯୁବକ ଏକ କାରରେ ପାନପୋଷ ଆଡୁ ଲାଠିକଟା ଆଡକୁ ଯାଉଥିବା ବେଳେ ବାଲୁଘାଟ ଠାରେ ପ୍ରଥମେ ଏକ ଠେଲାକୁ ଧକ୍କା ଦେଇ ନିୟନ୍ତ୍ରଣ ହରାଇ ସାବିନା ସୁରିନ୍(୧୬) ନାମ୍ନୀ ଜଣେ ଯୁବତୀଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ସାବିନାଙ୍କର ମୃତ୍ୟୁ ହୋଇଥିଲା । ମୃତ ସାବିନା ଏକ ଘରୋଇ ଅନୁଷ୍ଠାନରେ ନର୍ସିଂ ଛାତ୍ରୀ ଭାବେ ଅଧ୍ୟୟନ କରୁଥିଲେ । ଏହାପରେ କାରଟି ଏକ ଟ୍ରକ ପଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ କାରରେ ଥିବା ଚାଳକ ସମେତ ୩ ଜଣ ଯୁବକ ଗୁରୁତର ଭାବେ ଆହତ ହୋଇଥିଲେ । ଆହତମାନଙ୍କୁ ଗତକାଲି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା । ତେବେ ଆଜି ଚିକିତ୍ସାଧିନ ଅବସ୍ଥାରେ ଥିବା କାର ଚାଳକ ଏମ୍‌ଡି ଆନସାରୀ ଡାକ୍ତରଖାନାରୁ ଚମ୍ପଟ ମାରିଥିବା ସୂଚନା ମିଳିଛି । ସେପଟେ ଗତକାଲି ଦୁର୍ଘଟଣା ପରେ ମୃତ ସାବିନା ସୁରିନଙ୍କ ପରିବାର ପକ୍ଷରୁ କ୍ଷତିପୂରଣ ଓ ଦୁର୍ଘଟଣା ଘଟାଇଥିବା କାର ଚାଳକ ଓ ଅନ୍ୟମାନଙ୍କୁ ଗିରଫ ଦାବି କରି ରଘୁନାଥପାଲି ଥାନାରେ ଏତଲା ଦିଆଯାଇଥିଲା । ପୁଲିସର କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେବାରୁ ଆଜି ଅପରାହ୍ନ ୧ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ କ୍ଷତିପୂରଣ ଦାବିରେ ପରିବାର ଲୋକଙ୍କ ସମେତ ସ୍ଥାନୀୟ ବାସିନ୍ଦା ବାଲିଘାଟଠାରେ ୧୪୩ ନମ୍ବର ଜାତୀୟ ରାଜପଥରେ ଟାୟାର ଜାଳି ଅବରୋଧ କରିଥିଲେ । ଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା । ପୀଡିତଙ୍କ ପରିବାରକୁ ତୁରନ୍ତ ଆର୍ଥିକ କ୍ଷତିପୂରଣ ଦାବି କରିବା ସହ ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ହେଉଥିବାରୁ ସେଠାରେ ଏକ ଫ୍ଲାଏଓଭର ନିର୍ମାଣ ପାଇଁ ଉତ୍ତ୍ୟକ୍ତ ଲୋକେ ଦାବି କରିଥିଲେ । ଖବର ପାଇ ପାନପୋଷ ଏସଡିପିଓ ସୁଶାନ୍ତ କୁମାର ଦାସ ଓ ରଘୁନାଥପାଲି ଥାନା ଇନ୍ସପେକ୍ଟର ସୁରେଶ କୁମାର ଝଙ୍କାର ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । କିନ୍ତୁ ସ୍ଥାନୀୟ ଲୋକମାନେ ସେମାନଙ୍କ ଦାବିରେ ଅଟଳ ରହିଥିଲେ । କ୍ଷତିପୂରଣ ନମିଳିବା ଯାଏଁ ଶବ ଉଠାଇ ଦିଆଯିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଥିଲେ । ଏହାପରେ ଦୁର୍ଘଟଣା ଘଟାଇଥିବା କାରର ମାଲିକ ୨ ଲକ୍ଷ ଟଙ୍କା ଦେବାକୁ ରାଜି ହେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।



### ଆର୍‌ଜିଏଚ୍‌ରୁ ଚିକିତ୍ସାଧୀନ କାର୍ ଚାଳକ ଫେରାର୍

## 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ

ରାଉରକେଲା,୧୦।୪(ସମିସ): ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଆଜିର ଦିନଟିକୁ ଜିଲ୍ଲାରେ 'ଲୋକକଳା ପାଇଁ ଦିନଟିଏ' ଭାବରେ



ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ସମସ୍ତ ବ୍ଲକ ଗୁଡିକରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଲୋକକଳା ଗୁଡ଼ିକର ସଂରକ୍ଷଣ, ପ୍ରଚାର ପ୍ରସାର ଉପରେ ଅତିଥିମାନେ ନିଜ ବକ୍ତବ୍ୟ ରଖିଥିଲେ ଏବଂ ଜିଲ୍ଲାର ସବୁ ଲୋକକଳା, ସଂସ୍କୃତି, ପରମ୍ପରା ଆଦି ଯେଭଳି ସବୁବେଳେ ବଜାୟ ରହିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସେହିଭଳି କଳାକାରମାନଙ୍କ ବିକାଶ ଦିଗରେ ବିଶେଷ ଧ୍ୟାନ ଦିଆଯିବା ନେଇ ଆଲୋଚନା କରାଯାଇଥିଲା । ଏହି ଅବସରରେ କଳାକାରମାନେ ପାରମ୍ପରିକ ବାଦ୍ୟ ଯନ୍ତ୍ର ବଜାଇ, ଗୀତ ଗାଇ ବିଭିନ୍ନ ଲୋକ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ଜିଲ୍ଲାର ସମସ୍ତ ବରିଷ୍ଠ ଲୋକ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

**ବଣାଇଁ:** ବଣାଇଗଡ଼ ବ୍ଲକ ପ୍ରଶାସନ ତରଫରୁ ବଣାଇଗଡ଼ ବ୍ଲକ ଅନ୍ତର୍ଗତ ୧୩ ଗୋଟି ପଞ୍ଚାୟତରେ ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବଣାଇଗଡ଼ ପଞ୍ଚାୟତ ସଭାଗୃହ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଣାଇଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଣାଇଗଡ ସରପଞ୍ଚ ନମିତା ନାଗ, ବଣାଇ ବ୍ଲକ ଉପାଧ୍ୟକ୍ଷା ବିନିତା ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ରୋମିଓ ରଞ୍ଜନ ପ୍ରଧାନ ଉପସ୍ଥିତ ରହିଥିଲେ । ସେହିପରି ବ୍ଲକ୍ ଅଧିନସ୍ଥ ସମସ୍ତ ପଞ୍ଚାୟତରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଗ୍ରାମବାସୀ ଓ କଳାକାରମାନେ ସାମିଲ ହୋଇଥିଲେ ।

ବଣାଇଗଡ଼ ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମରେ ପାଲା ଦାସକାଠିଆ ବାଦ୍ୟ ପରିବେଷଣ କରାଯାଇଥିଲା । ବିଭିନ୍ନ ଲୋକକଳା ପାରଦର୍ଶିତା ଲାଭ କରିଥିବା ପ୍ରଦୀପ ସାହୁ, ଗିରିଧାରୀ ସାହୁ, କେଶବ ମହାପାତ୍ରଙ୍କ ସମେତ ଅନ୍ୟ କେତେ ଜଣ କଳାକାରଙ୍କୁ ବିଭାଗ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଶେଷରେ ୱାର୍ଡ ସଭ୍ୟ ହେମନ୍ତ ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ ।



## କାର୍ଯ୍ୟକ୍ଷମ ହେଲା ଆର୍‌ଜିଏଚ୍ ପରିସରସ୍ଥ ଶବ ବ୍ୟବଚ୍ଛେଦ ଗୃହ



ରାଉରକେଲା,୧୦।୪(ସମିସ): ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ) ପରିସରରେ ନିର୍ମିତ ଶବ ବ୍ୟବଚ୍ଛେଦ ଗୃହ ଶୁକ୍ରବାରଠାରୁ ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହୋଇଛି । ପୂର୍ବରୁ ପାନପୋଷ ସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଶବ ବ୍ୟବଚ୍ଛେଦ ଗୃହକୁ ଆରଜିଏଚ ପରିସରରେ ଥିବା ଶବାଗାର ନିକଟକୁ ସ୍ଥାନାନ୍ତର କରାଯାଇଛି । ରାଜ୍ୟ ସରକାର ଓ ରାଉରକେଲା ମହାନଗର ନିଗମ ତରଫରୁ ଲୋକଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି ବୋଲି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗୀର୍ ସୂଚନା ଦେଇଛନ୍ତି । ରାଉରକେଲା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗୀର୍ କହିଛନ୍ତି ଯେ, ଦୁର୍ଘଟଣା ଜନିତ ମୃତ୍ୟୁ କିମ୍ବା କୌଣସି ଅପ୍ରତ୍ୟାଶିତ ମୃତ୍ୟୁ ପରେ ଏହାର କାରଣ ଜାଣିବା ପାଇଁ ଶବ ବ୍ୟବଚ୍ଛେଦ ଦରକାର ହେଉଥିବା ବେଳେ ତାହା ପାନପୋଷ ଚିକିତ୍ସାଳୟ ନିକଟରେ ନିର୍ମିତ ଶବ ବ୍ୟବଚ୍ଛେଦ ଗୃହରେ କରାଯାଉଥିଲା । ବହୁ ବର୍ଷ ଧରି ଏହି ଶବ ବ୍ୟବଚ୍ଛେଦ ଗୃହର ସ୍ଥାନାନ୍ତର ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରି ଆସୁଥିଲେ । ଯାହା ପୂରଣ ହେବା ସହ ଶବ ବ୍ୟବଚ୍ଛେଦ ଗୃହ ଆରଜିଏଚ ପରିସରକୁ ସ୍ଥାନାନ୍ତରିତ ହୋଇଛି ବୋଲି ସେ କହିଥିଲେ । ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି ସେ କହିବା ସହ ରାଉରକେଲା ମହାନଗର ନିଗମ ତରଫରୁ ଏହି ଗୃହ ନିର୍ମାଣ ତଥା ଆବଶ୍ୟକ ସରଞ୍ଜାମ ନିମନ୍ତେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଥିବା ନିଗମ ଆୟୁକ୍ତ ପ୍ରକାଶ କରିଛନ୍ତି ।

## 'ଆସ ବହିଟିଏ କିଣିବା' ଅଭିଯାନ

ରାଉରକେଲା,୧୦।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ସୁନ୍ଦରଗଡ଼ ଠାରେ 'ଆସ ବହିଟିଏ କିଣିବା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଗୁରୁବାର ଏକ ଦିନିକିଆ ମିନି ପୁସ୍ତକ ମେଳା ଆୟୋଜିତ ହୋଇଥିଲା । ଏହି ଅବସରରେ ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ଜିଲ୍ଲା ଯୋଜନା



କମିଟିର ଅଧ୍ୟକ୍ଷ ତଥା ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ, ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଯୋଗଦେଇ ଏହି ମିନି ପୁସ୍ତକ ମେଳାର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅତିଥିମାନେ ସମସ୍ତେ ନିୟମିତ ଭାବେ କୌଣସି ନା କୌଣସି ବହି ପଢ଼ିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସମସ୍ତେ ବହି ପଢ଼ାକୁ ଏକ ଅଭ୍ୟାସରେ ପରିଣତ କରିବା ଦରକାର, ଏହା ଦ୍ୱାରା ବ୍ୟକ୍ତିର ସୃଜନଶୀଳତାର ବିକାଶ ଘଟିଥାଏ ବୋଲି ଅତିଥିମାନେ କହିଥିଲେ । ପୁସ୍ତକ ପଢ଼ିବା ଦ୍ୱାରା ଆମର ଭାଷା, ସାହିତ୍ୟ ସୁଦୂର ପ୍ରସାରିତ ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋସ୍ନାରାଣୀ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଜନସାଧାରଣ ପୁସ୍ତକ କିଣିଥିଲେ ।

## ଆର୍‌ଏସ୍‌ପିର ତତ୍କାଳ ସ୍ୱୀକୃତି ଯୋଜନାରେ ଠିକା ଶ୍ରମିକ ପୁରସ୍କୃତ



ରାଉରକେଲା,୧୦।୪(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅନ୍ତର୍ଗତ ନୂତନ ପ୍ଲେଟ୍ ମିଲ୍ (ଏନପିଏମ) ବିଭାଗ ଦ୍ୱାରା ବିଭାଗର ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ୨୫ ଜଣ ଠିକା ଶ୍ରମିକଙ୍କୁ ପୁରସ୍କୃତ କରଯାଇଥିଲା । ଏହି ପୁରସ୍କାରକୁ ଏନପିଏମ ଏବଂ ଡିଜିଟାଲାଇଜେସନ୍ ବିଭାଗର ସିଜିଏମ ଆର କେ ମୁଦୁଲି ପ୍ରଦାନ କରିଥିଲେ । ଏହି ଅବସରରେ ଏନପିଏମ ବିଭାଗର ଜିଏମ୍ ନୀଳମଣି ମହାପାତ୍ରଙ୍କ ସହ ବିଭାଗର ବରିଷ୍ଠ ଅଧିକାରୀ, ଏଚଆର-ସିଏଲସି ବିଭାଗର ପ୍ରତିନିଧି, ସମ୍ପୃକ୍ତ ଠିକାଦାର ଏବଂ ଠିକା କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ମୁଦୁଲି ପୁରସ୍କୃତ ଠିକା ଶ୍ରମିକଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି କାର୍ଯ୍ୟ କାରଖାନା ଏବଂ ବିଭାଗର ଉତ୍ପାଦନ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବାରେ କିପରି ସାହାଯ୍ୟ କରିଛି ତା' ଉପରେ ଆଲୋକପାତ କରିଥିଲେ । ସୂଚନାଯୋଗ୍ୟ, ଏହି ପୁରସ୍କାର ଆଇସିଡବ୍ଲୁଏଫ/ଡିସିଡବ୍ଲୁ ଫ୍ୟାନ୍ ବ୍ଲେଡ୍ ପ୍ରତିସ୍ଥାପନ, ଡିସଚାର୍ଜ ଡୋର୍ କୁଲିଂ ସର୍କିଟ୍ ଏସଏସ ପାଇପ୍ ପ୍ରତିସ୍ଥାପନ, ୱାକିଂ ବିମ୍ ଚକ ପ୍ରତିସ୍ଥାପନ, କାର୍ଡାନ୍ ଶାଫ୍ଟ ପରିବର୍ତ୍ତନ, ଫିଡ୍ ରୋଲ୍ ପ୍ରତିସ୍ଥାପନ, କୁଲିଂ ବେଡ୍ ଏବଂ ଡେସ୍କେଲିଂ ସିଷ୍ଟମ୍ ଉନ୍ନତି ଏବଂ ଡିଏସ କନଭେୟର ଇମ୍ପାକ୍ଟ ରୋଲର ବିମ୍ ପ୍ରତିସ୍ଥାପନ ଭଳି ରକ୍ଷଣାବେକ୍ଷଣ ଏବଂ ପରିବର୍ତ୍ତନ କାର୍ଯ୍ୟ କ୍ଷେତ୍ରରେ କରାଯାଇଥିବା ପ୍ରଶଂସନୀୟ କାର୍ଯ୍ୟ ପାଇଁ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଏନପିଏମ ବିଭାଗର ସିନିୟର ମ୍ୟାନେଜର ସିଦ୍ଧାର୍ଥ ପାଲ ସମାବେଶକୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଶେଷରେ ଜିଏମ ନୀଳମଣି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଦୁଗ୍ଧ ଉପହାର' ଯୋଜନା ପାଇଁ ଏନ୍‌ଡିଡିବି-ଆର୍‌ଏସ୍‌ପି ମଧ୍ୟରେ ଏମ୍‌ଓୟୁ

### ଆରଏସ୍‌ପି ବାର୍ଷିକ ଖର୍ଚ୍ଚ କରିବ ୪୨.୪୮ ଲକ୍ଷ

### ଉପକୃତ ହେବେ ୩୭ ବିଦ୍ୟାଳୟର ୧୭୫୮ ଛାତ୍ରଛାତ୍ରୀ

ରାଉରକେଲା,୧୦।୪(ସମିସ):

ରାଉରକେଲା ଇସ୍ପାତ କାରଖାନାର ପାଶ୍ୱର୍ାଞ୍ଚଳ ଛାତ୍ରଛାତ୍ରୀଙ୍କ ''ଦୁଗ୍ଧ ଉପହାର' ଯୋଜନା ପାଇଁ ଆରଏସପି ଗୁଜୁରାଟର ଆନନ୍ଦ ସ୍ଥିତ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (ଏନଡିଡିବି) ନ୍ୟୁଟ୍ରେସନ୍ ଏବଂ ଜିଲ୍ଲା ପ୍ରଶାସନ ସହିତ ଏକ ବୁଝାମଣାପତ୍ରର ନବୀକରଣ କରିଛି । ଏହାଦ୍ୱାରା ସିଏସଆର ପ୍ରୟାସ ''ଦୁଗ୍ଧ ଉପହାର' କାର୍ଯ୍ୟକ୍ରମ ଅଧୀନରେ ବିସ୍ରା ବ୍ଲକ, କୁଆଁରମୁଣ୍ଡା ବ୍ଲକ ଏବଂ ରାଉରକେଲା ନଗର ନିଗମର ପ୍ରାଥମିକ ବିଦ୍ୟାଳୟ ପିଲାମାନଙ୍କୁ ପୁଷ୍ଟିକର ପାଶ୍ଚୁରାଇଜଡ୍ ଫୋର୍ଟିଫାଏଡ୍ ସ୍ୱାଦଯୁକ୍ତ ପ୍ୟାକେଡ୍ କ୍ଷୀର ଯୋଗାଇ ଦିଆଯିବ ।



ଏହି ବୁଝାମଣାପତ୍ର ମାର୍ଚ୍ଚ ୩୦ ତାରିଖରେ ସ୍ୱାକ୍ଷର ହୋଇଥିବା ବେଳେ ଆରଏସପି ପକ୍ଷରୁ ଟିଏ ଏବଂ ସିଏସଆର ବିଭାଗର ସିଜିଏମ ଟିଜି କାନେକର ଏବଂ ଏନଡିଡିବି ପକ୍ଷରୁ ଏନଡିଡିବି କୋଲକାତାର ମ୍ୟାନେଜର ସେଲି ଟୋପନୋ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ୍‌ଚାର୍ଜ ମୁନମୁନ ମିତ୍ର, ଜିଏମ ବିଭାବାସୁ ମଲ୍ଲିକ, ଡିଜିଏମ ଟିବି ଟପ୍ପୋ, ଡିଜିଏମ ପି ସାହୁ, ଏଜିଏମ ବି ଜେନା, ଡେପୁଟି ମ୍ୟାନେଜର ଏସ୍ ଶୁକ୍ଲାଙ୍କ ସହ ସିଏସଆର ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ରାଉରକେଲା ସ୍ଥିତ ଏନଡିଡିବିର ନୋଡାଲ ଅଧିକାରୀ ଅଭିଷେକ ଔନ୍ଦ ମଧ୍ୟ ଯୋଗ ଦେଇଥିଲେ । ଏହି ବୁଝାମଣାପତ୍ର ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ପୂର୍ବ ବୁଝାମଣାପତ୍ର ପଦକ୍ଷେପକୁ ଜାରି ରଖିବ । ନୂତନ ବୁଝାମଣାପତ୍ର ୨୦୨୬ ମସିହା ଏପ୍ରିଲ ୧ ତାରିଖରୁ ୨୦୨୭ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ଯାହାର ବାର୍ଷିକ ବଜେଟ୍ ୪୨.୪୮ ଲକ୍ଷ ଟଙ୍କା ହେବ । ଏହା ଦ୍ୱାରା କୁଆଁରମୁଣ୍ଡା ଏବଂ ବିସ୍ରା ବ୍ଲକ ଅନ୍ତର୍ଗତ ୩୭ଟି ବିଦ୍ୟାଳୟର ୧୭୫୮ ଜଣ ଛାତ୍ରଛାତ୍ରୀ ଉପକୃତ ହେବେ । ଉଲ୍ଲେଖନୀୟ ଯେ, ଏହି ସିଏସଆର ପଦକ୍ଷେପର ଅଂଶ ସ୍ୱରୂପ ବିଦ୍ୟାଳୟ ପରିସରରେ ସମସ୍ତ କାର୍ଯ୍ୟ ଦିବସରେ ପ୍ରତ୍ୟେକ ପିଲାଙ୍କୁ ୨୦୦ ମି.ଲି. ଫର୍ଟିଫାଇଡ୍ ସ୍ୱାଦଯୁକ୍ତ କ୍ଷୀର ଯୋଗାଇ ଦିଆଯାଉଛି । ଏହି ପଦକ୍ଷେପ କେବଳ ବିଦ୍ୟାଳୟ ଯାଉଥିବା ପିଲାମାନଙ୍କର ସାମଗ୍ରିକ ଅଭିବୃଦ୍ଧି ଏବଂ ବିକାଶକୁ ଗତିଶୀଳ କରିବ ନାହିଁ ବରଂ ପିଲାଙ୍କ କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣି ରୋଗ ପ୍ରତିରୋଧକ ଶକ୍ତି ଏବଂ ପୁଷ୍ଟିସାର ବୃଦ୍ଧି କରିବ । ଅଧିକନ୍ତୁ ଏହି ଯୋଜନା ବିଦ୍ୟାଳୟ ଉପସ୍ଥାନକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି ।

### ■ ଘରେ କଳାକନା ବୁଲେଇଲେ ଚୋର

## ୭ ଲକ୍ଷ ଟଙ୍କାର ସୁନା ଗହଣା ସହ ୧ ଲକ୍ଷ ଟଙ୍କା ନେଇଗଲେ

ବଣାଇଁ,୧୦।୪(ସମିସ): ବଣାଇଁଗଡ଼ ସହରର ସେଣ୍ଟ ଯୋଶେଫ ସ୍କୁଲ ନିକଟରେ ଘରେ କେହି ନଥିବା ସୁଯୋଗରେ ରାତିରେ କଳାକନା ବୁଲେଇଲେ ଚୋର । ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ନଗଦ ୧ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିବା ଜଣାପଡିଛି ।



ସୂଚନାନୁଯାୟୀ, ବିଜୟ ପାହୁଲେ ନାମକ ବ୍ୟକ୍ତି ସେଣ୍ଟ ଯୋଶେଫ ସ୍କୁଲ ନିକଟରେ ଭଡାଘର ନେଇ ରହୁଥିଲେ । ଗତକାଲି ରାତିରେ ସେ ଘରେ ନଥିବା ସମୟରେ ଚୋରମାନେ ଘରର ତାଲା ଭାଙ୍ଗି ପଶି ଘରେଥିବା ସୁନା ଚେନ୍, କାନ ଫୁଲ ୩ ଯୋଡ଼ା, ୬ ଗ୍ରାମ ସୁନା ଚୂଡ଼ି, ପୁରୁଷଙ୍କ ଚେନ୍, ରୂପା ପାଉଜି ୧ ଯୋଡ଼ା ସହ ପ୍ରାୟ ୭ ଲକ୍ଷ ଟଙ୍କାର ସୁନା ଓ ନଗଦ ପ୍ରାୟ ୧ ଲକ୍ଷ ଟଙ୍କା ଚୋରି କରିନେଇଥିବା ଜଣାପଡିଛି । ବିଜୟ ପାହୁଲେଙ୍କ ନିଜ ଘର ସ,ବଲାଙ୍ଗ ଅଞ୍ଚଳରେ ହୋଇଥିବା ବେଳେ ନିଜ ଶଶୁରଙ୍କ ଦେହ ଖରାପ ଥିବାରୁ ସେ ସେଠାକୁ ଯାଇଥିଲେ । ଆଜି ସକାଳେ ଘରକୁ ଫେରି ଚୋରି ହୋଇଥିବା ଜାଣିବା ପରେ ସେ ବଣାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

### ଟୋଲପ୍ଲାଜା ନିକଟରେ ବେଆଇନ ପାର୍କିଂ, ଦୋକାନ

# ଟ୍ରାଫିକ୍ ସମସ୍ୟା ସହ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି

ଭଣ୍ଡାରିପୋଖରୀ,୧୦।୪(ସମିସ)



ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଭାଗଡ଼ା-ନାରାୟଣପୁର ଟୋଲ ପ୍ଲାଜା ଉଭୟ ପାର୍ଶ୍ୱରେ ବହୁ ବେଆଇନ ଗୁମୁଟି, ଦୋକାନ, ଠେଲା ଗାଡ଼ି ସହ ଧାଡ଼ି ଧାଡ଼ି ହୋଇ ଯାନବାହନ ପାର୍କିଂ କରାଯାଉଛି। ଫଳରେ ରାସ୍ତାରେ ଗାଡ଼ି ଚଳାଚଳ ସମସ୍ୟା ହେଉଛି। ଏହି ସବୁ ଦୋକାନ ସମ୍ମୁଖରେ ଯାନବାହନଗୁଡ଼ିକ ପାର୍କିଂ କରିବା ଦ୍ୱାରା ରାଜପଥ ଅବରୋଧ ହେଉଛି। ଏପରିକି ଦୋକାନଗୁଡ଼ିକ ସମ୍ମୁଖରେ ଗରାଖମାନେ ଗହଳି କରୁଛନ୍ତି। ଟୋଲପ୍ଲାଜା ପାଇଁ ବିକ୍ରୟ କାରବାର ହେବା ସହଜ ହେଉଥିବାରୁ ଦିନକୁ ଦିନ ବେଆଇନ ଗୁମୁଟି, ଦୋକାନ ଓ ଠେଲା ଗାଡ଼ି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ବାରମ୍ବାର ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ବହୁ ସମୟରେ ଜାରୁରିକାଳୀନ ଯାନବାହନ ଯାତାୟାତରେ ବ୍ୟାଘାତ ହେଉଛି। ସେଗୁଡ଼ିକୁ ନିୟନ୍ତ୍ରଣ କରିବା ଟୋଲପ୍ଲାଜା ପକ୍ଷେ ସମ୍ଭବ ହେଉନାହିଁ। ବେଆଇନ ଗୁମୁଟି, ଦୋକାନ ଓ ଠେଲାଗୁଡ଼ିକ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ସେମାନଙ୍କ ପ୍ରତି ସ୍ଥାନୀୟ ଟୋଲ ପ୍ଲାଜା କର୍ମଚାରୀଙ୍କର ସମର୍ଥନ ରହୁଛି। ଏବେ ଠାରୁ ସେଗୁଡ଼ିକୁ ନିୟନ୍ତ୍ରଣ କରାନଗଲେ ଭବିଷ୍ୟତରେ ଏହା ଗୁରୁତର ସମସ୍ୟା ସୃଷ୍ଟି ହେବା ଆଶଙ୍କା କରାଯାଉଛି। ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଟୋଲପ୍ଲାଜାଠାରୁ ଉଭୟ ଦିଗର ଅନ୍ୟୂନ ୫ ଶହ ମିଟର ପର୍ଯ୍ୟନ୍ତ ଅବରୋଧ ଉଚ୍ଛେଦ ଜରୁରୀ ହୋଇପଡ଼ିଛି। ରାଜପଥ କର୍ତ୍ତୃପକ୍ଷ ଚଣ୍ଡିଖୋଲ କାର୍ଯ୍ୟାଳୟ ପ୍ରକଳ୍ପ ନିର୍ଦ୍ଦେଶକ ଜେପି ବର୍ମା ଗତ ସେପ୍ଟେମ୍ବର ୨୪ ତାରିଖରେ ଜିଲ୍ଲାପାଳ ଓ ଜିଲ୍ଲା ପୁଲିସ ଅଧୀକ୍ଷକଙ୍କୁ ପତ୍ର ଯୋଗେ ଏଠାରୁ ଉଚ୍ଛେଦ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ମାତ୍ର ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ହେତୁ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟୋଲ ପ୍ଲାଜା କର୍ମଚାରୀ ଗାଡ଼ି ଗୁଡ଼ିକୁ ରାସ୍ତା ଉପରେ ବେଆଇନ ଭାବରେ ପାର୍କିଂ କରାଇବାକୁ ପରୋକ୍ଷରେ ସମ୍ମତି ଦେଉଥିବାରୁ କିଛି ଦିନ ହେବ ରାସ୍ତାର ଉଭୟ ପାର୍ଶ୍ୱରେ ଲମ୍ବା ଲାଇନ୍‌ରେ ଗାଡ଼ିଗୁଡ଼ିକ ରହୁଛି। ଗାଡ଼ି ପାର୍କିଂ ଯୋଗୁଁ ଏଠାରେ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି।

## ୩୦ ୟୁନିଟ ରକ୍ତ ସଂଗ୍ରହ



ବନ୍ତ/ଆଗରପଡ଼ା,୧୦।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଗରପଡ଼ା ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତ ଦାନ ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ରକ୍ତ ଦାନ ଶିବିରରେ ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମହାବିଦ୍ୟାଳୟ ଯୁବ ରେଡକ୍ରସ ବିଭାଗ, ଏନ୍‌ସିସି, ଏନ୍‌ଏସ୍‌ଏସ୍ ଏବଂ ମହାବିଦ୍ୟାଳୟ ଅନ୍ୟ ଶିକ୍ଷାରତ ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ୍ ବ୍ୟାଙ୍କ ଅଧିକାରୀ, ସହଯୋଗୀ ଓ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ସହଯୋଗରେ ଏହି ଶିବିର ସଫଳତାର ସହ ସମାପନ ହୋଇଥିଲା।

## ଲୋକକଳା ଦିବସ ପାଳିତ



ବାରିକପୁର,୧୦।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଭଣ୍ଡାରିପୋଖରୀର ବ୍ଲକ ପ୍ରଶାସନ ପକ୍ଷରୁ ଆଜି 'ଲୋକକଳା ଦିବସ' ପାଳନ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର କଳାକାର ମାନେ ଯୋଗଦେଇ ପାଲା ପରିବେଷଣ କରିଥିଲେ। ଏଥିରେ ବିଡିଓ ଦେବଦତ ଦାସ, ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ ଓ ସମିତିସଭ୍ୟ ମାନେ ଯୋଗ ଦେଇଥିଲେ। ଏଥିରେ ୯ଜଣ କଳାକାରଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ସମୂହ ବ୍ରତୋପନୟନ ଓ ମହାରୁଦ୍ରମ୍



ବାସୁଦେବପୁର,୧୦।୪(ସମିସ):ବାସୁଦେବପୁର ବ୍ଲକ୍ ବିନାୟକପୁର ପଞ୍ଚାୟତ ବାଗଦାବିନାୟପୁର ଗାଁର ସତ୍ୟସାଇ ସମିତି ପକ୍ଷରୁ ସମୂହ ବ୍ରତୋପନୟନ ଓ ବିଶ୍ୱ କଲ୍ୟାଣାର୍ଥେ ମହାରୁଦ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୮ ଜଣ ବ୍ରତୋପନୟନ ପାଇଁ ଆସିଥିଲେ। ମହା ଆଡମ୍ବର ମଧ୍ୟରେ ପଣ୍ଡିତମାନଙ୍କ ବେଦମନ୍ତ୍ର ଧ୍ୱନୀରେ ପରିବେଶ ମୁଖରିତ ହୋଇଥିଲା। ଚାରି କର୍ମ ସହିତ ବ୍ରହ୍ମଚାରୀଙ୍କୁ ଦୀକ୍ଷାଗ୍ରହଣ ପର୍ଯ୍ୟନ୍ତ କାର୍ଯ୍ୟକ୍ରମକୁ ଉତ୍ସାହର ସହିତ ଶହ ଶହ ଲୋକ ଉପଭୋଗ କରିଥିଲେ। ପୂର୍ଣ୍ଣାହୁତି ପରେ ବ୍ରହ୍ମଚାରୀଙ୍କୁ ଦିଅଁ ଦର୍ଶନ କରାଇ ଗ୍ରାମ ପରିକ୍ରମା କରିଥିଲେ। ପଣ୍ଡିତ ରାମଚନ୍ଦ୍ର ଶତପଥୀ, ରମାକାନ୍ତ ଶତପଥୀ, ଲକ୍ଷ୍ମଣ ଶତପଥୀ, ଲକ୍ଷ୍ମୀଧର ପତି, ମନ୍ମଥ ମିଶ୍ର, ରବୀନ୍ଦ୍ର ଶତପଥୀ, ବାବାଜୀ ମିଶ୍ର, ବାବାଜୀ ପାଢ଼ୀ, ନକୁଳ ଚନ୍ଦ୍ର ଦାସ, ଶ୍ୟାମସୁନ୍ଦର ଶତପଥୀ, ରାମଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇ ବ୍ରତୋପନୟନର ସମସ୍ତ କାର୍ଯ୍ୟ ସମାପନ କରିଥିଲେ। ସତ୍ୟସାଇ ସମିତିର ରାଜ୍ୟ ଉପସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି, ଭଦ୍ରକ ଜିଲ୍ଲା ସଭାପତି ବୃନ୍ଦାବନ ବେହେରା, କେନ୍ଦୁଝର ଜିଲ୍ଲା ସଭାପତି ବିଷ୍ଣୁମୋହନ ଯେନା, ରାଜ୍ୟ ସଂଯୋଜକ ବିଷ୍ଣୁମୋହନ ନାୟକ, ବାଗଦାବିନାୟପୁର ଗ୍ରାମର ଭଜନ ମଣ୍ଡଳୀ ଆବାହକ ମଧୁସୂଦନ ଦାସ ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ୨୨ ବର୍ଷ ଧରି ମାଗଣାରେ ଏହିପରି ବ୍ରତୋପନୟନ ଅନୁଷ୍ଠିତ ହେଉଛି। ମହିଳାମାନଙ୍କ ପକ୍ଷରୁ ବିଶ୍ୱ କଲ୍ୟାଣାର୍ଥେ ମହାରୁଦ୍ରମ୍ ଅଭିଷେକ କରାଯାଇଥିଲା।

## ସିଏମ୍ ଟ୍ରଫି କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ





ଭଦ୍ରକ,୧୦।୪(ସମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ସଂଘ ମିଳିତ ଆୟୋଜନରେ ଆଜି ଭଦ୍ରକ କଲେଜ ପଡ଼ିଆରେ ସିଏମ୍ ଟ୍ରଫି କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବକୁ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ୍ ସଭାପତି ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ୍ ସମ୍ପାଦକ ଧୀରେନ ପଲେଇ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ଆଇନଜୀବୀ ଅତିସ୍ ବେହେରାଙ୍କ ସଂଯୋଜନାରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କବାଡ଼ି, ଖୋ-ଖୋ, ଫୁଟବଲ୍, ଭଲିବଲ୍ କ୍ରୀଡ଼ା ଆସନ୍ତା କାଲିଠାରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଖେଳାଯିବ। ଏହି ଖେଳ ନିମନ୍ତେ ଫୁଟବଲ୍ ଚାମ୍ପିଅନସିପ୍‌ରେ ମୋଟ ୩୬୦, ଭଲିରେ ୨୦୮, କବାଡ଼ିରେ ୩୪୦, ଖୋ-ଖୋରେ ୨୮୦ ଜଣ ନାମ ପଞ୍ଜିକୃତ କରିଥିଲେ। ଧାମନଗର ବ୍ଲକ୍ ଦୋବଲ କାଳୀ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ବାଳକ ଫୁଟ୍‌ବଲ ଖେଳ ପାଇଁ ବାଳକ ବିଭାଗରେ ୧୦ଟି ଓ ରାନ୍ଦିଆ ରାମେଶ୍ୱର ସ୍କୁଲ ପଡ଼ିଆରେ ବାଳିକା ବିଭାଗର ଫୁଟବଲ ଖେଳ ପାଇଁ ବାଳିକା ବିଭାଗର ୪ଟି ଦଳକୁ ମିଶାଇ ମୋଟ ୨୮୦ ଜଣ, ତିହିଡ଼ି କାଳୀ ପଡ଼ିଆରେ ହେବାକୁ ଥିବା ଭଲିବଲ୍ କ୍ରୀଡ଼ା ପାଇଁ ବାଳକ ବିଭାଗରେ ୮ଟି ଓ ବାଳିକା ବିଭାଗରେ ୬ଟି ଦଳର ପାଇଁ ୧୬୮ ଜଣ, ଭଦ୍ରକ କଲେଜ ପଡ଼ିଆରେ ହେବାକୁ ଥିବା କବାଡ଼ି ପାଇଁ ବାଳକ ବିଭାଗରେ ୧୦ ବାଳିକା ବିଭାଗରେ ୬ଟି ଦଳ ପାଇଁ ୧୯୨ ଜଣ, ଖୋ-ଖୋ ଚାମ୍ପିଅନ୍‌ସିପ୍‌ର ବାଳକ ୧୦ ଓ ବାଳିକା ୬ ଟି ବିଭାଗ ପାଇଁ ମୋଟ ୧୯୨ ଜଣ ମନୋନୀତ ହୋଇଥିଲେ। ଉଦ୍‌ଘାଟନୀ ସମାରୋହକୁ ଆଥ୍‌ଲେଟିକ୍ ଆସୋସିଏସନ୍‌ର ଯତିକାନ୍ତ ନାୟକ, ବ୍ୟୋମକେଶ ସେନାପତି, ଭବତୋଷ ଦାସ, ରାଇମୋହନ ମହାପାତ୍ର, ପବନ ଶର୍ମା, ସଞ୍ଜୀବ ଦାସ, ରବିନାରାୟଣ ପାଣିଗ୍ରାହୀ, ସୁଶୀଲ ପଟ୍ଟନାୟକ, ରବିନାରାୟଣ ଓଝା, ସଞ୍ଜୀବ ବେହେରା, ଦେବଦତ୍ତ ନାୟକ, ମନୋଜ ସାହୁ, ନାସିର୍ ଅଲ୍ଲୀ, ସୌମ୍ୟକାନ୍ତ ଉପାଧ୍ୟାୟ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ଉପେନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏକ ଦିବସୀୟ ଉଦ୍ୟାନ କୃଷି କର୍ମଶାଳା

ବାରିକପୁର,୧୦।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ କହରାପୋଖରୀ ଠାରେ ଏକ ଦିବସୀୟ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉଦ୍ୟାନ କୃଷି ଅଧିକାରୀଣି ଶୁଭଦର୍ଶୀନି ରଥ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ବିଶେଷଜ୍ଞ ବିଜୟା ଲକ୍ଷ୍ମୀ ରାଉତ, ବ୍ଲକ ମତ୍ସ୍ୟ ଅଧିକାରୀଣି ଉପାସନା ମହାନ୍ତି, ଅଗ୍ରଣୀ ମୋହୁ ଚାଷୀ ଚକ୍ରଧର ସାହୁ ପ୍ରମୁଖ ଯୋଗଦେଇ ଉଦ୍ୟାନ କୃଷି ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶେଷ କରି ଗ୍ରାମାଞ୍ଚଳରେ ଛତୁ ଓ ମୋହୁ ଚାଷ ପାଇଁ ଚାଷୀ ମାନଙ୍କୁ ଅତିଥି ମାନେ ପରାମର୍ଶ ଦେଇଥିଲେ। ଏଥିରେ ବ୍ଲକ ଅଞ୍ଚଳରୁ ପ୍ରାୟ ୭୦ ଜଣ ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ। ବିଭାଗୀୟ କ୍ଷେତ୍ର ପରିଦର୍ଶକ ଅବକାଶ ଦାସ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କମ୍ୟୁନିଷ୍ଟ ନେତା ପଦ୍ମନାଭ ପଣ୍ଡାଙ୍କ ସ୍ମୃତି ସଭା



ଭଦ୍ରକ,୧୦।୪(ସମିସ): ସିପିଆଇ(ଏମ)ଚାନ୍ଦବାଲି ଆଞ୍ଚଳିକ କମିଟିର ପୂର୍ବତନ ସଭ୍ୟ ତଥା ଚାନ୍ଦବାଲି ବ୍ଲକ୍‌ର ଜଣାଶୁଣା କମ୍ୟୁନିଷ୍ଟ ନେତା ପଦ୍ମନାଭ ପଣ୍ଡାଙ୍କ ୧୪ ତମ ଶ୍ରାଦ୍ଧ ବାର୍ଷିକୀରେ ଏକ ଆଲୋଚନା ଚକ୍ର ପଦ୍ମନାଭ ପଣ୍ଡା ସ୍ମୃତି ସଂସଦ ସଭାପତି ପ୍ରତାପ ଚନ୍ଦ୍ର ଧଳଙ୍କ ସଭାପତିତ୍ୱରେ ଯଶିପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ଚାରଣ ସଭାରେ ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ସଭ୍ୟ ମଳୟ ଭୋଇ, ସ୍ମୃତି ସଂସଦର ସମ୍ପାଦକ ବରିଷ୍ଠ ଅଧିବକ୍ତା ଗିରିଧାରୀ ନାଥ, ଗୌରାଙ୍ଗ ଯେନା, ସିପିଏମ୍ ନେତା ପ୍ରଭାତ ପଣ୍ଡା, କଂଗ୍ରେସ ନେତା ବୈଲୋଚନ ପଣ୍ଡା, ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ଯେନା, ବରିଷ୍ଠ ନେତା ଅଭିରାମ ବଳ, ବ୍ରହ୍ମାନନ୍ଦ ପରିଡ଼ା, ଚକ୍ରଧର ଦାସ, ଦିବାକର ସେନାପତି, ନବଘନ ନାଥ, ଅମୂଲ୍ୟ ନାୟକ, ଶଙ୍କର୍ଷଣ ବିଶ୍ୱାଳ, ପ୍ରତାପ ମହାଳିକ, ମହିଳା ନେତ୍ରୀ କାମିନୀ ଭୋଇ ପ୍ରମୁଖ ଯୋଗଦେଇ ପଦ୍ମନାଭ ପଣ୍ଡାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସଂଗେ ସଂଗେ ରାଜନୈତିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସ୍ୱର୍ଗତ ପଣ୍ଡାଙ୍କ ଝିଅ ମହିଳା ନେତ୍ରୀ ପ୍ରତିଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳ ଯୋଗାଣ ସମ୍ପର୍କିତ ଆଲୋଚନାଚକ୍ର

ବାରିକପୁର,୧୦।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସଭାଗୃହ ମଧ୍ୟରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସମ୍ପର୍କିତ ଏକ ଆଲୋଚନା ଚକ୍ର ସହକାରୀ ନିର୍ବାହୀ ଯନ୍ତ୍ରୀ ମୁକୁଳ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ବିଡିଓ ଦେବଦତ୍ତ ଦାସ, କନିଷ୍ଠ ଯନ୍ତ୍ରୀ ଭାଗୀରଥି ଦାସ, ଦିବାକର ସାହୁ, ମେଗାପ୍ରକଳ୍ପ ଯନ୍ତ୍ରୀ ଜି ରାଜକୁମାର, ସୌଭାଗ୍ୟ ନାୟକ ପ୍ରମୁଖ ଯୋଗଦେଇ କେଉଁ ଭଳି ସୁଚାରୁରୂପେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ହୋଇପାରିବ ସେ ନେଇ ପରାମର୍ଶ ଦେଇଥିଲେ। ପାନୀୟ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ଓ ନଳକୂପ ଆଦି ବିଷୟରେ ଆଲୋଚନା ହୋଇଥିଲା। ଏହାଛଡା ବିଭିନ୍ନ ପଞ୍ଚାୟତରେ ଏବେ ବି ସୁଦ୍ଧା ପାନୀୟ ଜଳ ସମସ୍ୟାମାନ ରହିଥିବାବେଳେ ସେଗୁଡ଼ିକୁ ସମାଧାନ କରିବା ପାଇଁ ଉପସ୍ଥିତ ସରପଞ୍ଚ ମାନେ ମତ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମାଝୀ, ରଞ୍ଜନ ପରିଡ଼ା ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

## ନୂତନ ଥାନାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନ

ତିହିଡ଼ି,୧୦।୪(ସମିସ): ତିହିଡ଼ି ଥାନାର ପ୍ରଥମ ମହିଳା ଥାନାଧିକାରିଣୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଲୋପାମୁଦ୍ରା ନାୟକଙ୍କୁ ତିହିଡ଼ି ବିଜେଡି ପକ୍ଷରୁ ସ୍ୱାଗତ ଜ୍ଞାପନ କରାଯାଇଛି। ଏକ ଦକ୍ଷ ପୁଲିସ ଅଧିକାରିଣୀ ଭାବେ ବେଶ୍ ପରିଚିତ ଶ୍ରୀମତୀ ନାୟକଙ୍କର ସେବା ଓ ସାହିତ୍ୟ କ୍ଷେତ୍ରରେ ଗଭୀର ଦକ୍ଷତା ରହିଛି। ସମ୍ବର୍ଦ୍ଧନା ସମୟରେ ଥାନାଧିକାରିଣୀ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ତିହିଡ଼ି ଅଞ୍ଚଳର



ଉନ୍ନତି ଓ ଶାନ୍ତି ବଜାୟ ରଖିବାକୁ ସେ ପ୍ରାଥମିକତା ଦେବେ। ବିଶେଷକରି ଚୋରା ମଦ, ଡ୍ରଗ୍ସ, କୋଇଲା ଗଞ୍ଜେଇ ଚୋରା ଚାଲାଣ, ଟ୍ରାଫିକ ସମସ୍ୟା ଓ ଜୁଆ ମୁକ୍ତ ଥାନା ଏବଂ ଗୋ-ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ବିଜେଡି ସଭାପତି ସୁରେନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ କୀର୍ତ୍ତନ ଚନ୍ଦ୍ର ରାଉତ, ପୂର୍ବତନ ସମିତି ସଭ୍ୟ ସଂଗ୍ରାମକେଶରୀ ଦାସ, ବିପିନ ବେହେରା, ଭରତ ମହାପାତ୍ର, ଗଣେଶ ନାୟକ, ସରପଞ୍ଚ ତାପସ ବେହେରା, ରାଜୁ ରାଉତ, ଅରକେଶ ନାୟକ, ପ୍ରେମା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ତାଙ୍କର ସଫଳ କାମନା କରିଥିଲେ। ତିହିଡ଼ିକୁ ଏକ ଅପରାଧମୁକ୍ତ ଅଞ୍ଚଳ ଭାବେ ଗଢ଼ିତୋଳିବା ପାଇଁ ବିଜେଡି ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ନେତା ମତପ୍ରକାଶ କରିଛନ୍ତି।

## ଲୋକକଳା ଦିବସରେ କଳାକାରଙ୍କୁ ସମ୍ବର୍ଦ୍ଧନା



ଧାମନଗର,୧୦।୪(ସମିସ): ଧାମନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ଲୋକକଳା ଦିବସ ଉପଲକ୍ଷେ କଳାକାରଙ୍କୁ ବ୍ଲକ୍ ତରଫରୁ ସମ୍ବର୍ଦ୍ଧିତ ଦିଆଯାଇଛି। ଏହି ଅବସରରେ ଓଡ଼ିଆ ପକ୍ଷ-୨୦୨୬ ଅବସରରେ "ଲୋକକଳା ପାଇଁ ଦିନଟିଏ' ଉତ୍ସାହ ଓ ଗରିମାର ସହ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଆଶୋକ ପୁହାଣ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଏବିଡିଓ ଶର୍ମିଷ୍ଠା ମଲ୍ଲିକ ଓ ବ୍ଲକର ବିଭାଗୀୟ ସହକାରୀ ଅଧିକାରୀ (ଏପିଓ) ପୀୟୁଷ ରଞ୍ଜନ ରାଉତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରି ବିଭିନ୍ନ ପଞ୍ଚାୟତର ୧୦ଜଣ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧିତ କଳାକାରମାନେ ହେଲେ ଉମାକାନ୍ତ ମାଝୀ, ରମାକାନ୍ତ ବେହେରା, ସନ୍ତୋଷ ପଲାଇ, ଦେବାନନ୍ଦ ସାହୁ, ବସନ୍ତ ବେହେରା, ସରପଞ୍ଚ ପ୍ରୀତମ ଦାସ, ଶରତ ସୂତାର, ପ୍ରତାପ ନାୟକ ଓ ରତ୍ନାକର ସାହୁ। ଏମାନେ ରାଜ୍ୟରେ ହଜିଯାଉଥିବା ଲୋକକଳା ତଥା ବାଦୀପାଲା, ଦାସକଠିଆ, ରାମଲୀଳା, ସଖୀନାଚ, ସଙ୍କୀର୍ତ୍ତନ ପରମ୍ପରାକୁ ଜୀବନ୍ତ ରଖିଥିବା କଳାକାରଙ୍କୁ ଏହି ଦିନରେ ବିଶେଷ ସମ୍ମାନ ଦିଆଯାଇଛି। ବିଭାଗୀୟ ଅଧିକାରିଣୀ ଯଶୋଦା ରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଲୋକ କଳା ଆମ ସଂସ୍କୃତିର ଅମୂଲ୍ୟ ସମ୍ପଦ'

ଭଦ୍ରକ,୧୦।୪(ସମିସ): ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଓଡ଼ିଆ ପକ୍ଷର ୧୦ମ ଦିନରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ଓଡ଼ିଆ ଲୋକ କଳାର ସୁରକ୍ଷା ଓ ପ୍ରଚାର-ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପ୍ରାକ୍ତନ ସଚିବ ପ୍ରବୋଧ ରଥ ଯୋଗଦେଇ ଲୋକ କଳା ଆମ ସଂସ୍କୃତିର ଅମୂଲ୍ୟ ସମ୍ପଦ ବୋଲି କହିଥିଲେ। ଏହାକୁ ଆଗାମୀ ପିଢ଼ିଙ୍କ ପାଇଁ ସୁରକ୍ଷିତ ରଖିବାରେ ସମସ୍ତଙ୍କ ସହଭାଗୀତା ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ନାଟ୍ୟକାର ଲଲାଟେନ୍ଦୁ ମହାନ୍ତି, ପ୍ରଫେସର ଅଟଳବିହାରୀ ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକଦାର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକକଳାର ଐତିହ୍ୟ, ମହତ୍ୱ ଓ ସଂରକ୍ଷଣ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଲୋକକଳାକାରଙ୍କୁ ସମ୍ମାନିତ କରାଯାଇଛି। ଜିଲ୍ଲାର ଚାନ୍ଦବାଲି, ତିହିଡି, ବନ୍ତ, ଭଦ୍ରକ, ଧାମନଗର, ଭଣ୍ଡାରିପୋଖରୀ ଓ ବାସୁଦେବପୁର ଅଞ୍ଚଳର କଳାକାରମାନେ ଏଥିରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଢୋଲକ ବାଦ୍ୟଗୁରୁ ବଂଶୀଧର ବାରିକ୍, ପାଲା ଗାୟକ ଲୋକନାଥ ମିଶ୍ର, ଜୟକୃଷ୍ଣ ପ୍ରଧାନ, ରବୀନ୍ଦ୍ର ବାରିକ୍, ରାଜକିଶୋର ନାୟକ, ପ୍ରାଣକୃଷ୍ଣ ସାହୁ, ସନାତନ ପୁରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହା ପରେ ପାଲା କଳାକାରମାନେ ନିଜ ନିଜ କଳାର ପ୍ରଦର୍ଶନ କରିଥିଲେ। ଯାହା ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅତିରିକ୍ତ ଜିଲ୍ଲାପାଳ



ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଓ ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ତ୍ରିଲୋଚନ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁଖ୍ୟ ଭୂମିକା ନିଭାଇଥିଲେ।

### ଅଙ୍ଗନବାଡ଼ିରେ ନିମ୍ନମାନର ଛତୁଆ ପ୍ରସଙ୍ଗ

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ହେଲା ଯାଞ୍ଚ

ବନ୍ତ/ଆଗରପଡ଼ା,୧୦।୪(ସମିସ): ଗତ ୫ତାରିଖରେ 'ଅଙ୍ଗନବାଡ଼ି କେନ୍ଦ୍ରରେ ନିମ୍ନମାନର ଛତୁଆ ପ୍ରଦାନ ଅଭିଯୋଗ; ଖାଦ୍ୟ ଓଜନରେ ଠକାମୀକୁ ନେଇ ତଦନ୍ତ ଦାବି' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଜିଲ୍ଲାପାଳ ଘଟଣାର ତଦନ୍ତ ନିମନ୍ତେ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ଶୁକ୍ରବାର ବନ୍ତ ବ୍ଲକର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରରେ ଉପଜିଲ୍ଲାପାଳ ଦେବବ୍ରତ ମହାପାତ୍ର, ବନ୍ତ ସିଡିପିଓ ଆଲାଦୀ ମାରାଣ୍ଡି ଓ ସୁପରଭାଇଜରଙ୍କ ଉପସ୍ଥିତିରେ ସମସ୍ତ ଖାଦ୍ୟ ଯାଞ୍ଚ କରାଯାଇଥିବା ଜଣାପଡ଼ିଛି। ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ, ଗର୍ଭବତୀ, କିଶୋରୀ ଓ ପ୍ରସୂତିଙ୍କ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ବଣ୍ଟନ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବନ୍ତ ବ୍ଲକ୍‌ରେ ରାଜ୍ୟ ସରକାରଙ୍କ ତରଫରୁ ବଣ୍ଟନ ଦାୟିତ୍ୱ ଆଳମଙ୍ଗାର ମା' ମନ୍ତ୍ରବାସୁଳୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଛି। ଏହି ଗୋଷ୍ଠୀ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଦାୟିତ୍ୱରେ ଥିବା ବେଳେ ବିଭିନ୍ନ ଅଭିଯୋଗ ଆସିବା ପରେ ପ୍ରଶାସନ ପକ୍ଷରୁ ଏହି ଗୋଷ୍ଠୀକୁ କିଛି ମାସ ପାଇଁ ଦାୟିତ୍ୱରୁ ନିବୃତ ରଖିଥିଲା। ପରେ ଅନ୍ୟ ୨ଟି ଗୋଷ୍ଠୀକୁ ବନ୍ତ ବ୍ଲକ୍ ବଣ୍ଟନ ଦାୟିତ୍ୱ ଦେଇଥିଲା। ବନ୍ତ ବ୍ଲକ ଦାୟିତ୍ୱରେ ଥିବା ମନ୍ତ୍ରବାସୁଳୀ ଗୋଷ୍ଠୀ ୪ କେଜି ଛତୁଆ ଦେବା ବଦଳରେ ୩ କେଜି ୫୦୦ ଗ୍ରାମ ଛତୁଆ ପ୍ରଦାନ କରିବା



ସହିତ ଏହାର ମାନ ନିମ୍ନମାନର ବୋଲି ଅଭିଯୋଗ ଆସିଥିଲା। ମୁଢ଼ି ଓଜନ ମାପରେ କମ୍ ଥିବା ବେଳେ ସୁଜି ଓ ବେସନରେ ଲମ୍ବା ଧଳା ପୋକ, ବାଦାମ ଲଡୁରେ ପୋକରା ବାଦାମ ବ୍ୟବହାର, ମୁଢ଼ିରେ ବାଲି ବାହାରୁଥିବା ବେଳେ ପୋକରା ସୋଲା, ନିମ୍ନମାନର ଖଜୁରୀ ପ୍ରଦାନ ନେଇ ସାଧାରଣରେ ଅଭିଯୋଗ ହୋଇଥିବାବେଳେ ଏ ସମ୍ପର୍କରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଜିଲ୍ଲାପାଳ ଘଟଣାର ତଦନ୍ତ ନିମନ୍ତେ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇବା ପରେ ଶୁକ୍ରବାର ବନ୍ତ ବ୍ଲକର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରେ ଉପଜିଲ୍ଲାପାଳ ଦେବବ୍ରତ ମହାପାତ୍ର, ବନ୍ତ ସିଡିପିଓ ଆଲାଦୀ ମାରାଣ୍ଡି ଓ ସୁପରଭାଇଜରଙ୍କ ଉପସ୍ଥିତିରେ ସମସ୍ତ ଖାଦ୍ୟ ଯାଞ୍ଚ କରାଯାଇଛି। ଯାଞ୍ଚବେଳେ କିଛି ଉପଭୋକ୍ତା ଖାଦ୍ୟ ନିମ୍ନମାନର ବୋଲି ଉପଜିଲ୍ଲାପାଳଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ। କିଛି ଅଙ୍ଗନବାଡ଼ିର ଖାଦ୍ୟ ମାନ ଠିକ୍ ଅଛି କି ନାହିଁ ତାହା ଜାଣିବା ପାଇଁ ନମୁନା ସଂଗ୍ରହ କରାଯାଇଛି।

## ବଡ଼ପଡ଼ିଆ ମାର୍କେଟ ପରିବା ବ୍ୟବସାୟୀଙ୍କ ଦୁଃଖ

# ଅସରାଏ ବର୍ଷାରେ ଭାସିଲା ପନିପରିବା

ପାରାଦୀପ,୧୦।୪(ସମିସ)



ପାରାଦୀପ ଏକ ଏକମାତ୍ର ବ୍ୟବସାୟିକ ପେଣ୍ଠସ୍ଥଳ କୁହାଯାଉଥିବା ବଡ଼ପଡ଼ିଆ ମାର୍କେଟ ପରିବା ବ୍ୟବସାୟୀଙ୍କ ଦୁଃଖ ଓ ଦୁର୍ଦ୍ଦଶା ଏବେ ଅଣଆୟତ୍ତ ହୋଇ ପଡିଛି। ପୂର୍ବରୁ ପରିବା ମାର୍କେଟରେ ନିଆଁ ଲାଗି ଯେତିକି କ୍ଷତି ପହଞ୍ଚାଇ ଥିଲା ତା' ଠାରୁ ଅଧିକ ଦୁଃଖ ଦେଇଛି ଏବେ ବ୍ୟବସାୟ କରିବା। ପୁଣି ଆଗକୁ ମାତ୍ର କେଇଟା ମାସ ପରେ ବର୍ଷା ଦିନ ଆସିବ। ଏବେ କିନ୍ତୁ ଅସରାଏ ବର୍ଷା ହୋଇଥିବା ବେଳେ ସ୍ଥିତି ବେହାଲ ହୋଇପଡ଼ିଲାଣି। ତେବେ ଦୁଃଖ ପରେ ଦୁଃଖ ପରିବା ବ୍ୟବସାୟୀଙ୍କୁ ଧରାଶାୟୀ କରିଦେଇଛି। ଦୁର୍ଦ୍ଦଶା କମିବାର ନାଁ ଧରୁନି। ଗତ ଦୁଇମାସ ତଳେ ବଡ଼ପଡ଼ିଆ ପରିବା ମାର୍କେଟରେ ଘଟିଥିବା ଭୟାବାହ ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇ ନିଃସହାୟ ହୋଇପଡିଥିବା ବ୍ୟବସାୟୀମାନଙ୍କୁ ବିଭିନ୍ନ ସଂଗଠନ ତରଫରୁ ସାହାଯ୍ୟ ସହଯୋଗ ମିଳିବା ପରେ ଅସ୍ଥାୟୀ ଭାବରେ ପାରାଦୀପ ବନ୍ଦର ପ୍ରଶାସନିକ ଭବନ ପାଶ୍ୱର୍ରେ ରହିଥିବା ରାସ୍ତାରେ ପାରିବା ବ୍ୟବସାୟ କରୁଥିବା ବେଳେ ଖରାଦିନର ଅଦିନିଆ ଅସରାଏ ବର୍ଷାରେ ରାସ୍ତାରେ ପାଣି ଲହଡ଼ି ଖେଳିବା ସହିତ ଦୋକାନରେ ମଧ ପାଣି ପସିଯାଉଛି। ଯାହା ଫଳରେ ବେପାର କରିବା ଦୂରର କଥା ଗ୍ରାହକ ଠିଆହେବା ପାଇଁ ଜାଗା ମିଳୁନି। ଯାହା ଫଳରେ ଦୁଃଖ ଦୁର୍ଦ୍ଦଶାରେ ଗତି କରୁଛନ୍ତି ବଡ଼ପଡ଼ିଆ ମାର୍କେଟର ଏହି ପରିବା ବ୍ୟବସାୟୀ। ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇ ଦୟନୀୟ ଅବସ୍ଥା ଦେଇ ଗତି କରୁଥିବା ଏହି ବ୍ୟବସାୟୀ ମନେ ସ୍ଥାୟୀ ପିଣ୍ଡି ନିର୍ମାଣ କରିବା ପାଇଁ କରୁଥିବା ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବାର କିଛିଦିନ ମଧ୍ୟରେ ନୂଆ ପିଣ୍ଡି ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଯାହାକୁ ନେଇ ପରିବା ବ୍ୟବସାୟୀମାନେ କିଛି ପରିମାଣରେ ଆଶ୍ୱସ୍ତ ହୋଇଥିବା ବେଳେ ପାରାଦୀପ ପୋର୍ଟ ବଣିକ ସଙ୍ଘର କର୍ମକର୍ତ୍ତାମାନଙ୍କ ମଧ୍ୟରେ ବାହାଦୂରି ନେବା ପାଇଁ ମଧ ପ୍ରତିଦ୍ୱନ୍ଦିତା ଲାଗିରହିଥିବା ଭଳି କଥା ମାର୍କେଟ ଅଞ୍ଚଳରେ ଚର୍ଚ୍ଚା ଥମି ନ ଥିବା ବେଳେ ଏହି ପିଣ୍ଡି କେବେ ନିର୍ମାଣ ହେବ ତାହାକୁ ନେଇ ଅନିଶ୍ଚିତତା ମଧ୍ୟରେ ଗତି କରୁଛନ୍ତି ବ୍ୟବସାୟୀ। ଏବେ ଅସ୍ଥାୟୀ ଭାବେ ବଣ୍ଟନ ହୋଇଥିବା ଜାଗାରେ ଏହା ମଧ୍ୟରେ ଅସରାଏ ବର୍ଷା ବ୍ୟବସାୟୀ ମାନଙ୍କ ଦୁଃଖ ଦ୍ୱିଗୁଣିତ କରିଦେଇଛି। ଆଉ କିଛିଦିନ ପରେ ବର୍ଷଦିନ ଆସୁଥିବାରୁ ଆମମାନଙ୍କୁ ଯଥାଶୀଘ୍ର ପିଣ୍ଡି ନିର୍ମାଣ କରି ଦେଲେ ଆମେ ଓ ଆମ ପରିବାର ଅନ୍ତତଃ ପକ୍ଷେ ବଞ୍ଚି ଯାଇ ପାରନ୍ତୁ ବୋଲି କହିଛନ୍ତି ପାରାଦୀପ ବଡ଼ପଡ଼ିଆ ମାର୍କେଟର ପରିବା ବ୍ୟବସାୟୀ।

# ତିର୍ତ୍ତୋଲରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ



ତିର୍ତ୍ତୋଲ,୧୦।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ସାରଳା ଦାସ ସମ୍ମିଳନୀ କକ୍ଷରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ବିଡିଓ ଗିରିଜା ଶଙ୍କର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ସତ୍ୟଜିତ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାଜଲ ସାହୁ ପ୍ରମୁଖ ଯୋଗଦେଇଥିଲେ। ତିର୍ତ୍ତୋଲ ଅଞ୍ଚଳର କଳାକାର ଓଡ଼ିଆ ସିନେ ନିର୍ଦ୍ଦେଶକ ଦେବୀଦତ୍ତ ମହାନ୍ତି, ଜୟପ୍ରକାଶ ମହାନ୍ତି, ବିଶିଷ୍ଟ ଗୀତିକାର ଅରୁଣ ମନ୍ତ୍ରୀ, ୟୁଟ୍ୟୁବର ହାସ୍ୟ କଳାକାର ଚନ୍ଦନ ବିଶ୍ୱାଳ, ମାଇକେଲ୍ ମଙ୍ଗୁଳିଆ, ସାରଳା ଘଟ ନୃତ୍ୟ ନିର୍ଦ୍ଦେଶକ ରମାକାନ୍ତ ରାଉଳ, ପାଲା ଗାୟିକା ଲକ୍ଷ୍ମୀପ୍ରିୟା ସ୍ୱାଇଁ ପ୍ରମୁଖ ଯୋଗଦେଇ ନିଜର କଳାକାର ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ କଳାକାରମାନଙ୍କୁ ଉତ୍ତରୀୟ ମାନପତ୍ର ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ତିର୍ତ୍ତୋଲ ସରପଞ୍ଚ ମହାପାତ୍ର, ଇବ୍ରିସିଂ ସମିତି ସଭ୍ୟା ସୁଭଦ୍ରା ଦାସ, ବିଶିଷ୍ଟ ପାଲା ଗାୟକ ଶିଶିର ପଣ୍ଡା, ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିପିଓ ବିଶ୍ୱଜିତ୍ ମହାପାତ୍ରଙ୍କ ସମେତ ବ୍ଲକ କର୍ମଚାରୀ ମାନେ ପରିଚାଳନରେ ସହଯୋଗ କରିଥିଲେ।

# ଥାନା ଛକରେ ବୁଦ୍ଧିଜୀବୀଙ୍କ ଧାରଣା



ଜଗତସିଂହପୁର,୧୦।୪(ସମିସ): ୫ ଦଫା ଦାବି ପୂରଣ ନେଇ ଆଇନଜୀବୀ ବାସୁଦେବଙ୍କ ନେତୃତ୍ୱରେ ଆଜି ଜଗତସିଂହପୁର ଥାନା ଛକରେ ବିଭିନ୍ନ ବର୍ଗର ବ୍ୟକ୍ତି ମାନେ ଧାରଣାରେ ବସିଥିଲେ। ସକାଳ ୧୦ ଘଣ୍ଟା ଠାରୁ ଆରମ୍ଭ ହୋଇଥିବା ଏହି ଧାରଣା ଅପରାହ୍ନ ୫ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ୫ଟି ଦାବି ମଧ୍ୟରୁ ୩ଟି ପୂରଣ ହୋଇଥିବାରୁ ସାମୟିକ ଭାବେ ଧାରଣା ପ୍ରତ୍ୟାହୃତ ହୋଇଥିବା ବାସୁଦେବ ସୂଚନା ଦେଇଛନ୍ତି। ପ୍ରଥମ ଦାବି ଜଗତସିଂହପୁର ଥାନାର ଆଇଆଇସିଙ୍କୁ ବଦଳି ଯାହା ଚାରିଦିନ ତଳେ କାର୍ଯ୍ୟକାରୀ ହୋଇଛି। ସେହିପରି ଗତ ଏପ୍ରିଲ ୧ ତାରିଖ ଦିନ ସକାଳୁ ଚାଷୀଙ୍କର ସ୍ୱାର୍ଥ ପାଇଁ ଲଢୁଥିବା ଏବଂ ଅନଶନରେ ବସିଥିବା କୃଷକ ନେତା ଦେବୀ ପ୍ରସାଦ ମହାରଣା, ପ୍ରମୋଦ ଦାଶ, ରଘୁନାଥ ନାୟକ ପ୍ରମୁଖ ୩ ଜଣ ସଂଗ୍ରାମୀଙ୍କୁ ଜୋର ଜବରଦସ୍ତ ଉଠାଇ ନେଇ ସେମାନଙ୍କର ଅନଶନ ସ୍ଥଳରେ ଥିବା ସିଲଭର ଡେକିଚି, ସିଲିଭର କଂସା, ଗ୍ଲାସ ଓ ଲେମ୍ବୁ କାଟିବା ପାଇଁ ଥିବା ଛୋଟ ଛୁରି ପୁଲିସ ନେଇଯାଇଥିଲେ। ଏହାକୁ ଫେରସ୍ତ ପାଇଁ ୨ୟ ଦାବି ଥିଲା। ଆଜି ଧାରଣା ଚାଲିଥିବା ବେଳେ ଅପରାହ୍ନ ୫ଟାରେ ପୁଲିସ ବିଭାଗ ପକ୍ଷରୁ ନୂଆ ବାସନ କିଣି ନବନିର୍ମାଣ କୃଷକ ସଂଗଠନର ସଂଗ୍ରାମୀଙ୍କୁ ଫେରାଇ ଦିଆଯାଇଥିଲା। ତୃତୀୟ ଦାବି ଥିଲା ରାଜରାସ୍ତାରେ ଘରର ନର୍ଦ୍ଦମା ଜଳ ଛାଡ଼ିବା ବନ୍ଦ କରାଯାଉ। ଆଜି ପ୍ରଥମ ପର୍ଯ୍ୟାୟରେ ପୌର ପରିଷଦ ପକ୍ଷରୁ ବଡ଼ବଜାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପାଖ ରାସ୍ତାରେ ନର୍ଦ୍ଦମା ପାଣି ସଫା କାର୍ଯ୍ୟ ଆରମ୍ଭ ହୋଇଛି। ଏ ସମ୍ପର୍କରେ ଆସନ୍ତା ସୋମବାର ଅଧିକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି ଧାରଣା ସ୍ଥଳରେ ସ୍ଥିର କରାଯାଇଛି। ୩ଟି ଦାବି ପୂରଣ ହୋଇଥିବାରୁ ସାମୟିକ ଭାବେ ଧାରଣା ସ୍ଥଗିତ ରହିଲା ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ବାସୁଦେବ ପ୍ରକାଶ କରିଛନ୍ତି। ତେବେ ଅନ୍ୟ ଦୁଇଟି ଦାବି ଜିଲ୍ଲା ସଦର ମହକୁମାରେ ଥିବା ଥାନାକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ବନ୍ଦ୍ କରିବା ଏବଂ ଜିଲ୍ଲା ସବ୍ ରେଜିଷ୍ଟ୍ରାର ଅଫିସକୁ ସହର ବାହାରକୁ ସ୍ଥାନାନ୍ତର ବନ୍ଦ କରିବା ନେଇ ଆଗାମୀ ଦିନରେ ବିଭିନ୍ନ ପର୍ଯ୍ୟାୟରେ ନୂତନ ଧରଣର ଆନ୍ଦୋଳନ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଚାଷୀ ନେତା ଅଶୋକ ସ୍ୱାଇଁ, ସ୍ନେହାଂଶୁ ଜେନା ଏବଂ ସାରଦା ରାୟ ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଥିଲେ।

# ଜିଲ୍ଲା ପରିଷଦର ସପ୍ତମ ସାଧାରଣ ବୈଠକ



ଜଗତସିଂହପୁର,୧୦।୪(ସମିସ): ଜଗତସିଂହପୁର ଜିଲ୍ଲା ପରିଷଦର ସପ୍ତମ ସାଧାରଣ ବୈଠକ ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ସାଂସଦ ବିଭୁ ପ୍ରସାଦ ତରାଇ ଯୋଗଦେଇ, ସମାଜର ପଛଧାଡ଼ିରେ ରହିଥିବା ଲୋକର ବିକାଶ ହୋଇପାରିଲେ ହିଁ ଜିଲ୍ଲା ତଥା ରାଜ୍ୟର ବିକାଶ ଦ୍ୱିଗୁଣିତ ହୋଇପାରିବ। ଜିଲ୍ଲା ପ୍ରଶାସନ ଏବଂ ଜନ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରଖି ସମସ୍ତ କାର୍ଯ୍ୟ ସମ୍ପାଦନ ପାଇଁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ଯୋଗଦେଇ ସ୍ଥାନୀୟ ସମସ୍ୟାକୁ ସଠିକ୍ ଭାବେ ପ୍ରଶାସନ ନିକଟରେ ପହଞ୍ଚାଇବା ସହ ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନିକ କଳର ସମନ୍ୱୟରେ ଜିଲ୍ଲାର ଅଗ୍ରଗତି ହେବ ବୋଲି କହିଥିଲେ। ଜିଲ୍ଲାପାଳ ଜେ. ସୋନାଲ ମଧ ଜନପ୍ରତିନିଧି ଓ ପ୍ରଶାସନର ମିଳିତ ଉଦ୍ୟମରେ ଜିଲ୍ଲାର ଉନ୍ନତି ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ପ୍ରଥମେ କୃଷି ବିଭାଗର ବିଭିନ୍ନ କାର୍ଯ୍ୟାବଳୀ ଉପରେ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ 'ଧରତି ମାତା ବଚାଓ' ଅଭିଯାନରେ ଜୈବିକ ପଦ୍ଧତିରେ ଚାଷ, ପିଏମ୍ କିଷାନ୍, ସିଏମ୍ କିଷାନ୍, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଡିଜିଟାଲ କ୍ରପ୍ ସର୍ଭେ ବିଷୟରେ ଆଲୋଚନା ହୋଇଥିଲା। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୌଳିକ ସୁବିଧା ଯୋଗାଣ ବିଷୟରେ ଆଲୋଚନା ହୋଇଥିଲା। ଗ୍ରାମ ସଭା ଦ୍ୱାରା ଏଚ୍‌ପିଭି କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରିବା, ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରରେ ମଧ କିଶୋରୀମାନଙ୍କୁ ସଚେତନ କରିବା ନେଇ ଆଲୋଚନା ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଶିକ୍ଷକ ନିଯୁକ୍ତି, ଜଳସେଚନ ବିଭାଗରେ ଅକାମୀ ଉଠା ଜଳସେଚନ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବା ବିଷୟରେ ଆଲୋଚନା ହୋଇଥିଲା। ନିୟମିତ ଭାବେ କେନାଲ ସଫେଇ, ଖନନ, ଜଳ ଯୋଗାଣ ଓ ଆବଣ୍ଟନ ବିଷୟରେ ଆଲୋଚନା ହୋଇଥିଲା। ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ଡ୍ରେନେଜ୍ ବିଭାଗ, ମହାନଦୀ ଦକ୍ଷିଣ ବିଭାଜନ, କଟକ, ଉପ-ନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ବିଷୟରେ ଆଲୋଚନା ହୋଇଥିଲା। ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ ଯୋଗାଣ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ପୂର୍ତ୍ତ, ଗୃହ ନିର୍ମାଣ ଓ ଗ୍ରାମ ଉନ୍ନୟନ ବିଭାଗ, ସମବାୟ ବିଭାଗ ବିଷୟରେ ଆଲୋଚନା ହୋଇଥିଲା। ଜିଲ୍ଲା ପରିଷଦ ଉପସଭାପତି ସୁଜାତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଜିଲ୍ଲା ପରିଷଦ ସଭ୍ୟସଭ୍ୟା, ପଞ୍ଚାୟତ ସମିତି ଅଧକ୍ଷ ଅଧକ୍ଷା, ବିଡିଓ, ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସାରସ୍ୱତ ମହାମଞ୍ଚ ଗଠନ

ଏରସମା,୧୦।୪(ସମିସ): ଶାଗବାରିଆ ସୁଶ୍ରୀ ଶୁଭଶ୍ରୀ କାର୍ଯ୍ୟାଳୟ ପରିସରରେ ପୂଜ୍ୟପୂଜା ସାହିତ୍ୟ ସଂସଦ, ପ୍ରେରଣା, ଗଙ୍ଗୋତ୍ରୀ, ସୁଶ୍ରୀ ଶୁଭଶ୍ରୀ, ନିଖିଳ ଉତ୍କଳ ଲେଖିକା ମଞ୍ଚ, ବଟଶ୍ରୀ, ପ୍ରୀତି ପୌର୍ଣ୍ଣମାସୀ ସାହିତ୍ୟ ମଞ୍ଚର କର୍ମକର୍ତ୍ତାଗଣଙ୍କ ନିଷ୍ପତ୍ତି ଅନୁସାରେ ଏକ ସାରସ୍ୱତ ମହାମଞ୍ଚ ଗଠନ କରାଯାଇଛି। ଏହି ମହାମଞ୍ଚ ପକ୍ଷରୁ ସାରସ୍ୱତ କାର୍ଯ୍ୟମାନ ଅନୁଷ୍ଠିତ ହେବା ସଙ୍ଗେ ସଙ୍ଗେ ନୂତନ ସାରସ୍ୱତ ସାଧକ ମାନଙ୍କୁ ଅନ୍ୱେଷଣ କରାଯାଇ ଆଗାମୀ ପିଢ଼ିର ସାରସ୍ୱତ ସାଧନାକୁ ବଳବତ୍ତର କରାଯିବାର ପ୍ରୟାସ ଜାରି ରହିବ। ଏହି ମହାମଞ୍ଚରେ ପଣ୍ଡିତ ନାଗୁ ଚରଣ ଦେବତାଙ୍କୁ ସଭାପତି, ପ୍ରଶାନ୍ତ କୁମାର ସେଠୀ ସମ୍ପାଦକ, ପରିଚାଳନା ସମ୍ପାଦିକା ଡ. ବସନ୍ତ ମଞ୍ଜରୀ ଦାସ, କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଅରୁଣ କୁମାର ବେହେରା, ସଂଯୋଜକ ନଗେନ୍ଦ୍ରନାଥ ସ୍ୱାଇଁ, ଉପସଭାପତି ମହେଶ୍ୱର ସ୍ୱାଇଁ, ହେମନ୍ତ କୁମାର ନାୟକ, ସହସମ୍ପାଦକ ହୃଷୀକେଶ ଜେନା ଓ ଯଯାତି କେଶରୀ ସାମନ୍ତରାୟ, ସଂଗଠନ ସମ୍ପାଦକ ତୃପ୍ତି ରଞ୍ଜନ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ଅରୂପାନନ୍ଦ ସ୍ୱାଇଁ, ଡାକ୍ତର ତନ୍ମୟ କୁମାର ସେଠୀ, ବୈଦ୍ୟନାଥ ସାହୁ, କ୍ଷୀରୋଦ ଚନ୍ଦ୍ର ସେଠୀ, ପ୍ରେମଚରଣ ରାଉତ, ବିଭୂଷିତା ଦାସ, ସଂଗ୍ରାମ କେଶରୀ ସ୍ୱାଇଁ, ସୁଶ୍ରୀ ନିର୍ମଳା ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଥିଲା ବେଳେ ଆଇନ ପରାମର୍ଶଦାତା ଭାବରେ ଆଇନଜୀବୀ ମଞ୍ଜୁଲତା ରାଉତ ଓ ଆଇନଜୀବୀ ଡ. ବୀରନାରାୟଣ ପାତ୍ରଙ୍କୁ ଚୟନ କରାଯାଇଛି।

# ଧର୍ମ ପରାୟଣ ମହିଳାଙ୍କ ବିୟୋଗ



ନାଉଗାଁ,୧୦।୪(ସମିସ): ନାଉଗାଁ ବ୍ଲକ ଅଧୀନସ୍ତ ନାଉଗାଁ ପଞ୍ଚାୟତ ଗୋଠଦା ଇଛାପୁରୁ ଗ୍ରାମର ସ୍ୱର୍ଗତ ଭ୍ରମରବର ରାୟଙ୍କ ଧର୍ମପତ୍ନୀ ପ୍ରେମଲତା ରାୟଙ୍କ ୮୨ବର୍ଷ ବୟସରେ ଆଜି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଗୋଠଦା ମଠର ମହନ୍ତ ମହାରାଜ ଚିନ୍ତାମଣୀ ପର୍ବତ ଗୋସ୍ୱାମୀ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଚିରଞ୍ଜିବୀ ବିଶ୍ୱାଳ, ପ୍ରଶାନ୍ତ କୁମାର ମୁଦୁଲି, ଜ୍ୟୋତିଷଚନ୍ଦ୍ର ଦାସ, ଛାତ୍ର ନେତା ସୁନୀଲ କୁମାର ମାଟିଆ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶେଷମୁଣ୍ଡରେ ଥିବା ଶ୍ମଶାନରେ ତାଙ୍କ ସଂସ୍କାର କରାଯାଇଛି। ମୁଖାଗ୍ନି ବେଳେ ବଡ଼ ପୁଅ ଦିଲ୍ଲୀପ ଓ ସାନ ପୁଅ ପ୍ରଦୀପ ଉପସ୍ଥିତ ଥିଲେ।

# ଧର୍ମପ୍ରାଣ ମହିଳାଙ୍କ ପରଲୋକ

ରଘୁନାଥପୁର,୧୦।୪(ସମିସ): ରଘୁନାଥପୁର ବ୍ଲକ ଅଧୀନସ୍ଥ ଜଗନ୍ନାଥପୁର ପଞ୍ଚାୟତର କୁଆମଙ୍ଗା (ବିରାଟକଟକ) ଗ୍ରାମର ଧର୍ମପରାୟଣ ଓ ସମାଜସେବୀ ସୀତା ସାହୁ



(୮୫) ପରଲୋକ ହୋଇଯାଇଛି। ସକାଳେ ଅସୁସ୍ଥ ଅନୁଭବ କରିବାକୁ ତାଙ୍କୁ ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ଚିକିତ୍ସା କରି ତାଙ୍କୁ ନିଜ ବାସଭବନକୁ ଫେରାଇ ଦେଇଥିଲେ। ଗୁରୁବାର ଭୋର ୪ଟା ୩୦ସମୟରେ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କ ବିୟୋଗରେ ରଘୁନାଥପୁର ବ୍ଲକ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ ପାଇଁ ତାଙ୍କ ବାସଗୃହକୁ ଯାଇଥିଲେ। ତାଙ୍କ ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିବାବେଳେ ବଡ଼ପୁଅ ଅକ୍ଷୟ ମୁଖାଗ୍ନି ଦେଇଥିଲେ।

# ୧୩ରୁ ଜୁନ୍ ୮ ପର୍ଯ୍ୟନ୍ତ ସକାଳୁଆ ଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,୧୦।୪(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏପ୍ରିଲ୍ ୧୦ ତାରିଖରୁ ଜିଲ୍ଲାରେ ସକାଳୁଆ ଅଫିସ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଏପ୍ରିଲ ୧୩ ତାରିଖ ଠାରୁ ୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ୍ କାର୍ଯ୍ୟାଳୟ ଓ ଜିଲ୍ଲା କାର୍ଯ୍ୟାଳୟ ଠାରେ ସକାଳ ୭ ଘଟିକାରୁ ସକାଳ ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆସନ୍ତା ଏପ୍ରିଲ୍ ୧୩ ତାରିଖରେ ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ଅନୁରୋଧ କରାଯାଇଛି।

# ସୁଶ୍ରୀ ଶୁଭଶ୍ରୀ ପକ୍ଷରୁ ଚାରାବଣ୍ଟନ

ତିର୍ତ୍ତୋଲ,୧୦।୪(ସମିସ): ପଦ୍ମଶ୍ରୀ ବାବା ବଳିଆଙ୍କ ୭୨ତମ ଜୟନ୍ତି ଉତ୍ସବ ଉପଲକ୍ଷେ ରାହାମା ଠାରେ ଆୟୋଜିତ ସମାରୋହରେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ତିର୍ତ୍ତୋଲ ବ୍ଲକ ସାଗବାରିଆ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ପକ୍ଷରୁ ୭୨ଗୋଟି ବିଭିନ୍ନ ପ୍ରକାର ଚାରାବଣ୍ଟନ କରାଯାଇଛି। ଜ୍ୟୋତିର୍ବିଦ ଡ. ଅରୁଣ ପାଣି ଓ ସମାଜସେବୀ ଶିଶିର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଚାରାବଣ୍ଟନ କାର୍ଯ୍ୟକ୍ରମରେ ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ଡ. ବସନ୍ତ ମଞ୍ଜରୀ ଦାସ ଚାରାବଣ୍ଟନ କରିଥିଲେ। କର୍ମକର୍ତ୍ତା ପରିବେଶବିତ ଉତ୍କଳ ରଞ୍ଜନ ମହାନ୍ତି, ପଣ୍ଡିତ ନାଗୁଚରଣ ଦେବତା, ମହେଶ୍ୱର ସ୍ୱାଇଁ, ହେମନ୍ତ ନାୟକ, ଆଇନଜୀବୀ ମଞ୍ଜୁଲତା ରାଉତ, ଅଧାପିକା ରାଜଶ୍ରୀ ସ୍ୱାଇଁ, ରାକେଶ ପ୍ରମୁଖ ସହଯୋଗ କରିଥିଲେ। ସଂସଦର ସଭାପତି ପ୍ରେମ ଚରଣ ରାଉତ ଧନ୍ୟବାଦ ଦେଇଥିଲେ।

# ପରିବେଶଭିତ୍ତିକ ପତ୍ରିକା 'ସବୁଜିମା' ଲୋକାର୍ପିତ



ଜଗତସିଂହପୁର,୧୦।୪(ସମିସ): ଓଡିଶା ପରିବେଶ ସମିତି ଭୁବନେଶ୍ୱର ଦ୍ୱାରା ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରଠାରେ ଆୟୋଜିତ ୭୭ତମ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ତ୍ରୟମାସିକ ପରିବେଶଭିତ୍ତିକ ପତ୍ରିକା 'ସବୁଜିମା' ଲୋକାର୍ପିତ ହୋଇଯାଇଛି। କୁଜଙ୍ଗ ବ୍ଲକ ଅନ୍ତର୍ଗତ ନାରାୟଣ ବୀରବର ସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଝିମାଣୀର ଅଧ୍ୟକ୍ଷା ଡ. ବନପ୍ରଭା ପରିଡ଼ାଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ଉକ୍ତ ପତ୍ରିକାର ଏପ୍ରିଲ-ମେ-ଜୁନ୍ ସଂଖ୍ୟା ମୁଖ୍ୟଅତିଥି ଭାବେ ଆଞ୍ଚଳିକ ଚିକିତ୍ସା ଗବେଷଣା କେନ୍ଦ୍ରର ପୂର୍ବତନ ବୈଜ୍ଞାନିକ (ଜି) ଡ. ମନୋରଞ୍ଜନ ରଞ୍ଜିତଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ସମିତିର କାର୍ଯ୍ୟକାରୀ ସଭାପତି ବିଶିଷ୍ଟ ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ସଂଯୋଜକ ଡ. କପିଳ ଜୈନ, ଶିକ୍ଷାଧିକାରୀ ନିକୁଞ୍ଜ ବିହାରୀ ସାହୁ, ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ସଂଗଠନ ସମ୍ପାଦକ ସାହିତ୍ୟିକ ନଗେନ୍ଦ୍ରନାଥ ସ୍ୱାଇଁ, ସହସମ୍ପାଦିକା ସୁଶ୍ରୀ ଚିନ୍ମୟୀ ଚିତ୍ରପୁଷ୍ପା, ସମିତିର ସହ ସମ୍ପାଦିକା ଡ. ସୁରଭି ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମିତିର ଉପସଭାପତି ତଥା ସୁଲେଖକ ଡ. ବିଜୟକେତନ ପଟ୍ଟନାୟକ, ଡ. ଲାଲା ଏକେ ସିଂହ, ପ୍ରଫେସର ନିମାଇଁ ଚରଣ ମିଶ୍ର, ଡ. ଲଡୁକେଶ ପ୍ରସାଦ ମିଶ୍ର, ଏକାଦଶୀ ନନ୍ଦୀ, ରମେଶ ଚନ୍ଦ୍ର ପଣ୍ଡା, ପର୍ଶୁରାମ ପଣ୍ଡା, ସ୍ୱପ୍ନା ବେହେରା ଏବଂ ବିଜ୍ଞାନକେନ୍ଦ୍ରର ପ୍ରଶିକ୍ଷକମାନେ ଉପସ୍ଥିତ ଥିଲେ।

## ସିଏମ୍ ଟ୍ରଫି ଆନ୍ତଃ କ୍ଲବ୍ ଓ ଆନ୍ତଃ ଜିଲ୍ଲା

# କବାଡ଼ି, ଭଲିବଲ, ଖୋଖୋ ପ୍ରତିଯୋଗିତା ଉଦ୍‌ଘାଟିତ



ଜଗତସିଂହପୁର,୧୦।୪(ସମିସ): ଆଜି ପୂର୍ବାହ୍ନରେ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିଅମ ପରିସରରେ ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା କବାଡ଼ି, ଭଲିବଲ, ଖୋଖୋ ପ୍ରତିଯୋଗିତା ଏବଂ କ୍ରୀଡ଼ା, ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ଜଗତସିଂହପୁର ସୌଜନ୍ୟରୁ ଉଦ୍‌ଘାଟିତ ହୋଇଯାଇଛି। ଜଗତସିଂହପୁରର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଜଗତସିଂହପୁରର ସାଂସଦ ବିଭୁ ପ୍ରସାଦ ତରାଇ ମୁଖ୍ୟଅତିଥି, ବାଲିକୁଦା -ଏରସମାର ବିଧାୟକ ସାରଦା ପ୍ରସନ୍ନ ଜେନା, ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ଜିଲ୍ଲା କ୍ରୀଡା ସଂସଦର ସଭ୍ୟ ସାଧୁଚରଣ ମହାନ୍ତି ଏବଂ ପ୍ରସନ୍ନ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଅଲଣାହାଟ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସମ୍ପାଦକୀୟ ବିବରଣୀ ଓ ଉତ୍ସବର ଅଭିମୁଖ୍ୟ ପ୍ରଦାନ କରିଥିଲେ ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ ଦୋଳଗୋବିନ୍ଦ ଦାଶ। ଜିଲ୍ଲାର କ୍ରୀଡା ଶିକ୍ଷକ ମାନେ ଉତ୍ସବ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ସିଏମ୍ ଟ୍ରଫି ପ୍ରତିଯୋଗିତା ଚଳିତ ମାସ ୧୦ ତାରିଖରୁ ଆରମ୍ଭ ହୋଇ ୧୩ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ପ୍ରାୟତଃ ୪୦୦ ଜଣ ପ୍ରତିଯୋଗୀ ଯୋଗ ଦେଇଥିଲେ।

## ପିସିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଡିକେଟି ଷ୍ଟାର୍ସ ଓ ପାରାଦୀପ ସୁପର୍ କିଙ୍ଗସ୍ ବିଜୟୀ

ପାରାଦୀପ, ୧୦।୪ (ସମିସ)




ପିସିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର କ୍ୱଲିଫାଇ ପ୍ରଥମ ମ୍ୟାଚ୍‌ଟି ଏନ୍‌ଏସି ପଡ଼ିଆ ଠାରେ ଆରମ୍ଭ ହୋଇଥିଲା। ଶ୍ରୀରାମ ସ୍ୱୋର୍ଟିଂ ଓ ଡିକେଟି ଷ୍ଟାର୍ସ ମଧ୍ୟରେ ମ୍ୟାଚ୍ ଖେଳା ଯାଇଥିଲା। ଡିକେଟି ଷ୍ଟାର୍ସ ଟସ୍ ଜିତି ବୋଲିଂର ନିଷ୍ପତ୍ତି ନେଇଥିଲା। ଶ୍ରୀରାମ ସ୍ୱୋର୍ଟିଂ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରେଇ ମୋଟ୍ ୧୧୮ ରନ୍ ସଂଗ୍ରହ କରିପାରିଥିଲା। ଦ୍ୱିତୀୟ ଇନିଂସ୍‌ରେ ଶକ୍ତିଶାଳୀ ଡିକେଟି ଷ୍ଟାର୍ସ ମାତ୍ର ୧୭ ଓଭରରେ ୬ ୱିକେଟ୍ ହରାଇ ୧୧୯ ରନ୍ କରି ଅତି ସହଜରେ ମ୍ୟାଚ୍‌ଟିକୁ ଜିତିଯାଇ ସିଧାସଳଖ ଫାଇନାଲରେ ପ୍ରବେଶ କରିଛି। ପ୍ରତ୍ୟୁଷ୍ ମହାନ୍ତି ୪୭ ବଲରେ ୭୯ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପାରାଦୀପ ଅଞ୍ଚଳର ସମାଜସେବୀ ଭଗବାନ ସ୍ୱାଇଁ ପୁରସ୍କାର ପ୍ରଦାନ କରିଛନ୍ତି। ଦିତୀୟ ମ୍ୟାଚ୍‌ଟି ମଧ ଏନ୍‌ଏସି ଫିଲ୍ଡରେ ପାରାଦୀପ ସୁପର୍ କିଙ୍ଗସ୍ ଓ ଜିପିସିଆଇ ହିରୋସ୍ ମଧ୍ୟରେ ଅପରାହ୍ନ ସମୟରେ ଖେଳାଯାଇଥିଲା। ସୁପର୍ କିଙ୍ଗସ୍ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ତାର ସମସ୍ତ ୱିକେଟ୍ ହରାଇ ମାତ୍ର ୧୩୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଜିପିସିଆଇ ହିରୋଜ ଏହି ରନ୍‌କୁ ପିଛା କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ମାତ୍ର ୧୩୧ ରନ କରି ପରାଜୟ ଶିକାର ହୋଇ ଏହି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛି। ସ୍ମୃତିରଞ୍ଜନ ଖଟୁଆ ୪ ଓଭରରେ ୨୭ ରନ୍ ଦେଇ ଗୋଟିଏ ୱିକେଟ୍ ଓ ବ୍ୟାଟିଂରେ ୩୧ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଚୟନ କରାଯାଇଥିଲା। ଆଜି ଅତିଥିଭାବେ ବିଶିଷ୍ଟ ବ୍ୟବସାୟୀ ଭଗବାନ ସ୍ୱାଇଁ ଏବଂ ସାମ୍ବାଦିକ ସଂଗ୍ରାମ ରାଉତ ଓ ପ୍ରଶାନ୍ତ କୁମାର ସ୍ୱାଇଁ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। କ୍ୱାଲିଫାଇ ଦିତୀୟ ପାଇଁ ଉତ୍ତୀର୍ଣ୍ଣ ହୋଇଛି ପାରାଦୀପ ସୁପର୍ କିଙ୍ଗସ୍। ଆସନ୍ତାକାଲି ଫାଇନାଲ ପୂର୍ବରୁ, ମହାଲଢ଼େଇ ଶ୍ରୀରାମ ସ୍ୱୋର୍ଟିଂ ସହିତ ପାରାଦୀପ ସୁପର୍ କିଙ୍ଗସ୍ ମଧ୍ୟରେ ଏହି ମ୍ୟାଚ୍ ହେବ। ଯେଉଁ ଦଳ ଜିତିବ ଆସନ୍ତା ରବିବାର ୧୨ ତାରିଖରେ ଡିକେଟି ଷ୍ଟାର୍ସକୁ ଫାଇନାଲ ମ୍ୟାଚ୍‌ରେ ଭେଟିବ। ପ୍ରଥମ ମ୍ୟାଚ୍‌ରେ ଦେବେନ୍ଦ୍ର ନାୟକ ଓ ନିରଞ୍ଜନ ଦାସ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ସଞ୍ଜୟ ବେହେରା ଓ ଜୟନ୍ତ କୁମାର ଦାସ ଖେଳ ପରିଚାଳନା କରିଥିଲେ।

# ସମ୍ବର୍ଦ୍ଧନା ସଭାରେ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ



**ଖଜୁରିଆକଟା,୧୦।୪(ସମିସ):** ସ୍ଥାନୀୟ ହିନ୍ଦୋଳ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ +୩ ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

ବିଭାଗୀୟ ମୁଖ୍ୟ ସୁକାନ୍ତ କୁମାର ପତି ସଭା ପରିଚାଳନା କରି ବିଭାଗର ଛାତ୍ରଛାତ୍ରୀଙ୍କ ନିଯୁକ୍ତି ସୁଯୋଗ ଓ ବ୍ୟାବହାରିକ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଦିଗରେ ଶିକ୍ଷକ ତଥା ଛାତ୍ରଛାତ୍ରୀ ଅଧିକ ଆଗ୍ରହ ପ୍ରକାଶ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର ଓ ଗଣିତ ବିଭାଗ ମୁଖ୍ୟ କ୍ୟାପଟେନ ଡ. କିଶୋର କୁମାର ପୃଷ୍ଟି ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ବିଷୟରେ ସଚେତନ କରିଥିଲେ। ଅଧ୍ୟାପିକା ଏଲିଶା ଖଡ଼ିରତ୍ନ ଧନ୍ୟବାଦ ଅର୍ପଣ କରିଥିଲେ। ଡେମୋନଷ୍ଟ୍ରେଟର ସରୋଜ କୁମାର ସାହୁ, ସୁଧାଂଶୁ ଶେଖର ମିଶ୍ର ଓ ସହାୟକ ତ୍ରିପୁରାରୀ ବେହେରା ସହଯୋଗ କରିଥିଲେ।

# 'ସାରଙ୍ଗଧରଙ୍କ ଜନ୍ମଭୂମିକୁ ଐତିହ୍ୟ ଗ୍ରାମ ମାନ୍ୟତା ମିଳୁ'

ଢେଙ୍କାନାଳ,୧୦।୪(ସମିସ)

ମହାନ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ସାଂସଦ ଓ ବିଧାୟକ ସ୍ୱର୍ଗତଃ ସାରଙ୍ଗଧର ଦାସଙ୍କ ଜନ୍ମଭୂମି ତଥା ପୈତୃକ ଗ୍ରାମ ସଦର ବ୍ଲକ୍ ନାଗିଆପଶି ପଞ୍ଚାୟତ ହରେକୃଷ୍ଣପୁର ଗ୍ରାମକୁ ଐତିହ୍ୟ ଗ୍ରାମ ତାଲିକାରେ ସାମିଲ୍ କରାଯାଇ ଏହାର ଯଥୋଚିତ ଉନ୍ନତି କରିବାକୁ ସାରଙ୍ଗଧର ଆଞ୍ଚଳିକ ଉନ୍ନୟନ ପରିଷଦ ହରେକୃଷ୍ଣପୁର ପକ୍ଷରୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷା ସୀମାରାଣୀ ନାୟକଙ୍କୁ ତାଙ୍କ କାର୍ଯ୍ୟଭାର ଗ୍ରହଣ ଅବସରରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପରିଷଦର ମୁଖ୍ୟ ଉପଦେଷ୍ଟା ପ୍ରଦ୍ୟୁମ୍ନ ରଥ, ସଭାପତି ଚିତ୍ତରଞ୍ଜନ ପୁହାଣ,



ସମ୍ପାଦକ ସୁଜିତ୍ କୁମାର ରାଜ, ଗ୍ରାମ ସଭାପତି ଡାକ୍ତର ବିଶ୍ୱାଳ, ପ୍ରକାଶ ଗୋଛାୟତ, ଲଳିତ ମୋହନ ପୃଷ୍ଟି, ରସାନନ୍ଦ ବିଶ୍ୱାଳ ଓ ବିଶ୍ୱଜିତ୍ ନାୟକ ପ୍ରମୁଖ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷା ନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ହରେକୃଷ୍ଣପୁରକୁ ଐତିହ୍ୟ ଗ୍ରାମ ମାନ୍ୟତା ଦିଆଯାଇ ସେଠାରେ ପୂର୍ବ ପ୍ରତିଷ୍ଠିତ ସ୍ମୃତିସ୍ତମ୍ଭ ନିକଟରେ ସାରଙ୍ଗଧରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ସହ ନିକଟରେ ରାସ୍ତାକୁ ଲାଗି ଥିବା ସାରଙ୍ଗଧର ଟ୍ରଷ୍ଟ ବୋର୍ଡର ଜମି ଉପରେ ଏକ ଶିଶୁ ଉଦ୍ୟାନ ପ୍ରତିଷ୍ଠା କରାଯିବାକୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସାରଙ୍ଗଧର ଟ୍ରଷ୍ଟ ବୋର୍ଡର ପୁନର୍ଗଠନ ପୂର୍ବକ ଏହାକୁ ଅଧିକ କ୍ରିୟାଶୀଳ କରାଯାଉ ଏବଂ ଜଣେ ଓଡ଼ିଶା ରାଜସ୍ୱ ସେବା ଅଧିକାରୀଙ୍କୁ ଟ୍ରଷ୍ଟ ବୋର୍ଡର ସମ୍ପାଦକ ଦାୟିତ୍ୱରେ ରଖାଯାଉ ବୋଲି ଦାବି କରାଯାଇଛି। ସାରଙ୍ଗଧରଙ୍କ ଇଚ୍ଛାପତ୍ର ମୁତାବକ ଜିଲ୍ଲାପାଳମାନେ ହିଁ ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇ ଆସୁଛନ୍ତି। କିନ୍ତୁ ସମ୍ପାଦକ ପଦରେ ରାଜସ୍ୱ ବିଭାଗର ତଳିଆ କର୍ମଚାରୀ ରାଜସ୍ୱ ନିରୀକ୍ଷକଙ୍କୁ ଦାୟିତ୍ୱ ଦିଆଯିବାରୁ ଟ୍ରଷ୍ଟ ବୋର୍ଡ ଠିକ୍ ଭାବେ କ୍ରିୟାଶୀଳ ହୋଇପାରୁ ନାହିଁ। ସ୍ୱର୍ଗତ ସାରଙ୍ଗଧର ଟ୍ରଷ୍ଟ ପାଇଁ ନିଜର ସମସ୍ତ ଶହଶହ ଏକର ଭୂସମ୍ପତ୍ତି ଦାନ କରିଯାଇଛନ୍ତି। ଏହାର ଆୟବ୍ୟୟ ମଧ ସର୍ବସାଧାରଣରେ ପ୍ରକାଶିତ ହେଉନାହିଁ। ଶିଶୁ ଓ ମହିଳା କଲ୍ୟାଣ ପାଇଁ ଟ୍ରଷ୍ଟ ଭୂସମ୍ପତ୍ତି ଆୟରୁ ବ୍ୟୟ କରାଯିବାକୁ ସାରଙ୍ଗଧର ନିଜ ଇଚ୍ଛାପତ୍ରରେ ଉଲ୍ଲେଖ କରିଯାଇଛନ୍ତି। ତାଙ୍କର ଆଗାମୀ ଜନ୍ମ ଦିବସ ଅକ୍ଟୋବର ୧୯ ପୂର୍ବରୁ ଏହାକୁ ଐତିହ୍ୟ ଗ୍ରାମ ଘୋଷଣା ପୂର୍ବକ ଆବଶ୍ୟକ ବିକାଶ କାର୍ଯ୍ୟ ହାତକୁ ନିଆଯିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

# ଚାଷୀଙ୍କ ସମସ୍ୟା ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ଢେଙ୍କାନାଳ,୧୦।୪(ସମିସ): ସ୍ଥାନୀୟ ଗାନ୍ଧୀ ମନ୍ଦିରଠାରେ ଜିଲ୍ଲା କିଶାନ କଂଗ୍ରେସ ପକ୍ଷରୁ ସଭାପତି ବିପ୍ରବର ସାହୁଙ୍କ ନେତୃତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ କିଶାନ କଂଗ୍ରେସ ସଭାପତି ଅଭୟ ସାହୁ ମୁଖ୍ୟଅତିଥି, ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ତା'ର ନିରାକରଣ ପାଇଁ ପାଞ୍ଚଟି ସୂତ୍ର ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟ କଂଗ୍ରେସ କମିଟି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ରାଜ୍ୟ କିଶାନ କଂଗ୍ରେସ ଉପସଭାପତି ଡା. କାର୍ତ୍ତିକ ବରାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ କମିଟିର ନିଷ୍ପତ୍ତି ସମ୍ପର୍କରେ ସୂଚାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ କିଶାନ କଂଗ୍ରେସ ଉପସଭାପତି ଶୀତିକଣ୍ଠ ମହାନ୍ତି ଏବଂ କଟକର ସାଧାରଣ ସମ୍ପାଦକ କାଶିନାଥ ସ୍ୱାଇଁ ସଙ୍ଗଠନ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଡା. ତୁଷାରକାନ୍ତି ନାୟକ, ପ୍ରେମଶଙ୍କର ମିଶ୍ର, ଜିଲ୍ଲା ଉପସଭାପତି ବିନୟ କୁମାର ସାହୁ, ଗୟାରାମ ସେଠୀ ଉପସ୍ଥିତ ଥିଲେ।

କିଶାନ କଂଗ୍ରେସ ରାଜ୍ୟ ସଭାପତି ଅଭୟ ସାହୁ ମଣ୍ଡିରେ କଟନୀ ଛଟନୀ କରି ରାଜନେତା, ମିଲର, ଅଧିକାରୀ ହଜାର ହଜାର ଟଙ୍କା ଲୁଟ୍ କରୁଛନ୍ତି ବୋଲି ଦର୍ଶାଇଥିଲେ। ସାର, ବିହନ, ଗ୍ୟାସ ଅଭାବ, ଚାଷୀଙ୍କ ଉପରେ ଅତ୍ୟଧିକ ବିଜୁଳି ଖଜଣା, ସ୍ମାର୍ଟ ମିଟର ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟ ରାଜ୍ୟ ଚାଷୀଙ୍କ ବିଜୁଳି ବିଲ୍ ଛାଡ଼ କଲାବେଳେ ଓଡ଼ିଶା ସରକାର ଶୋଇବାର କାରଣ କ'ଣ ବୋଲି ପ୍ରଶ୍ନ କରିଥିଲେ।

ପୋସ୍କୋ ଆନ୍ଦୋଳନରେ ଚାଷୀମାନଙ୍କ ଭୂମିକା ସମ୍ପର୍କରେ ଉଦାହରଣ ଦେଇ ସେହିଭଳି ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଉପସଭାପତି ନକୁଳ ରାଉତ, ଛବିବର ସାହୁ, କୃତିବାସ ସାହୁ, ରଞ୍ଜନ ବାରିକ, ଶ୍ରୀବତ୍ସ ସାହୁ, ଅମ୍ବୁଜ ସାହୁ, ବେଣୁଧର ବେହେରା, ଗୋପାଳ ସାହୁ, ବିପିନ ଦାଶ ପ୍ରମୁଖ ସମସ୍ତ ବ୍ଲକର ଚାଷୀ ନେତାମାନେ ଯୋଗଦେଇଥିଲେ। ରାଜ୍ୟ କିଶାନ ସେଲର ସଂଯୋଜକ ତଥା ଜିଲ୍ଲା କଂଗ୍ରେସ ଉପସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅପହରଣର ୨୦ ଦିନ ପରେ ଛାତ୍ରୀ ଉଦ୍ଧାର

ହିନ୍ଦୋଳ,୧୦।୪(ସମିସ): ଅପହରଣର ୨୦ ଦିନ ପରେ ଛାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରାସୋଳ ଥାନା ବମ୍ପା ଗ୍ରାମର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ସେହି ଗ୍ରାମର ବାଦଲ ସାମଲ ଗତ ମାର୍ଚ୍ଚ ୨୦ ତାରିଖ ବଳପୂର୍ବକ ଉଠାଇ ନେଇଥିଲେ। ଏ ନେଇ ଛାତ୍ରୀଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ନାଟକୀୟ ଢଙ୍ଗରେ ଛାତ୍ରୀ ଜଣକ ରାସୋଳ ଥାନାରେ ପହଞ୍ଚିଥିବା ବେଳେ ପୁଲିସ ତାଙ୍କୁ କୋର୍ଟରେ ହଜାର କରି ଢେଙ୍କାନାଳ ଷ୍ଟେ ହୋମକୁ ପଠାଇ ଦେଇଛି। ତେବେ ଅପହରଣକାରୀକୁ ପୁଲିସ କେବେ ଗିରଫ କରୁଛି ତାହା ଦେଖିବାକୁ ବାକି ରହିଲା।

# ଗଁଦିଆ ପଞ୍ଚାୟତରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



**ଗଁଦିଆ,୧୦।୪(ସମିସ):** ଗଁଦିଆ ପଞ୍ଚାୟତ ପରିସରରେ ଗୁରୁବାର ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାର ଗଁଦିଆକୁ ଏନଏସି ମାନ୍ୟତା ପ୍ରଦାନ କରିଥିବାରୁ ଗଁଦିଆ ପଞ୍ଚାୟତ ସମ୍ପୂର୍ଣ୍ଣ ଭାବେ ନୂତନ ଏନଏସିରେ ବିଲୀନ ହେବା ପରେ ପଞ୍ଚାୟତର ସରପଞ୍ଚ ଓ ୱାର୍ଡ ସଭ୍ୟ ତଥା ସରକାରୀ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସରପଞ୍ଚ ସୁଲୋଚନା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଁଦିଆ ବିଡିଓ ପବିତ୍ର କୁମାର ବେହେରା, ସାମ୍ମାନିତି ଅତିଥି ଭାବେ ଏବିଡିଓ ଲଲାଟେନ୍ଦୁ ନୈବେଦ୍ୟ ଓ ବ୍ଲକର ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନ୍ତର୍ଯ୍ୟାମୀ ବାରିକ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ବେହେରା କହିଲେ ଯେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଅନେକ ତାରତମ୍ୟ ରହିଛି। ମାତ୍ର ଆଗ ଅପେକ୍ଷା ଏବେ ସରକାରୀ ସ୍ତରରେ ସହରୀ ଯୋଜନାରେ ଅନେକ ନୂତନ ଯୋଜନା କାର୍ଯ୍ୟକାରୀ ହେବ। ଯୋଜନାଗୁଡ଼ିକର ସଫଳ ରୂପାୟନ କରିବା ସହ ତାହାର ସୁଫଳ କିପରି ଜନସାଧାରଣ ପାଇପାରିବ ତାହା ଆମର ମୂଳ ଲକ୍ଷ୍ୟ ହେବା ଜରୁରୀ ବୋଲି ସେ କହିଥିଲେ। ଆଗାମୀ ଦିନରେ ଏନଏସିକୁ ଏକ ସଫଳ ସହରାଞ୍ଚଳରେ ପରିଣତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମୁଖ୍ୟଅତିଥି ସରପଞ୍ଚ, ୱାର୍ଡସଭ୍ୟ ଓ ବିଦାୟୀ ଅଧିକାରୀମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଜୟ କୁମାର ନାୟକ, ଅନ୍ତର୍ଯ୍ୟାମୀ ବାରିକ, ବର୍ତ୍ତମାନର ନିର୍ବାହୀ ଅଧିକାରୀ ରାଜେଶ କୁମାର ଦାସ ଗ୍ରାମ ଏଡିଓ ସୁବ୍ରତ ଜେନା ଓ ଦୀର୍ଘ ୩୦ରୁ ଊର୍ଦ୍ଧ୍ୱ ସମୟ ଧରି ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରିଥିବା ସନ୍ତୋଷ କୁମାର ସାହୁଙ୍କୁ ମାନପତ୍ର, ଉପଢୌକନ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ବୀରେନ୍ଦ୍ର କୁମାର ଜେନା, ଅରୁଣ କୁମାର ଜେନା, ଜ୍ଞାନେନ୍ଦ୍ର କୁମାର ବେହେରା, ବନମାଳୀ ବାରିକ, ଜୟକୃଷ୍ଣ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ



ଢେଙ୍କାନାଳ,୧୦।୪(ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷା ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଆଗକୁ ଜିଲ୍ଲାର ବିକାଶ ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରାଯିବ ବୋଲି ପ୍ରକାଶ କରିଛନ୍ତି। ପ୍ରାରମ୍ଭରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ବିଧାୟିକାଙ୍କୁ ପୁଷ୍ପଗୁଚ୍ଛ ଦେଇ ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଥିଲେ। କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା କହିଲେ ଯେ ସୀମାରାଣୀ ଆମ ଜିଲ୍ଲାର ବିଧାୟିକା। ତେଣୁ ସେ ଜିଲ୍ଲା ବାବଦରେ ଅବଗତ ଅଛନ୍ତି। ତାଙ୍କ ଦାୟିତ୍ୱ ସୂଚାରୁରୂପେ ତୁଲାଇବା ସହ ଜିଲ୍ଲାର ବିକାଶକୁ ଆଗେଇନେବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ବୁଦ୍ଧିଜୀବୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ହିତାଧିକାରୀ ଅଂଶୀଦାରମାନଙ୍କ ସହ ପରାମର୍ଶ ବୈଠକ



ଢେଙ୍କାନାଳ,୧୦।୪(ସମିସ): ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଏବଂ ନେଦରଲ୍ୟାଣ୍ଡ ସରକାରଙ୍କ ଦୂତାବାସ ମିଳିତ ଆନୁକୂଲ୍ୟରେ ସଦଭାବନା ସମ୍ମିଳନୀ କକ୍ଷରେ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାକୁ ନେଇ ସମୁଦାୟସ୍ତରୀୟ ହିତାଧିକାରୀ ଅଂଶୀଦାରମାନଙ୍କ ସହ ପରାମର୍ଶ କେନ୍ଦ୍ରିତ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ପରିଚାଳକ ରାଜକିଶୋର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଢେଙ୍କାନାଳ ଜିଲ୍ଲାର ଡିଏସପି ସୁଷମା ପ୍ରଧାନ, ଅନୁଗୋଳ ଜିଲ୍ଲାର ଡିଏସ୍‌ପି ଯୋଗେଶ୍ୱରୀ ବେହେରା, ସରକାରୀ ମେଡିକାଲର ଡାକ୍ତର ସବ୍ୟସାଚୀ ଦେହୁରୀଙ୍କ ସମେତ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ପ୍ରେରଣା ଦିଦି, ଜିଲ୍ଲା ଓ ବ୍ଲକସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦିକା, ଜେଣ୍ଡର ସଂଯୋଜିକା, ଜିଲ୍ଲା ହବ୍ ସଂଯୋଜକ, ସରପଞ୍ଚ, ପରିବାର ପରାମର୍ଶ କେନ୍ଦ୍ର ସଂଯୋଜିକା, ଶକ୍ତି ସଦନର ଅଧିକ୍ଷକ, ମ୍ୟୁନିସିପାଲ କାଉନସିଲର, ମନ୍ଦିର ପୂଜକ, ସମାଜସେବୀ, ଛାତ୍ରୀ, ପୀଡ଼ିତା ପ୍ରମୁଖ ଅଂଶଗ୍ରହଣକାରୀ ସମୁଦାୟ ସ୍ତରରେ ଘରୋଇ ହିଂସାର ସମାଧାନ ପାଇଁ ସେମାନଙ୍କ ମତାମତ ରଖିଥିଲେ। ଅଂଶଗ୍ରହଣକାରୀମାନେ ମହିଳା ବିରୋଧୀ ହିଂସା ଦୂର କରିବାରେ ସମୁଦାୟସ୍ତରୀୟ ପ୍ରତିନିଧିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଆତ୍ମନିର୍ଭର ଓ ସଚେତନ ହେଲେ ନାରୀ ସୁରକ୍ଷିତ ହେବେ। ନାରୀମାନେ ଶିକ୍ଷିତ, ସ୍ୱାବଲମ୍ବୀ ହେଲେ ସେମାନଙ୍କ ଉପରେ ହିଂସା ଘଟଣା ହ୍ରାସ ପାଇବ ବୋଲି ମତାମତ ରଖିଥିଲେ। ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଅନେକ ଆଇନ ଓ ବ୍ୟବସ୍ଥା ରହିଛି। ଏ ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରାଯାଇ ପାରିଲେ ନିର୍ଯାତନାର ଶିକାର ହେଉଥିବା ମହିଳାମାନେ ସୁରକ୍ଷିତ ଓ ସମ୍ମାନଜନକ ଜୀବନ ଜିଇଁପାରିବେ ବୋଲି ଗୁରୁତ୍ୱାରୋପ କରାଯାଇଥିଲା। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ପ୍ରକଳ୍ପ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା ଏବଂ ରାଜକିଶୋର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକଳ୍ପ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର

ହିନ୍ଦୋଳ/ଖଜୁରିଆକଟା,୧୦।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ହିନ୍ଦୋଳ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା ଶିବିରକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍, ଏନସିସି, ରେଞ୍ଜର ରୋଭରର ଛାତ୍ରଛାତ୍ରୀ ଶିବିର ଆୟୋଜନ କରିଥିଲେ। ଅଧ୍ୟାପକ ବ୍ରଜକିଶୋର ବେହେରା ଓ ଅଧ୍ୟାପିକା ପ୍ରିୟଙ୍କା ଟିଗା ଶିବିର ପରିଚାଳନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ଛାତ୍ରଛାତ୍ରୀଙ୍କୁ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ବୁଝାଇବା ସହ ରକ୍ତଦାନ କରିବାକୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଜୟନ୍ତ କୁମାର ପତି, ମହେନ୍ଦ୍ର କୁମାର ସ୍ୱାଇଁ, ବାଲାସିୟସ ଟପ୍ପୋ, କୃପାସିନ୍ଧୁ ବେହେରା, ଶୁଭଲକ୍ଷ୍ମୀ ଦାସ, ବରିଷ୍ଠ କିରାଣି ସନ୍ଦିପ ଦେବତା, ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣିଙ୍କ ସମତେ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଢେଙ୍କାନାଳ




ରକ୍ତଭଣ୍ଡାରର ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ରାକେଶ ବେହେରା, ସୌମ୍ୟରଞ୍ଜନ ମହାନ୍ତି, ଆଟେଣ୍ଡାଣ୍ଟ ଅଜୟ ସ୍ୱାଇଁ, ବରୁଣ ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ମୋଟ ୫୭ ୟୁନିଟ ରକ୍ତ ସଂଗୃହୀତ ହୋଇଛି।

# ଜୁଆଙ୍ଗ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ଢେଙ୍କାନାଳ,୧୦।୪(ସମିସ):** ଜୁଆଙ୍ଗ ସମ୍ପ୍ରଦାୟର ସର୍ବାଙ୍ଗୀନ ଉନ୍ନତି ସୁନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣତା




ଅଭିଆନ-୨.୦ ଅଧୀନରେ ପୁଟିପାଳରେ ଜୁଆଙ୍ଗ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କଙ୍କଡ଼ାହାଡ଼ ବିଡିଓ ଯଶୋବନ୍ତ ଦେହୁରୀ, ଏସସିଆଇ ଦେବାଶିଷ ପଟ୍ଟନାୟକ, ଏନଆଇଟିଆଇର ବିକାଶ ସହଭାଗୀ ଆଭା ଅନୁଷ୍ଠାନ ଏବଂ ସମସ୍ତ ବିଭାଗ ଅଧିକାରୀ ଯୋଗଦେଇଥିଲେ। ସେହିଠାରେ ହିଁ ଲୋକଙ୍କ ଅଭିଯୋଗ ଗ୍ରହଣ କରି ସମାଧାନ କରାଯାଇଥିଲା। ବିଧାୟକ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁ ଏବଂ ଶ୍ରମିକଙ୍କ ସହ କଥା ହୋଇଥିଲେ। ଅଧ୍ୟୟନ ଟେବୁଲ ଏବଂ ଚେୟାର ବଣ୍ଟନ କରିଥିଲେ। ସେବା ବିତରଣର ସମୀକ୍ଷା କରିଥିଲେ। ମିଲେଟ ଆଧାରିତ ପୁଷ୍ଟିକର ଖାଦ୍ୟ ଏବଂ ଜୁଆଙ୍ଗ ସମ୍ପ୍ରଦାୟ ମଧ୍ୟରେ ପୁଷ୍ଟିର ଅଭାବ ଦୂର ପାଇଁ ମିଲେଟ ଖାଦ୍ୟ ଶିବିର ଆୟୋଜନ କରାଯାଇଥିଲା। ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଯୋଗ୍ୟ ହିତାଧିକାରୀଙ୍କୁ ରେସନ କାର୍ଡ ବଣ୍ଟନ କରାଯାଇଥିଲା।

# କଂଗ୍ରେସର ୟୁଥ ଯୋଡ଼, ବୁଥ ଯୋଡ଼ ଅଭିଯାନ



ଗଁଦିଆ,୧୦।୪(ସମିସ): ଗଁଦିଆ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଦଳ ପକ୍ଷରୁ ୟୁଥ ଯୋଡ଼, ବୁଥ ଯୋଡ଼ ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ କଂଗ୍ରେସର ରାଜ୍ୟ ଯୁବ ସଭାପତି ରଞ୍ଜିତ କୁମାର ପାତ୍ର ମୁଖ୍ୟଅତିଥି, ରାଜ୍ୟ ସଧାରଣ ସମ୍ପାଦକ ଆଶିଷ କୁମାର ଜେନା, ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳ ଓ ଗଁଦିଆ ବ୍ଲକ ସଭାପତି ଡ. ବନମାଳୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶତାଧିକ କର୍ମୀ ଉପସ୍ଥିତ ଥିଲେ। କପିଳାସ ଛକରେ ପ୍ରଥମେ ରାଜ୍ୟ ଯୁବ ସଭାପତିଙ୍କୁ ସ୍ୱାଗତ କରିବା ସହ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ବ୍ଲକ କଂଗ୍ରେସ କାର୍ଯ୍ୟାଳୟକୁ ପାଛୋଟି ନିଆଯାଇଥିଲା। ସରକାରଙ୍କ ଦୋଷଦୁର୍ବଳତାକୁ ନେଇ ରାଜ୍ୟ ସଭାପତି ବର୍ଷିଥିଲେ।

# 'ଆବାସ'ରୁ ବଞ୍ଚିତ ଶୁଣ୍ଠିକାଟେଣୀର ଡଲି

ପରଜଙ୍ଗ,୧୦।୪(ସମିସ)

ପରଜଙ୍ଗ ବ୍ଲକ୍ ଜୟପୁରାକାଟେଣୀ ପଞ୍ଚାୟତ ଶୁଣ୍ଠିକାଟେଣୀ ଗ୍ରାମର ଡଲି ପ୍ରଧାନ ନିଜ ପିଲାମାନଙ୍କୁ ନେଇ ଏକ ଭଙ୍ଗା ଘରେ ରହୁଛନ୍ତି। ତାଙ୍କ ଘର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଡଲିଙ୍କ ସ୍ୱାମୀ ଗ୍ରାମରକ୍ଷୀ ଭାବେ କାମ କରି ପରିବାର ପୋଷୁଛନ୍ତି। ମାଟିକାନ୍ଥ ଏବଂ ଚାଳଛପର ଏହି ଘରର କେତେକ ଅଂଶ ଭାଙ୍ଗିରୁଜି ଗଲାଣି। ବର୍ଷା ହେଲେ ଘର ଭିତରକୁ ପାଣି ପଶୁଥିବାରୁ ପରିବାର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିବାର ଅତ୍ୟନ୍ତ ଗରିବ



ହୋଇଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ବହୁବାର ଆବେଦନ କରିଛନ୍ତି। ହେଲେ ଆଜିପର୍ଯ୍ୟନ୍ତ ତାଙ୍କୁ ଆବାସ ଯୋଜନାରେ ଘରଟିଏ ମିଳିପାରିନାହିଁ। ଅନ୍ତ୍ୟୋଦୟ ମାଧ୍ୟମରେ ଘର ଯୋଗାଇ ଦେବା ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିତା ସେଠୀ ତଦନ୍ତ କରିଥିଲେ। ସରକାରୀ ଯୋଜନା ଅନୁଯାୟୀ ତଦନ୍ତରୁ ଜଣାପଡ଼ିଛି ଯେ ଡଲି ଘର ପାଇବା ପାଇଁ ଯୋଗ୍ୟ। ତେବେ କୌଣସି କାରଣରୁ ଜୟପୁରାକାଟେଣୀ ସରପଞ୍ଚ ଏବଂ ପିଇଓ ବ୍ଲକ ଅଧିକାରୀଙ୍କୁ ଭୁଲ୍ ତଥ୍ୟ ଦେଇଥିବାରୁ ହିତାଧିକାରୀ ଆବାସ ପାଇବାରୁ ବଞ୍ଚିତ ହୋଇଛନ୍ତି। ବାରମ୍ବାର ଗୁହାରି ସତ୍ତ୍ୱେ ସରପଞ୍ଚ ଏବଂ ପିଇଓ ତାଙ୍କ ଅଭିଯୋଗ ଶୁଣୁ ନ ଥିବାରୁ ଡଲି ଏ ନେଇ ବ୍ଲକ୍ ଅଧିକାରୀ ସୌଭାଗ୍ୟ ବେହେରାଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସରକାର ଏ ଦିଗରେ ତୁରନ୍ତ ଦୃଷ୍ଟିଦେଇ ଡଲିଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ହାନିମ୍ୟାନଙ୍କ ଜୟନ୍ତୀ ଓ ବିଶ୍ୱ ହୋମିଓପାଥି ଦିବସ

ଢେଙ୍କାନାଳ,୧୦।୪(ସମିସ): ସ୍ଥାନୀୟ ଜିଲ୍ଲା ହୋମିଓପାଥି ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ହୋମିଓପାଥି ଦିବସ ପାଳନ କରାଯାଇଛି। ହୋମିଓପାଥି ଚିକିତ୍ସା ଅଧିକାରୀ ଡା. ମାନସ ରଞ୍ଜନ ଦାସ, ସହଯୋଗୀ ଡା. ତୃପ୍ତିମୟୀ ସାହୁ, ମୌସୁମୀ ପଡ଼ାରୀ, ସୁବ୍ରତ ସାହୁ ଓ ସ୍ୱେଚ୍ଛାସେବୀ ବାଇଓ କେମିକ ହୋମିଓପାଥିକ ମେଡିସିନର ରେଜିଷ୍ଟର୍ଡ ମେଡିକାଲ ପ୍ରାକ୍ଟିସନଅର ଡା. ଦେବୀପ୍ରସାଦ ମିଶ୍ର ପ୍ରମୁଖଙ୍କ ପ୍ରଚେଷ୍ଟାରେ ଜିଲ୍ଲାର ୧୯ଟି ଓ ଅନୁଗୋଳ ଜିଲ୍ଲାର ୧୯ଟି ମୋଟ ୩୮ଟି ଆଞ୍ଚଳିକ ସରକାରୀ ହୋମିଓପାଥି ଚିକିତ୍ସାଳୟରେ ପ୍ରାୟ



୩୮ ଜଣ ହୋମିଓପାଥି ଚିକିତ୍ସା ଅଧିକାରୀ, ୨ ଜଣ ଲିଭ ରିଜର୍ଭ ହୋମିଓପାଥି ଚିକିତ୍ସା ଅଧିକାରୀ, ୩୯ ଜଣ ହୋମିଓପାଥି ସହକାରୀ, କର୍ମଚାରୀ ଯୋଗଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଚେତନତା ସଭାରେ ବରିଷ୍ଠ ସ୍ୱେଚ୍ଛାସେବୀ ବାଇଓ କେମିକ୍ ହୋମିଓପାଥି ମେଡିସିନର ରେଜିଷ୍ଟର୍ଡ ମେଡିକାଲ ପ୍ରାକ୍ଟିସନର ଡା. ଦେବୀ ପ୍ରସାଦ ମିଶ୍ର ଆଭାସୀ ମାଧ୍ୟମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ।

# ପୁଣି ଦୁଇଜଣଙ୍କ ଜୀବନ ନେଲା ଦନ୍ତା

ଅନୁଗୋଳ, ୧୦।୪(ସମିସ)



ହାତୀ-ମଣିଷ ଲଢ଼େଇରେ ପୁଣି ଦୁଇଟି ମୂଲ୍ୟବାନ ଜୀବନ ଚାଲିଯାଇଛି। ବନ୍ତଳା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଅନୁଗୋଳ ବ୍ଲକ ନନ୍ଦପୁର ପଞ୍ଚାୟତ ମଧୁପୁର ଗ୍ରାମରେ ଗୁରୁବାର ରାତିରେ ସରଧାପୁର ପଞ୍ଚାୟତ ଗାଦେଇମୁଣ୍ଡା ମହ୍ଲାର ସାହିର ପଙ୍କ ପଧାନ, ତାଙ୍କ ସ୍ୱାମୀ ଓ ୭ବର୍ଷର ଝିଅ ପୁଷ୍ପା ପଧାନ ଦଣ୍ଡନାଚ ଦେଖିବାକୁ ମଧୁପୁର ଯାଇଥିଲେ। ରାତି ୧୨.୪୫ରେ ଘରକୁ ଫେରୁଥିବା ବେଳେ ହଠାତ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ପଙ୍କ ପଧାନ ଏବଂ ଝିଅ ପୁଷ୍ପା ପଧାନଙ୍କୁ କଚାଡ଼ି ମାରିଦେଇଥିଲା। ଖବର ପାଇଁ ଶୁକ୍ରବାର ସକାଳେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଗାଁରେ ପହଞ୍ଚି ପରିବାରକୁ ସମବେଦନା ଜଣାଇବା ସହ ବାରମ୍ବାର ଏପରି ଘଟଣା ଘଟୁଥିବାରୁ ଉଦବେଗ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସାଂସଦ ଡିଏଫଓଙ୍କ ସହ ଫୋନ୍ ଯୋଗେ କଥା ହେବାକୁ ଚାହିଁଥିଲେ ମଧ ଯୋଗାଯୋଗ ହୋଇପାରି ନ ଥିଲା। ପରେ ସାଂସଦ ବନ୍ତଳା ରେଞ୍ଜରଙ୍କ ସହ ଆଲୋଚନା କରି ତୁରନ୍ତ ଅନୁକମ୍ପା ରାଶି ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଫେବୃଆରୀ ୧୦ରୁ ଆଜିପର୍ଯ୍ୟନ୍ତ ଢେଙ୍କାନାଳ ଲୋକସଭା କ୍ଷେତ୍ର ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ହାତୀ ଆକ୍ରମଣରେ ୧୨ଜଣଙ୍କ ଜୀବନ ଯାଇଥିବା ନେଇ ସାଂସଦ ଘୋର ଉଦବେଗ ପ୍ରକାଶ କରିବା ସହ ଡିଏଫ୍ଓଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅପରାହ୍ନରେ ଦୁଇ ମୃତଦେହ ମହ୍ଲାର ସାହିରେ ପହଞ୍ଚିବା ପରେ ସାଂସଦ ସେଠାରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସାଂସଦଙ୍କ ସହ ସୁମନ୍ତ ବେହେରା, ସୂର୍ଯ୍ୟକାନ୍ତ ପଲେଇ, ପ୍ରଫୁଲ୍ଲ ପ୍ରଧାନଙ୍କ ସମେତ ଶତାଧିକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

# ଜିଲ୍ଲା ମହୋତ୍ସବ ପାଇଁ ରବିବାର ମଶାଲ ଶୋଭାଯାତ୍ରା



ପାଲଲହଡ଼ା, ୧୦।୪(ସମିସ): ୧୭ ତାରିଖରୁ ଆରମ୍ଭ ହେବାକୁ ଥିବା ଅନୁଗୋଳ ଜିଲ୍ଲା ମହୋତ୍ସବ-୨୦୨୬ର ମଶାଲ ଶୋଭାଯାତ୍ରା ପାଇଁ ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳ ରବୀନ୍ଦ୍ର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏପ୍ରିଲ ୧୨ ତାରିଖ (ରବିବାର) ସକାଳ ୬ଟାରେ ସ୍ଥାନୀୟ ଖଲୁଡ଼ି ଗିରିଶ୍ୱର ମନ୍ଦିରରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହେବ। ଶୋଭାଯାତ୍ରା ଖୁଲୁଡ଼ି ଗ୍ରାମ, ଝାରବେଡ଼ା, ନମପଶି, କନ୍ତଳା, ପାଲଲହଡ଼ା ଶିବ ମନ୍ଦିର ଛକ, ମା' କୁଣ୍ଡେଇବିରା ଛକ, ଝିମିରିପାଲି, ଶ୍ରୀରାମପୁର, ବତିସୁଆଁ, ଖେମଳା, ବରକୋଟିଆ, ନିମରିବେଡ଼ା, ଖମାର, କଣ୍ଟିଆପଶି, ଭାଲୁକି ଛକ ଦେଇ ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠରେ ପହଞ୍ଚିବାକୁ ସ୍ଥିର କରାଯାଇଛି। ଶୋଭାଯାତ୍ରାରେ କୃଷି, ଉଦ୍ୟାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଶିଶୁ ସୁରକ୍ଷା ବିଭାଗର ପ୍ରଦର୍ଶନୀ ପ୍ରଜ୍ଞାପନ ମେଢ଼ ସାମିଲ ହେବ। ଶୋଭାଯାତ୍ରାରେ ସ୍ୱୟଂ ସହାୟକ ଗୋଷ୍ଠୀ, ସାଧାରଣ ଜନତା, ସ୍ୱେଚ୍ଛାସେବୀ, ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ବିଡିଓ ନିଶାନ ମିଶ୍ର, ତହସିଲଦାର ଆକାଂକ୍ଷା ମହାପାତ୍ର, ଡେପୁଟି କଲେକ୍ଟର ବିଦୁସ୍ମିତା ସାହୁ, ସୌମ୍ୟାଶ୍ରୀ ପରିଡ଼ା, ଆଇଆଇସି ପ୍ରଦୀପ ମହାନ୍ତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶିଙ୍କ ସମେତ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ବାଲି ବୋଝେଇ ଟ୍ରାକ୍ଟର ଜବତ; ଚାଳକ ଗିରଫ



କଣିହାଁ, ୧୦।୪(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଥାନା ଦେନାଳୀ ଗ୍ରାମ ନିକଟ ବେଆଇନ ବାଲି ଘାଟରେ ପୁଲିସ ଚଢ଼ଉ କରି ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଚୋରା ବାଲି ଚାଲାଣ ହେଉଥିବା ଖବର ପାଇ ଗୁରୁବାର ସନ୍ଧ୍ୟାରେ ପୁଲିସ ଚଢ଼ଉ କରିଥିଲା। ଘାଟରୁ ଓଡି୧୯-୬୧୫୪ ନମ୍ବର ବିଶିଷ୍ଟ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ରେଙ୍ଗାଳି ଗ୍ରାମ ବାଉଁଶମାଳ ସାହିର ଚାଳକ ମିଟୁ ପାତ୍ର (୩୪)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଚଞ୍ଚଳା ନାୟକ ସୂଚନା ଦେଇଛନ୍ତି।

# ନିତିଦିନିଆ ରାସ୍ତା ବନ୍ଦ ନ କରିବାକୁ ଦାବିପତ୍ର



କିଶୋରନଗର, ୧୦।୪(ସମିସ): କିଶୋରନଗର ବ୍ଲକ ନକଟିନାଳୀ ଗାଁ ନିକଟ ଦେଇ ଟ୍ରେନଲାଇନ ଯାଇଛି। ଯାହାକି ଗ୍ରାମବାସୀ ଚଳପ୍ରଚଳ ସହ ଚାଷଜମିକୁ ଯିବା ପାଇଁ ନିତିଦିନିଆ ରାସ୍ତାକୁ ଏବେ ରେଳବିଭାଗ ବନ୍ଦ କରିଦେଇଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତ। ଏହି ରାସ୍ତା ବନ୍ଦ ନ କରିବାକୁ ଶୁକ୍ରବାର ଗ୍ରାମବାସୀ ବାମୁର ରେଳଷ୍ଟେସନକୁ ଆସି ସମ୍ବଲପୁର ଡିଆରଏମ୍ଙ୍କ ଉଦ୍ଦେଶ୍ୟରେ ଷ୍ଟେସନ ମାଷ୍ଟରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଦୋଳଗୋବିନ୍ଦ ବେହେରା, କପିଳ ପ୍ରଧାନ, ଅଦ୍ୱୈତ ପ୍ରଧାନ, ନରୋତ୍ତମ ସାହୁ, ଭିକାରୀ ସାହୁ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ



କଣିହାଁ, ୧୦।୪(ସମିସ): କଣିହାଁ ବ୍ଲକ ବଜ୍ରକୋଟସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ସାଂସଦଙ୍କ ପ୍ରତିନିଧି ନୃସିଂହ ଚରଣ ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାରେ ଅଗ୍ରସର ହେବାକୁ ପ୍ରେରିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ସାହୁ, ସମିତି ସଭ୍ୟ ସୀମାଞ୍ଚଳ ପଣ୍ଡା ଓ ପଞ୍ଚସଖା ଶିକ୍ଷାସେତୁ ସଭ୍ୟ ବିଭୂତି ଭୂଷଣ କବି ଉପସ୍ଥିତ ଥିଲେ।

ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକ ଲମ୍ବୋଦର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିବାବେଳେ ଶିକ୍ଷକ ସୁଶାନ୍ତ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ। ଶିକ୍ଷକ ବସନ୍ତ କୁମାର ସାହୁ, ଜ୍ୟୋତିକାନ୍ତ ନାଏକ, ସୁରେଶ କୁମାର ସାହୁ, ଶିକ୍ଷୟିତ୍ରୀ ଦୀପିକା ପ୍ରିୟଦର୍ଶିନୀ ଭୋଇ, ଶିଶିର କୁମାର ମହାନ୍ତି, ମାନସ କୁମାର ନାଏକ, ଗିରିଧାରୀ ବରାଳ ଓ ଟିକେଶ୍ୱର ମହାନ୍ତି ସହଯୋଗ କରିଥିଲେ। ନୂତନ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ସ୍ୱାଗତ କରାଯାଇଥିଲା।

# ଅନୁଗୋଳ କଲେଜରେ 'ଆସ ବହି କିଣିବା' କାର୍ଯ୍ୟକ୍ରମ



ଅନୁଗୋଳ, ୧୦।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ମାଇଁ ଭାରତ, ଅନୁଗୋଳ, ଗ୍ରନ୍ଥାଗାର ମିଳିତ ଆନୁକୂଲ୍ୟରେ 'ଆସନ୍ତୁ ବହି କିଣିବା: ଆମ ଓଡ଼ିଆ ଭାଷାରେ ଲିଖିତ ପୁସ୍ତକକୁ ସମୃଦ୍ଧ କରିବା' କାର୍ଯ୍ୟକ୍ରମ ସହ ଓଡ଼ିଆ ପୁସ୍ତକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅଧ୍ୟକ୍ଷ ଡ. ସାହୁ ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀରେ ଅନ୍ତର୍ଭୁକ୍ତ ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଡ. ସାହୁଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦର୍ଶନୀରେ ଓଡ଼ିଆ ଭାଷାସାହିତ୍ୟକୁ ଋଦ୍ଧିମନ୍ତ କରିଥିବା ପ୍ରଥିତଯଶା ସାହିତ୍ୟିକମାନଙ୍କ ଦ୍ୱାରା ଲିଖିତ ବିଭିନ୍ନ ପୁସ୍ତକ ସ୍ଥାନ ପାଇଥିଲା। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ଗୌରୀଶଙ୍କର ଯୁଗପ୍ରକାଶ ଜେନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ଡ. ରାକେଶ ରଞ୍ଜନ ବେହେରା, ମହାବିଦ୍ୟାଳୟ ଗ୍ରନ୍ଥାଗାରିକ ବିଶ୍ୱଜିତ ନାୟକ ଓ ମାଇଁ ଭାରତ, ଅନୁଗୋଳ ଶାଖାର ବୈଷୟିକ ଅଧିକାରୀ ତପନ କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଳାସଂସ୍କୃତି ସଂଘ ପକ୍ଷରୁ ଲୋକକଳା ଦିବସ ପାଳିତ



ତାଳଚେର, ୧୦।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର ବ୍ଲକ କଳାସଂସ୍କୃତି ସଂଘ ପକ୍ଷରୁ ଲୋକକଳା ଦିବସ ପାଳିତ ହୋଇଛି। ବ୍ଲକ ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ରାଜେନ୍ଦ୍ର ସିଂହ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଅଧିକାରୀ ଆଶିଷ ରଞ୍ଜନ ସାହୁ, ବିଡିଓ ସୁଶାନ୍ତ କୁମାର ବରାଳ, ଏବିଡିଓ ସୁଜାତା ତ୍ରିପାଠୀ, ବ୍ଲକ ଶିଶୁ ପ୍ରକଳ୍ପ ଅଧିକାରୀ ଦର୍ଶନୀ ମାଝୀ ଓ ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ସବିତା ସିଂହ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପପୁ ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ଲୋକନୃତ୍ୟ, ନାମ ସଂକୀର୍ତ୍ତନ, ଲୁଡୁ ଖେଳ ଆଦି ପାରମ୍ପରିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବରିଷ୍ଠ କଳାକାରମାନଙ୍କୁ ଉତ୍ତରୀୟ ପ୍ରଦାନ ସହ କଳାକାର ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏବିଡିଓ ସୁଜାତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ପକ୍ଷ ଉପଲକ୍ଷେ ଲୋକକଳା ଦିବସ ପାଳିତ



କିଶୋରନଗର, ୧୦।୪(ସମିସ): କିଶୋରନଗର ବ୍ଲକ ସଭାଗୃହରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର ଲୋକକଳା ଦିବସ ପାଳିତ ହୋଇଛି। ଏହି ଅବସରରେ ବରିଷ୍ଠ କଳାକାରଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ମା' ବାଗଦେବୀ ପାଲା କଳାକାରଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଏଥିରେ ଏବିଡିଓ ଦିଲୀପ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ଝସକେତନ ସାହୁ, ବ୍ଲକ କଳାକାର ସଂଘ ସଭାପତି ଶ୍ରୀପତି ସାହୁଙ୍କ ସମେତ ବ୍ଲକ କର୍ମଚାରୀ ଓ କଳାକାରମାନେ ଉପସ୍ଥିତ ଥିଲେ।

# ସେଣ୍ଟ ଜାଭିୟର୍ସ ସ୍କୁଲର ପ୍ରତିଷ୍ଠା ଦିବସ

କଣିହାଁ, ୧୦।୪(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ସେଣ୍ଟ ଜାଭିୟର୍ସ ସ୍କୁଲର ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଓଏଚପିସିର ବରିଷ୍ଠ ସାଧାରଣ ପରିଚାଳକ ସରୋଜ କୁମାର ବହିଦାର ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ଆଇନଜୀବୀ ସୁଶାନ୍ତ ଶଶିକାନ୍ତ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ଟ୍ରଷ୍ଟି ଫକିର ମୋହନ ସାମଲ ଯୋଗଦେଇଥିଲେ। ନବୋଦୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ଓ ସୈନିକ ସ୍କୁଲ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପାର୍ଥସାରଥି ସାମଲ, ବିପ୍ଳବ ସାହୁ, ସୃଷ୍ଟି ସମ୍ପୂର୍ଣ୍ଣା ପ୍ରଧାନ, ବିଦୁସ୍ମିତା ସାହୁ, ବଳଜିତ ବେହେରା, ଲୋପିତ ବେହେରା ପ୍ରମୁଖ ଛାତ୍ରଛତ୍ରୀଙ୍କୁ ଅତିଥି ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା ଗଡ଼ନାୟକ, ସସ୍ମିତା ବେହେରା, ବିଶ୍ୱଭାରତୀ ପ୍ରଧାନ, ମୋନାଲିସା ପଣ୍ଡା, ସନ୍ଧ୍ୟାରାଣୀ ଥାପାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀସ କର୍ମଚାରୀ ସହଯୋଗ କରିଥିଲେ।




# ତୁରଙ୍ଗରେ ସେକ୍ସ ରାକେଟ ଠାବ

● ଏ-ୱାନ୍ ହୋଟେଲରେ ଚାଲୁଥିଲା କାରବାର
● ମାଲିକ ସମେତ ୪ ଗିରଫ
● ବାଲେଶ୍ୱର ଓ ଅନୁଗୋଳର ଯୁବତୀ ଉଦ୍ଧାର

ଅନୁଗୋଳ, ୧୦।୪(ସମିସ): ଅନୁଗୋଳ ଟାଉନ ଥାନା ତୁରଙ୍ଗ ଅଞ୍ଚଳରେ ଚାଲୁଥିବା ଏକ ବଡ଼ ସେକ୍ସ ରାକେଟକୁ ପୁଲିସ ଠାବ କରିଛି। ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ଏ-ୱାନ୍ ହୋଟେଲରେ ଅଚାନକ ଚଢ଼ଉ କରାଯାଇ ଏହି କାରବାରର ପର୍ଦ୍ଦାଫାସ କରାଯାଇଛି। ହୋଟେଲ ମାଲିକ ସମେତ ୪ ଜଣଙ୍କୁ ପୁଲିସ ଗିରଫ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ ଏହି ରାକେଟ ଦୀର୍ଘଦିନ ଧରି ଏଠାରେ ଚାଲିଥିଲା। ବାହାର ଅଞ୍ଚଳରୁ ଯୁବତୀମାନଙ୍କୁ ଆଣି ଏହି କାରବାର କରାଯାଉଥିବା ସୂଚନା ମିଳିଛି। ଉଦ୍ଧାର ହୋଇଥିବା ଯୁବତୀମାନେ ବାଲେଶ୍ୱର ଓ ଅନୁଗୋଳ ଅଞ୍ଚଳର ଥିବା ସୂଚନା ମିଳିଛି। ଏହି ଘଟଣାରେ ପୁଲିସ ବାଲେଶ୍ୱର ଓ ଅନୁଗୋଳ ଜିଲ୍ଲାର ୪ ଯୁବତୀଙ୍କୁ ଉଦ୍ଧାର କରିଛି। ଅଭିଯୁକ୍ତଙ୍କୁ ଥନାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ରାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା ପୁଲିସ ସୂଚନା ଦେଇଛି।

# ଏଣିକି ହାତୀଙ୍କ ଉପରେ ନଜର ରଖିବ 'ଏଆଇ'

● ରେଳ ଦୁର୍ଘଟଣା ରୋକିବାକୁ ବନ ବିଭାଗର ମାଷ୍ଟରପ୍ଲାନ୍

ଅନୁଗୋଳ, ୧୦।୪(ସମିସ): ବନ୍ୟପ୍ରାଣୀ ପରିଚାଳନା ଏବଂ ମଣିଷ-ବନ୍ୟଜନ୍ତୁଙ୍କ ସହଭାଗିତାକୁ ସୁଦୃଢ଼ କରିବା ପାଇଁ ଅନୁଗୋଳ ବନ ବିଭାଗ ପକ୍ଷରୁ ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଭାଗ ପକ୍ଷରୁ ଚାରିଟି ସ୍ଥାନରେ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଚାଳିତ ମନିଟରିଂ ଟାୱାର ସ୍ଥାପନ କରାଯାଇଛି, ଯାହା ସ୍ୱୟଂଚାଳିତ ଭାବେ ହାତୀ ଏବଂ ଅନ୍ୟ ବନ୍ୟଜନ୍ତୁଙ୍କ ଉପରେ ରିଅଲ ଟାଇମ୍ ନଜର ରଖିବ। ବିଶେଷ କରି ରେଳ ଧାରଣାରେ ହାତୀ-ଟ୍ରେନ୍ ସଂଘର୍ଷକୁ ରୋକିବା ଏବଂ ଜନବସତି ମଧ୍ୟକୁ ହାତୀଙ୍କ ପ୍ରବେଶକୁ ପୂର୍ବରୁ ଚିହ୍ନଟ କରିବା ଦିଗରେ ଏହି ପ୍ରଯୁକ୍ତିବିଦ୍ୟା ଅତ୍ୟନ୍ତ ସହାୟକ ହେବ। ଏହାର ସୁପରିଚାଳନା ପାଇଁ ଅନୁଗୋଳ ବନ ବିଭାଗ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କଣ୍ଟ୍ରୋଲରୁମ ପ୍ରତିଷ୍ଠା ହୋଇଛି। ସେଠାରୁ ବିଭାଗୀୟ କର୍ତ୍ତୃପକ୍ଷ ୨୪ ଘଣ୍ଟିଆ ନିରୀକ୍ଷଣ କରିପାରିବେ। ଏହାଦ୍ୱାରା ବନ୍ୟଜନ୍ତୁଙ୍କ ଗତିବିଧି ସମ୍ପର୍କରେ ତୁରନ୍ତ ସୂଚନା ମିଳିବା ସହ ବନ୍ୟଜନ୍ତୁ ଓ ସ୍ଥାନୀୟ ବାସିନ୍ଦାଙ୍କ ସୁରକ୍ଷା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇପାରିବ ବୋଲି କୁହାଯାଇଛି।

# ଆରଟିଓ ଅଫିସ ସମ୍ମୁଖରେ ଖୋଲିଲା ଜଳଛତ୍ର



ଅନୁଗୋଳ, ୧୦।୪(ସମିସ): ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ପକ୍ଷରୁ ଜିଲ୍ଲା ଟ୍ରକ ମାଲିକ ସଂଘ ସହାୟତାରେ ଆରଟିଓ ଅଫିସ ସମ୍ମୁଖରେ ଶୁକ୍ରବାରଠାରୁ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଏଠାରେ ଆର୍‌ଟିଓକୁ ଆସୁଥିବା ଜନସାଧାରଣଙ୍କ ପାଇଁ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଆରଟିଓ ସମ୍ବିତ କୁମାର, ଟିଆଇ ସୁମନ୍ତ ସେଠୀ, ଜୁନିଅର ଏମଭିଆଇ ସନ୍ଧ୍ୟାରାଣୀ ନାଏକ, ସେକ୍ସନ ଅଫିସର ଶାନ୍ତନୁ ସାହୁ, ବରିଷ୍ଠ କିରାଣି ଗଗନ ପରିଜା ଓ ସମସ୍ତ କର୍ମଚାରୀଙ୍କ ସମେତ ଅନୁଗୋଳ ଟ୍ରକ ମାଲିକ ସଘ ସଭାପତି ଅମରେଶ ସ୍ୱାଇଁ, ସାଧାରଣ ସମ୍ପାଦକ ରଜତ ମହାପାତ୍ର, ସହ ସମ୍ପାଦକ ସିଲୁ ସ୍ୱାଇଁ, ସୂର୍ଯ୍ୟକାନ୍ତ ସାମନ୍ତ, ବରିଷ୍ଠ ସଦସ୍ୟ ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସିଏମ୍ ଟ୍ରଫି ଫୁଟବଲ ଉଦଘାଟିତ



ଅନୁଗୋଳ, ୧୦।୪(ସମିସ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ସଂସଦ ଦ୍ୱାରା ଶୁକ୍ରବାର ବାଳକ ଓ ବାଳିକା ଉଭୟ ବର୍ଗରେ ସିଏମ ଟ୍ରଫି ଫୁଟବଲ୍ ମ୍ୟାଚ୍ ସ୍ଥାନୀୟ ପିଟିସି ଖେଳ ପଡ଼ିଆରେ ଉଦଘାଟିତ ହୋଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଡ. ଗୌରଗୋବିନ୍ଦ ସାମନ୍ତ, କିଶୋର କର, ପ୍ରଭାସ କୁମାର ସାମନ୍ତ, ଦିଲୀପ କୁମାର ରାଉତ, ନୀଳମଣି ଦାଶ, ଦୋଳଗୋବିନ୍ଦ ଦଳେଇ ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସକାଳେ ପତାକା ଫୁଟବଲ କ୍ଲବ ଓ ଅନୁଗୋଳ ଫୁଟବଲ କ୍ଲବ (ବାଳିକା) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେଇଥିଲା। ପତାକା ଦଳ ଅନୁଗୋଳ ଦଳକୁ ୬-୦ ଗୋଲ୍‌ରେ ପରାସ୍ତ କରିଛି। ସେହିପରି ଅପରାହ୍ନରେ ପତାକା ଓ ବନ୍ତଳା (ବାଳକ) ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେଇଥିଲା। ପତାକା ୧୦-୦ ଗୋଲ୍‌ରେ ବିଜୟୀ ହୋଇଛି।

# କଡ଼ା ସୁରକ୍ଷାରେ ଶେଷହେଲା ଜନଶୁଣାଣି

ଛେଣ୍ଡିପଦା, ୧୦।୪(ସମିସ)



ଛେଣ୍ଡିପଦା ତହସିଲ ଭାଗୀରଥିପୁରରେ ଅନୁଗୋଳ ଜିଲ୍ଲା ପ୍ରଶାସନ ଓ ଭୁବନେଶ୍ୱର ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ପକ୍ଷରୁ ସାମାଜିକ ପ୍ରଭାବ ଆକଳନ ସମ୍ବନ୍ଧୀୟ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଗ୍ରାମବାସୀଙ୍କ ବିରୋଧକୁ ନଜରରେ ରଖି କଡ଼ା ସୁରକ୍ଷା ବଳୟରେ ଜନଶୁଣାଣି ହୋଇଛି। ଛେଣ୍ଡିପଦା ତହସିଲର ଭାଗୀରଥିପୁର, ଦୁର୍ଗାପୁର ପାଣସାହି, ଜରପଡ଼ା ଓ କୁମୁରିସିଂ ଗ୍ରାମର ୧୩. ୩୯ ଏକର ଘରୋଇ ଜମିରେ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଏହି ଜନଶୁଣାଣି ହୋଇଥିଲା। ଜନଶୁଣାଣିକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ଅନୁଗୋଳ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଜନଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଉଦୟ ମହାପାତ୍ର, ଉପଜିଲ୍ଲାପାଳ ମାୟାଧର ବେହେରା, ଭୂଅର୍ଜନ ଅଧିକାରୀ ମାନସ ରାୟ, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ପ୍ରତିନିଧି ମନୋରଞ୍ଜନ ଦେହୁରୀ ପ୍ରମୁଖ ଯୋଗଦେଇ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ ନିର୍ମାଣର ଉଦ୍ଦେଶ୍ୟ ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ପରିବେଶ ଉପରେ କ'ଣ ପ୍ରଭାବ ରହିବ ଏବଂ ଲୋକଙ୍କ ଉପରେ କ'ଣ ପ୍ରଭାବ ରହିବ ସେ ନେଇ ଜନସାଧାରଣଙ୍କ ମତାମତ ଲୋଡ଼ିଥିଲେ। ତେବେ ଦୁର୍ଗାପୁର ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିଥିଲେ। କିଛି ଲୋକ ସପକ୍ଷରେ କହିଥିବା ବେଳେ କିଛି ବିରୋଧରେ ମତ ଦେଇଥିଲେ। ଜନଶୁଣାଣିର ଭିଡିଓଗ୍ରାଫି କରାଯାଇଛି। ଏକ୍ସପର୍ଟ ଆପ୍ରଜାଇଲ କମିଟି ସମୀକ୍ଷା କରିବ ଏବଂ ଏହାର ସମସ୍ତ ରିପୋର୍ଟ ସରକାରଙ୍କୁ ପଠାଯିବ ବୋଲି କୁହାଯାଇଛି। ଜନଶୁଣାଣି ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।